# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୧/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, August 21/2021 | ★★★★

୪୭ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ସଲମାନଙ୍କୁ ଅଟକାଇଲେ ଯବାନ**

ଶୁଟିଂ ପାଇଁ ଯାଉଥିବାବେଳେ ମୁମ୍ବାଇ ବିମାନବନ୍ଦରରେ ଦବଙ୍ଗ ଖାନ ସଲମାନଙ୍କୁ ସିଆଇଏସଏଫ ଅଧିକାରୀ ଅଟକାଇ ଯାଞ୍ଚ କରିଛନ୍ତି।

୧୦

୧୬

**ଆଇପିଏଲ୍ ଚୁକ୍ତି କଲେ ନାଥାନ ଏଲିସ୍**

ଅଷ୍ଟ୍ରେଲିଆ ପେସ୍ ବୋଲର ନାଥାନ ଏଲିସ୍ ସଦ୍ୟତମ କ୍ରିକେଟ ଖେଳାଳି ଭାବେ ଆଇପିଏଲ୍ ଚୁକ୍ତି କରିଛନ୍ତି।





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମାଲକାନଗିରିରେ ବଣ୍ଡା ଜନଜାତିର ମହିଳା ଶୁକ୍ରୀ ଧାଙ୍ଗଡ଼ା ମାଝିଙ୍କୁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ର ପ୍ରଥମ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରୁଛନ୍ତି।

# ପରିବାର ଉନ୍ନତିରେ ରାଜ୍ୟର ଉନ୍ନତି

ଭୁବନେଶ୍ୱର,(ବ୍ୟୁରୋ)/ ମାଲକାନଗିରି,୨୦।୮(ଡି.ଏନ୍.ଏ.)

- ମାଲକାନଗିରିରୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶୁଭାରମ୍ଭ
- ଚିକିତ୍ସା ପାଇଁ ଅର୍ଥ ବାଧକ ନ ହେଉ: ମୁଖ୍ୟମନ୍ତ୍ରୀ
- ଦେଶରେ ପ୍ରଥମ, ବଣ୍ଡା ମହିଳା ଶୁକ୍ରୀ ପ୍ରଥମ ହିତାଧିକାରୀ

'ପରିବାର ଉନ୍ନତିରେ ରାଜ୍ୟର ଉନ୍ନତି। ପ୍ରତ୍ୟେକ ଜୀବନ ମୋ ପାଇଁ ମୂଲ୍ୟବାନ। ସମସ୍ତେ ସୁସ୍ଥ ରୁହନ୍ତୁ। ଚିକିତ୍ସା ପାଇଁ ଟଙ୍କା କେବେ ବି ବାଧକ ନ ହେଉ'। ଶୁକ୍ରବାର ମାଲକାନଗିରିରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବଣ୍ଡା ଜନଜାତିର ମହିଳା ଶୁକ୍ରୀ ଧାଙ୍ଗଡ଼ା ମାଝିଙ୍କୁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ର ପ୍ରଥମ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରି ସ୍ୱାସ୍ଥ୍ୟସେବାର ଏହି ଐତିହାସିକ ଯାତ୍ରାର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି, ଚାଷୀ, ଶ୍ରମିକ, କ୍ଷୁଦ୍ର ଦୋକାନୀ, ରିକ୍ସାବାଲା, ସାଧାରଣ ଲୋକ, ଜନଜାତି ବର୍ଗ ସମସ୍ତଙ୍କ ଜୀବନ ତାଙ୍କ ପାଇଁ ମୂଲ୍ୟବାନ। ସମସ୍ତେ ସୁସ୍ଥ ରହି ନିଜ ପରିବାରର ଉନ୍ନତି ପାଇଁ କାମ କରିବା ଉଚିତ। ଏଥିଲାଗି 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'କୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଲକାନଗିରିରୁ ଆରମ୍ଭ ହୋଇଥିବାବେଳେ ସେପ୍ଟେମ୍ବର ପହିଲାରୁ ସର୍ବତ୍ର ଲାଗୁ ହେବ। ରାଜ୍ୟର ୯୬ ଲକ୍ଷ ପରିବାର ଏହି ସ୍ମାର୍ଟ କାର୍ଡ ପାଇବେ। ଫଳରେ ୩.୫ କୋଟି ଲୋକ ଏହାର ଲାଭ ଉଠାଇପାରିବେ। ଏହି ନୂଆ ବ୍ୟବସ୍ଥାରେ ହସ୍ପିଟାଲରେ କୌଣସି ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ। ଦେଶର ୨୦୦ରୁ ଅଧିକ ବଡ଼ ହସ୍ପିଟାଲରେ ଏହି କାର୍ଡ ଜରିଆରେ ହିତାଧିକାରୀ ଚିକିତ୍ସା ସୁବିଧା ପାଇପାରିବେ। ପ୍ରତି ପରିବାର ପାଇଁ ୫ ଲକ୍ଷ ଟଙ୍କା ଓ ମା'ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ। ଏଭଳି ସୁବିଧା ଦେବାରେ ଓଡ଼ିଶା ଦେଶରେ ପ୍ରଥମ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ। ଗରିବ ପରିବାରରେ କେହି ଜଣେ ଅସୁସ୍ଥ ହୋଇପଡ଼ିଲେ ଚିକିତ୍ସା ଲାଗି ବହୁ ଟଙ୍କା ଆବଶ୍ୟକ ହୋଇଥାଏ। ଅନେକେ ଧାରକରଜ କରିଥାଆନ୍ତି। ସ୍ମାର୍ଟ ହେଲ୍‌ଥ କାର୍ଡ ଏହି ଦୁଃଖ ଲାଘବ କରିବ। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ଓଡ଼ିଶାବାସୀଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ତେଣୁ ଏ ବାବଦ ଟଙ୍କା ସଞ୍ଚୟ କରାଯାଇପାରିବ। ସରକାରୀ ହସ୍ପିଟାଲରେ ଡାଏଲିସିସ୍‌ଠାରୁ ଆରମ୍ଭ କରି କେମୋ ଥେରାପି, ସିଟି ସ୍କାନ, ଏମ୍‌ଆରଆଇ, ବିଭିନ୍ନ ପାଥୋଲୋଜି ଟେଷ୍ଟ ସୁବିଧା ମିଳୁଛି। ଲକ୍ଷାଧିକ ରୋଗୀ ସରକାରୀ ହସ୍ପିଟାଲରେ ଏହାର ସୁବିଧା ନେଉଛନ୍ତି ବୋଲି ମୁଖ୍ୟନ୍ତ୍ରୀ କହିଛନ୍ତି। ସ୍ମାର୍ଟ କାର୍ଡରେ ୬୪ କେବିର ଚିପ୍ସ ରହିଛି। ଏଥିରେ ହିତାଧିକାରୀଙ୍କ ସମସ୍ତ ତଥ୍ୟ ରହିଛି। ହିତାଧିକାରୀ ଚାହିଁଲେ ମୋ ସେବା କେନ୍ଦ୍ରକୁ ଯାଇ ଏଥିରେ ନୂଆ ତଥ୍ୟ ଯୋଡ଼ିପାରିବେ ବୋଲି ସୂଚନା ଦିଆଯାଇଥିଲା।

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଲେ, ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଦେଶରେ ଆଦର୍ଶ ପାଲଟିଛନ୍ତି। ଏମ୍‌ପି ରମେଶ ମାଝି ସ୍ୱାଗତ ଭାଷଣ ଏବଂ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଧନ୍ୟବାଦ ଦେଇଥିଲେ। 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ମହିଳାଙ୍କ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ପାଇଁ ପ୍ରସ୍ତାବ ଦେଇଥିବା ମମତା ପଡ଼ିଆମୀ ନିଜସ୍ୱ ମତାମତ ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ କରିଥିଲେ।

### ମାଲକାନଗିରିର ୧.୯୬ ଲକ୍ଷ ହିତାଧିକାରୀ ଉପକୃତ ହେବେ

ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶୁଭାରମ୍ଭ ଉପଲକ୍ଷେ ପୂର୍ବାହ୍ନ ସାଢ଼େ ୧୧ଟାରେ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ମାଲିକାନଗିରି ସଂସ୍କୃତି ଭବନ ନିକଟ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ଏହି ଅବସରରେ କୋୟା, ବଣ୍ଡା, ଡିଡାଇ ସମ୍ପ୍ରଦାୟର ୭ ହିତାଧିକାରୀଙ୍କୁ ସେ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରିଥିଲେ। ଏହା ଜରିଆରେ ମାଲକାନଗିରି ଜିଲାର ୧ ଲକ୍ଷ ୯୬ ହଜାର ୫୩୧ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ ଜିଲାରେ ୩୮୧ କାର୍ଡ ବିତରଣ କେନ୍ଦ୍ର ଖୋଲାଯାଇଛି। ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ମନ୍ତ୍ରୀମାନେ କାର୍ଡ ☞ପୃଷ୍ଠା-୪

# ରେଳମନ୍ତ୍ରୀଙ୍କ ସ୍ପଷ୍ଟୀକରଣକୁ ଅପେକ୍ଷା

**ୱାଲଟିୟର ଡିଭିଜନ ଦକ୍ଷିଣ ତଟ ରେଳ ଜୋନ୍ ସ୍ଥାନାନ୍ତର ପ୍ରସଙ୍ଗ**

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

୧୯୯୬ରେ କେନ୍ଦ୍ରରେ ଏଚ୍.ଡି. ଦେବେଗୌଡ଼ାଙ୍କ ସରକାର ଥିବାବେଳେ ଦେଶରେ ୭ଟି ନୂଆ ରେଲୱେ ଜୋନ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ୭ଟି ମଧ୍ୟରୁ ଇଷ୍ଟକୋଷ୍ଟ ରେଲୱେ ଜୋନ୍ ୧୯୯୬ ଅଗଷ୍ଟ ୮ ଭୁବନେଶ୍ୱରରେ ଉଦ୍‌ଘାଟିତ ହେଲା। ଉଦ୍‌ଘାଟନୀ ଉତ୍ସବରେ ଦେବେଗୌଡ଼ା, ତତ୍କାଳୀନ ରେଳମନ୍ତ୍ରୀ ରାମବିଳାସ ପାଶ୍ୱାନ, ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଏବଂ ବିଶିଷ୍ଟ ଅତିଥି ଭାବେ ବିଜୁ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଇଷ୍ଟକୋଷ୍ଟ ରେଲୱେ ଜୋନ ୩ଟି ଡିଭିଜନକୁ ନେଇ ଗଠନ କରାଯାଇଥିଲା। ସେଗୁଡିକ ହେଲା ୱାଲ୍ଟିୟର, ଖୋର୍ଦ୍ଧା ରୋଡ୍ ଓ ସମ୍ବଲପୁର ଡିଭିଜନ। ଏହା ଓଡ଼ିଶାବାସୀଙ୍କ ଦୀର୍ଘଦିନର ଦାବି ଥିଲା। ବର୍ତ୍ତମାନ ପୂର୍ବତଟ ରେଳପଥ ଭାରତର ୧୭ଟି ରେଳ ଜୋନ୍ ମଧ୍ୟରୁ ଏକ ନମ୍ବରରେ ରହିଛି। ଏହାର ବାର୍ଷିକ ଲାଭ ୨୫ ହଜାର କୋଟି ଟଙ୍କାରୁ ଅଧିକ। ହେଲେ ୱାଲ୍ଟିୟର ଡିଭିଜନ ଦକ୍ଷିଣ ତଟ ରେଲୱେ ଜୋନ୍‌ରେ ମିଶାଇଦେବାକୁ କେନ୍ଦ୍ର ନିଷ୍ପତ୍ତି ନେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ସାଧାରଣରେ ଏହାକୁ ନେଇ ଲୋକମାନେ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି।

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଆନ୍ଧ୍ରପ୍ରଦେଶରେ ଏକ ନୂତନ ରେଲୱେ ଜୋନ୍ ପ୍ରତିଷ୍ଠା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ ଘୋଷଣା ହେଲା। ଏହାର ନାମ ଦକ୍ଷିଣ ତଟ ରେଲୱେ ଜୋନ୍। ଏହି ରେଲୱେ ଜୋନ୍‌ରେ ଇଷ୍ଟକୋଷ୍ଟ ଜୋନ୍‌ରେ ☞ପୃଷ୍ଠା-୪




# ପୁଣି ଡିଜେଲ ୨୧ପଇସା କମିଲା

ଭୁବନେଶ୍ୱର,୨୦।୮

କ୍ରମାଗତ ତୃତୀୟ ଦିନ ଲାଗି ସାରା ଦେଶରେ ଡିଜେଲ ଦର ହ୍ରାସ ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ଡିଜେଲ ଲିଟର ପିଛା ୨୧ ପଇସା କମିଛି। ଫଳରେ ଏଠାରେ ଡିଜେଲ ମୂଲ୍ୟ ୯୭.୨୭ ଟଙ୍କାରେ ବିକ୍ରି ହେଉଛି। ଏହା କୋଭିଡ୍ ସମୟରେ ପରିବହନ କ୍ଷେତ୍ରକୁ ସାମାନ୍ୟ ଆଶ୍ୱସ୍ତି ଦେଇଥିଲେ ମଧ୍ୟ ଡିଜେଲର ସର୍ବକାଳନୀ ରେକର୍ଡ ଯୋଗୁ ଖାଉଟିଙ୍କ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି। ଅପରପକ୍ଷରେ ଗତ ୫ ସପ୍ତାହ ହେବ ପେଟ୍ରୋଲ ଦର ସ୍ଥିର ରହିଥିଲେ ମଧ୍ୟ ଏହାର ମୂଲ୍ୟ ହ୍ରାସ ହୋଇନାହିଁ। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଚିନ୍ତା ବଢ଼ିଯାଇଛି**

# ପ୍ରାଚୁର୍ଯ୍ୟ ଭିତରେ ଦରିଦ୍ର ଆଫଗାନ୍

*ମାଟିତଳେ ରତ୍ନ ସମ୍ପଦର ପ୍ରାଚୁର୍ଯ୍ୟ, ଉପରେ ଉତ୍କଟ ଦାରିଦ୍ର୍ୟର ଅଖଣ୍ଡ ରାଜୁତି ଏହା ହେଉଛି ସମ୍ପ୍ରତି ତାଲିବାନ ନିୟନ୍ତ୍ରଣରେ ଥିବା ପଡ଼ୋଶୀ ଆଫ୍‌ଗାନିସ୍ତାନର ପରିଚୟ। ପାଶ୍ଚାତ୍ୟ ସମର୍ଥିତ ନାଗରିକ ସରକାରଙ୍କ ପତନ ପରେ ଆତଙ୍କବାଦୀଙ୍କ ହାତକୁ ଚାଲିଆସିଛି ମୂଲ୍ୟବାନ ଖଣିଜ ସମ୍ପଦ। ପୂର୍ବରୁ ଅଫିମ, ହେରୋଇନ୍ ଭଳି ବେଆଇନ ନିଶା କାରବାରରୁ ବିପୁଳ ଅର୍ଥ ଯୋଗାଡ଼ କରୁଥିବା ତାଲିବାନ ଏବେ ଏହି ଦୁର୍ମୂଲ୍ୟ ଧାତବ ଖଣିଜ ସମ୍ପଦରୁ ବିପୁଳ ଲାଭର ସୁଯୋଗକୁ ହାତଛଡ଼ା କରିବ ନାହିଁ ବୋଲି କୂଟନୀତିଜ୍ଞମାନେ କହିଛନ୍ତି।*

**ମାଟି ତଳେ ୩ ଟ୍ରିଲିୟନ ଡଲାର ଖଣିଜ ସମ୍ପଦ**



କାବୁଲ, ୨୦।୮

ତାଲିବାନର କାବୁଲ ଦଖଲ ପରେ ବଦଳିଯାଇଛି ବିଶ୍ୱ ଭୂ-ରାଜନୈତିକ ଚିତ୍ରପଟ। ଆତଙ୍କବାଦୀ ଗୋଷ୍ଠୀ ପାଦରେ ଆର୍ଥିକ ବେଡ଼ି ପକାଇବାକୁ ଯାଇ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ବିତ୍ତୀୟ ସହାୟତା ପ୍ରଦାନ ଉପରେ ଅଙ୍କୁଶ ଲଗାଯାଇଥିଲେ ହେଁ ବନ୍ଧୁକ ମୁନରେ ଶାସନ କରୁଥିବା ତାଲିବାନୀଙ୍କୁ ରୋକିବା ଆଉ ସମ୍ଭବ ନୁହେଁ ବୋଲି ହୃଦ୍‌ବୋଧ ହେଲାଣି। କାରଣ ଆଫ୍‌ଗାନିସ୍ତାନ ମାଟି ତଳେ ମହଜୁଦ୍ ଥିବା ଲକ୍ଷାଧିକ କୋଟି ଟଙ୍କାର ☞ପୃଷ୍ଠା-୪




ଧରିତ୍ରୀ DHARITRI ୨
ଶନିବାର, ୨୧ ଅଗଷ୍ଟ, ୨୦୨୧

## ସ୍ୱତନ୍ତ୍ର ତାଲିବାନ୍ ୨.୦



ଆତଙ୍କବାଦର ଧ୍ୱଜାଧାରୀ ତାଲିବାନ୍ କାବୁଲକୁ ଦଖଲ କରିନେଲା ସିନା, ସରକାର ଗଢ଼ି କ୍ଷମତାରେ ରହିବା ଏହା ପକ୍ଷେ ସେତେଟା ସହଜ ହେବ ନାହିଁ। ଯେମିତି ଅପ୍ରତ୍ୟାଶିତ ଭାବେ ଆଫଗାନିସ୍ତାନରେ ଆଧିପତ୍ୟ ବିସ୍ତାର କଲା, ସେମିତି ଘୋର ବିରୋଧ ଓ ଅଚାନକ ବିକ୍ଷୋଭର ସମ୍ମୁଖୀନ ହେଲା। ଭୂଖଣ୍ଡକୁ କରାୟତ୍ତ କରିଛି ବୋଲି ବର୍ତ୍ତମାନ ଯାଏ ଧରିନେଇଥିବା ତାଲିବାନ୍ ଏବେ ଆଉ ଏକ ବିଦ୍ରୋହର ବହ୍ନି ଦେଖି ଆତଙ୍କିତ ଓ ବିଚଳିତ।

- ୟୁନିଟି ସରକାର ପାଇଁ ଆଲୋଚନା ଆରମ୍ଭ
- କ୍ଷମତା ପାଇଁ ସଙ୍ଗଠନରେ ମତଭେଦ
- ୩୧ ଯାଏ ଅପେକ୍ଷା କରିବ ତାଲିବାନ୍
- ଜାରି ରହିବ ପଞ୍ଜଶିର ଲଢ଼େଇ

# ବର୍ବର ତାଲିବାନ୍, ବିବ୍ରତ ଆଫଗାନ୍

କାବୁଲ/ୱାଶିଂଟନ/ ନୂଆଦିଲ୍ଲୀ,୨୦।୮

ଅଗଷ୍ଟ ୧୫ରେ କାବୁଲ ଦଖଲ ପରଠାରୁ ତାଲିବାନ୍ ଆଫଗାନ୍ ଜାତୀୟ ପତାକାକୁ ଅଚଳ କରିଦେଇଛି। ହେଲେ ୧୯ ତାରିଖରେ ୧୦୨ତମ ସ୍ୱାଧୀନତା ଦିବସ ପାଳନ ସହ ଅନେକ ପ୍ରଦେଶରେ ଲୋକେ ରାସ୍ତାକୁ ଓହ୍ଲାଇ ରାଷ୍ଟ୍ରୀୟ ଧ୍ୱଜା ଉଡ଼ାଇବା ସହ ତାଲିବାନ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଗୋଟିଏ ପଟେ ଆତଙ୍କବାଦୀମାନେ ନିଜ ଗ୍ରହଣୀୟତା ବଢ଼ାଇବା ଉଦ୍ଦେଶ୍ୟରେ ଏକ ପରିବର୍ତ୍ତିତ ତଥା ନରମ ରୂପ ଦେଖାଇବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପଟେ ଜାତୀୟତାବାଦୀ ଆନ୍ଦୋଳନରେ ଝାସ ଦେଉଥିବା ଆଫଗାନଙ୍କ ଉପରେ ଏହାର ଗୁଳି ବର୍ଷା ତାଲିବାନର ଅଢ଼େଇ ଦଶନ୍ଧି ତଳ ବର୍ବର ଚେହେରାକୁ ସାମ୍ନାକୁ ଆଣୁଛି। ତେବେ ହିଂସାତ୍ମକ ଉପାୟରେ ଜନ ଆନ୍ଦୋଳନକୁ ଦମନ କରିବା ଅପଚେଷ୍ଟାର ପରିଣତି କ'ଣ ହେବ ତାହା ସମୟ କହିବ। ବିଦ୍ରୋହ ବଢୁଥିବା ଦେଖି ତାଲିବାନ ଏବେ କହିବା ଆରମ୍ଭ କରିଛି, ଆଫଗାନିସ୍ତାନର ଜାତୀୟ ପତାକା ଆଗକୁ ରହିବ କି ନାହିଁ ତାହା ପରବର୍ତ୍ତୀ ସରକାର ଗଠନ ପରେ ହିଁ ସ୍ଥିର କରାଯିବ।

ଇତିମଧ୍ୟରେ ଏକ ୟୁନିଟି ଗଭର୍ନମେଣ୍ଟ ଗଠନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି କିଏ ହେବେ ତାକୁ ନେଇ ଆତଙ୍କବାଦୀ ସଙ୍ଗଠନରେ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ସଦ୍ୟ କାତାର ଫେରନ୍ତା ତାଲିବାନ ସହପ୍ରତିଷ୍ଠାତା ମୁଲ୍ଲା ଅବ୍‌ଦୁଲ ଗନି ବରାଦରଙ୍କୁ ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନର ରାଷ୍ଟ୍ରମୁଖ୍ୟ ଭାବେ ଦେଖିବାକୁ ଚାହୁଁଥିବାବେଳେ

## ସହଜ ନୁହେଁ କ୍ଷମତା

ଅନ୍ୟ ଏକ ଗୋଷ୍ଠୀ ସଙ୍ଗଠନର ତୃତୀୟ ସୁପ୍ରିମ କମାଣ୍ଡର ହିବାତୁଲ୍ଲା ଅଖୁନ୍ଦଜାଦା ରାଷ୍ଟ୍ରପତି ହୁଅନ୍ତୁ ବୋଲି ମତ ଦେଉଛନ୍ତି। ଆଗରୁ କଳେ ବଳେ କୌଶଳେ ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କ ସିଭିଲିଆନ୍ ସରକାରଙ୍କୁ ଗାଦିଚ୍ୟୁତ କରିବା ତାଲିବାନର ଲକ୍ଷ୍ୟ ଥିଲା। ଲକ୍ଷ୍ୟ ପୂରଣ ହେବା ପରେ ଏବେ ସଙ୍ଗଠନ ଭିତରେ 'ନାନା ଗୋଷ୍ଠୀଙ୍କ ନାନା ମତ' ସାମ୍ନାକୁ ଆସିବାରେ ଲାଗିଛି। ଆଫଗାନ୍ ଜାତୀୟତାବାଦ ଦାନା ବାନ୍ଧୁଥିବାବେଳେ ସବୁ ବର୍ଗର ଲୋକଙ୍କୁ ନେଇ ଏକତା ସରକାର ଗଠନ ତାଲିବାନ ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ତେବେ ତାଲିବାନ୍ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେବ ନାହିଁ କି କିଛି ଘୋଷଣା କରିବ ନାହିଁ। ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଏପରି କୌଣସି ଯୋଜନା କରାଯାଇ ନ ଥିବା ଜଣେ ଆଫଗାନ ଅଧିକାରୀ ସୂଚନା ଦେଇଛନ୍ତି। ଆମେରିକାର ସୈନ୍ୟ ପ୍ରତ୍ୟାହାର ଅଗଷ୍ଟ ୩୧ରେ ଶେଷ



ହେବାକୁ ଥିବାରୁ ଏହି ତାରିଖକୁ ତାଲିବାନ୍ ଅପେକ୍ଷା କରିବ। ଆମେରିକା ସହ ହୋଇଥିବା ଚୁକ୍ତି ଅନୁସାରେ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ତାଲିବାନ୍ ପକ୍ଷରୁ କୌଣସି ପଦକ୍ଷେପ ନିଆଯିବ ନାହିଁ ବୋଲି ହକ୍କାନି ନେଟ୍‌ୱର୍କ ନେତା ଅନସ୍ ହକ୍କାନି ପୂର୍ବତନ ସରକାରର ବାର୍ତ୍ତାକାରମାନଙ୍କୁ କହିଛନ୍ତି। ଅନ୍ୟପକ୍ଷେ ତାଲିବାନ୍ ଆତଙ୍କବାଦୀଙ୍କ ବିରୋଧରେ ଅମରୁଲ୍ଲା ସାଲେହଙ୍କ ନେତୃତ୍ୱରେ ଲଢ଼େଇ ଜାରି ରଖିଛି ପଞ୍ଜଶିର ଉପତ୍ୟକା। ରାଜଧାନୀ କାବୁଲର ଉତ୍ତରରେ ଥିବା ଏହି ଅଭେଦ୍ୟ ଦୁର୍ଗରେ ପୂର୍ବରୁ ମଧ୍ୟ ଅନେକ ଥର ତାଲିବାନ୍ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବର୍ତ୍ତମାନର ଘଟଣାକ୍ରମ ପରେ ଇସ୍‌ଲାମିକ୍ କଠୋରପନ୍ଥୀମାନେ ମଜଭୁତ ସହ ଆକ୍ରମଣ କଲେ ପଞ୍ଜଶିର ଯୋଦ୍ଧାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବର୍ତ୍ତମାନ ଦେଶର ୩୪ ପ୍ରଦେଶ ମଧ୍ୟରୁ କେବଳ ପଞ୍ଜଶିରକୁ ବାଦ୍ ଦେଲେ ଅବଶିଷ୍ଟ ଅଞ୍ଚଳ ତାଲିବାନ ଦଖଲରେ ରହିଛି। ତାଲିବାନ୍ ପଞ୍ଜଶିରକୁ ପ୍ରବେଶ ଉଦ୍ୟମ କରି ନ ଥିବାରୁ ବିରୋଧୀଙ୍କ ସଂଗ୍ରାମ କେବଳ ମୌଖିକ ସ୍ତରରେ ରହିଛି ବୋଲି ପ୍ୟାରିସ୍‌ସ୍ଥିତ ସୋର୍ବୋନ୍ନେ ୟୁନିଭର୍ସିଟିର ଆଫଗାନ ବିଶେଷଜ୍ଞ ଗିଲେସ୍ ଡୋରୋନ୍‌ସୋରୋ କହିଛନ୍ତି।

### ସଂଖ୍ୟାଲଘୁଙ୍କୁ ହତ୍ୟା କରିଛି ତାଲିବାନ୍

ତାଲିବାନ୍ ଆତଙ୍କବାଦୀମାନେ ସଂଖ୍ୟାଲଘୁମାନଙ୍କୁ ଅକଥନୀୟ ନିର୍ଯାତନା ଦେବା ସହ ହତ୍ୟା କରିଛନ୍ତି ବୋଲି ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ କୁହାଯାଇଛି। ଗଜ୍‌ନୀ ପ୍ରଦେଶର ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ଜୁଲାଇ ୪ରୁ ୬ ମଧ୍ୟରେ ମୁନ୍ଦରକ୍ତରେ ତାଲିବାନ୍ ହଜାରା ସମୁଦାୟର ୯ ଜଣଙ୍କୁ ହତ୍ୟା କରିଥିଲା। ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ଗୁଳି କରାଯାଇଥିବାବେଳେ ଅନ୍ୟ ୩ ଜଣଙ୍କୁ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ଏହି ଅଧିକାର ସୁରକ୍ଷା ସଙ୍ଗଠନ କହିଛି।

### କାବୁଲକୁ ହେଲିକପ୍ଟର ପଠାଇବ ଜର୍ମାନୀ

ଆଫଗାନିସ୍ତାନରେ ଫସିରହିଥିବା ଜର୍ମାନୀ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ କାବୁଲ ବିମାନବନ୍ଦରକୁ ଦୁଇଟି ହେଲିକପ୍ଟର ପଠାଯିବ ବୋଲି ଶୁକ୍ରବାର ବର୍ଲିନରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କୌଣସି ଦେଶରେ ଜର୍ମାନ ନାଗରିକ ସଙ୍କଟରେ ଥିଲେ ସ୍ୱତନ୍ତ୍ର ବଳ ପକ୍ଷରୁ ଏପରି ଅପରେଶନ ଚାଲିଥାଏ।

### ସକାରାତ୍ମକ ଭୂମିକା ନେବ ପାକିସ୍ତାନ

ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କ୍ୟୁରେଶି କହିଛନ୍ତି, ଆଫଗାନିସ୍ତାନରେ ତାଙ୍କ ଦେଶ ସକାରାତ୍ମକ ଭୂମିକା ଗ୍ରହଣ କରିବାକୁ ଦୃଢ଼ ନିଶ୍ଚିତ। ତାଲିବାନ୍ ବିଦ୍ରୋହୀ ଓ ପୂର୍ବତନ ଶାସକମାନେ ପରସ୍ପର ସହ ବିଚାରବିମର୍ଶ କରି ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ସବୁ ବର୍ଗଙ୍କୁ ନେଇ ଏକ ରାଜନୈତିକ ସରକାର ଗଠନ କରନ୍ତୁ। ଆଫଗାନିସ୍ତାନ ମାଟିକୁ କେହି ରକ୍ତରଞ୍ଜିତ କରିବାକୁ ଚାହୁଁ ନାହାନ୍ତି। ଲୋକେ ମଧ୍ୟ ଦେଶରେ ଶାନ୍ତି ଓ ସ୍ଥିରତା ଦେଖିବାକୁ ଚାହାନ୍ତି।

### ଦୂତାବାସ ଯାଞ୍ଚ କରୁଛନ୍ତି ତାଲିବାନ ନେତା

କାନ୍ଦାହାର, ହେରାତ, ମଜାର-ଏ-ଶରିଫ ଓ ଅନ୍ୟ ସହରଗୁଡ଼ିକରେ ଅବସ୍ଥିତ ବିଦେଶୀ ଦୂତାବାସଗୁଡ଼ିକୁ ସ୍ଥାନୀୟ ତାଲିବାନ ନେତାମାନେ ଯାଞ୍ଚ କରୁଛନ୍ତି।

### ଶରଣାର୍ଥୀଙ୍କୁ ଆଶ୍ରୟ ଦେଉ ବିଶ୍ୱ: ଭାଟିକାନ୍

ଆଫଗାନମାନଙ୍କୁ ଅନ୍ତର୍ଜାତୀୟ ସମୁଦାୟ ସ୍ୱାଗତ କରୁ ବୋଲି କ୍ୟାଥୋଲିକ୍ ହେଡ୍‌କ୍ୱାର୍ଟର୍ସ ଭାଟିକାନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ତାଲିବାନ୍ ଭୟରେ ଦେଶ ଛାଡ଼ି ଗଣପଳାୟନ କରୁଥିବା ଲୋକେ ଏଭଳି ଦଶା ଭୋଗିବେ ବୋଲି କେହି କଳ୍ପନା କରି ନ ଥିଲେ। ଶରଣାର୍ଥୀଙ୍କୁ ମାନବିକତା ଦୃଷ୍ଟିରୁ ଗ୍ରହଣ କରନ୍ତୁ ବୋଲି ଭାଟିକାନ୍ ନ୍ୟୁଜ୍‌ପେପରରେ କୁହାଯାଇଛି।

### ଆଫଗାନିସ୍ତାନକୁ ରକ୍ଷା କର: ପୁଟିନ୍

ଆଫଗାନିସ୍ତାନକୁ ଖଣ୍ଡବିଖଣ୍ଡିତ ହେବାରୁ ବିଶ୍ୱ ସମୁଦାୟ ରକ୍ଷା କରିବା ପାଇଁ ଆଗେଇ ଆସନ୍ତୁ ବୋଲି ଶୁକ୍ରବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଆହ୍ୱାନ ଦେଇଛନ୍ତି। ମସ୍କୋରେ ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ସହ ଏକ ଟିଭି ପ୍ରେସ୍ କନଫରେନ୍ସରେ ପୁଟିନ୍ କହିଛନ୍ତି, ତାଲିବାନ ଆଫଗାନିସ୍ତାନର ପ୍ରାୟ



ସମସ୍ତ ଅଞ୍ଚଳକୁ ଦଖଲ କରିସାରିଛି। ଏହା ହେଉଛି ବାସ୍ତବତା। ଆମକୁ ଏଇଠୁ ଆଗକୁ ବଢ଼ିବାକୁ ହେବ ଏବଂ ଆଫଗାନିସ୍ତାନକୁ ରକ୍ଷା କରିବାକୁ ପଡ଼ିବ। ଏହି ଅବସରରେ ପୁଟିନ୍ ଶରଣାର୍ଥୀ ବେଶରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ରୋକିବା ପାଇଁ ଆଫଗାନିସ୍ତାନର ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ସତର୍କ କରାଇଛନ୍ତି।

### ଉତ୍ସବ ମନାଉଛି ଅଲ୍-କାଏଦା

ତାଲିବାନ୍‌ର କାବୁଲ ଦଖଲ ପରେ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦାର ୟେମେନ୍ ଶାଖା ପକ୍ଷରୁ ଉତ୍ସବ ପାଳନ କରାଯାଇଛି। ଜେହାଦ ଜରିଆରେ ଆକ୍ରମଣକାରୀ ଓ ଦଖଲକାରୀଙ୍କୁ ଘଉଡ଼ାଇହେବ ବୋଲି ଏହି ବିଜୟ ଓ ସଶକ୍ତୀକରଣ ସୂଚାଉଥିବା ଅଲ୍-କାଏଦା ଇନ୍ ଆରବିଆନ୍ ପେନିନ୍‌ସୁଲା (ଏକ୍ୟୁଏପି) ପକ୍ଷରୁ କୁହାଯାଇଛି।



ଇରାନ ସୀମାରେ ଆଫଗାନ ବାଳକ।



ଆଫଗାନିସ୍ତାନ-ପାକିସ୍ତାନ ସୀମା ନିକଟରେ ପରିବାର ସହ ଆଫଗାନ ମହିଳା।

### ଭାରତରେ ସାମରିକ ତାଲିମ ନେଇଥିଲେ ଷ୍ଟାନିକ୍‌ଜାଇ

ତାଲିବାନ୍‌ର ସବୁଠୁ ଉଚ୍ଚଶିକ୍ଷିତ ନେତା ଶେର ମହମ୍ମଦ ଅବ୍ବାସ ଷ୍ଟାନିକ୍‌ଜାଇ ଏକଦା ଇଣ୍ଡିଆନ୍ ମିଲିଟାରି ଏକାଡେମୀରେ ସାମରିକ ତାଲିମ ନେଇଥିଲେ। ୧୯୮୨ରେ ଉତ୍ତରାଖଣ୍ଡର ଡେରାଡୁନ୍‌ରେ ପଢ଼ିବାବେଳେ ତାଙ୍କୁ ସହପାଠୀମାନେ ଶେରୁ ବୋଲି ଡାକୁଥିଲେ। ସେତେବେଳେ ତାଙ୍କୁ ୨୦ ବର୍ଷ ହୋଇଥିଲା। ସେ ଉକ୍ତ ଏକାଡେମୀରେ ଭଗତ ବାଟାଲିୟନ୍‌ର କେରେନ କମ୍ପାନୀରେ ସାମିଲ ଥିବା ୪୫ ବିଦେଶୀ କ୍ୟାଡେଟ୍‌ଙ୍କ ମଧ୍ୟରୁ ଜଣେ



ଥିଲେ। ୧୯୬୩ରେ ଆଫଗାନିସ୍ତାନର ଲୋଗାର ପ୍ରଦେଶ ସ୍ଥିତ ବରକାଇ ବରକ୍ ଜିଲାର ଏକ ପସ୍ତୁନ ପରିବାରରେ ଏହି ପ୍ରଭାବଶାଳୀ ତାଲିବାନ୍ ନେତାଙ୍କ ଜନ୍ମ।

### ଉଦ୍ଧାର ପାଇଁ ଆମେରିକାର ସଂଘର୍ଷ

ବିମାନବନ୍ଦରରେ ଭିଡ଼, ବିଶୃଙ୍ଖଳା ମଧ୍ୟରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଆମେରିକା ସୈନ୍ୟଙ୍କ ପାଇଁ ସହଜ ହେଉନାହିଁ। ଅଗଷ୍ଟ ୩୧ ଶେଷ ତାରିଖ ହୋଇଥିବାବେଳେ ଏତେସଂଖ୍ୟାରେ ଲୋକଙ୍କୁ ସେଠାରୁ ସ୍ଥାନାନ୍ତର କରିବା ଏବେ ଆମେରିକା ପାଇଁ ଚ୍ୟାଲେଞ୍ଜ ହୋଇଛି। ଲୋକଙ୍କୁ ରୋକିବାକୁ ବିଭିନ୍ନ ସ୍ଥାନରେ ତାଲିବାନ୍‌ର ଚେକ୍ ପଏଣ୍ଟ ଏଥିରେ ବାଧା ଉପୁଯାଇଛି। ଅନେକ ଆଫଗାନ୍‌ଙ୍କ ବୈଧ ଡକ୍ୟୁମେଣ୍ଟ ନ ରହିବା ମଧ୍ୟ ଅସୁବିଧା ବଢ଼ାଇଛି। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନାଟୋ ଗୁରୁତ୍ୱ ଦେଇଛି। ତାଲିବାନ କାବୁଲ ଦଖଲ କରିବା ପରଠାରୁ ୧୮ ହଜାରରୁ ଊର୍ଦ୍ଧ୍ୱ ଦେଶ ଛାଡ଼ିଥିବା ନାଟୋ କହିଛି।



କାବୁଲ ଏୟାରପୋର୍ଟରେ ଜଣେ ଶିଶୁଙ୍କୁ ୟୁନିଫର୍ମରେ ଘୋଡ଼ାଇ ଦେଇଛନ୍ତି ଆମେରିକା ସୈନ୍ୟ ।

## ଭିତରେ ଆମେରିକା ସୈନ୍ୟ, ବାହାରେ ତାଲିବାନୀ

**ନିଜ ଭିଟାମାଟି ଛାଡ଼ିବାର ଯନ୍ତ୍ରଣା କ'ଣ ଏମାନଙ୍କଠାରୁ ଅଧିକ କିଏ ଜାଣେ। କିଏ କହିବ ପ୍ରିୟଜନଙ୍କୁ ହରାଇ ଲୁହ ଗଡ଼ାଇବାର ମୂଲ୍ୟ କେତେ। କାବୁଲସ୍ଥିତ ହମିଦ୍ କାରଜାଇ ବିମାନବନ୍ଦରରେ ପଛକୁ ପଛ ଧାଡ଼ିବାନ୍ଧି ଛିଡ଼ା ହୋଇଛନ୍ତି ହଜାର ହଜାର ଆଫଗାନ। କିଏ କହୁଛି, ତାଲିବାନ ପଶୁ। ପଶୁଙ୍କ ସହ ଆମେ କିପରି ରହିବୁ। ଏୟାରଲିଫ୍ଟ ଅପେକ୍ଷାରେ ଥିବା ଜଣେ ଯୁବତୀ କହୁଛନ୍ତି, ମୋତେ ଓ ମୋ ଭଉଣୀଙ୍କୁ ତାଲିବାନ ଆତଙ୍କବାଦୀମାନେ ଜୋରଜବରଦସ୍ତି ବିବାହ କରିବାକୁ ଖୋଜୁଛନ୍ତି। ତେଣୁ ଆମେ ପଳାୟନ କରିବାକୁ ବାହାରିଛୁ। ଯେଉଁ ଦେଶରେ ଶରଣ ମିଳିଲେ ବି ଯିବାକୁ ପ୍ରସ୍ତୁତ। କାବୁଲ ଏୟାରପୋର୍ଟର ଏହି ବିକଳ ଚିତ୍ର ବୟାନ କରୁଛି ତାଲିବାନ ବର୍ବରତାକୁ ନେଇ କେତେ ଆତଙ୍କିତ ଆଫଗାନିସ୍ତାନବାସୀ।**

**କାବୁଲ, ୨୦।୮:** ତାଲିବାନ କବଳରୁ ରକ୍ଷା ପାଇବାକୁ ହେଲେ ଦେଶ ଛାଡ଼ି ପଳାୟନ ଏକମାତ୍ର ମାଧ୍ୟମ। ସେହି ଲକ୍ଷ୍ୟରେ ନିଜ ଘରଦ୍ୱାର, ସମ୍ପତ୍ତି ଛାଡ଼ି ପ୍ରିୟଜନଙ୍କ ସହ ଗଣପଳାୟନ କରୁଛନ୍ତି ଆଫଗାନିସ୍ତାନ ବାସିନ୍ଦା। କାବୁଲସ୍ଥିତ ହମିଦ୍ କରଜାଇ ଅନ୍ତର୍ଜାତୀୟ ବିମାନବନ୍ଦର ଦୃଶ୍ୟ ଆଫଗାନ୍‌ଙ୍କ ଏଭଳି ଦୁର୍ଦ୍ଦଶା ବଖାଣୁଛି। ବିମାନବନ୍ଦରକୁ ନିଜ ନିୟନ୍ତ୍ରଣକୁ ନେଇ ଆମେରିକା ସୈନ୍ୟ ନିଜ ନାଗରିକଙ୍କୁ ଉଦ୍ଧାର କରିବାରେ ଲାଗିଥିବାବେଳେ ଆଫଗାନ୍‌ମାନେ ସେମାନଙ୍କ ନିକଟରୁ ସାହାଯ୍ୟ ଟିକେ ପାଇବାକୁ ଜୀବନ ବାଜି ଲଗାଇଛନ୍ତି।



ଆଫଗାନ ନାଗରିକ ତାଲିବାନ ବର୍ବରତାକୁ ନେଇ ଏତେ ଆତଙ୍କିତ ଯେ, ଯେଉଁ ଦେଶର ଶରଣ ମିଳିଲେ ବି ସେମାନେ ସେଠାକୁ ଯିବାକୁ ଚାହୁଁଛନ୍ତି।

ଆଫଗାନ୍‌ମାନେ ଦେଶ ଛାଡ଼ି ଯଆନ୍ତୁ ବୋଲି ଚାହୁଁନାହିଁ ତାଲିବାନ। ତେଣୁ ସେମାନଙ୍କ ରାସ୍ତା ରୋକିବାକୁ ଏହି ଗୋଷ୍ଠୀ ବଳପ୍ରୟୋଗ କରିବାରେ ଲାଗିଛି।

### ଏୟାରପୋର୍ଟରେ ଫସିଛନ୍ତି ଆତଙ୍କିତ ଆଫଗାନ୍

ବିମାନବନ୍ଦର ବାହାରେ ଜଗିରହିଛନ୍ତି ସଶସ୍ତ୍ର ତାଲିବାନୀ। ଲୋକଙ୍କ ଉପରେ ଗୁଳିଚାଳନା ପାଇଁ ମଧ୍ୟ ଆତଙ୍କବାଦୀ ପଛଘୁଞ୍ଚା ଦେଉନାହାଁନ୍ତି। ଏ ସବୁ ଭିତରେ ଆତଙ୍କିତ ଆଫଗାନ୍‌ମାନେ ଯେ କୌଣସି ବାଟଦେଇ ବିମାନବନ୍ଦରରେ ପହଞ୍ଚିବାକୁ ଧାଉଁଛନ୍ତି। ଭାଇରାଲ ହେଉଥିବା ଅନେକ ଭିଡିଓ ଫଟୋରେ ହୃଦୟବିଦାରକ ଦୃଶ୍ୟ କାବୁଲ ବିମାନବନ୍ଦରରେ ଦେଖିବାକୁ ମିଳିଛି। ନିଜ ଜୀବନ ନ ବଞ୍ଚାଇପାରିଲେ ନିଜ ଶିଶୁର ଜୀବନ ରକ୍ଷା ପାଇଁ ସେମାନଙ୍କୁ ଆମେରିକୀୟ ସୈନ୍ୟଙ୍କ ହାତରେ ଟେକିଦେବା ଭଳି ଛାତିଥରା ଛବି ସଂଖ୍ୟା ବଢ଼ିବାରେ ଲାଗିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୧୧,୪୧,୩୦୫ | ୪୪,୨୨,୪୧୮ | ୧୮,୯୦,୩୧,୩୪୩ |
| ଭାରତ | ୩,୨୩,୬୫,୯୯୬ | ୪,୩୩,୭୫୮ | ୩,୧୫,୬୪,୩୪୧ |
| ଓଡ଼ିଶା | ୯,୯୯,୧୭୩ | ୭୨୨୩(+୫୩) | ୯,୮୩,୨୪୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






ଭୁବନେଶ୍ୱର ଆୟକର କାର୍ଯ୍ୟାଳୟଠାରୁ ବାହାରିଥିବା ସାଇକେଲ ରାଲିକୁ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ପଦ୍ମଶ୍ରୀ ଦିଲୀପ ଟିର୍କୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି(ବାମ)। କଟକ ସେଲଟର ଛକସ୍ଥିତ ଆୟକର କାର୍ଯ୍ୟାଳୟଠାରେ ଜିଲାପାଳ ଭବାନୀ ଶଙ୍କର ଚଇନୀ ସାଇକେଲ ଚଳାଇ ରାଲିକୁ ଉତ୍ସାହିତ କରୁଛନ୍ତି।

# କରଦାତାଙ୍କୁ କୃତଜ୍ଞତା

## ଆଜାଦୀ କା ଅମୃତ ମହୋତ୍ସବରେ ଆୟକର ବିଭାଗର ସାଇକେଲ ରାଲି

ଭୁବନେଶ୍ୱର(ବ୍ୟୁରୋ)/କଟକ/ପୁରୀ ଅଫିସ, ୨୦।୮

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଆୟକର ବିଭାଗ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ପାଳିତ ହୋଇଛି। ଏହି ଅବସରରେ ଭୁବନେଶ୍ୱର ଆୟକର ବିଭାଗ କାର୍ଯ୍ୟାଳୟଠାରୁ ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା। ଆୟକର କମିଶନର ସରୋଜ ମହାପାତ୍ରଙ୍କ ଉପସ୍ଥିତିରେ ସକାଳ ସାଢ଼େ ୬ଟାରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ପଦ୍ମଶ୍ରୀ ଦିଲୀପ ଟିର୍କୀ ଏହି ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱରରୁ ରାଲି ବାହାରି କଟକ ସେଲ୍‌ଟରଛକସ୍ଥିତ ଆୟକର କାର୍ଯ୍ୟାଳୟଠାରେ ସକାଳ ୮ଟାରେ ପହଞ୍ଚିଥିଲା। ଆୟକର ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ସଙ୍ଗଠନର ୨୫୦ ସାଇକେଲ ଚାଳକ ରାଲିରେ ଯୋଗଦେଇଥିଲେ। ରାଲିରେ ଆସିଥିବା ସାଇକେଲ ଚାଳକଙ୍କୁ କଟକଠାରେ ପ୍ରମୁଖ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ ଓ ଜିଲାପାଳ ଭବାନୀ ଶଙ୍କର ଚଇନୀ ସ୍ୱାଗତ କରିଥିଲେ। କଟକ ଆୟକର ଭବନର କର୍ମଚାରୀମାନେ ଏହି ରାଲିରେ ସାମିଲ ହୋଇ ଲୋକମାନଙ୍କ ମଧ୍ୟରେ ଦେଶାତ୍ମକ ଭାବ ଜାଗ୍ରତ କରିଥିଲେ। ସାଇକେଲ ଚାଳକଙ୍କୁ ଉତ୍ସାହିତ କରିବା ପାଇଁ ଜିଲାପାଳ ନିଜେ ସାଇକେଲ ଚଲାଇଥିଲେ। ପରେ ଏହି ରାଲି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ କଟକ ଖାନ୍‌ନଗର- ଫୁଲନଖରା- ଉତ୍ତରାଛକ ଦେଇ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଅପରାହ୍ନ ୩ଟାରେ ଉକ୍ତ ରାଲି ପୁରୀ ପେଣ୍ଠକଟାସ୍ଥିତ ଆୟକର କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ରାଲିକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେଠାରୁ ରାଲି ବାହାରି ଭୁବନେଶ୍ୱରରେ ସନ୍ଧ୍ୟାରେ ପହଞ୍ଚିଥିଲା। ସାଇକେଲ ରାଲି ଗୋଟିଏ ମାତ୍ର କାର୍ଯ୍ୟକ୍ରମ। ଯେଉଁମାନେ ଠିକ୍ ସମୟରେ କର ପ୍ରଦାନ କରୁଛନ୍ତି, ସେମାନଙ୍କୁ ଏହି କାର୍ଯ୍ୟକ୍ରମ ଜରିଆରେ କୃତଜ୍ଞତା ଜ୍ଞାପନ କରାଯାଉଛି ବୋଲି ଆୟକର କମିଶନର ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆୟକର କମିଶନରଙ୍କ ସମେତ ପୂର୍ବତନ କମିଶନର ଶରତ କୁମାର ଦାସ, ପ୍ରମୁଖ ଆୟକର କମିଶନର ଅସିତ ମହାପାତ୍ର, କଟକ ଆୟକର ବିଭାଗର ଯୁଗ୍ମ ଆୟକର କମିଶନର ଉମାକାନ୍ତ ଧ୍ରୁପତି, ଅତିରିକ୍ତ ଆୟକର କମିଶନର ବିଜୟ ଗୌତମ, ଜିତେନ୍ଦ୍ର କୁମାର ଲେଙ୍କା, ଅରୁଣ କୁମାର ମହାନ୍ତି, ଆୟକର ଅଧିକାରୀ ରଞ୍ଜନ ମହାନ୍ତି, ପି.କେ. ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ବ୍ଲକରେ ହେବ ପଞ୍ଚାୟତ ଭୋଟ ଗଣତି

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ବ୍ଲକରେ ହେବ ପଞ୍ଚାୟତ ନିର୍ବାଚନ ଭୋଟ ଗଣତି। ଭୋଟ ଗ୍ରହଣ ପରେ ଭୋଟବାକ୍ସ ସିଲ୍ କରି ବ୍ଲକରେ ରହିବ। ସବୁ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଗଣତି ହେବ। ପଞ୍ଚାୟତିରାଜ ବିଭାଗ ଭୋଟ କାଉଣ୍ଟିଂ ନେଇ ନୂଆ ନିୟମ ଆଣିବାକୁ ଯାଉଛି। ଏଥିପାଇଁ ଏକ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ୧୫ ଦିନ ଭିତରେ ଆପତ୍ତି ଓ ଅଭିଯୋଗ ପରେ ଚୂଡ଼ାନ୍ତ ଗେଜେଟ ନୋଟିଫିକେଶନ ପ୍ରକାଶ ପାଇବ।

ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ ସଂଶୋଧନ ରୁଲ୍-୨୦୨୧ ଅନୁସାରେ ଭୋଟଗ୍ରହଣ ଦିନ ଗଣନା ହେବ ନାହିଁ। ନୂଆ ନିୟମ ଅନୁସାରେ ଭୋଟଗ୍ରହଣ ଶେଷ ହେବା ପରେ ପ୍ରିଜାଇଡିଂ ଅଫିସର ପ୍ରାର୍ଥୀ କିମ୍ବା ପୋଲିଂ ଏଜେଣ୍ଟଙ୍କ ଉପସ୍ଥିତିରେ ବାଲଟ ବକ୍ସ ଓ ଅନ୍ୟାନ୍ୟ ପେପର ସିଲ୍ କରିବେ। ସେଗୁଡ଼ିକୁ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଯିବ। ସବୁ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ବ୍ଲକରେ ଭୋଟ ଗଣନା ହେବ। ଏହାକୁ ସେଣ୍ଟ୍ରାଲ କାଉଣ୍ଟିଂ କୁହାଯିବ। ପ୍ରାର୍ଥୀ ଓ ପୋଲିଂ ଏଜେଣ୍ଟଙ୍କ ଉପସ୍ଥିତିରେ ଧାର୍ଯ୍ୟ ଦିବସରେ ଭୋଟ ଗଣତି ହେବ।

ପୂର୍ବରୁ ଏହି ବ୍ୟବସ୍ଥା ନ ଥିଲା। ପଞ୍ଚାୟତ ନିର୍ବାଚନରେ ଯେଉଁଦିନ ଭୋଟଗ୍ରହଣ ହେଉଥିଲା ସେଦିନ ୱାର୍ଡ ମେମ୍ବର, ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦରେ କିଏ ଜିତିଛି ଓ କିଏ ହାରିଛି ତାହା ଜଣାପଡ଼ି ଯାଉଥିଲା। ଏବେ କିନ୍ତୁ ତାହା ହେବ ନାହିଁ। ଏଥିପାଇଁ ଅଧିକ ବାଲଟ ବକ୍ସ ଆବଶ୍ୟକ ପଡ଼ିବ। ଅଧିକ ବାଲଟ ବକ୍ସ ବଢ଼ାଇବାକୁ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ଜିଲାପାଳଙ୍କୁ କୁହାଯାଇଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସିଦ୍ଧାର୍ଥ
ପରିବାରବର୍ଗ


ସୃଷ୍ଟି
ପରିବାରବର୍ଗ


ଶୁଭାବି
ପରିବାରବର୍ଗ


ପତିତପାବନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେତେବେଳେ ଜଗତି ବିଳାସ**
**କେତେବେଳେ ତରୁ ତଳେ ବାସ।**

ଆଜିର କଥା କାଲିକି ନ ଥାଏ। ଆଜି ଯିଏ ଭୋଗ ବିଳାସରେ ବୁଡ଼ି ରହିଛି ବା ଧନ ପ୍ରାଚୁର୍ଯ୍ୟରେ ଅୟସ କରୁଛି, କାଲିକି ହୁଏତ ସିଏ ଦାନା ଟିକକ ପାଇଁ କଲବଲ ହେବାରେ କିଛି ବି ଅସମ୍ଭବ ରହି ନ ଥାଏ। ମନୁଷ୍ୟ ଅବସ୍ଥା ଚିର ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଉ ଖାଏ ଧନ**
**ବକ ପଡ଼େ ବନ୍ଧନ।**

ଧୂର୍ତ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି। ଫଳସ୍ୱରୂପ କିଛି ନ କରି ମଧ୍ୟ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହୋଇଥାନ୍ତି। ନେବା ଲୋକର ପତ୍ତା ନ ଥିବା ସ୍ଥଳେ ନିରୀହ ଲୋକକୁ ଦଣ୍ଡ ଦିଆଯିବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଚାହାଁନ୍ତି, ଅକ୍ସିଜେନ୍ ଅଭାବରୁ କାହାର ମୃତ୍ୟୁ ହୋଇଥିବା ନେଇ ରାଜ୍ୟଗୁଡ଼ିକ ଅଭିଯୋଗ ନ କରନ୍ତୁ।
-ମନୀଷ ସିସୋଡ଼ିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ

## ପରିବାର ଉନ୍ନତିରେ ...

ବଣ୍ଟନ କରିବେ। ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ସହ ଅନ୍ନପୂର୍ଣ୍ଣା ଓ ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀ ମଧ୍ୟ ଏହି ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସମୀର ରଞ୍ଜନ ଦାଶ, ନବକିଶୋର ଦାସ, ଅରୁଣ ସାହୁ, ତୁଷାରକାନ୍ତି ବେହେରା, ପଦ୍ମନାଭ ବେହେରା, ଜଗନ୍ନାଥ ସାରକା, ପଦ୍ମିନୀ ଦିଆନ, ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଜିଲାପାଳ ବିଶାଲ ସିଂ, ଏସ୍‌ପି ପ୍ରହଲ୍ଲାଦ ସାଇ ମୀନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ନିଗ୍ଧା ଚୌଧୁରୀ, ମମତା ପଡ଼ିଆମି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମୟୀ ମିଶ୍ର ଏବଂ ଆକାଶ ଦାସ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୧୦ ଲକ୍ଷ ଟଙ୍କାର ବୀମା ପଛରେ ମମତା

ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ ଅବସରରେ ମାଲକାନଗିରି ଜିଲାର ମମତା ପଡ଼ିଆମିଙ୍କୁ ମନେପକାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ଚିକିତ୍ସା ଖର୍ଚ୍ଚ ୧୦ ଲକ୍ଷ ଟଙ୍କାକୁ କିପରି ବୃଦ୍ଧି ହେଲା ସେ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୮ରେ ମାଲକାନଗିରି ପାଇଁ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଚାଲିଥିଲା। ସେ ଲୋକସେବା ଭବନରୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମା'ମାନଙ୍କ ପାଇଁ ଚିକିତ୍ସା ଖର୍ଚ୍ଚ ବୃଦ୍ଧି କରିବା ଲାଗି ଜଣେ ଝିଅ ପ୍ରସ୍ତାବ ଦେଇଥିଲେ। ସେ ହେଉଛନ୍ତି ମମତା ପଡ଼ିଆମି। ମମତାଙ୍କ ପ୍ରସ୍ତାବ ଭଲ ଲାଗିଥିଲା। ଏହାପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ଚିକିତ୍ସା ସୁବିଧା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମହିଳାଙ୍କୁ ସ୍ମାର୍ଟକାର୍ଡ ମାଧ୍ୟମରେ ୧୦ ଲକ୍ଷ ଟଙ୍କା ଯାଏ ଚିକିତ୍ସା ସହାୟତା ମିଳିପାରିବ ବୋଲି ଜାଣିବା ପରେ ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ଥିବା ମମତା ଛିଡ଼ାହୋଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ରେଳମନ୍ତ୍ରୀଙ୍କ ସ୍ପଷ୍ଟୀକରଣକୁ ...

ଥିବା ୱାଲ୍ଟିୟର ଡିଭିଜନକୁ ମିଶାଇ ଦିଆଯିବା ଲାଗି ନିଷ୍ପତ୍ତି ହୋଇସାରିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ୱାଲ୍ଟିୟର ଡିଭିଜନର ଓଡ଼ିଶା ଅଞ୍ଚଳକୁ ନେଇ ରାୟଗଡ଼ାରେ ଏକ ରେଲୱେ ଜୋନ୍ ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ୱାଲ୍ଟିଅର ଡିଭିଜନ ଇଷ୍ଟକୋଷ୍ଟ ଜୋନ୍‌ରୁ ଚାଲିଯିବା ଫଳରେ ବାର୍ଷିକ ୫ ହଜାର କୋଟି ଟଙ୍କା କ୍ଷତି ହେବା ଆଶଙ୍କା ରହିଥିବା ଜଣେ ବରିଷ୍ଠ ରେଲୱେ ଅଧିକରୀ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ବିଶାଖାପାଟଣାମ୍‌ଠାରେ ଥିବା ଇଷ୍ଟକୋଷ୍ଟ ରେଲୱେର ଦୁଇ ଲୋକୋ ସେଟ୍ ଏବଂ କୋଚ୍ ରିପ୍ୟାରିଂ ଓ ସର୍ଭିସିଂ ସେଣ୍ଟର ମଧ୍ୟ ହାତରୁ ଚାଲିଯିବ। ଏହାଦ୍ୱାରା ଇଷ୍ଟକୋଷ୍ଟ ଜୋନ୍ ଏକପ୍ରକାର ପଙ୍ଗୁ ପାଲଟିଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ନିଷ୍ପତ୍ତିକୁ ରେଲୱେର ଇଣ୍ଟରନାଲ କମିଟି ଏବଂ ରାଜ୍ୟ ସରକାର ମଧ୍ୟ ଘୋର ବିରୋଧ କରିଥିବା ଓଡ଼ିଶାର ଆଇଟି ବିଭାଗର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ମତ ରଖିଛନ୍ତି।
ବର୍ତ୍ତମାନର ନୂଆ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୪ ଦିନିଆ ଓଡ଼ିଶା ଗସ୍ତରେ ଅଛନ୍ତି। ଭାଜପା ଜନ ଆଶୀର୍ବାଦ ଯାତ୍ରା କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ଏହି ଗସ୍ତ ଅବସରରେ ସେ ଟ୍ରେନ ଯୋଗେ ବିଭିନ୍ନ ଜିଲା ଗସ୍ତକରି ବହୁ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି। ଯେହେତୁ ସେ ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇ କେନ୍ଦ୍ରରେ ରେଳମନ୍ତ୍ରୀ ହୋଇଛନ୍ତି, ଓଡ଼ିଆମାନେ ତାଙ୍କଠାରୁ ବହୁ କିଛି ଆଶା ରଖିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ରେଳ ବିକାଶରେ ଓଡ଼ିଶା ପାଇଁ ସେ କ'ଣ କରିବେ ନ କରିବେ ତାହା ଭବିଷ୍ୟତରେ ସମୀକ୍ଷା ହେବ। ହେଲେ ବର୍ତ୍ତମାନର ସମସ୍ୟା ଯଥା ଇଷ୍ଟକୋଷ୍ଟ ରେଲୱେରୁ ୱାଲ୍ଟିଅର ଡିଭିଜନ ସମ୍ପର୍କରେ ଆଭିମୁଖ୍ୟ ସ୍ପଷ୍ଟ କରିବାର ଆବଶ୍ୟକତା ଥିବା ସାଧାରଣରେ ମତ ପ୍ରକାଶ ପାଉଛି। ଯଦି କେନ୍ଦ୍ର ସରକାର ଏକ ରାଜ୍ୟ-କେନ୍ଦ୍ରିକ ରେଲୱେ ଜୋନ୍ ପ୍ରତିଷ୍ଠା କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି ତେବେ ଓଡ଼ିଶାର ଯେଉଁ ଅଞ୍ଚଳ ଚକ୍ରଧରପୁର ଓ ଖଡଗପୁର ଡିଭିଜନରେ ରହିଛି, ତାକୁ ଇଷ୍ଟକୋଷ୍ଟ ଜୋନ୍‌ରେ ମିଶାଇଦେଇ ପୁଣିଥରେ ୩ଟି ଡିଭିଜନ ଯଥା ରାଉରକେଲା, ମୟୂରଭଞ୍ଜ ଓ ଭଦ୍ରକକୁ ନେଇ ବାଲେଶ୍ୱରଠାରେ ପ୍ରତିଷ୍ଠା କରାଯାଇପାରନ୍ତା। ଏ ସମ୍ପର୍କରେ ରେଳମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ଜନସାଧାରଣଙ୍କୁ ସ୍ପଷ୍ଟ କରାନ୍ତୁ ବୋଲି କେତେଜଣ ସରକାରୀ କର୍ମଚାରୀ ମଧ୍ୟ କହିଛନ୍ତି। ଏନେଇ ରେଳମନ୍ତ୍ରୀଙ୍କ ଟେଲିଫୋନ ନମ୍ବର ୯୯୭୧୧୩୩୦୭୦କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## ପ୍ରାଚୁର୍ଯ୍ୟ ଭିତରେ ଦରିଦ୍ର ....

ମୂଲ୍ୟବାନ ଧାତୁ ଏବେ ସେମାନଙ୍କୁ ଆର୍ଥିକ ବଳ ଯୋଗାଇବ।

ବିଶ୍ୱର ଅଫିମ ରାଜଧାନୀ ଭାବେ ଦୁର୍ନାମ ମୁଣ୍ଡାଇଛି ଆଫ୍‌ଗାନିସ୍ତାନ। ହେଲେ ଖଣିଜ ଭଣ୍ଡାରରେ ମଧ୍ୟ ଏହି ଦେଶ ସମୃଦ୍ଧ। ୨୦୧୦ରେ ଆମେରିକୀୟ ସେନାର ବିଶେଷଜ୍ଞମାନେ ଏଠାରେ ୧ ଟ୍ରିଲିୟନ୍ ଡଲାର ମୂଲ୍ୟର ଖଣିଜ ସମ୍ପଦ ମହଜୁଦ୍ ରହିଥିବା ଆକଳନ କରିଥିଲେ। ଲିଥିୟମ, ଜୀବାଶ୍ମ ଇନ୍ଧନ, ସୁନା, ତମ୍ବା, ଲୁହା, ବକ୍ସାଇଟ, କ୍ରୋମିୟମ୍, କୋବାଲ୍‌ଟ, ଜିଙ୍କ୍, କୋଇଲା, ସଲ୍‌ଫର, ଜିପ୍‌ସମ, ରତ୍ନପଥର ଭଳି ମୂଲ୍ୟବାନ ଧାତୁ ଏଥିରେ ସାମିଲ। ସମୟ ବିତିବା ସହିତ ଏହି ମାଟିତଳ ସମ୍ପଦର ଆନୁମାନିକ ମୂଲ୍ୟ ୩ ଟ୍ରିଲିୟନ ଡଲାର ଟପିଲାଣି। ଆଫଗାନ୍ ଭୂଖଣ୍ଡରେ ଆମେରିକାର ଦୁଇ ଦଶନ୍ଧିର ଉପସ୍ଥିତି ଏବଂ ପରବର୍ତ୍ତୀ ସମୟରେ ଆତଙ୍କବାଦୀଙ୍କୁ ଦମନ, ଗୃହଯୁଦ୍ଧ, ହିଂସା, ଅସୁରକ୍ଷିତ ବାତାବରଣ ମଧ୍ୟରେ ଖଣିଜ ଉତ୍ତୋଳନ ସମ୍ଭବ ହୋଇପାରି ନ ଥିଲା। ତେଣୁ ଅସୁରକ୍ଷିତ ଆଫଗାନିସ୍ତାନରେ ଏବେ ବି ସୁରକ୍ଷିତ ହୋଇ ରହିଛି ବହୁ କୋଟି ଟଙ୍କା ମୂଲ୍ୟର ଧାତୁ। ଏସବୁକୁ ଠିକ୍ ଭାବେ ଉତ୍ତୋଳନ କରାଯାଇପାରିଲେ ଆଫଗାନିସ୍ତାନ ବିଶ୍ୱର ସମୃଦ୍ଧଶାଳୀ ରାଷ୍ଟ୍ର ମଧ୍ୟରେ ନିଜକୁ ସାମିଲ କରିପାରିବ। ହେଲେ ତାଲିବାନ ଶାସନରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିବା ଦେଶରେ ଗୃହଯୁଦ୍ଧ ମୁଣ୍ଡ ଟେକିବା ପରେ ଏଭଳି ଧାତବ ଖଣିଜ ସମ୍ପଦର ଉତ୍ତୋଳନ ଏବଂ ଠିକ୍ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷେ ଆଫ୍‌ଗାନିସ୍ତାନରେ ତାଲିବାନ ଶାସନକୁ ପାକିସ୍ତାନ, ଚାଇନା ଖୋଲାଖୋଲି ସମର୍ଥନ ଦେଉଥିବାବେଳେ ଏବେ ସେଥିରେ ସଦ୍ୟତମ ରାଷ୍ଟ୍ରଭାବେ ସାମିଲ ହୋଇଛି ରୁଷିଆ। ଆଫ୍‌ଗାନିସ୍ତାନରେ ବିପୁଳ ବିଦେଶୀ ପୁଞ୍ଜି ଲଗାଇଥିବା ଏବଂ ଔଦ୍ୟୋଗିକ ସାମଗ୍ରୀ ନିର୍ମାଣରେ ଆଗୁଆ ଚାଇନା ଏଭଳି ସମ୍ପଦ ଉପରେ ଆଖି ପକାଇବା ସ୍ୱାଭାବିକ। ଏଥିପୂର୍ବରୁ ମେଟଲର୍ଜିକାଲ କର୍ପୋରେଶନ ଅଫ୍ ଚାଇନା (ଏମ୍‌ସିସି) ଆଫ୍‌ଗାନିସ୍ତାନର ଲୋଗାର ପ୍ରଦେଶର ବିସ୍ତୃତ ଜମିକୁ ତମ୍ବା ଖନନ ଲାଗି ୩୦ ବର୍ଷିଆ ଲିଜ୍ ସୂତ୍ରରେ ନେଇଛି। ପାକିସ୍ତାନ, ରୁଷିଆ ମଧ୍ୟ ସୁଯୋଗ ଅପେକ୍ଷାରେ ରହିଛନ୍ତି। ଅନୁରୂପ ଭାବେ ବେଆଇନ ଡ୍ରଗ୍ସ ଚାଲାଣରୁ କୋଟି କୋଟି ଆଫ୍‌ଗାନ ଆଫଗାନୀ (ଦେଶୀୟ ମୁଦ୍ରା) ରୋଜଗାର କରୁଥିବା ତାଲିବାନ ନିଜର ଭାବମୂର୍ତ୍ତି ସୁଧାର ଲାଗି କୌଣସି ସ୍ଥିତିରେ ଏହାକୁ ହାତଛଡ଼ା କରିବ ନାହିଁ। ହେଲେ ଏ ଦିଗରେ ରହିଛି ବୈଷୟିକ ସମସ୍ୟା। କାରଣ ଯୁଦ୍ଧଖୋର ତଥା ରୂଢ଼ିବାଦୀ ତାଲିବାନୀ ଅତ୍ୟାଧୁନିକ ଜ୍ଞାନକୌଶଳଠାରୁ ବହୁ ଦୂରରେ। ତେଣୁ ଖଣିଜ ଖନନ ଲାଗି ସେମାନେ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭର କରିବେ। ଏହା ହେଲେ ଚାଇନା, ପାକିସ୍ତାନ, ରୁଷିଆ ଆଗରେ ରହିବେ। କୌଣସି ପରିସ୍ଥିତିରେ ତାଲିବାନ ଗୋଷ୍ଠୀ ନିଜର ଅଭିସନ୍ଧିରେ ସଫଳ ହେଲେ ଦେଶର ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଏବଂ ଦୈନିକ ମୁଣ୍ଡପିଛା ଆୟ ୨ ଡଲାରରେ ସୀମିତ ଥିବା ୯୦% ନାଗରିକଙ୍କ ଭାଗ୍ୟ ଖୋଲିଯିବ। ତେବେ ଆଭ୍ୟନ୍ତରୀଣ ଶାନ୍ତି ଓ ସ୍ଥିରତା ବ୍ୟାହତ ହେଲେ ଏହା ସହଜ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ଲିଥିୟମ୍, କପର, ଜୀବାଶ୍ମ ଇନ୍ଧନର ଭଣ୍ଡାର

ଭବିଷ୍ୟତର ପରିବେଶ ଅନୁକୂଳ ଇନ୍ଧନ ହେଉଛି ଲିଥିୟମ। ପେଟ୍ରୋଲ, ଡିଜେଲ ଭଳି ସୀମିତ ଜୀବାଶ୍ମ ଇନ୍ଧନ ଭଣ୍ଡାର ଶେଷ ହୋଇଯିବା ପରେ ଆଗାମୀ ଦିନରେ ଏହା ଉପରେ ନିର୍ଭରଶୀଳତା ବଢ଼ିବ। କାରଣ ଇଲେକ୍ଟ୍ରିକ୍ ଯାନ, ଲାପ୍‌ଟପ୍, ସ୍ମାର୍ଟଫୋନ ଭଳି ଯୁଗୋପଯୋଗୀ ସାମଗ୍ରୀରେ ବ୍ୟବହୃତ ବ୍ୟାଟେରି ପାଇଁ ଏକ ଜରୁରୀ ସାମଗ୍ରୀ ହେଉଛି ଲିଥିୟମ। ବିଶ୍ୱତାପନ ସମସ୍ୟାର ଆହ୍ୱାନରେ ତାପମାତ୍ରା କମାଇବା ଲାଗି ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ର ଗୁରୁତ୍ୱ ଦେଉଥିବାବେଳେ ଲିଥିୟମ ବ୍ୟାଟେରିର ଚାହିଦା ବଢ଼ିଛି। ଗତ କିଛିବର୍ଷ ମଧ୍ୟରେ ଲିଥିୟମ୍‌ର ଆବଶ୍ୟକତା ୬%ରୁ ବୃଦ୍ଧି ପାଇ ୨୦%ରେ ପହଞ୍ଚିଛି। ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବଲିଭିଆ ପରେ ଆଫ୍‌ଗାନିସ୍ତାନରେ ଲିଥିୟମର ଦ୍ୱିତୀୟ ବୃହତ୍ତମ ଭଣ୍ଡାର ରହିଥିବା ସର୍ଭେରୁ ଜଣାପଡ଼ିଛି। ସେହିପରି ତମ୍ବାର ଚାହିଦା ୪୩% ଯାଏ ବୃଦ୍ଧି ପାଇଛି। ଆଫ୍‌ଗାନିସ୍ତାନର ମୋଟ ପ୍ରାକୃତିକ ଖଣିଜର ଏକ ଚତୁର୍ଥାଂଶ ତମ୍ବା। ୨୦୧୯ରେ ଅଫ୍‌ଗାନିସ୍ତାନ ଖଣି ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆଫ୍‌ଗାନ୍ ଭୂଗର୍ଭରେ ମୋଟ ୩୦ ମିଲିୟନ ଟନ୍ ତମ୍ବା ଗଚ୍ଛିତ ରହିଛି। ସେହିବର୍ଷ ଅନ୍ୟ ଏକ ରିପୋର୍ଟରେ ପୃଥକ୍ ସ୍ଥାନରେ ୨୮.୫ ମିଲିୟନ ଟନ୍ ତମ୍ବା ଗଚ୍ଛିତ ଥିବା କୁହାଯାଇଥିଲା। ଏହାକୁ ଦେଖିଲେ ଦେଶରେ ହାରାହାରି ୬୦ ମିଲିୟନ ଟନ୍ ତମ୍ବା ଖନନ ଅପେକ୍ଷାରେ ରହିଛି। ସେହିପରି ୨.୨ ବିଲିୟନ ଟନ୍ ଇସ୍ପାତ ଶିଳ୍ପରେ ବ୍ୟବହାରଯୋଗ୍ୟ ଆଇରନ୍ (ଯାହାର ବର୍ତ୍ତମାନର ବଜାର ଦର ୩୫୦ ବିଲିୟନ ଡଲାର), ୨୭୦୦ କେଜି ସୁନା (ବଜାର ଦର ୧୭୦ ମିଲିୟନ ଡଲାର) ରହିଥିବା ସର୍ଭେରୁ ଜଣାପଡ଼ିଛି। ଏଥିସହ ୧୭ ପ୍ରକାରର ମୋଟ ୧.୪ ମିଲିୟନ ଟନ୍ ଦୁର୍ଲଭ ଖଣିଜ ରହିଛି। ଏହାକୁ ବାଦ୍‌ଦେଲେ ଆଫଗାନିସ୍ତାନ ହାର୍‌ବରରେ ୧.୬ ବିଲିୟନ ବ୍ୟାରେଲ ଅଶୋଧିତ ତେଲ, ୧୬ ଟ୍ରିଲିୟନ ଘନଫୁଟ ପ୍ରାକୃତିକ ଗ୍ୟାସ୍ ଏବଂ ଅନ୍ୟତ୍ର ୫୦୦ ମିଲିୟନ ବ୍ୟାରେଲ ପ୍ରାକୃତିକ ଗ୍ୟାସ୍ ମହଜୁଦ ରହିଛି। ଅଧିକାଂଶ ଜୀବାଶ୍ମ ଇନ୍ଧନ ଆଫଗାନ-ତାଜିକ୍ ବେସିନରେ ରହିଥିବା ସ୍ପଷ୍ଟ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମ୍ପର୍କୀୟ ସମସ୍ୟାଜନିତ କାମଗୁଡ଼ିକ ଧିମାଗତିରେ ଚାଲିବ। ଭଲ ସମ୍ପର୍କ ରହିଥିବା ବନ୍ଧୁମାନଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ତୋଷଜନକ ନ ହୋଇପାରେ। ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ ତଥା ପରିବହନରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବ। କଠିନ ଶ୍ରମ ଓ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ**
ଶାରୀରିକ ଅସୁସ୍ଥତା ସଙ୍ଗକୁ ମାନସିକ ଅଶାନ୍ତି କାମ ସକାଶେ ପ୍ରତିବନ୍ଧକ ସୃଷ୍ଟିକରିବ। ପାରିବାରିକ ସମସ୍ୟା ବିଷୟ ଚିନ୍ତା କରିବାରୁ ମାନସିକ ସ୍ଥିରତା ରହିବ ନାହିଁ। ରାହୁଙ୍କ କୁପ୍ରଭାବରୁ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନ ବଳାଇବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ**
ଉପରିସ୍ଥଙ୍କ ଅନୁକମ୍ପାରୁ ସ୍ଥଗିତ କାମ ସୁବିଧାରେ ହୋଇଯିବ। ଅବଶ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ସାମାନ୍ୟ ସୂଚନା ରହିଛି। ଆଲୋଚନା ପରିସରରେ ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର ଦ୍ୱନ୍ଦ୍ୱାତ୍ମକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଆନୁଷ୍ଠାନିକ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ।

**କର୍କଟ**
ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ଶତ୍ରୁତାଜନିତ ନିର୍ମାଣକାର୍ଯ୍ୟ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ଅର୍ଥହାନି ଓ କାର୍ଯ୍ୟସମ୍ପନ୍ନରେ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ନିଜ ଲୋକମାନଙ୍କ ଉପରେ ରାଗି ବିନା କାରଣରେ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଲାଭ କରି ଅଟକିଥିବା କାମ ହାସଲ କରିବେ। ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବନ୍ଧୁଗହଣରେ ଅପ୍ରିୟ ସତ୍ୟ କହି ପ୍ରିୟବ୍ୟକ୍ତିଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ବ୍ୟବସାୟ ଓ ପରିବହନରେ ଉନ୍ନତି ସଙ୍ଗକୁ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ।

**କନ୍ୟା**
ପର କଥାରେ ପଡ଼ି ଘରଲୋକଙ୍କୁ ଅବିଶ୍ୱାସ କଲେ ହଇରାଣ ହେବେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇବେ। ଚିତ୍ରା ନକ୍ଷତ୍ରର ଅପୂରଣୀୟ ଆଶା ମନକୁ ବାରମ୍ବାର ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ଓ ଏପରି କି ପରିବହନରେ ମଧ୍ୟ ଲାଭବାନ ମଧ୍ୟ ହେବେ।

**ତୁଳା**
ପ୍ରତିଯୋଗିତା, ମାଲିମକଦ୍ଦମା ଓ ବିବାଦୀୟ ଘଟଣାରେ ବିଜୟ ଅବଶ୍ୟମ୍ଭାବୀ। ଆବଶ୍ୟକ ସମୟରେ ପାଖରେ ନ ଥିବା ଜିନିଷଟି ସକାଶେ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ। ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ ଓ ସାମାଜିକ ସ୍ତରରେ ସ୍ନେହ, ସଦିଚ୍ଛା ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ଦେଖାଦେବ।

**ବିଛା**
ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବାର ସୂଚନା ପୂର୍ଣ୍ଣମାତ୍ରାରେ ରହିଛି। ଆର୍ଥିକ ସ୍ଥିତିରେ ଅଭାବ ପରିସ୍ଥିତି ସୃଷ୍ଟି ହୋଇପାରେ, କିନ୍ତୁ ବନ୍ଧୁଙ୍କ ସାହାଯ୍ୟରୁ ସେହି ସମସ୍ୟା ରହି ନ ପାରେ। କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଙ୍କ ଯୋଗୁ ଘର କଥା ଓ ପିଲାମାନଙ୍କ କିଛି ବ୍ୟତିକ୍ରମ ହେତୁ ମନଟା ଅସ୍ଥିର ରହିବ। ଅବଶ୍ୟ ଆଜିର ଯାତ୍ରା, ପରିବହନ, ବ୍ୟବସାୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିପରୀତ ମନ୍ତବ୍ୟ ଦେଇପାରନ୍ତି।

**ମକର**
ଆଜି ସକାଳୁ ସକାଳୁ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ଅବଶ୍ୟ ପାଇବେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର ଏଜେନ୍ସି, ସାମ୍ବାଦିକତା, ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କୁମ୍ଭ**
ସମୟର ବିଡ଼ମ୍ବନା କାରଣରୁ ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହୋଇପାରନ୍ତି। ଜଣେ ବନ୍ଧୁଙ୍କ ଦ୍ୱାରା ସମସ୍ୟା ସମାଧାନ କରିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବାର ଆଶା ରହିଛି। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରି ପାରିବେ ଏବଂ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ମଧ୍ୟ ମନ୍ଦ ହେବନି।

**ମୀନ**
କାମଗୁଡ଼ିକର ଅଗ୍ରଗତି ସଙ୍ଗକୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। କିଛି ଲୋକଙ୍କ ମିଥ୍ୟାରୋପ କ୍ରମେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡ଼ିବ। କଳା, କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ସଫଳତା ହାସଲ କରିବେ।

## ପୁଣି ଡିଜେଲ ୨୧ପଇସା ...

ଲିଟର ପିଛା ୧୦୨.୬୬ ଟଙ୍କାରେ କାରବାର ହେଉଛି। ସେହିଭଳି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ଉପରେ ୨୦ ପଇସା ହ୍ରାସ ଘଟିଥିବା ଜଣାପଡିଛି। ଏହି ଦର ହ୍ରାସ ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୯.୨୭ ଟଙ୍କାରେ କାରବାର ହେଉଛି। ସେହିପରି ନୂଆଦିଲ୍ଲୀରେ ମଧ୍ୟ ପେଟ୍ରୋଲ ଦର ସ୍ଥିର ରହିବା ସହ ଲିଟର ପିଛା ୧୦୧.୮୪ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ଡିଜେଲ ଦର ଯଥାକ୍ରମ ୯୩.୮୪ ଟଙ୍କା, ୯୨.୩୨ ଟଙ୍କା ଏବଂ ୯୬,୮୪ ଟଙ୍କା ରହିଛି। ଏହିସବୁ ମେଟ୍ରୋ ସହରରେ ମଧ୍ୟ ପେଟ୍ରୋଲ ପୂର୍ବ ପରି ସ୍ଥିର ଅଛି।



# classifieds Everyday
0674-2580101, 2549302




**SALE**

ମୋ ନିଜସ୍ୱ ପ୍ଲଟ୍ ଭୁବନେଶ୍ୱର କଳିଙ୍ଗ ବିହାରରେ ସବୁ ସୁବିଧା ଥାଇ ବିକ୍ରିହେବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 8327745669. D-21407

2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254. D-70886

Duplex, Prime location Bhubaneswar (CHAKAISIANI). 93 Lacs. Do not call if you want to pay cash or black money. Whatsapp: 7008560412 / 9437313333. D-21371

1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891. D-21159

Bhubaneswar plot/ land available near AIIMS Hospital sqft.- 550/-, 900/-, 2200/- & at Janla-1000/-, Contact: 9583174462. D-70885

30'road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422. D-70879

Hanspal ଏବଂ Balianta ରେ ପ୍ଲଟ୍ ବିକ୍ରି ନିମନ୍ତେ marketing agent ଯୋଗାଯୋଗ କରନ୍ତୁ। 7653882633. D-21365

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-21279

1Acre & 3Acres sthitiban Patta plot with boundarywall at Khurda (Dadhimachagadia) connecting 40ft. Pitch road, 900mtrs from NH-16. Suitable for commercial/ Industrial/ Farmhouse (acre 60lakhs) Contact: 8338991113, 9338342502. D-71135

2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989. D-70890

ଭୁବନେଶ୍ୱର-ଖୋର୍ଦ୍ଧା ରୋଡ୍ ଜଟଣୀ ଗେଟ୍ ପାଖରେ ଇଲେକ୍ଟ୍ରିଫିକେସନ ଥାଇ ସ୍ଥିତିବାନ demarcated ପ୍ଲଟ୍ କିଣି ଘର କରନ୍ତୁ -9438315973. D-21374

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub 'Grand Bazar' ସମ୍ମୁଖରୁ 1 Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 9078699286. D-70892

2BHK simplex 30,00,000/-, 5BHK duplex 45,00,000/- finishing Hanspal-8093465134, 9668194157. D-70946

**PURCHASE**

ଭୁବନେଶ୍ୱର ଠାରୁ ପୁରୀ ମଧ୍ୟରେ ଖରିଦ୍ ନିମନ୍ତେ ୧୫ ଏକର ଚାଷଜମି ଆବଶ୍ୟକ। ରାସ୍ତାଥିବ ଓ ଜନବସତିଠାରୁ ୪କି.ମି. ଦୂରତା ଅନିର୍ବାଦ୍ୟ । ବବୁନ୍ ପ୍ରଧାନ। ମୋ- 7077972580 ଏକକ ପ୍ଲଟ୍ ବିଶିଷ୍ଟ। ଧ-୭୧୦୦୧




Construct your home with branded material. We provide plan approval, boring, vastu. 7789824989, 9040744989. D-70891

Want a dream home on your own plot assistance for construction, design and development. Contact: K.K. Construction 7008268129, 9439143273. D-71313

Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118. D-70888




Building for rent At- Jagannadh Bhavan, Pita Mahal, Rayagada 12000sqft. 1st floor and 2nd floor genuine parties may contact: 9040018327, 9182855622. D-21405

First Floor furnished Office space at Prime location Unit-IX. 9437057789. D-69990

One Single Room at Kharvel Nagar on Third Floor roof with Kitchen, Bath. Rent. 5000/-, Call- 9437033691. D-70238




Newly open full body massage ladies and gents. 8658471570, 8327740003. D-70469

Lotus SPA newly open positively health benefits/ expert therapist. 8455987557. D-71403

Newly open SPA center positively health benefits by expert therapist, (home service available). 9439008685. D-71402

Refreshing your mind, your body with tha best therapy at Lotus Spa. 8018891951. D-70468

Swarna SPA newly open positively health benefits with expert therapist. 9556978408. D-71133

Monalisa massage Club: All types Body massage with hiprofile smart lady rooms service available. 9708545108. D-21391

**BUSINESS**

Job-Rapido Captainରେ ରେଜିଷ୍ଟ୍ରେସନ୍ ହେବା ପାଇଁ DL, RC & Android Mobile ନେଇ ତଳ ଏଡରେସ୍‌ରେ ଆସନ୍ତୁ ଆଉ 25000/- ଯାଏ ମାସିକ କମାନ୍ତୁ। Address- 40, Pawani Complex, Lane L 4, Jagmohan Nagar, Bhubaneswar. Call & WhatsApp. 9513764947, 080-41434143. D-21338

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁଁ ନୁହେଁ, ସେମାନେ ଚକ୍ରାନ୍ତକାରୀ

**ଓଡ଼ିଶା ରାଜନୀତିର ଜଣାଶୁଣା ଚେହେରା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନିଜର ବ୍ୟକ୍ତିଗତ ରାଜନୈତିକ ଶୈଳୀ ପାଇଁ ବେଶ୍ ପରିଚିତ। ୧୯୬୮ ମସିହାରୁ ଛାତ୍ର ରାଜନୀତିରେ ପାଦ ରଖିଥିବା ଶ୍ରୀକାନ୍ତ ୩ ଥର ବିଧାନସଭାକୁ ଏବଂ ୪ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଏହା ଭିତରେ ସେ ୪ ଥର କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି। ପ୍ରଥମେ କଂଗ୍ରେସ ପରେ ଜନତାଦଳ ଏବଂ ଶେଷରେ ପୁଣିଥରେ କଂଗ୍ରେସକୁ ଫେରିଥିବା ଶ୍ରୀକାନ୍ତ ରାଜନୈତିକ ଜୀବନରେ ବହୁ ସଫଳତା ପାଇଛନ୍ତି। ୨୦୧୯ରୁ କଂଗ୍ରେସ ଦଳରୁ ବହିଷ୍କୃତ ହୋଇଥିବା ଶ୍ରୀକାନ୍ତ ଗତଥର ନିର୍ବାଚନ ଲଢ଼ି ନ ଥିବାବେଳେ ତାଙ୍କ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ରାଜନୀତି ନେଇ ଧରିତ୍ରୀ ତରଫରୁ ସୁନୀତ୍ ମିଶ୍ରଙ୍କ ସହ ସ୍ୱତନ୍ତ୍ର ଆଳାପ...**



ଶ୍ରୀକାନ୍ତ ଜେନା

**ଧରିତ୍ରୀ ଆଳାପ**

**ପ୍ର– ଆପଣ ଭୋଟ ରାଜନୀତିରେ କେବେଠାରୁ ପ୍ରବେଶ କଲେ?**

ଉତ୍ତର: ସେମିତିଦେଖିଲେ ଡ୍ରାମାଟିକ ସେକ୍ରେଟାରି ଭାବେ ୧୯୬୮ରେ ପ୍ରଥମେ କେନ୍ଦ୍ରାପଡ଼ା କଲେଜରୁ ନିର୍ବାଚନ ଲଢ଼ିଥିଲି। ଏହାପରେ ୧୯୬୯ରେ କେନ୍ଦ୍ରାପଡ଼ା କଲେଜ ଛାତ୍ର ସଂସଦ ସଭାପତି ଭାବେ ବିଜୟୀ ହୋଇଥିଲି।

**ପ୍ର– ଛାତ୍ର ଜୀବନରୁ ଆପଣ ରାଜନୀତିରେ ସମ୍ପୃକ୍ତ ଅଛନ୍ତି । ପରବର୍ତ୍ତୀ ସମୟରେ ଆପଣଙ୍କୁ ଚକ୍ରାନ୍ତ ଜେନା ବୋଲି କାହିଁକି କୁହାଗଲା?**

ଉତ୍ତର: (ରାଗିଗଲେ)ମୋର ବହୁତ ବନ୍ଧୁ ଅଛନ୍ତି, ଯେଉଁମାନେ ମତେ ଚକ୍ରାନ୍ତ ଜେନା ବୋଲି କୁହନ୍ତି(ହସିଲେ)। ରାଜ୍ୟରେ ଖଣି ଚୋରି ପ୍ରସଙ୍ଗ ଉଠାଇବା ପରେ ଏହି ବନ୍ଧୁମାନେ ମୁଁ ଚକ୍ରାନ୍ତ ଜେନା ଭାବେ ବୋଲି ପ୍ରଚାର କରିଚାଲିଲେ। ଖଣି ଚୋରିର କଳାଟଙ୍କାରେ ତାଙ୍କ ପ୍ରଚାରତନ୍ତ୍ର ପ୍ରଭାବଶାଳୀ ହୋଇଛି। ସେଥିରେ ସେମାନେ ମତେ ଚକ୍ରାନ୍ତ ଜେନା ବୋଲି ଆକ୍ଷେପକରି ଲେଖିଲେ। ସେଇକଥା ସବୁବେଳେ ଆଲୋଚନା ହେଲା। ଭଲ ହେଉ ବା ଖରାପ ସେମାନେ ସବୁବେଳେ ମୋ ନାଁକୁ ପ୍ରଚାର କରିବାରେ ସାହାଯ୍ୟ କଲେ। ସତ କହିବା ଯଦି ଚକ୍ରାନ୍ତ, ତେବେ ମୁଁ ବାରମ୍ବାର କହିବି। କେଉଁ ଗୋଟିଏ କଥାରେ ମୁଁ ଚକ୍ରାନ୍ତ କରିଛି କେହି ଦେଖାନ୍ତୁ ତ।

**ପ୍ର– ଆପଣ ବିଜୁ ପଟ୍ଟନାୟକଙ୍କୁ ପ୍ରଧାନମନ୍ତ୍ରୀ କରାଇ ନ ଦେବାକୁ ଚକ୍ରାନ୍ତ କରିଥିବା ଅନେକ ସ୍ଥାନରେ ଆଲୋଚନା ହୁଏ। ଏହାକୁ ନେଇ ଆପଣ କ'ଣ କହିବେ?**

ଉତ୍ତର: ଯେଉଁମାନେ ବିଜୁ ପଟ୍ଟନାୟକଙ୍କୁ ହତ୍ୟାକାରୀ ବୋଲି ପ୍ରଚାରକରି ତାଙ୍କ ପ୍ରତିଷ୍ଠାରେ ଆଞ୍ଚ ଆଣିବାକୁ ଉଦ୍ୟମ କରିଥିଲେ ସେମାନେ ଆଜି ସବୁଠାରୁ ବଡ଼ ବିଜୁ ଭକ୍ତ ପାଲଟିଛନ୍ତି। ୧୯୬୪ରେ ଅଖିଳ ଭାରତ କଂଗ୍ରେସ କମିଟି ବୈଠକ ଭୁବନେଶ୍ୱରଠାରେ ବସିଥିଲା। ଓଡ଼ିଶାରେ ବିଜୁ ପଟ୍ଟନାୟକ କଂଗ୍ରେସର ପ୍ରମୁଖ ନେତା ଥାଆନ୍ତି। ସେତେବେଳେ କଂଗ୍ରେସ ସେବା ଦଳର ଜଣେ ମହିଳା କର୍ମୀଙ୍କ ମୃତ୍ୟୁ ଘଟିଲା। ସେହି ମୃତ୍ୟୁ ଘଟଣା ସହ ବିଜୁ ପଟ୍ଟନାୟକଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ସେମାନେ ପ୍ରଚାର ଚଳାଇଲେ। ଯେଉଁମାନେ ବିଜୁବାବୁଙ୍କ ନାଁରେ ଭିଜିଲାନ୍ସ ମାମଲା କରି ଚାର୍ଜଶିଟ୍ ଦେଇଥିଲେ ସେମାନେ ମୋ ବିରୋଧରେ ଏସବୁ ପ୍ରଚାର କରିଛନ୍ତି। ସେମାନେ ସେହି ଚାର୍ଜଶିଟ୍ ନେଇ ବିଜୁବାବୁଙ୍କୁ କେନ୍ଦ୍ରମନ୍ତ୍ରୀ କରାଇ ନ ଦେବାକୁ ଦିଲ୍ଲୀରେ ବାଣ୍ଟିଥିଲେ। ସେମାନେ ହିଁ ସବୁକିଛି କରିବା ସହ ବିଜୁବାବୁଙ୍କୁ ପ୍ରଧାନମନ୍ତ୍ରୀ କରାଇ ଦେଇନାହାନ୍ତି। ବିଜୁବାବୁ ନିଜେ ଦେବେଗୌଡ଼ାଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପାଇଁ ପ୍ରସ୍ତାବ ଦେଇଥିଲେ।

**ପ୍ର– ଏହିସବୁ ଘଟଣାରେ ଆପଣଙ୍କ ସମ୍ପୃକ୍ତି ଥିବା ନେଇ କାହିଁକି ସେମାନେ ଅଭିଯୋଗ ଆଣିଲେ, ଅନ୍ୟ କାହା ନାଁ କାହିଁକି ଏଥିରେ ଉଠିଲା ନାହିଁ?**

ଉତ୍ତର: ପ୍ରଥମରୁ ମୁଁ ସେମାନଙ୍କ ଖଣି ଚୋରି ପ୍ରସଙ୍ଗ ଉଠାଇ ଆସୁଥିବା ବେଳେ ପରବର୍ତ୍ତୀ ସମୟରେ କଟକ ଲୋକ ସଭା ଆସନରୁ ୧୯୮୯ରେ ଜୟନ୍ତୀ ଦେବୀ ଏବଂ ୧୯୯୧ରେ ଜାନକୀ ପଟ୍ଟନାୟକଙ୍କ ବିରୋଧରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲି। ଏହି କଥାକୁ ଆଜି ପର୍ଯ୍ୟନ୍ତ ବହୁ ଲୋକ ସହ୍ୟ କରିପାରୁ ନାହାନ୍ତି। ସେଥିପାଇଁ ସେମାନେ ମୋ ବିରୋଧରେ ନିଜ ପ୍ରଚାରତନ୍ତ୍ର ମାଧ୍ୟମରେ ଏମିତି ପ୍ରଚାର କରିବାରେ ବ୍ୟସ୍ତ।

**ପ୍ର– ଆପଣଙ୍କ ନାଁରେ କେଉଁମାନେ ଏମିତି ସବୁ ପ୍ରଚାର କରୁଛନ୍ତି। ସେନେଇ ଲୋକଙ୍କୁ ଜଣାଇବାକୁ ଚାହିଁବେ କି?**

ଉତ୍ତର: ଯେତିକି କଥା କହିଲିଣି ସେଥିରୁ ସମସ୍ତେ ବୁଝିପାରୁଥିବେ। ନାଁ କହିବାର ଆବଶ୍ୟକତା ନାହିଁ। ଯେଉଁମାନେ ଇତିହାସକୁ ଭଲରେ ଦେଖିଥିବେ ସେମାନେ ଠିକ୍ ଜାଣିଥିବେ କେଉଁମାନେ ପ୍ରକୃତ ଚକ୍ରାନ୍ତକାରୀ।

**ପ୍ର– ଏହିସବୁ ଘଟଣା ରାଜନୀତିରେ ଆପଣଙ୍କ ଗୁରୁତ୍ୱ ହ୍ରାସର କାରଣ ବୋଲି ଭାବୁଛନ୍ତି କି?**

ଉତ୍ତର: ମୋର କିଛି ଗୁରୁତ୍ୱ ହ୍ରାସ ହୋଇଥିଲା ଭଳି ଲାଗୁନି। ଆଗରୁ କ'ଣ ଗୁରୁତ୍ୱ ଥିଲା ଏବଂ ବର୍ତ୍ତମାନ କ'ଣ କମିଛି ଜାଣିପାରୁନି। ଅନେକ ଲୋକ ଆଗରୁ କେନ୍ଦ୍ରମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଥିଲେ ଯେଉଁମାନେ ଏବେ କଛି ପଦବୀରେ ନାହାନ୍ତି। ତେବେ ସେମାନଙ୍କ ଗୁରୁତ୍ୱ କ'ଣ ଏବେ ଆଉ ନାହିଁ। ପଦବୀ କେବେ ଜଣେ ରାଜନୈତିକ ବ୍ୟକ୍ତିର ପ୍ରତିଷ୍ଠାର ମାପକାଠି ନୁହେଁ। ରାଜନୀତିରେ ସବୁଠାରୁ ବଡ଼ କଥା ହେଉଛି ନିଜ ଚରିତ୍ର ଆଉ ପ୍ରତିବଦ୍ଧତା।

**ପ୍ର– ସାଧାରଣରେ ଆଲୋଚନା ହୁଏ ଆପଣ କୌଣସି ନିର୍ବାଚନମଣ୍ଡଳୀକୁ ଆନ୍ତରିକତାର ସହ ଭଲ ପାଆନ୍ତି ନାହିଁ। ସେଥିଲାଗି ସବୁ ନିର୍ବାଚନରେ କୁଆଡ଼େ ଆସନ ପରିବର୍ତ୍ତନ କରିଆସିଛନ୍ତି ବୋଲି ଆଲୋଚନା ହୁଏ। ଏହାର ସତ୍ୟତା କ'ଣ?**

ଉତ୍ତର: ଅବିଭକ୍ତ କଟକ ଜିଲାର ବରୀ–ଡେରାବିଶ ବିଧାନସଭା ଆସନରୁ ୩ ଥର ଲଗାତର ବିଧାୟକ ହୋଇଛି। ଏହାପରେ ଜନତା ଦଳ ତରଫରୁ ୨ ଥର ୧୯୮୯ ଏବଂ ୧୯୯୧ରେ କଟକ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିବାକୁ କୁହାଗଲା ଏବଂ ଜିତିଥିଲି। ଜାନକୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଏବଂ ଜୟନ୍ତୀ ଦେବୀ ସର୍ବଭାରତୀୟ ମହିଳା କଂଗ୍ରେସ ସଭାପତି ଥାଆନ୍ତି। ୧୯୮୯ରେ ଜନତା ଦଳର ବହୁ ନେତା ଜୟନ୍ତୀଙ୍କ ବିରୋଧରେ ସେଠାରେ ନିର୍ବାଚନ ଲଢ଼ିବା ଲାଗି ମନା କରିଦେଲେ। ୧୯୯୧ରେ ଜାନକୀ ପଟ୍ଟନାୟକଙ୍କ ବିରୋଧରେ କଟକ ଲୋକ ସଭା ଆସନରୁ ଲଢ଼ି ପୁଣିଥରେ ବିଜୟୀ ହେଲି। ସେତେବେଳେ ଚାହିଁଥିଲେ ଆସନ ପରିବର୍ତ୍ତନ କରିପାରିଥାଆନ୍ତି। ପରବର୍ତ୍ତୀ ସମୟରେ ବିଜୁବାବୁ କଟକ ଏବଂ ଆସ୍କାରୁ ଲଢ଼ିବାକୁ କହିଲେ। ଏହାପରେ ମୁଁ କେନ୍ଦ୍ରାପଡ଼ା ଆସନରୁ ଲଢ଼ିଲି। ପରବର୍ତ୍ତୀ ସମୟରେ କଂଗ୍ରେସରେ ଯୋଗଦେବା ପରେ ରଞ୍ଜିବ ବିଶ୍ୱାଳ କହିଲେ, କେନ୍ଦ୍ରାପଡ଼ାରୁ ଲଢ଼ିବେ। ଏହାପରେ ମତେ ବାଲେଶ୍ୱରରୁ ଲଢ଼ିବାକୁ କୁହାଗଲା। ମୋର କେଉଁ ଆସନରେ ଲଢ଼ିବା ପାଇଁ ଆନ୍ତରିକତା ନାହିଁ ବୋଲି କେତେଜଣ ଲୋକ ଜାଣିଶୁଣି ପ୍ରଚାର କରନ୍ତି।

**ପ୍ର– ଏତେ ବଡ଼ ବଡ଼ ନେତାଙ୍କ ବିରୋଧରେ ଜିତିବା ସତ୍ତ୍ୱେ ୨୦୧୪ରେ ନିର୍ବାଚନ କାହିଁକି ହାରିଲେ ଏବଂ ୨୦୧୯ରେ କାହିଁକି ଲଢ଼ିଲେ ନାହିଁ?**

ଉତ୍ତର: ନିର୍ବାଚନରେ ହାରଜିତ୍ କିଛି ନୂଆ କଥା ନୁହେଁ। ୨୦୧୯ ନିର୍ବାଚନ ବେଳକୁ କଂଗ୍ରେସରୁ ବାହାରି ଆସିଥିଲି। ସେତେବେଳେ ଦଳରେ ମତେ ଇସ୍ତାହାର କମିଟି ଅଧ୍ୟକ୍ଷ କରାଯାଇଥିଲା। ମୁଁ ଇସ୍ତାହାରରେ ୩ଟି କଥାକୁ ଗୁରୁତ୍ୱ ଦେଇଥିଲି। ଯଦି କଂଗ୍ରେସ ରାଜ୍ୟରେ କ୍ଷମତାକୁ ଆସେ ପ୍ରଥମ କାର୍ଯ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏସ୍‌ସି, ଏସ୍‌ଟି କିମ୍ବା ଓବିସି ବର୍ଗରୁ ରହିବେ। ୩ ଜଣ ଉପମୁଖ୍ୟମନ୍ତ୍ରୀ ରହିବେ। ଯେଉଁମାନେ ଖଣି ଚୋରି କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଓଡ଼ିଶାରେ ମଣ୍ଡଳ କମିଶନ ଲାଗୁ କରାଯିବ। ହେଲେ କଂଗ୍ରେସ ବାଲାଙ୍କୁ ଏସବୁ କଥା ଭଲ ଲାଗିଲା ନାହିଁ। ଦଳରୁ କାଢ଼ିଦେଲେ ଏବଂ ଏହାପରେ ଭୋଟ ଲଢ଼ିବା ଠିକ୍ ନୁହେଁ ବୋଲି ଭାବିଲି।

**ପ୍ର– ଆପଣ ସବୁବେଳେ ପଛୁଆବର୍ଗଙ୍କ ନେତା ହେବାକୁ ଚେଷ୍ଟା କରିଛନ୍ତି। ଓଡ଼ିଶାରେ ଉଚ୍ଚଜାତିଙ୍କ ସଂଖ୍ୟା କମ୍ ଥିବାବେଳେ ପଛୁଆବର୍ଗଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ମଣ୍ଡଳ କମିଶନ ଲାଗୁହେବା ସପକ୍ଷରେ ଆଗ୍ରହୀ ଥିବା ସତ୍ତ୍ୱେ ଆପଣ ଜଣେ ଲାଲୁ କି ନୀତୀଶ ହେବାରେ ଅସଫଳ କାହିଁକି ହେଲେ?**

ଉତ୍ତର: ନୀତୀଶ କୁମାର ଓ ଲାଲୁ ଯାଦବ ମଣ୍ଡଳ ଅଭିଯାନରୁ ଆସି ନେତା ହୋଇପାରିଛନ୍ତି। ସେହିପରି ମୁଲାୟମ ସିଂ ଯାଦବ ଏବଂ ମାୟାବତୀ ମଧ୍ୟ ମଣ୍ଡଳ ଆନ୍ଦୋଳନରୁ ଆସିଛନ୍ତି। ଯେହେତୁ ସାମାଜିକ ସ୍ତରରେ ନୀତୀଶ ଓ ଲାଲୁ ଯାଦବ ଏକଥାକୁ ବ୍ୟାପକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇପାରିଲେ ଏବଂ ରାଜନୈତିକ ଦଳଗୁଡ଼ିକ ଏ କଥାରେ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିପାରିବାରୁ ଏହାର ପରିଣାମ ସ୍ୱରୂପ ସେମାନେ ଉପକୃତ ହୋଇଛନ୍ତି।

**ପ୍ର– ଓଡ଼ିଶାରେ କାହିଁକି ଏହା ସଫଳ ହୋଇପାରିଲା ନାହିଁ, ଆପଣ ତ ସବୁବେଳେ ମଣ୍ଡଳ କମିଶନ ସପକ୍ଷରେ ଥିଲେ?**

ଉତ୍ତର: ଓଡ଼ିଶା ରାଜନେତାମାନଙ୍କ ମାନସିକତା ଏବଂ ଲୋକଙ୍କୁ ସଚେତନ କରାଇବା ଉପରେ ଏହା ନିର୍ଭରକରେ। ଜୟନ୍ତୀ ଦେବୀଙ୍କଠାରୁ ଜିତିବା ପରେ ମଣ୍ଡଳ ଆନ୍ଦୋଳନ ବ୍ୟାପକ ହୋଇଥିଲା। ଏହାପରେ ପୁଣିଥରେ ନିର୍ବାଚନ ଲଢ଼ିବା ସହ ପ୍ରତି ସଭାରେ ମଣ୍ଡଳ କ'ଣ ବୁଝାଇବାକୁ ପଡ଼ିଲା। ରାଜୀବ ଗାନ୍ଧୀଙ୍କ ଦେହାନ୍ତ ସେହି ସମୟରେ ହେଲା। ଜାନକୀ ପଟ୍ଟନାୟକ ନିର୍ବାଚନ ଲଢ଼ିଲେ, ହେଲେ ମୁଁ ତାଙ୍କ ବିରୋଧରେ ଜିତିଲି। ସେତେବେଳେ ଲୋକଙ୍କ ନିକଟରେ ଜନତା ଦଳ ଯେମିତି ମଣ୍ଡଳ କଥା ପହଞ୍ଚାଇବା କଥା ସେମିତି କରିପାରିଲା ନାହିଁ। ବିଜୁବାବୁ ମଣ୍ଡଳ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ସବୁକଥା ବୁଝି ୨୭ ପ୍ରତିଶତ ସଂରକ୍ଷଣ ଦେଇଥିଲେ।

**ପ୍ର– ସେଥିଯୋଗୁ ଆପଣଙ୍କ ରାଜନୈତିକ ସୃଷ୍ଟିକର୍ତ୍ତା ଭାବେ ବିଜୁ ପଟ୍ଟନାୟକଙ୍କୁ ନିଆଯାଉଥିବା ବେଳେ ଆପଣ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଖୋଲାଖୋଲି ମତ ଦେଇଥିଲେ କି? ସୁଯୋଗ ମିଳିଲେ ଆପଣଙ୍କ ଜୀବନର ସେହି ଚିନ୍ତାଧାରା ବଦଳାଇବେ କି?**

ଉତ୍ତର: ବିଜୁବାବୁଙ୍କୁ କେବେହେଲେ ବିରୋଧ କରିନାହିଁ। ତାଙ୍କ ନିଷ୍ପତ୍ତି ବିରୋଧରେ କହିଛି। ମଣ୍ଡଳ କଥାରେ ବିଜୁବାବୁ ସୁପ୍ରିମକୋର୍ଟ ଗଲେ। ସେତେବେଳେ ତାଙ୍କୁ ମୁଁ ବୁଝାଇଥିଲି। ମୁଁ ଏହି ଘଟଣାରେ ନିଜର ମତ ପରିବର୍ତ୍ତନ କରି ନ ଥିଲି। ବିଜୁବାବୁଙ୍କ ସହ ଯୁକ୍ତିତର୍କ କରିବାରେ ବହୁତ ଆନନ୍ଦ ମିଳିଥାଏ। ବିଜୁବାବୁ କଂଗ୍ରେସରେ ଥିବାବେଳେ ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ମଧ୍ୟ ଅନେକ ଥର ମତ ରଖିଛନ୍ତି। ଯଦି ସେହିସବୁ କଥାରେ ବିଜୁ ପଟ୍ଟନାୟକଙ୍କୁ କେହି ଦୋଷୀ ମନେକରନ୍ତି ତେବେ ମୁଁ ମଧ୍ୟ ନିଜକୁ ଦୋଷୀ ମାନିବି।

**ପ୍ର– ଆପଣ ଭବିଷ୍ୟତରେ ଓଡ଼ିଶା ରାଜନୀତିକୁ କେମିତି ଦେଖୁଛନ୍ତି?**

ଉତ୍ତର: ୨୦୨୪ ନିର୍ବାଚନରେ ଓଡ଼ିଶା ରାଜନୀତିରେ ବ୍ୟାପକ ପରିବର୍ତ୍ତନ ହେବ। ବହୁ ନୂଆ ପିଲା ଓଡ଼ିଶା ରାଜନୀତିକୁ ନିୟନ୍ତ୍ରଣ କରିବେ। ନୂଆ ଚେହେରା ଆସିଲେ ହିଁ ରାଜ୍ୟର ବିକାଶ ହେବ। ସାଧାରଣ ଲୋକମାନେ ମଧ୍ୟ ପରିବର୍ତ୍ତନ ଚାହିଁଲେଣି।

**ପ୍ର– ତେବେ ଆପଣଙ୍କ ରାଜନୈତିକ ସନ୍ଧ୍ୟା ଘଟିଲାଣି ବୋଲି କୁହାଯାଇପାରିବ କି?**

ଉତ୍ତର: କୋଭିଡ୍ ଯୋଗୁ ସବୁକିଛି ବନ୍ଦ ରହିଛି। ନ ହେଲେ ସାମାଜିକ ନ୍ୟାୟ ପାଇଁ ଆନ୍ଦୋଳନ ବ୍ୟାପକ ହୁଅନ୍ତାଣି। ରାଜନୀତି କରିବା ଲାଗି କୌଣସି ଦଳରେ ରହିବା ଜରୁରୀ ନୁହେଁ। ଦଳ ହେଉଛି କେବଳ କୌଣସି ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଏକ ସାହାରା ମାତ୍ର। ରାଜନୀତିରେ ବିଚାର ଓ ପ୍ରତିବଦ୍ଧତାର କେବେ ସନ୍ଧ୍ୟା ନାହିଁ।

## ଗୁରାଣ୍ଡି ଥାନା ଓଆଇସି ମମତାଙ୍କୁ ଜେରା

**ଏସିଏଫ୍ ମୃତ୍ୟୁ ମାମଲା**



ପାରଳାଖେମୁଣ୍ଡି, ୨୦।୮(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାର ରହସ୍ୟରୁ ପରଦା ହଟାଇବାକୁ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି। ଶୁକ୍ରବାର ସପ୍ତମ ଦିନରେ ଗୁରାଣ୍ଡି ଥାନା ଓଆଇସି ମମତା ପଣ୍ଡା ପୁଣି ଜେରାର ସମ୍ମୁଖୀନ ହୋଇଛନ୍ତି। ଦୀର୍ଘ ୪ ଘଣ୍ଟା ଧରି କ୍ରାଇମବ୍ରାଞ୍ଚ ଟିମ୍ ପାରଳାଖେମୁଣ୍ଡି ଥାନା ପରିସରରେ ଓଆଇସି ମମତାଙ୍କୁ ଜେରା କରିଥିବା ବେଳେ ପୂର୍ବତନ ତଦନ୍ତକାରୀ ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି।

ଜେରା ସମୟରେ ମମତା କୌଣସି ମନ୍ତବ୍ୟ ଦେଇ ନ ଥିବା ବେଳେ ସୌମ୍ୟଙ୍କୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତର ସମୟରେ ଫରେଷ୍ଟ ଗେଟ୍ ନିକଟରେ ଆମ୍ବୁଲାନ୍ସ ଅଟକାଇ ମାମଲାରେ ଛନ୍ଦି ହୋଇଥିଲେ ମମତା। ତେବେ ବିଭାଗୀୟ ନିର୍ଦ୍ଦେଶ ନ ଥାଇ ଗୁରାଣ୍ଡି ଥାନା ଅଞ୍ଚଳରୁ ପାରଳାଖେମୁଣ୍ଡି ଥାନା ଅଞ୍ଚଳକୁ କାହିଁକି ଆସିଥିଲେ ମମତା ଏସବୁର ଉତ୍ତର ଖୋଜିଛି କ୍ରାଇମବ୍ରାଞ୍ଚ। ଜେରା ପରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି, ଏସ୍‌ଡିପିଓଙ୍କ ନିର୍ଦ୍ଦେଶ କ୍ରମେ ସେ ପାରଳାଖେମୁଣ୍ଡି ଆସିଥିଲେ। ବିଦ୍ୟାଭାରତୀଙ୍କ ଦୂର ସମ୍ପର୍କୀୟ ହୋଇଥିବାରୁ ଘଟଣା ଦିନ ଉପସ୍ଥିତ ରହି ସହାୟତା କରିଥିଲେ ବୋଲି ଡିଏସ୍‌ପି ମିଶ୍ର କହିଛନ୍ତି। ସୌମ୍ୟଙ୍କ ପରିବାରବର୍ଗଙ୍କ ଅଭିଯୋଗ କ୍ରମେ, ବିଦ୍ୟାଭାରତୀଙ୍କ ଡାକରାରେ ଘଟଣାସ୍ଥଳରେ ମମତା ଉପସ୍ଥିତ ଥିଲେ, ପରବର୍ତ୍ତୀ ସମୟରେ ମେଡିକାଲରେ ଏବଂ ଘଟଣା ଦିନ ରାତିରେ ପୋଲିସ ସୌମ୍ୟଙ୍କ ବାସ ଭବନରୁ ନମୁନା ସଂଗ୍ରହ କରିବା ସମୟରେ ମଧ୍ୟ ମମତା ଉପସ୍ଥିତ ଥିଲେ। ମମତା ବିଦ୍ୟା ଭାରତୀଙ୍କ ସମ୍ପର୍କୀୟ ହୋଇଥିବାରୁ ସୌମ୍ୟଙ୍କ ମୃତ୍ୟୁର ପ୍ରମାଣ ନଷ୍ଟ କରିବା ପାଇଁ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୂର୍ବରୁ ପାରଳାଖେମୁଣ୍ଡି ପୋଲିସ ମମତାଙ୍କୁ ଜେରା କରିଥିବା ବେଳେ ପୁଣି ଥରେ କ୍ରାଇମବ୍ରାଞ୍ଚ ତାଙ୍କୁ ଜେରା କରିଛି। କିନ୍ତୁ ଜେରା ପରେ ଗଣମାଧ୍ୟମ ଜାଣିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସମସ୍ତଙ୍କୁ ଏଡ଼ାଇ କୌଣସି ଉତ୍ତର ନ ରଖି ମମତା ଚାଲିଯାଇଥିଲେ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ରାଇରଙ୍ଗପୁର, ୨୦।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ଅନୂପ ରଞ୍ଜନ ପଟ୍ଟନାୟକ ଶୁକ୍ରବାର ଏକ ହତ୍ୟା ମାମଲାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ରାୟ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ତିରିଂ ଥାନା ଅଧୀନ ମାଘୁଆ ଗ୍ରାମର ଏକ୍ତଗ୍ରେସ ସିଂହ। ଚରିତ୍ରକୁ ସନ୍ଦେହ କରି ୨୦୧୬ ଅଗଷ୍ଟ ୨ ତାରିଖରେ ସେ ତାଙ୍କ ସ୍ତ୍ରୀ ଗୌରୀଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ଆତ୍ମହତ୍ୟାର ରୂପ ଦେବାକୁ ଯାଇ ମୃତଦେହକୁ ଘରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୩୫/୧୬) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ମୋଟ ୨୪ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରିଥିଲେ।

WANTED
Experienced and efficient SALES GIRL needed for a Saree Showroom in Chandrasekharpur. Candidate should be min. 12th pass and be able to speak Hindi and understand English. Fully covid vaccinated candidates preferred.
Directly contact – 9583946000
No agent please.

ପଟିଆଠାରେ ଟୟୋଟା ୟାରିସ୍ ଗାଡ଼ି ଚଲାଇବା ପାଇଁ ଅଭିଜ୍ଞ ଡ୍ରାଇଭର ଆବଶ୍ୟକ। ଆକର୍ଷଣୀୟ ଦରମା ପ୍ୟାକେଜ୍। ଯୋଗାଯୋଗ:
9176677150

REQUIREMENT
AUTOCAD OPERATOR - 3 Nos. (Minimum 1 yr. exp.)
LIASIONING OFFICER - 2 Nos.
Apply by Mail - kbs@swayinassociates.com

Urgently Required
XEROX OPERATOR
Minimum Experience 3 to 5 years
CHELSHHA
Ravitalkies Road, Bhubaneswar
Mob:- 9040821015

ଶ୍ରମିକ ଆବଶ୍ୟକ
କାରଖାନରେ ରହି କାମ କରିବା ପାଇଁ ମହିଳା ଏବଂ ପୁରୁଷ ଶ୍ରମିକ ଆବଶ୍ୟକ।
7978550684

ଭୁବନେଶ୍ୱରରେ କାଠ କାମ ପାଇଁ ମିସ୍ତ୍ରି, ହେଲ୍‌ପର ଆବଶ୍ୟକ।
Ph.- 9938371763
8984605686

See Career Appointment on every Wednesday & Saturday

REQUIRED
• 2 Nos. SALES OFFICER for Diesel Engine, Pumpsets, Generators, Submersible Pumps. Exp. - 3 yrs.
• 1 No. ACCOUNTANT : M/F (Tally Exp. - 1 Yr.)
• 1 No. STORE ASSISTANT
WEST COAST DIESELS LLP
odisha@wcdllp.com
Contact: 9937528127

## ୨୩ରୁ ଖୋଲିବ ଆଖଣ୍ଡଳମଣି ମନ୍ଦିର



ଆରଡ଼ି, ୨୦।୮(ଡି.ଏନ୍.ଏ.): ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ମନ୍ଦିର ଆସନ୍ତା ୨୩ ତାରିଖ ତଥା ସୋମବାର ଖୋଲିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁମାନେ ସକାଳ ୬ଟାରୁ ରାତି ୮ଟା ଯାଏ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିପାରିବେ। ୧୦ ବର୍ଷରୁ କମ୍ ବୟସର ପିଲା ଓ ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ମନ୍ଦିର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ପ୍ରତିଦିନ ଶ୍ରଦ୍ଧାଳୁଙ୍କ କୋଭିଡ୍ ଟେଷ୍ଟ ହେବା ସହ ସେମାନେ ହାତ ସାନିଟାଇଜ କରି ମାସ୍କ ପିନ୍ଧି ମନ୍ଦିରକୁ ପ୍ରବେଶ କରିପାରିବେ। କିନ୍ତୁ ଭୋଗ ଧରି ମନ୍ଦିର ଭିତରକୁ ଯାଇପାରିବେ ନାହିଁ କି ପରିସରରେ କୌଣସି ପୂଜାର୍ଚ୍ଚନା କରିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେବାୟତମାନେ ପୂର୍ବ ପରି ମନ୍ଦିରର ସମସ୍ତ ନୀତିକାନ୍ତି ସମାପନ କରିପାରିବେ ଓ ଏଥିରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି। ତେବେ ୪ମାସ ପରେ ମନ୍ଦିର ଖୋଲୁଥିବାରୁ ଶ୍ରଦ୍ଧାଳୁଙ୍କ ସମେତ ସେବାୟତମାନେ ଖୁସିବ୍ୟକ୍ତ କରିଛନ୍ତି।

# ଏସ୍‌ଡିଆଇ ସ୍ଥାୟୀ କ୍ୟାମ୍ପସ ଲୋକାର୍ପିତ

**ଓଡ଼ିଶାର ଯୁବପିଢ଼ିଙ୍କୁ ତାଲିମ ଓ ନିଯୁକ୍ତି କ୍ଷେତ୍ରରେ ଉତ୍କର୍ଷ ପ୍ରଦାନ କରିବ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୦।୮(ବ୍ୟୁରୋ)



- **ଦକ୍ଷତା ବିକାଶ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ ହେବ: ଧର୍ମେନ୍ଦ୍ର**
- **ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ଯୋଜନା**
- **ଆଇସିଟି-ଆଇଓସି ଭୁବନେଶ୍ୱର ନୂଆ କ୍ୟାମ୍ପସର ଭୂମିପୂଜନ**

ଖୋର୍ଦ୍ଧା ଜିଲା ଜଟଣୀ ତରାବୋଇଠାରେ ଦକ୍ଷତା ବିକାଶ ପ୍ରତିଷ୍ଠାନ (ଏସ୍‌ଡିଆଇ)ର ସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି)–ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି) ଭୁବନେଶ୍ୱର ନୂଆ କ୍ୟାମ୍ପସର ଭୂମିପୂଜନ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍‌ଡିଆଇକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରି କହିଛନ୍ତି, ଏହି ଅନୁଷ୍ଠାନ ଓଡ଼ିଶାର ଯୁବପିଢ଼ିଙ୍କୁ ତାଲିମ ଓ ନିଯୁକ୍ତି କ୍ଷେତ୍ରରେ ଉତ୍କର୍ଷ ପ୍ରଦାନ କରିବ। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଜମିରେ ଆଇସିଟି–ଆଇଓସିର ନୂଆ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ମୁଁ ଖୁସି। ଉଜ୍ଜ୍ୱଳ ଶୈକ୍ଷିକ ପ୍ରଦର୍ଶନ ପାଇଁ ହି ଅନୁଷ୍ଠାନ ପରିଚିତ ଥିବାବେଳେ ଏହା ରସାୟନିକ ପ୍ରଯୁକ୍ତିବିଦ୍ୟା ଏବଂ ଅନୁଗାମୀ କ୍ଷେତ୍ରରେ ଉଚ୍ଚମାନର ବୈଷୟିକ ଶିକ୍ଷା ପ୍ରଦାନ କରିବ। ଏହି ଦୁଇ ପ୍ରତିଷ୍ଠାନ ଓଡ଼ିଶାରେ ଶିଳ୍ପ ପରିସଂସ୍ଥାକୁ ମୂଲ୍ୟଯୁକ୍ତ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏସ୍‌ଡିଆଇର ଲୋକାର୍ପଣ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ଦେଶରେ ଶିକ୍ଷାର ଗୁଣାତ୍ମକମାନ କିଭଳି ରହିବ ଏବଂ ଓଡ଼ିଶାର ପିଲାମାନେ କିଭଳି ସାମଗ୍ରିକ ଭାବେ ଏହାର ଲାଭ ପାଇପାରିବେ ସେନେଇ ବ୍ୟାପକ ଯୋଜନା ପ୍ରସ୍ତୁତ ହେଉଛି। ଛାତ୍ରୀଛାତ୍ରମାନେ କୁଶଳୀ ମାଧ୍ୟମରେ ହିଁ ସ୍ୱାବଲମ୍ବୀ ସହ ଆତ୍ମନିର୍ଭର ହୋଇପାରିବେ। ଦେଶବାସୀଙ୍କୁ ସମର୍ପିତ ଭୁବନେଶ୍ୱର ଦକ୍ଷତା ବିକାଶ କେନ୍ଦ୍ର ରାଷ୍ଟ୍ରୀୟ ଏବଂ ବିଶ୍ୱ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦ୍ୱାରା ଉଦ୍ୟମିତା ବିକାଶ ଜରିଆରେ ସ୍ୱରୋଜଗାରର ମାଧ୍ୟମ ଦେଇପାରିବ। ଓଡ଼ିଶାର ଛାତ୍ରୀଛାତ୍ର ବିଶେଷ ଉପକୃତ ହେବେ। ପ୍ରତିଷ୍ଠାନ ପରିସରରେ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ହେବ। ଏହି ଅନୁଷ୍ଠାନ ଆଗାମୀ ବର୍ଷରେ ଦକ୍ଷତା ବିକାଶ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିବ ବୋଲି ମନ୍ତ୍ରୀ ପ୍ରଧାନ କହିଛନ୍ତି।

୨୦୧୬ରୁ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏସ୍‌ଡିଆଇର ଅସ୍ଥାୟୀ କ୍ୟାମ୍ପସ କାର୍ଯ୍ୟ କରୁଥିବାବେଳେ ୨୦୧୮ରେ ତରାବୋଇଠାରେ ଏହାର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ରାଷ୍ଟ୍ରପତି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଲୋକାର୍ପିତ ହୋଇଥିବା ଏସ୍‌ଡିଆଇର ନୂଆ କ୍ୟାମ୍ପସର ଭିତ୍ତିଭୂମିକୁ ଅତ୍ୟାଧୁନିକ କରାଯାଇଛି। ଏଠାରେ ୧ ହଜାର ଛାତ୍ରୀଛାତ୍ର ଓ ୨୦୦ ଶିକ୍ଷୟିତ୍ରୀଶିକ୍ଷକ ରହିବାର ବ୍ୟବସ୍ଥା ରହିଛି। ସ୍ମାର୍ଟ କ୍ଲାସ୍‌ରୁମ ସହ ୱାର୍କଶପ୍‌କୁ ମଧ୍ୟ ବିକଶିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଇଣ୍ଡିଆନ ଅଏଲର ଚେୟାରମ୍ୟାନ ଉପସ୍ଥିତ ଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା।
ଟେଣ୍ଡର ସୂଚନା
(କେବଳ ଇ-ଟେଣ୍ଡର ମାଧ୍ୟମରେ)
ଇ-ଟେଣ୍ଡର: ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟରେ ଅନୁସନ୍ଧାନକାରୀ କୁକୁର ନିମନ୍ତେ କଣ୍ଟ୍ରାକ୍ଟ
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କଣ୍ଟ୍ରାକ୍ଟରମାନଙ୍କ ଠାରୁ ଉପରୋକ୍ତ କାର୍ଯ୍ୟ ପାଇଁ ୦୧ ଅକ୍ଟୋବର ୨୦୨୧ ଠାରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ୬ ମାସ ସମୟ ସୀମା ପାଇଁ ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କଠାରୁ ଇ-ଟେଣ୍ଡର ଆହ୍ୱାନ କରୁଛି। ଏହି କଣ୍ଟ୍ରାକ୍ଟଗୁଡ଼ିକ କଣ୍ଟ୍ରାକ୍ଟରମାନଙ୍କର ସନ୍ତୋଷଜନକ କାର୍ଯ୍ୟ ଆଧାରରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଗତ ସର୍ବାଧିକ ଦୁଇ ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ। ଏମଏସଟିସି ପୋର୍ଟାଲର "ଟେଣ୍ଡର ଗ୍ରହଣର ଶେଷ ତାରିଖ" ୧୬ ସେପ୍ଟେମ୍ବର ୨୦୨୧ ସମୟ ସନ୍ଧ୍ୟା ୦୬ ଘଟିକା ପର୍ଯ୍ୟନ୍ତ ରହିଛି।
ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବା ପାଇଁ ଆରବିଆଇ ୱେବ୍‌ସାଇଟ୍ www.rbi.org.in ର "Tenders" ବିଭାଗରେ ଲଗ୍ ଇନ୍ କରନ୍ତୁ ତଥା ଟେଣ୍ଡର ଅପଲୋଡ୍ କରିବାପାଇଁ https://www.mstcecommerce.com ୱେବସାଇଟ୍‌ରେ ପଞ୍ଜିକରଣ କରନ୍ତୁ।
କ୍ଷେତ୍ରୀୟ ନିର୍ଦ୍ଦେଶକ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ
ବିଜ୍ଞପ୍ତି ନଂ 5693 (MP Section) ତା19.8.2021 ରିଖ
ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ Diploma in Elementary Education Examination, 2020 (1st Year, 1st Year Back, 2nd Year & 2nd Year Back) ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି Malpractice ରେ ବନ୍ଦିତ ହୋଇଥିବେ ସମସ୍ତ ପରୀକ୍ଷାର୍ଥୀଙ୍କର Theory ପରୀକ୍ଷା ବାତିଲ କରାଗଲା ଏବଂ ଏଥି ସହିତ ସେମାନଙ୍କୁ ୨୦୨୨ ଓ ପରବର୍ତ୍ତୀ ପରୀକ୍ଷା ମାନଙ୍କରେ ପରିଷଦର ନିୟମାନୁସାରେ ପରୀକ୍ଷା ଦେବାପାଇଁ ଅନୁମତି ଦିଆଗଲା।
ସ୍ୱା/ସମ୍ପାଦକ

ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ- ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। -ଶ୍ରୀଅରବିନ୍ଦ

# ଚିନ୍ତା ବଢ଼ିଯାଇଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତାଲିବାନ୍ ଆଫଗାନିସ୍ତାନ ଦଖଲ ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ପକ୍ଷରୁ ଦେଶର ସ୍ୱାର୍ଥ ରକ୍ଷା ଉପରେ ମନ୍ତବ୍ୟ ଦିଆଯିବା ଏବଂ ଆଫଗାନ୍ ଶରଣାର୍ଥୀମାନଙ୍କୁ ଅସ୍ଥାୟୀ ଭିଜା ଦେବା ବ୍ୟତୀତ ଏହା ପ୍ରାୟତଃ ନୀରବ ରହୁଛି। ଏହି ନୀରବତା କିଛି ଅପ୍ରୀତିକର ଘଟଣା ଘଟିବାକୁ ଯାଉଛି ବୋଲି ଦର୍ଶାଉଛି। ତେବେ ବିଶ୍ୱରେ ତାଲିବାନ୍ ବିରୋଧରେ ଦୃଢ଼ ସ୍ୱର ଉଠିବା ଫଳରେ ଏମ୍‌ଇଏର ନୀରବତା କିଛିଟା ଭଗ୍ନ ହେବା ଲକ୍ଷ୍ୟ କରାଯାଉଛି। ଆଫଗାନ୍ ଘଟଣା ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସ୍ୱର ଉତ୍ତୋଳନ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଭାରତ ଏହି ଘଟଣାରେ ମୌନ ରହିଲା। କହିବାକୁ ଗଲେ ଆଫଗାନିସ୍ତାନ ସହ ଭାରତର ସମ୍ପର୍କ ବହୁ ପୁରୁଣା। ତେବେ ଆଫଗାନିସ୍ତାନରେ ଖୁବ୍ ଶୀଘ୍ର ଘଟିଥିବା ଘଟଣାରେ ଆମ ସରକାରରେ ଥିବା କେତେକ ଅତି କ୍ଷମତାଶାଳୀ ବ୍ୟକ୍ତିଙ୍କୁ ଶକ୍ତ ଝଟକା ଲାଗିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ନୀତିଗତ ଢାଞ୍ଚା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ବୋଲି ଅନେକେ ମତ ଦେଉଛନ୍ତି। ଏହାବ୍ୟତୀତ ପାକିସ୍ତାନ ଦୃଷ୍ଟିକୋଣରୁ ଓ ଭାରତର ଉତ୍ତର-ପୂର୍ବାଞ୍ଚଳରେ ଚାଇନା ପକ୍ଷରୁ ବଢୁଥିବା ବିପଦକୁ ଲକ୍ଷ୍ୟ କରି ଆମ ବାବୁମାନେ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ କୁହାଯାଉଛି, ଆଫଗାନ୍ ଡେସ୍କରେ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା ଏବଂ ତାଙ୍କ ସାଥୀମାନେ ଏହି ଘଟଣା ଉପରେ ବୈଠକ କରିବା ସହ ଆମ ଚାରିପାଖରେ ଥିବା ସମସ୍ୟାଗୁଡ଼ିକ ଉପରେ ପ୍ରାଥମିକତାଭିତ୍ତିରେ ପୁଣି ଦୃଷ୍ଟି ଦେଇପାରନ୍ତି। କିନ୍ତୁ ଏମ୍‌ଇଏର କେତେଜଣ ବାବୁ ଅନୁଭବ କରନ୍ତି ଯେ, ଗତ ବର୍ଷ ଅଗଷ୍ଟରେ ଦୋହା ସମ୍ମିଳନୀରୁ ମିଳିଥିବା ସଙ୍କେତକୁ ବୁଝିବାରେ ଆମେ ସମ୍ପୂର୍ଣ୍ଣ ଅସଫଳ ହେଲୁ। ସଂଯୋଗବଶତଃ ଭାରତକୁ ଦୋହା ସମ୍ମିଳନୀକୁ ଆମନ୍ତ୍ରଣ କରାଯାଇ ନ ଥିଲା। ଆଉ କତେ ଜଣ ବିଶ୍ୱାସ କରନ୍ତି , ବିଳମ୍ବ ହେଲେ ମଧ୍ୟ ଆମେ ତାଲିବାନ୍‌ଙ୍କ ସହ ସିଧାସଳଖ ଆଲୋଚନା କଲୁ ନାହିଁ। ଏବେ ଏଭଳି ଏକ ବଡ଼ ଘଟଣାରେ କିଛି କରିବା ବଦଳରେ କେବଳ ଜଣେ ଦର୍ଶକ ଭାବେ ଆମକୁ ବାହାରେ ଛିଡ଼ା ହେବାକୁ ପଡ଼ିପାରେ। କିନ୍ତୁ ଏତିକି ହୋଇଛି, ଅତି ସହଜ ମାଧ୍ୟମରେ କଥାବାର୍ତ୍ତା କରି ଠିକ୍ ସମୟରେ ଆମ ଦୂତାବାସରୁ କର୍ମଚାରୀମାନଙ୍କୁ ଆଣିବାରେ ସଫଳ ହୋଇପାରିଲୁ।

### ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ

ମୋଦି ସରକାରରେ ଲାଟେରାଲ ଶିଫ୍ଟ ଏକ ସାଧାରଣ କଥା ହୋଇଗଲାଣି। ଲଗାତର ଏହି ପ୍ରକ୍ରିୟା ଜାରି ରହିଛି। ବହୁ ସମୟରେ ଏହାକୁ ମଧ୍ୟ ଅଭୁଭବ କରିପାରିବ। କିନ୍ତୁ କେତେ ହେଉଛି ତା'ର ହିସାବ ସହଜରେ ମିଳୁନାହିଁ। ଏଭଳି ପ୍ରକ୍ରିୟାରେ ଅଭିଜ୍ଞ ବାବୁମାନେ ସାଧାରଣତଃ ଆଉ ବେଶି ଚିନ୍ତା ପ୍ରକଟ କରୁନାହାନ୍ତି। ତଥାପି ନିକଟରେ ସରକାର ବହୁ ଆଇଏଏସ୍ ଅଧିକାରୀଙ୍କର ବଡ଼ ଧରଣର ଅଦଳବଦଳ କରିଛନ୍ତି ଓ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାକୁ ମଧ୍ୟ ଅନେକେ ନାପସନ୍ଦ କରିଛନ୍ତି। ନିର୍ଦ୍ଦିଷ୍ଟ ଭାବେ ୧୯୯୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶୁଭ୍ରା ସିଂଙ୍କ ବଦଳି ଘଟଣାରେ ସଭିଏଁ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତାଙ୍କୁ ନ୍ୟାଶନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି(ଏନ୍‌ପିପିଏ)ର ଅଧ୍ୟକ୍ଷ ଭାବେ ତାଙ୍କ ରାଜ୍ୟ କ୍ୟାଡରକୁ ପଠାଇ ଦିଆଯାଇଛି। ଏନ୍‌ପିପିଏ ଏକ ସ୍ୱାଧୀନ ସଂସ୍ଥା ଯାହା ଔଷଧର ମୂଲ୍ୟ ନିର୍ଦ୍ଧାରଣ ତଥା ଉପଲବ୍ଧତା କ୍ଷେତ୍ରରେ କାର୍ଯ୍ୟ କରିଥାଏ ଓ ଏଥିପାଇଁ ଏହା ମଧ୍ୟ ଉତ୍ତରଦାୟୀ। ହିମାଚଳ ପ୍ରଦେଶ କ୍ୟାଡର୍ ତଥା ୧୯୯୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ.କେ. ପନ୍ଥଙ୍କ ଜାଗାରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୁଭ୍ରା ତାଙ୍କ କ୍ୟାଡର୍ ରାଜ୍ୟ ରାଜସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। କାରଣ ସଚିବ ସ୍ତରୀୟ ପଦବୀରେ ନିଯୁକ୍ତି ପାଇଁ ସେ ତାଲିକାଭୁକ୍ତ ହେବାର ପ୍ରଥମ ସୁଯୋଗ ହରାଇଥିଲେ ଓ ଏବେ ଏହା ପାଇବା ଲାଗି ପୂରା ଆଶାବାଦୀ ଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ। ବରିଷ୍ଠ ଅଧିକାରୀମାନଙ୍କୁ ସେମାନଙ୍କ କ୍ୟାଡର୍ ରାଜ୍ୟକୁ ପଠାଯାଉଥିବାବେଳେ ସରକାର ସେମାନଙ୍କୁ ବିଶ୍ୱାସକୁ ନେବା ଦରକାର ଓ ସେମାନଙ୍କ କଥା ଶୁଣିବା ଆବଶ୍ୟକ। ଏହା ନ କଲେ ବହୁ ପ୍ରଶାସନିକ ନିୟମ ଭଳି ଏହି ପରମ୍ପରା ମଧ୍ୟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବାର ସମ୍ଭାବନା ରହିଛି।

### ଫୈଜଲ ଫେରିବେ କି

ଜମ୍ମୁ-କଶ୍ମୀର କ୍ୟାଡର୍ ଆଇଏଏସ୍ ଅଧିକାରୀ ଶାହା ଫୈଜଲ ଏବେ ସିଭିଲ୍ ସର୍ଭିସରେ ପୁଣି ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଛି। ଜମ୍ମୁ-କଶ୍ମୀରରେ କେନ୍ଦ୍ର ନୀତିକୁ ବିରୋଧ କରି ସେ ୨୦୧୯ରେ ଇସ୍ତଫା ଦେଇଥିଲେ। ସୂତ୍ରରୁ ଜଣାପଡ଼ିଛି, କେନ୍ଦ୍ର ସରକାର ଏବେସୁଦ୍ଧା ଫୈଜଲଙ୍କ ଇସ୍ତଫା ଉପରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ନିୟମାନୁସାରେ ଏଭଳି ପରିସ୍ଥିତିରେ ଇସ୍ତଫା ସ୍ୱତଃ ପ୍ରତ୍ୟାହାର ହୋଇଯାଏ ବୋଲି ଧରିନିଆଯାଏ। କିନ୍ତୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଅନୁଯାୟୀ, ସରକାରୀ ସ୍ତରରେ ଏହି ଇସ୍ତଫା ବର୍ତ୍ତମାନ ବିଚାରାଧୀନ ରହିଛି। ଫୈଜଲ ଏକ ବିବାଦୀୟ ପରିସ୍ଥିତିରେ ଆଇଏଏସ୍ ଛାଡ଼ିଥିଲେ ଏବଂ କଶ୍ମୀରରେ 'ଜମ୍ମୁ ଆଣ୍ଡ୍ କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ' ରାଜନୈତିକ ଦଳ ଗଠନ କରିଥିଲେ। ସେ ଜମ୍ମୁ-କଶ୍ମୀରରେ ୩୭୦ ଧାରା ଉଚ୍ଛେଦକୁ ନେଇ କେନ୍ଦ୍ରର ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଥିଲେ ଏବଂ ରାଜନୈତିକ ଜୀବନ ଆରମ୍ଭ କରିବାକୁ ଘୋଷଣା କରିଥିଲେ। ସ୍ପଷ୍ଟତଃ, ଇସ୍ତଫା ଦେବା ପରେ ସେ ଆମେରିକା ଯାଇ ସେଠାରେ ରହିବାକୁ ଅନୁମତି ପାଇଁ ଅନୁରୋଧ କରିଥିଲେ ମଧ୍ୟ ସରକାର ତାହା ଦେଇ ନ ଥିଲେ। ଆଇଏଏସ୍‌ରେ ପୁଣି ଯୋଗଦେବା ତାଙ୍କ ପାଇଁ ଶ୍ରେଷ୍ଠ ବିକଳ୍ପ ବୋଲି କୁହାଯାଉଛି। କିନ୍ତୁ ସେ ତାହା ଗ୍ରହଣ କରିବେ ତ।

Email: dilipcherian@gmail.com

# ଏତେ ମାମଲା କାହିଁକି



ରାଜୀବ କୁମାର ନାୟକ

ଆନ୍ତର୍ଜାତିକ ନ୍ୟାୟ ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଥିଲେ ଯେ ବିଳମ୍ବ ନ୍ୟାୟିକ ପ୍ରକ୍ରିୟା ମଧ୍ୟ ଏକପ୍ରକାର ଦଣ୍ଡ। କିଛିଦିନ ତଳେ ଏକ ଓଡ଼ିଆ ଦୈନିକ ଖବରକାଗଜ ମାଧ୍ୟମରେ ମଧ୍ୟ ବହୁତ ମାତ୍ରାରେ ମାମଲା ପଶ୍ଚିମ ଓଡ଼ିଶାର ବିଭିନ୍ନ କୋର୍ଟରେ ପଡ଼ି ରହିଥିବା ବିଷୟ ସାମ୍ନାକୁ ଆସିଥିଲା। ଖବର ଅନୁଯାୟୀ କେବଳ ପଶ୍ଚିମ ଓଡ଼ିଶାର ଦଶଟି ଜିଲାରେ ପାଖାପାଖି ୩.୫ ଲକ୍ଷ ମାମଲା କୋର୍ଟରେ ବିଚାରାଧୀନ ରହିଛି, ଯେଉଁଥିରେ ଅତି ଛୋଟ ଦେବଗଡ଼ ଜିଲାରେ ୮୭୯୪ ଏବଂ ସୁନ୍ଦରଗଡ଼ ଭଳି ବଡ଼ ଜିଲାରେ ୮୮,୩୪୭ଟି ମାମଲା ରହିଛି। ଏହି ଚିତ୍ରରୁ କଳନା କଲେ ସମଗ୍ର ଓଡ଼ିଶାର ବିଭିନ୍ନ ନ୍ୟାୟାଳୟ ଏବଂ ତା' ସାଙ୍ଗକୁ କିଶୋର ନ୍ୟାୟ ବୋର୍ଡରେ ପଡ଼ି ରହିଥିବା ମାମଲା ସଂଖ୍ୟା କେତେ ହେବ ତାହା ସହଜରେ ଅନୁମେୟ।

ଏଭଳି ସ୍ଥିତିରେ ଏତେସବୁ ମାମଲା କୋର୍ଟ ତଥା କିଶୋର ନ୍ୟାୟ ବୋର୍ଡରେ କାହିଁକି ପଡ଼ିଛି ତର୍ଜମା କଲେ ଆମ ସାମ୍ନାରେ ସ୍ୱତଃ କିଛି କାରଣ ଉଦ୍ରେକ ହେଉଛି। ପ୍ରଥମତଃ ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କୋଭିଡ୍-୧୯ କାରଣରୁ ସମସ୍ତ ଅଦାଲତ କାର୍ଯ୍ୟ ଧିମା ହୋଇଯାଇଛି କହିଲେ ଚଳେ। କେବଳ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଆଇନଜୀବୀମାନେ ଜରୁରୀ କାମ ଯଥା- ଜେଲରେ ଥିବା ବିଚାରାଧୀନ କଏଦୀ ବା ନୂଆ କେସ୍ ସ୍ଥଳେ ବେଲ୍ ଆବେଦନ ଇତ୍ୟାଦି ଛାଡ଼ି ଅନ୍ୟ କାମ ନ କରିବା ବିଚାର ବ୍ୟବସ୍ଥାକୁ ଅନେକେ ମାତ୍ରାରେ ପ୍ରଭାବିତ କରିଛି। ଜାଗା ବିଶେଷରେ ସମସ୍ତଙ୍କୁ ଟିକା ନ ମିଳିବା ଯାଏ ଜରୁରୀ କାମକୁ ଛାଡ଼ି ସାକ୍ଷୀ ଇତ୍ୟାଦି କରିବା ପାଇଁ ବାର୍ ଆସୋସିଏଶନଗୁଡ଼ିକ ମନା କରିଦେଇଥିବା ଜଣାଯାଏ। ଏ କ୍ଷେତ୍ରରେ କୋର୍ଟ ବା କିଶୋର ନ୍ୟାୟ ବୋର୍ଡରେ ଅଳ୍ପ ସଂଖ୍ୟକ ଶୁଣାଣି ହେଉଛି । କୋର୍ଟ ବା କିଶୋର ନ୍ୟାୟ ବୋର୍ଡରେ ମଧ୍ୟ ଭିଡ଼ କମାଇବା ପାଇଁ ଅନେକ ସାକ୍ଷୀଙ୍କୁ ଗୋଟିଏ ଦିନରେ ଡକା ନ ଯାଇ ଗୋଟିଏ ବା ଦୁଇଟି କରି ଡକାଯାଇ ପାରନ୍ତା, ଯାହାକି ହେଉନାହିଁ। କିଶୋର ନ୍ୟାୟ ବୋର୍ଡ କୋର୍ଟ ବାହାରେ ଥିଲେ ମଧ୍ୟ କୋର୍ଟର ଜଟିଳ ବ୍ୟବସ୍ଥାରୁ ମୁକ୍ତ ନୁହେଁ ଏବଂ ଏହା ମଧ୍ୟ ପ୍ରାୟ ସମାନ ରୀତିରେ କାର୍ଯ୍ୟ କରିଥାଏ, ଯାହାର ବିଚାର ପଦ୍ଧତିରେ ଅନ୍ୟ କୋର୍ଟ ଭଳି ପ୍ରତ୍ୟକ୍ଷଦର୍ଶୀ, ଜାମିନଦାର, ପୋଲିସ, ଡାକ୍ତର, ଓକିଲ ଇତ୍ୟାଦିଙ୍କ ବିନା ଉପସ୍ଥିତିରେ କେସ୍‌ର ଅଗ୍ରଗତି ହୋଇ ନ ଥାଏ। ତେଣୁ ଆଇନଜୀବୀମାନଙ୍କ ଦୀର୍ଘଦିନ ଧରି କାମ ବନ୍ଦ ଅଦାଲତରେ ଥିବା ମାମଲା ସଂଖ୍ୟାକୁ ବଢ଼ାଇବାରେ ସହାୟକ ହେଉଛି।

ପଶ୍ଚିମ ତଥା ଦକ୍ଷିଣ ଓଡ଼ିଶାର କଥା ଦେଖିଲେ, କୋଭିଡ୍ ପୂର୍ବରୁ ହାଇକୋର୍ଟର ସ୍ଥାୟୀବେଞ୍ଚ ଦାବିନେଇ ଆଇନଜୀବୀମାନେ ଦୀର୍ଘଦିନ ଧରି କୋର୍ଟ ବର୍ଜନ କରିଥିଲେ। ଆହୁରି ମଧ୍ୟ କୋର୍ଟରେ ଗ୍ରୀଷ୍ମ ଅବକାଶ, ଦଶହରା ଛୁଟି ଏବଂ ଶୀତଛୁଟି ହୋଇଥାଏ। ଏତେ ସମୟ କୋର୍ଟ ଓ ବୋର୍ଡ ବନ୍ଦ ହେଲେ ମାମଲା ଫଇସଲା ହେବାରେ ବିଳମ୍ବ ହେବା ସ୍ୱାଭାବିକ। ଏହା ବାଦ୍ ବୋର୍ଡ କିମ୍ବା କୋର୍ଟର ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଫୌଜଦାରି ମାମଲାରେ ବିଶେଷକରି ଯେକୌଣସି ମାମଲାଟିଏ ପୋଲିସ ଦ୍ୱାରା ହସ୍ତଗତ ହେଲେ ପୋଲିସ ତାହାକୁ ନିଜ ସ୍ତରରେ ବେଲ୍ ଦେଇ ମାମଲାଟିକୁ ବୋର୍ଡକୁ ପଠାଇ ଦେଇପାରେ ବା ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁକୁ ବୋର୍ଡ ଆଗରେ ଉପସ୍ଥିତ କରାଇପାରେ। ବୋର୍ଡ ଆଗରେ ଦୁଇଟି ବିକଳ୍ପ ବେଲ୍ ଦିଆଯିବ ନତୁବା ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯିବ, ଯଦିଓ ଜଘନ୍ୟ ଅପରାଧ ଭଳି କିଛି କେସ୍‌କୁ ଛାଡ଼ି ଅନ୍ୟ ସବୁରେ ବେଲ୍ ପାଇବା ଶିଶୁର ଅଧିକାର ଏବଂ ବେଲ୍ ନାମଞ୍ଜୁରକୁ ବ୍ୟତିକ୍ରମ ବୋଲି ଧରା ଯାଇଥାଏ । ଥାନାରୁ ମିଳୁଥିବା ବେଲ୍ ବା ଜାମିନ ସ୍ଥଳେ ବର୍ଷବର୍ଷ ଧରି ଶିଶୁଟି ବୋର୍ଡ ସାମ୍ନାରେ ଉପସ୍ଥିତ ନ ହେବା ନଜିର ଅନେକ ରହିଛି, ଯେଉଁଥିସକାଶେ କେସ୍ ଅଗ୍ରଗତି କରିପାରି ନ ଥାଏ। କିଛିକାଂଶରେ ଅଭିଯୁକ୍ତ ଫେରାର ହେବା କାରଣରୁ ମଧ୍ୟ ମାମଲା ଦୀର୍ଘଦିନ ପର୍ଯ୍ୟନ୍ତ ଅଗ୍ରଗତି ନ ହୋଇ ପଡ଼ିରହିଥାଏ। ପ୍ରଥମ ପର୍ଯ୍ୟାୟ କୌଣସି ହିସାବରେ ସରିଗଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ପୋଲିସ ପାଖରୁ ଚାର୍ଜଶିଟ୍ ନ ଆସିବା ପର୍ଯ୍ୟନ୍ତ ପୁନର୍ବାର କେସ୍‌ରେ କିଛି ଅଗ୍ରଗତି ହୋଇପାରି ନ ଥାଏ।

ଆଜି ତାରିଖରେ ଦେଖିଲେ ବୋର୍ଡ କିମ୍ବା କୋର୍ଟରେ ହଜାର ସଂଖ୍ୟାରେ ମାମଲା ଚାର୍ଜଶିଟ୍ ଅଭାବରୁ ବର୍ଷ ବର୍ଷ ଧରି ପଡ଼ିରହିଛି। ଚାର୍ଜଶିଟ୍ ଆସିଲା ପରେ ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତ ପୁନଶ୍ଚ କୋର୍ଟରେ ହାଜର ହୋଇ ବେଲ୍ ସକାଶେ ଆବେଦନ କରିବା କଥା, କିନ୍ତୁ ଅନେକ ସ୍ଥଳେ ଏହି ଆପିୟରେନ୍ସ ମଧ୍ୟ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ କିମ୍ବା ଅଭିଯୁକ୍ତ ନ ଆସିବା ଫଳରେ ହୋଇପାରି ନ ଥାଏ। ଆପିୟରେନ୍ସ ହେଲା ପରେ ଯାଇ ସାକ୍ଷ୍ୟ ବୟାନ ରେକର୍ଡ କରା ଯାଇଥାଏ, ଯାହାଫଳରେ ଏହି ହେତୁରୁ ଅହେତୁକ ବିଳମ୍ବ ହୋଇଥାଏ। ସାକ୍ଷ୍ୟ ବୟାନ ସମୟରେ ମଧ୍ୟ ଅନେକ ସ୍ଥଳେ ସାକ୍ଷୀମାନଙ୍କ ଦ୍ୱାରା ଦିଆଯାଇଥିବା ଠିକଣା ଏବଂ ବର୍ତ୍ତମାନର ଠିକଣାରେ ଅମେଳ କାରଣରୁ ସମନ ଫେରି ଆସୁଥିବା ପରିଲକ୍ଷିତ ହୋଇଥାଏ। ଠିକ୍ ସେହିପରି ମେଡିକାଲ ଅଫିସରଙ୍କ ବଦଳି(ଯିଏ ଡାକ୍ତରୀ ରିପୋର୍ଟ ପ୍ରଦାନ କରିଥିବେ), ଅନୁସନ୍ଧାନକାରୀ ପୋଲିସ ଅଫିସରଙ୍କ ବଦଳି ମଧ୍ୟ ମାମଲା ଫଇସଲାରେ ବିଳମ୍ବର କାରଣ ହୋଇଥାଏ। ଏତଦ୍‌ଭିନ୍ନ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ କିମ୍ବା ଅଭିଯୁକ୍ତମାନେ ଦୂରଦୂରାନ୍ତ ଏପରିକି ଅନ୍ୟ ଜିଲା ତଥା ପ୍ରଦେଶର ହୋଇଥିବା କାରଣରୁ ସାକ୍ଷ୍ୟ ଗ୍ରହଣରେ ବିଳମ୍ବ କେସ୍ ଫଇସଲା ହେବାରେ ବିଳମ୍ବର ଅନ୍ୟତମ କାରଣ ପାଲଟିଥାଏ।

ସର୍ବୋପରି ଗଣତନ୍ତ୍ରରେ ଚାପଗୋଷ୍ଠୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୋର୍ଟ ଏବଂ ଥାନା ଏହି ଦୁଇଟି ଅନୁଷ୍ଠାନକୁ ସାଧାରଣ ନାଗରିକଙ୍କ ଭାରି ଭୟ। ତେଣୁ ସେଠି କ'ଣ ହୁଏ ବହୁତ ଲୋକ ଜାଣିନାହାନ୍ତି ବା ପ୍ରଶ୍ନ କରିନାହାନ୍ତି । ତେଣୁ ବିଭିନ୍ନ କାରଣରୁ ବୋର୍ଡ କିମ୍ବା କୋର୍ଟର ଦୈନନ୍ଦିନ କାମ ହେବାରେ ଅନ୍ତରାୟ ହେବାକୁ କେହି ଦୃଷ୍ଟି ଦିଅନ୍ତି ନାହିଁ। ଆଇନର ଭାବନାତ୍ମକ ଦିଗକୁ ପର୍ଯ୍ୟାଲୋଚନା କଲେ ଶିଶୁମାନଙ୍କର ବିରାଟ ଭବିଷ୍ୟତକୁ ଆଖି ଆଗରେ ରଖି ଶୀଘ୍ର କେସ୍ ଫଇସଲା ହେବା ନିମନ୍ତେ କେସ୍‌ର ଗୁରୁତ୍ୱ ଅନୁଯାୟୀ କେସ୍ ସବୁକୁ ସାଧାରଣ(୩ ବର୍ଷରୁ କମ୍ ଦଣ୍ଡ), ଗମ୍ଭୀର(୩ରୁ ୭ ବର୍ଷ ଦଣ୍ଡ) ଏବଂ ଜଘନ୍ୟ (ଅତି କମ୍‌ରେ ୭ ବର୍ଷ ଦଣ୍ଡ)ଶ୍ରେଣୀଭୁକ୍ତ କରାଯାଇଛି ଏବଂ କିଶୋର ନ୍ୟାୟ(ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ନାମରେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରା ଯାଇଛି, କିନ୍ତୁ ଆହୁରି ଅନେକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଦଣ୍ଡ ପ୍ରକ୍ରିୟା ସଂହିତା(ସିଆରପିସି)ରେ କେବଳ ଜଣେ ବିଚାରପତି କ'ଣ କରିବେ ବୋଲି ନିର୍ଦ୍ଦେଶ ଥିବା ସ୍ଥଳେ ବୋର୍ଡ ମୋଟ୍ ଆକାରରେ କ'ଣ କରିବ ନିର୍ଦ୍ଦିଷ୍ଟ ଭାବରେ କିଛି ନାହିଁ। ତେଣୁ ବୋର୍ଡର କାର୍ଯ୍ୟକାରିତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଭାବରେ ଏକ ସଂହିତା କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି। ବୋର୍ଡ କୋର୍ଟରୁ ଅଲଗା ବୋଲି ଖାଲି କହିଲେ ହେବ ନାହିଁ ବା ଶିଶୁ ବୋର୍ଡରେ ଉପସ୍ଥିତ ହେବାର ୬ ମାସ ମଧ୍ୟରେ ସାଧାରଣ ଅପରାଧ କ୍ଷେତ୍ରରେ କେସ୍‌କୁ ସ୍ୱତଃ ବନ୍ଦ କରିବାକୁ କହିବା ଭିନ୍ନ ପୋଲିସ, ଓକିଲ, ଡାକ୍ତର ପ୍ରତ୍ୟେକେ ଯଦି ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ସଂପନ୍ନ କରନ୍ତେ ମାମଲା ଶୀଘ୍ର ଫଇସଲା ହେବାର ରାସ୍ତା ପରିଷ୍କାର ହୁଅନ୍ତା।

ମୋ: ୯୪୩୭୫୭୧୮୩୧

# ବଢ଼ିଆ ଲାଗିଲା



ଦ୍ୱିତୀ ଚନ୍ଦ୍ର ସାହୁ

'ଗାଇଡ ... ଗାଇଡ' - ହୁରି ଛାଡୁଥାଏ ଜଣେ। ତା' ପାଖ ଦେଇ ଗଲାବେଳେ ଆମ ଭିତରୁ ଜଣେ କହିଲା - 'ଗାଇଡ ନେଇଥିଲେ ଭଲ ହୁଅନ୍ତା।' ସେଥିରୁ ତୁରନ୍ତ ଆଉ ଜଣେ ମନା କଲା । ଗାଇଡ ଜଣକ ଶୁଣି କହିଲା - 'ନାଇ ଆଜ୍ଞା ! ଆମର ବେଶି ପଇସା ନାହିଁ। ମାତ୍ର ୧୫୦ ଟଙ୍କା। ସବୁ ବୁଝେଇବୁ। ଏକ ଘଣ୍ଟା ତମର ସହ ରହିବୁ।' ମୁଁ କାହାର ଅନୁମତି ନ ନେଇ ହଁ ମାରିଲି। ସେଇଠୁ ଆରମ୍ଭ କଲା କଥା ଓଡ଼ିଆରେ ଏମ. ଗୋବିନ୍ଦ। ଆଦିବାସୀ ମଣିଷ ସେ। ଆମ ଟିମ୍‌ର ସମସ୍ତେ ଖୁସି ହୋଇଗଲେ ଜଣେ ଓଡ଼ିଆକୁ ପାଇ। ବାହାର ରାଇଜରେ ଓଡ଼ିଆଙ୍କ ସହ ଭେଟ ହୋଇଗଲେ ଯେଉଁ ଖୁସି ମିଳେ ଠିକ୍ ସେଇ ଅନୁଭବ ହେଲା। ପାଖରେ ବୋହିଯାଉଥିବା ନଈକୁ ଦେଖାଇ କହିଲା - 'ଏଇ ହେଉଛି ଗୋସ୍ଥନି ନଦୀ।' ଆର କଡ଼ରେ ଜଙ୍ଗଲ। ଏପଟେ ଠିଆ ହୋଇଛି ବିରାଟ ଗୁମ୍ଫା। ୬୨୫ ମିଟର ଗଭୀର ତଳକୁ। ଗୁମ୍ଫାର ଦୈର୍ଘ୍ୟ ୩୫୦ ମିଟର। ଲାଗୁଛି ଗୁମ୍ଫାଟି ଶୂନ୍ୟରେ ଝୁଲୁଛି। ବିରାଟ ଆଁ କରି ଗିଳିବାକୁ କେହି ଜଣେ ପ୍ରୟାସ କରୁଥିବା ଭଙ୍ଗୀରେ ପାଟିକୁ ମେଲା କରି ରଖିଛି। ପିମ୍ପୁଡି ଭଳି ଧାର ହୋଇ ତା'ର ଭିତରକୁ ପଶୁଛନ୍ତି ଶହ ଶହ ଦର୍ଶକ। ଗୁମ୍ଫାର ପ୍ରବେଶ ଦ୍ୱାରରେ ତଳକୁ ଲମ୍ବିଥିବା ପାହାଚ ନିକଟରେ ଠିଆ ହେଲେ ରଙ୍ଗବେରଙ୍ଗ ଆଲୁଅରେ ଝଲସୁଥିବା ଭିତରର ଗୁମ୍ଫା ଖୋଲ ଆହୁରି କମନୀୟ ହୋଇ ଆମନ୍ତ୍ରଣ କରୁଛି। ବିଦେଶୀ ଗବେଷକ ଉଲିୟମ କିଙ୍ଗ କାଳେ ଏହାକୁ ପ୍ରଥମେ ଲୋକଲୋଚନକୁ ଆଣିଥିଲେ। କିନ୍ତୁ ଗୋବିନ୍ଦର ଦାବି ହେଲା ଆମର ଆଦିବାସୀ ଲୋକ ଏହାକୁ ପ୍ରଥମେ ଖୋଜି ବାହାର କରିଛନ୍ତି। ଦିନେ ଗୋଟେ ଗାଈ ଚରିବାକୁ ଆସି ଆଉ ଦିଶିଲାନି କାଳେ। ଖୋଜାଖୋଜି କଲାବେଳେ ଜଣାଗଲା ପାହାଡ଼ ଭିତରେ ଥିବା ଏକ ବଡ଼ ଗାତରେ ଖସିଗଲା। ଆଉ କିଛି ସମୟ ଭିତରେ ପାଖ ନଦୀରେ ବାହାରିଗଲା। ସେଇଠୁ ଏହି ଗୁମ୍ଫା ଲୋକଲୋଚନରେ ପ୍ରତିଭାତ ହେଲା। ପରେ ଜୟପୁର ରାଜା ଏହାର ସମସ୍ତ ଦାୟିତ୍ୱ ନେଇଥିଲେ। ଏହାର ଚାରିପଟେ ବସବାସ କରୁଛନ୍ତି ଜାତାପୁ, ପରଜା, କୋଣ୍ଡା ଦୋରା ଓ ନୁକାଦୋରା ଆଦିବାସୀ। ବିଶାଖାପାଟଣା ଜିଲା ପର୍ଯ୍ୟଟନ କାଉନ୍‌ସିଲ ପକ୍ଷରୁ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଲଗାଯାଇଥିବା ସୂଚନା ଫଳକରେ ଉଲ୍ଲେଖ ଅଛି ବୋରାମାନେ ଓଡ଼ିଆ ଭାଷାରେ ଗାତ। ଅର୍ଥାତ୍ ଏହା ହେଉଛି ଗାତ ଗୁମ୍ଫା।

କ୍ୟାସଲିୟମ କାର୍ବୋନେଟ ଏବଂ ଲାଇମଷ୍ଟୋନରେ ଭରପୂର ଏଇ ଗୁମ୍ଫା ଭିତର ଦେଇ ପୂର୍ବେ ପାଖ ନଦୀର ଏକ ଶାଖା ପ୍ରବାହିତ ହୋଇଥିବାରୁ ଜଳ ସହ ରାସାୟନିକ ପ୍ରତିକ୍ରିୟାଜନିତ ଷ୍ଟେଲଗଟାଇଟ ଓ ଷ୍ଟେଲଗମାଇଟ ହୋଇ ବହୁ ଆକୃତି ସୃଷ୍ଟି କରିଛି। ଏଇ ଭୌଗୋଳିକ ବୈଚିତ୍ରତା ଓ ପୁରାତନ ଶିବ ଲିଙ୍ଗ ସମସ୍ତଙ୍କୁ ଆକର୍ଷିତ କରିଛି। ଉପରେ ହିଲ ଷ୍ଟେସନ, ସୁଉଚ୍ଚ ପାହାଡ, ଘଞ୍ଚ ବନାନୀରେ ଭରପୂର ପ୍ରାକୃତିକ ସୌନ୍ଦର୍ଯ୍ୟ ଲାଗି ଅବସର ବିନୋଦନ ପାଇଁ ତମାମ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନାର ପର୍ଯ୍ୟଟକଙ୍କ ଭିଡ ଏଠି। ସେଥିରେ ଓଡ଼ିଶାର ପର୍ଯ୍ୟଟକଙ୍କ ଉପସ୍ଥିତି ଅଧିକ। ପର୍ଯ୍ୟଟକଙ୍କ ଆଗ୍ରହ ଦୃଷ୍ଟିରୁ ଆନ୍ଧ୍ର ସରକାର ୧୯୯୫ରେ ଏହାର ଉନ୍ନତୀକରଣର ସମସ୍ତ ବ୍ୟବସ୍ଥା କରି ପର୍ଯ୍ୟଟକଙ୍କ ପ୍ରବେଶ ଦେୟ ଆଦାୟ କରୁଛନ୍ତି। ବାର୍ଷିକ ଏଇ ବାବଦକୁ ହାରାହାରି ୧୨ରୁ ୧୫ କୋଟି ଆଦାୟ ହେଉଛି। ତା' ସହିତ ଆଖପାଖ ଅଞ୍ଚଳର ବହୁ ଆଦିବାସୀ ପାରମ୍ପରିକ ଜଙ୍ଗଲଜାତ ଦ୍ରବ୍ୟ, ଫଳ ଓ ବିଶେଷକରି ବାଉଁଶ ପୋଡ଼ା ମାଂସ ବିକ୍ରି କରି ଉପାର୍ଜନକ୍ଷମ ହୋଇପାରୁଛନ୍ତି। ଏସବୁ ଦେଖିଲା ପରେ ମୁଁ ଯେତିକି ଚକିତ ହେଲି ସେତିକି ଦୁଃଖରେ ଭାଙ୍ଗି ପଡ଼ିଲି। ଏଇ ସମଗ୍ର ଅଞ୍ଚଳ ଦିନେ ଓଡ଼ିଶାର ଥିଲା। ଆନ୍ଧ୍ର ଏହାକୁ କରାୟତ କଲା। ସେମିତି କୌଣସି ଐତିହାସିକ ତଥା ପୌରାଣିକ ପୃଷ୍ଠଭୂମି ନ ଥିବା ସତ୍ତ୍ୱେ ଏହାର ବିକାଶ କଲା। ଆରକୁର ବିଶାଳ ଉପତ୍ୟକା ଓ ବୋରାକେଭ ଏବେ ଭାରତର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପାଲଟିଛି। ଏତେସବୁ କହିବା କଥା ହେଲା ଆମ ପଡ଼ୋଶୀ ପ୍ରଦେଶର ଆଭିମୁଖ୍ୟ। ହୁଏତ ଆରକୁ ସହ ବୋରାକେଭ ଓଡ଼ିଶାରେ ଥିଲେ ଏତିକି ପ୍ରସିଦ୍ଧି ଲାଭ କରିପାରି ନ ଥା'ନ୍ତା। ଏହାର ଉଦାହରଣ ହେଉଛି କୋଟିଆ। କୋଟିଆକୁ ନେଇ ଅଧିକା କିଛି କହିବାର ଆବଶ୍ୟକତା ନାହିଁ।

ଆରକୁ ଉପତ୍ୟକାକୁ ଦେଖିଲେ ଏହା କୋରାପୁଟ ଭୂଖଣ୍ଡଠାରୁ ଅଧିକ ସୁନ୍ଦର ହୋଇ ନ ପାରେ। କଫି ବଗିଚା ସହ ଶୈଳନିବାସର ଭ୍ରମ ସୃଷ୍ଟି କରୁଥିବା ଏହି ସ୍ଥାନଠାରୁ ଢେର ଗୁଣରେ ଅଧିକ ଆମ ଅବିଭକ୍ତ କୋରାପୁଟ ଓ କନ୍ଧମାଳର ପ୍ରକୃତି ଏବଂ ପରିବେଶ। ଓଡ଼ିଶାର ସୁଉଚ୍ଚ ଗିରିଶୃଙ୍ଗ ଦେଓମାଳିର ବର୍ତ୍ତମାନର ଅବସ୍ଥା କ'ଣ ? କେବଳ ସାଧାରଣ ଜ୍ଞାନର ଗୋଟେ ପ୍ରଶ୍ନ ହୋଇ ରହିଛି ଆମ ଓଡ଼ିଆଙ୍କ ପାଇଁ ଦେଓମାଳି । ଏଥିସହ ବହୁ କିମ୍ବଦନ୍ତୀମୟ ପୀଠ ଓ ପର୍ଯ୍ୟଟନ ଏବେ ବି ଜନମାନସଠାରୁ ବହୁ ଦୂରରେ । ଓଡ଼ିଶାର ୬୨ ପ୍ରକାର ଜନଜାତି ମଧ୍ୟରୁ ଅଧିକାଂଶ ଜନଜାତିଙ୍କ ଆବାସସ୍ଥଳ ହୋଇଛି କୋରାପୁଟର ବିସ୍ତୀର୍ଣ୍ଣ ମାଳ ଅଞ୍ଚଳ। ଆଦିବାସୀ ପର୍ଯ୍ୟଟନ ଦିଗରେ ଯେତିକି ବିକାଶ ହେବା କଥା ସେତିକି ବିକାଶ ହୋଇପାରିନି। ଏସବୁ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଗର୍ବ କରିବାର କାରକସମୂହ। ଅଥଚ ଆମ ଶରୀରରୁ ଅନେକ ଅଂଶ ଟାଣି ନେବାର ଉପକ୍ରମ ପରେ ବି ଆମର କୂର୍ମ ଅବତାର। ଆନ୍ଧ୍ର-ଓଡ଼ିଶା ସୀମାକୁ ଲାଗିଥିବା ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଏବଂ ଗଞ୍ଜାମର ବହୁ ଗ୍ରାମ ଉପରେ ଆନ୍ଧ୍ରର ଲୋଲୁପ ଦୃଷ୍ଟି। କେବଳ ଆନ୍ଧ୍ର କାହିଁକି ଓଡ଼ିଶାର ସବୁ ସୀମା ଏବେ ସୁରକ୍ଷିତ ନୁହେଁ। ଏକଥା ବିଭିନ୍ନ ଗଣମାଧ୍ୟମରେ ଆଲୋଚିତ ହେଉଛି। ଏଭଳି ପରିସ୍ଥିତିରେ ସବୁଠାରୁ ବଡ଼ କଥା ହେଲା ଜନତାଙ୍କ ବିଶ୍ୱାସ ହାସଲ। ପର୍ଯ୍ୟାୟକ୍ରମିକ ସରକାର ଆମ ରାଜ୍ୟ ଭିତରେ ଅନେକ ଐତିହ୍ୟ, ବିଭବ, କୀର୍ତ୍ତିରାଜିର ସୁରକ୍ଷା ଦିଗରେ ସେମିତି ବିଶେଷ ଦୃଷ୍ଟି ଦେଇ ନାହାନ୍ତି। ବିକାଶ ଓ ସମୃଦ୍ଧି ଦିଗରେ ଅଣଦେଖା କରି ଆସିଛନ୍ତି। ଏସବୁ ରାଇଜର ଲୋକଙ୍କ ଭିତରେ ଗୋଟେ ହତାଶାର ଭାବ ସୃଷ୍ଟି କରି ଆସିଛି।

ଓଡ଼ିଆଟିଏ ଯେବେ ପର୍ଯ୍ୟଟକ ହୋଇ ବାହାର ରାଜ୍ୟ କିମ୍ବା ଦେଶକୁ ଯାଏ ପ୍ରଥମେ ସେଠାକାର ସ୍ଥାନ ଓ ପରିବେଶକୁ ଦେଖି ଉଚ୍ଛାଟିତ ହୁଏ ସତ, କିନ୍ତୁ ବହୁଳାଂଶରେ ଦୁଃଖ ପାଏ। ତୁରନ୍ତ ଆମ ରାଜ୍ୟର କୌଣସି ପର୍ଯ୍ୟଟନସ୍ଥଳ ସହ ସେ ତୁଳନା କରି ବସେ। ଆକାଶ ପାତାଳ ପ୍ରଭେଦକୁ ଦେଖି ହାତାଶାବୋଧ କରେ। କର୍ମକୁ ନିନ୍ଦେ। ସରକାରଙ୍କୁ କୋଷେ। ଏଇ କଥାକୁ ଆସି ଘରେ ଓ ବାହାରେ ପ୍ରକାଶ କରେ। କିନ୍ତୁ ଏସବୁ ଶୁଣେ କିଏ। ତା'ର ସ୍ୱର ସମୟ ସୁଅରେ ସେମିତି ଲିଭି ଯାଏ। ଏମିତି ସମସ୍ୟା ଓ ଯାତନା ଭିତରେ ସଂଘର୍ଷ କରୁଥିବା ସର୍ବ ଦୁଃଖୀ ଓଡ଼ିଆମାନେ ହୁଏତ ଅନ୍ୟ ରାଜ୍ୟ ପ୍ରତି ଆକର୍ଷିତ ହେଉଛନ୍ତି ପ୍ରକାରାନ୍ତରେ। ଏସବୁ ବନ୍ଦ ହେବା ଜରୁରୀ। ଆମେ ସମସ୍ତେ ନିଜ ନିଜ ସ୍ତରରେ ସଚେତନ ହେବା ଜରୁରୀ। ରାଜନୀତି ଅପେକ୍ଷା ମିଳିତ ରଣନୀତି ଆବଶ୍ୟକ। ତା' ସହିତ ଆମ ରାଇଜର ବିଭବର ବିକାଶ ଅନିବାର୍ଯ୍ୟ। ଡେରିରେ ହେଉ ପଛେ ଓଡ଼ିଶା ସରକାର ଏସବୁ ଦିଗରେ ତତ୍ପର ହେବା ଶୁଭଙ୍କର। ବୋରାକେଭ ବୁଲି ଗାଇଡକୁ ପଇସା ଦେଇ ଫେରିଲୁ। ବାହାରେ ଗୋଟେ ଜନଜାତି ଲୋକଠାରୁ ଖାଇଲୁ ବାଉଁଶପୋଡ଼ା ମାଂସ। ଓଡ଼ିଆରେ ପଚାରିଲି- 'ଓଡ଼ିଆମାନଙ୍କୁ ଦେଖି କେମିତି ଲାଗୁଛି।' ତା' ପାଖରେ ଥିବା ବୟସ୍କା ମଣିଷ ଖାଣ୍ଟି କୋରାପୁଟିଆ ଦେଶିଆ ଭାଷାରେ କହିଲା- ''କେନ୍ତା ଲାଗଲାନି, ଗଡ଼ିଆ ଲୋକକେ ଦେକିକରି! ନିକ ଲାଗଲାନି(ବଢ଼ିଆ ଲାଗିଲା)! ଆମ ଦେଶ ବାଟର ପାରା ଆକା ଲାଗଲାନି!'' ଏତିକି ଶୁଣି ପାଟିରେ ଦେଇଥିବା ପୋଡ଼ା ମାଂସ ଆହୁରି ସ୍ୱାଦିଷ୍ଟ ଲାଗିଲା। ଲାଗିଲା ସୀମାନ୍ତର ଯୁଝୁଥିବା ସବୁ ଓଡ଼ିଆଙ୍କୁ ଏମିତି ନିକ ଲାଗିଥିଲେ ହୁଏତ ଆହୁରି ନିମାନ ହୁଅନ୍ତା! ସେ ବେଳକୁ ଅପେକ୍ଷା!

**ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼**
**ମୋ-୯୫୫୬୨୮୭୭୭୫**

## ଏଇ ଭାରତରେ

ପ୍ରତିଦିନ ରାସ୍ତାରେ ବୁଲା ଷଣ୍ଢ ଓ ଅସହାୟ ଅବସ୍ଥାରେ ରହିଥିବା ଗୋରୁଙ୍କୁ ଖାଇବାକୁ ଦେବା ଲାଗି ଅଭିଯାନ ଚଳାଇଛନ୍ତି ଗାଜିଆବାଦର ମୟଙ୍କ ଚୌଧୁରୀ। ଏଥିପାଇଁ ସେ କେତେ ଜଣ ଯୁବକଙ୍କୁ ନେଇ ଏକ ଟିମ୍ ଗଠନ କରିଛନ୍ତି। ଏହି ଅଭିଯାନର ନାମ ରଖିଛନ୍ତି 'ଚାରା କାର'। ୨୦୨୦ ଜାନୁୟାରୀରୁ ଏହା ଆରମ୍ଭ କରିଥିଲେ। ଆରମ୍ଭ କରିବାର ମାତ୍ର ୫ ଦିନ ମଧ୍ୟରେ ସେ ୧ ଲକ୍ଷ ୨୦ ହଜାର ଟଙ୍କା ଲୋକଙ୍କଠାରୁ ଦାନ ଆକାରରେ ପାଇ ପ୍ରଥମେ ଏକ ବିଦ୍ୟୁତ୍‌ଚାଳିତ କାର୍ କିଣିଥିଲେ। ଏଥିରେ ସେ ଘରକୁ ଘର ବୁଲି ଗ୍ରୀନ୍ ୱେଷ୍ଟ (ପନିପରିବା ବର୍ଜ୍ୟ)ସଂଗ୍ରହ କରି ବୁଲା ଷଣ୍ଢ ଓ ରାସ୍ତାକଡ଼ର ରୋଗଗ୍ରସ୍ତ ଗୋରୁଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ପରେ ଲୋକଙ୍କଠାରୁ ପାଣ୍ଠି ଯୋଗାଡ଼ କରି ଆଉ ଦୁଇଟି କାର୍ କିଣିଛନ୍ତି। ମୋଟରେ ୩ଟି 'ଚାରା କାର'ରେ ସେ ଏବେ ପାଖାପାଖି ୧୦,୦୦୦ ଘରୁ ହଜାର ହଜାର କେ.ଜି. ଗ୍ରୀନ୍‌ୱେଷ୍ଟ ସଂଗ୍ରହ କରିପାରୁଛନ୍ତି। ପ୍ରତିଦିନ ସେମାନେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଗୋରୁଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଛନ୍ତି। 'ଚାରା କାର' ଘର ନିକଟରେ ପହଞ୍ଚିବା କ୍ଷଣି ଲୋକମାନେ ସେଥିରେ ଗ୍ରୀନ୍ ୱେଷ୍ଟ ରଖିଦେଉଛନ୍ତି। ରେସ୍ତୋରାଁ ଓ ବଜାରରୁ ବି ସେମାନେ ଏହା ସଂଗ୍ରହ କରୁଛନ୍ତି। ଲକ୍‌ଡାଉନ ସମୟରେ କିଛି ମାସ 'ଚାରା କାର' ବନ୍ଦ ରହିଥିଲା। ଏହି ସମୟରେ ମୟଙ୍କ ଓ ତାଙ୍କ ଟିମ୍ ଅକ୍ସିଜେନ ସିଲିଣ୍ଡର ସହ କୋଭିଡ୍ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଉଥିଲେ। ଆଗାମୀ ଦିନରେ ଦିଲ୍ଲୀ ଓ ଅନ୍ୟ ସହରରେ 'ଚାରା କାର' ଚଳାଇବାର ଯୋଜନା ରଖିଛନ୍ତି ମୟଙ୍କ।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୯୬

- ହ୍ୱାଇଟ ୱାଟର ମାମଲାରେ ଅଭିଯୁକ୍ତ ଆରକାନସାସର ପୂର୍ବତନ ଗଭର୍ଣ୍ଣର ଜିମଗାୟ ଟକେରଙ୍କୁ ସାମୟିକ ବନ୍ଦୀମୁକ୍ତ କରାଯାଇଛି।
- ବିବାଦୀୟ ଅଣୁ ପରୀକ୍ଷା ନିରସ୍ତ୍ରୀକରଣ ଚୁକ୍ତି (ସିଟିବିଟି) ଉପରେ ଭାରତର ଭିଟୋ ପ୍ରୟୋଗ।
- ବିଜେପିରୁ ବହିଷ୍କୃତ ହୋଇଥିବା ଗୁଜରାଟର ବିଦ୍ରୋହୀ ନେତା ଶଙ୍କର ସିଂ ବାଘେଲା 'ରାଷ୍ଟ୍ରୀୟ ଜନତା ପାର୍ଟି' ନାମରେ ଏକ ନୂଆ ଜାତୀୟ ରାଜନୈତିକ ଦଳ ଗଠନ ବିଷୟ ଘୋଷଣା କରିଛନ୍ତି।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | | 9 | | | 3 | | | 5 |
| | | | 4 | | | | | 9 |
| | 6 | | 1 | | | | | |
| | 7 | | | | 8 | 3 | | |
| | | | | | | | | |
| 2 | 5 | 8 | | | | | 1 | 7 |
| 9 | | | | 4 | | | | |
| | | | 3 | | | 5 | 6 | |
| | | 3 | | | 7 | 9 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 4 | 6 | 9 | 8 | 7 | 3 |
| 7 | 3 | 8 | 1 | 5 | 2 | 6 | 4 | 9 |
| 9 | 6 | 4 | 7 | 8 | 3 | 5 | 2 | 1 |
| 2 | 8 | 5 | 6 | 3 | 7 | 9 | 1 | 4 |
| 6 | 9 | 7 | 8 | 4 | 1 | 3 | 5 | 2 |
| 1 | 4 | 3 | 2 | 9 | 5 | 7 | 6 | 8 |
| 3 | 5 | 2 | 9 | 1 | 6 | 4 | 8 | 7 |
| 4 | 7 | 9 | 5 | 2 | 8 | 1 | 3 | 6 |
| 8 | 1 | 6 | 3 | 7 | 4 | 2 | 9 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଖେଳ ପାଇଁ ନୂଆ ଯୋଜନା କରାଯାଉ

ମହାଶୟ,

୨୦୨୦ ଆର୍ଥିକ ବର୍ଷରେ କରୋନା ଭୂତାଣୁ ତା'ର କାୟା ବିସ୍ତାର କରିଥିଲା, ସେଥିପାଇଁ ଅଲିମ୍ପିକ୍ସ ଖେଳକୁ ବାତିଲ କରାଯାଇଥିଲା। ୨୦୨୧ଅଗଷ୍ଟରେ ଟୋକିଓ ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା ଏବଂ ଭାରତ ସରକାର ସମସ୍ତ ଖେଳାଳିଙ୍କୁ ଶୁଭକାମନା ଜଣାଇଥିଲେ। ଟୋକିଓ ଅଲିମ୍ପିକ୍ସରେ ପିଭି ସିନ୍ଧୁ ପୁଣିଥରେ ବ୍ୟାଡମିଣ୍ଟନ ଖେଳରେ ବ୍ରୋଞ୍ଜ ମେଡାଲ ଆଣିଲେ। ପିଭି ସିନ୍ଧୁ ଭାରତର ପ୍ରଥମ ମହିଳା ଖେଳାଳି, ଯିଏ କି ଦୁଇ ଦୁଇ ଥର ଭାରତ ପାଇଁ ଅଲିମ୍ପିକ୍ସରେ ମେଡାଲ ଆଣି ନୂଆ ଇତିହାସ ରଚିଲେ। ସେହିପରି ଭାରତର ପୁରୁଷ ହକି ଖେଳାଳିମାନେ ଅଲିମ୍ପିକ୍ସ ଖେଳରେ ଭଲ ପ୍ରଦର୍ଶନ ଦେଖାଇ ବ୍ରୋଞ୍ଜ ମେଡାଲ ଆଣିଲେ। ଦୀର୍ଘ ୪୨ ବର୍ଷ ପରେ ଭାରତୀୟ ହକି ଖେଳାଳିଙ୍କ ହାତରେ ମେଡାଲ ଦେଖିବାକୁ ମିଳିଲା। ଜାଭେଲିନ ଥ୍ରୋରେ ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ, ରବି କୁମାର ଦହିଆ କୁସ୍ତିରେ ସିଲ୍‌ଭର ପଦକ ପାଇଲେ। ମୀରାବାଈ ଚାନୁ ଭାରୋତୋଳନରେ ସିଲଭର ମେଡାଲ ଆଣିଲେ। ଅଲିମ୍ପିକ୍ସର ସଫଳତା ଖେଳ ପ୍ରେମୀଙ୍କ ପାଇଁ ଶୁଭ ଖବର। ସରକାର ଖେଳ ପାଇଁ ନୂଆ ପଦକ୍ଷେପ ନେବା ଉଚିତ। ଖେଳର ଉନ୍ନତି ପାଇଁ ଏବଂ ଖେଳାଳିଙ୍କ ଉନ୍ନତି ଲାଗି ନୂଆ ଯୋଜନା କରିବା ପାଇଁ ବଚନବଦ୍ଧ ହେବା ଦରକାର।

**-କାଳୀ ଦାସ, ବ୍ରହ୍ମପୁର**

## ଚିରନ୍ତନୀ

କହେ ଡାକି ସେ ଶବଦ
''ଶୁଣ ଶୁଣ
ହେ ଜଗତବାସି !
''ଜୀବନ ବିଜୟ ଦୀପ
ଅସୀମ ଆକାଶେ ଜଳେ ଭାସି।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲ୍ୟାମ୍ପସ୍ ଆଗରେ ୟୁରିଆ ପାଇଁ ଧସ୍ତାଧସ୍ତି



ସାର ପାଇଁ ଅପେକ୍ଷା କରିଥିବା ଚାଷୀ।

■ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ କଲେ ଏମ୍‌ଡି
■ ଅଧିକାରୀଙ୍କ ଉପସ୍ଥିତିରେ ଚାଷୀଙ୍କୁ ମିଳିଲା ସାର

ଝରିଗାଁ, ୨୦।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲାରେ ସାର ଅଭାବ ଲାଗି ରହିଛି। ଝରିଗାଁ ବ୍ଲକ ଲ୍ୟାମ୍ପସ୍‌ରେ ଶୁକ୍ରବାର ସାର ବଣ୍ଟନବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। କେତେଜଣ ଚାଷୀ ଅଧିକ ସାର ଦାବିରେ ଲ୍ୟାମ୍ପସ୍ ଏମ୍‌ଡିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଏମ୍‌ଡି ସେମାନଙ୍କ ନାମରେ ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ତହସିଲଦାର, ବ୍ଲକ କୃଷି ଅଧିକାରୀ, ଏସ୍‌ଡିପିଓ ଏବଂ ପୋଲିସ ଉପସ୍ଥିତିରେ ଚାଷୀଙ୍କୁ ସାର ବଣ୍ଟନ କରାଯାଇଛି।

ଶୁକ୍ରବାର ଲ୍ୟାମ୍ପସ୍‌ରେ ଚାଷୀମାନଙ୍କୁ ଗୋଟିଏ ଲେଖାଏ ୟୁରିଆ ସାର ବସ୍ତା ବଣ୍ଟାଯାଉଥିଲା। କେତେଜଣ ଯୁବଚାଷୀ ସେଠାକୁ ଆସି ୨ଟି ଲେଖାଏ ବସ୍ତା ଦେବାକୁ ଦାବି କରିଥିଲେ। ଗୋଦାମରେ ୧ହଜାର ୬ଶହ ୟୁରିଆ ସାର ବସ୍ତା ଅଛି। ବ୍ଲକର ପ୍ରାୟ ଦୁଇ ହଜାର ଚାଷୀ ସାର ନେବାକୁ ସେଠାରେ ଉପସ୍ଥିତ ଅଛନ୍ତି। ଏଣୁ ପ୍ରତ୍ୟେକ ଚାଷୀଙ୍କୁ ଗୋଟିଏ ୟୁରିଆ ସାର ବସ୍ତା ଦିଆଯିବ ବୋଲି ଏମ୍‌ଡି କହିଥିଲେ। ଏହି ସମୟରେ ଉକ୍ତ ଯୁବଚାଷୀମାନେ ଏମ୍‌ଡିଙ୍କୁ ମାଡ଼ ମାରିବା ସହ ସେଠାରେ ଥିବା ଟେବୁଲ ଭାଙ୍ଗି ଦେଇଥିଲେ। ଏଥିସହ ଚାଷୀ ଦେଇଥିବା ଆଧାର କାର୍ଡ(ଜେରକ୍ସ କପି)କୁ ଫୋପାଡ଼ି ଦେଇଥିଲେ। ଏହା ଦେଖି ଏମ୍‌ଡି ଭୟଭୀତ ହୋଇ ସେଠାରୁ ପଳାଇଥିଲେ। ସାର ବଣ୍ଟନ କିଛି ସମୟ ପାଇଁ ଠପ୍ ହୋଇଥିଲା। ଖବରପାଇ ତହସିଲଦାର ହୃଷୀକେଶ ଗଣ୍ଡ, ଥାନାଧିକାରୀ ନଟବର ନନ୍ଦ, ବ୍ଲକ କୃଷି ଅଧିକାରୀ ସୁନିତା ସିଂ ପ୍ରମୁଖ ଚାଷୀମାନଙ୍କୁ ବହୁ ବୁଝାଶୁଝା କରିଥିଲେ। ଚାଷୀ କିନ୍ତୁ ଦୁଇଟି ସାର ବସ୍ତା ଦେବା ପାଇଁ ଜୋର ଧରିଥିଲେ। ଆଉ କେତେଜଣ ଚାଷୀ ଗୋଟିଏ ଲେଖାଏଁ ସାର ବସ୍ତା ଦେଲେ ଆମେ ଚାଲିଯିବୁ ବୋଲି ଅନୁରୋଧ କରିଥିଲେ। ଉମରକୋଟ ଏସ୍‌ଡିପିଓ ଦିନେଶ ଚନ୍ଦ୍ର ନାୟକ, ଏସ୍‌ଆଇ ରାଧାମୋହନ ବାରିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚାଷୀଙ୍କ ଆଧାରକାର୍ଡ ନଷ୍ଟ ହୋଇଯାଇଥିବାରୁ ସେମାନଙ୍କ ଆଙ୍ଗୁଠିରେ କାଳିଚିହ୍ନ ଦେଇ ସାର ପ୍ରଦାନ କରାଯାଇଥିଲା।

# ୬ ଦିନରେ ୭୩୨ ପିଲା ସଂକ୍ରମିତ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

**ତୃତୀୟ ଲହର ପୂର୍ବରୁ ଘାରିଲା ଚିନ୍ତା**
■ ୧୮ବର୍ଷ ବୟସ ମଧ୍ୟରେ ଆଉ ୧୨୮ ଆକ୍ରାନ୍ତ
■ ଦ୍ୱିତୀୟ ଲହରରେ ଗଲାଣି ୨୬ ପିଲାଙ୍କ ଜୀବନ
■ ପ୍ରଥମ ଲହରରେ ୧୩ ପିଲାଙ୍କ ମୃତ୍ୟୁ ହୋଇଥିଲା



ସେପ୍ଟେମ୍ବରରେ ତୃତୀୟ ଲହର ଆସିବ ବୋଲି ଆକଳନ କରାଯାଉଛି। ଏଥିରେ ଶିଶୁମାନେ ଅଧିକ ସଂକ୍ରମିତ ହେବାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ହେଲେ ଏବେ ଦ୍ୱିତୀୟ ଲହର ଜାରି ରହିଥିବାବେଳେ ରାଜ୍ୟରେ ଶିଶୁ ଓ କିଶୋରଙ୍କୁ ସଂକ୍ରମଣ ବୃଦ୍ଧି ଚିନ୍ତା ବଢ଼ାଇଛି। ରାଜ୍ୟ ସରକାର ଯେବେଠାରୁ ସଂକ୍ରମିତ ପିଲାଙ୍କ ତଥ୍ୟ ପ୍ରଦାନ କରୁଛନ୍ତି, ସେବେଠାରୁ ଅର୍ଥାତ୍ ଗତ ୬ଦିନରେ ୧୮ବର୍ଷରୁ କମ୍ ବୟସର ୭୩୨ଜଣ ପିଲା କରୋନାରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଇତିମଧ୍ୟରେ ଦ୍ୱିତୀୟ ଲହରରେ ମୋଟ ୬୯,୩୪୦ଜଣ ଓ ଗତବର୍ଷ ପ୍ରଥମ ଲହରରେ ୨୭,୭୮୭ଜଣ ପିଲା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସରକାରଙ୍କ ତଥ୍ୟକୁ ହିସାବକୁ ନେଲେ ରାଜ୍ୟରେ ପିଲାଙ୍କ ସଂକ୍ରମଣ ହାର ୧୨ରୁ ୧୫% ବଢ଼ିଛି। ଅନ୍ୟପକ୍ଷରେ ଧୀରେ ଧୀରେ କରୋନା ପିଲାଙ୍କ ପାଇଁ ଘାତକ ହେଉଥିବା ମଧ୍ୟ ଉକ୍ତ ତଥ୍ୟରୁ ଜଣାପଡିଛି। ପ୍ରଥମ ଲହରରେ ମୋଟ ୧୩ଜଣ ଆକ୍ରାନ୍ତ ପିଲାଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ୩ଜଣ ଝିଅ ଓ ୧୦ଜଣ ପୁଅ ଥିଲେ। ହେଲେ ଦ୍ୱିତୀୟ ଲହରର ୨୦ ତାରିଖ ପର୍ଯ୍ୟନ୍ତ ୨୬ ପିଲାଙ୍କ ଜୀବନ ନେଲାଣି ମହାମାରୀ। ମୃତକଙ୍କ ମଧ୍ୟରେ ୧୨ଜଣ ଝିଅ ଓ ୧୪ଜଣ ପୁଅ ଅଛନ୍ତି। ୭ରୁ ୧୪ବର୍ଷ ବୟସ ମଧ୍ୟରେ ସର୍ବାଧିକ ୧୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮ଜଣ ୧୫ରୁ ୧୮ ଏବଂ ୦ରୁ ୬ବର୍ଷ ମଧ୍ୟରେ ୫ଜଣ ଅଛନ୍ତି। ଗତ ମଙ୍ଗଳବାର ମଧ୍ୟ ଜଣେ ୯ବର୍ଷ ପୁଅ, ଗୁରୁବାର ଏକ ମାସର ଝିଅ ଓ ଶୁକ୍ରବାର ୧୩ବର୍ଷର ପୁଅର ମୃତ୍ୟୁ ଘଟିଛି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୭୦,୦୭୯ ନମୁନା ପରୀକ୍ଷା ହୋଇଥିବାବେଳେ ୯୮୬ ପଜିଟିଭ୍ ବାହାରିଛନ୍ତି। ୨୭ ଜିଲାରୁ ଏମାନେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୧୮ବର୍ଷରୁ କମ୍ ବୟସର ୧୨୮ଜଣ ଅଛନ୍ତି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩୭୩ ଜଣ ରହିଛନ୍ତି। କଟକରୁ ୧୩୯ଜଣ ଥିବାବେଳେ ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଏସବୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୯,୯୯,୧୭୩ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୬୯ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ପ୍ରଦାନ କରିଛି। ଫଳରେ କରୋନାଜନିତ ମୃତ୍ୟୁ ୭,୨୨୩କୁ ବୃଦ୍ଧି ପାଇଛି।

## ସଂକ୍ଷେପରେ

### ସୀମାନ୍ତରେ ଗୁଳି ବିନିମୟ, ୨ ଯବାନ ଶହୀଦ

ମାଲକାନଗିରି,୨୦।୮ (ଡି.ଏନ୍.ଏ.): ମାଲକାନଗିରି ସୀମାନ୍ତ ଛତିଶଗଡ଼ ବସ୍ତର ଜିଲାରେ ଶୁକ୍ରବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ଯବାନ ଶହୀଦ ହୋଇଛନ୍ତି। ସେମାନେ ହେଲେ ଏସ୍‌ଏସ୍‌ଆଇ ସୁଧାକର ସିନ୍ଧେ ଓ ପ୍ଲାଟୁନ କମାଣ୍ଡର ଗୁରୁମୁଖ୍ ସିଂ। ବସ୍ତର ଜିଲା କଡେନାଡ ଥାନା ଅନ୍ତର୍ଗତ କରିଆମେଟା ଜଙ୍ଗଲରେ ଅପରାହ୍ନରେ ଆଇଟିବିପି ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ସମୟରେ ସେମାନଙ୍କୁ ଦେଖି ପାହାଡ଼ ଉପରୁ ମାବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଆଇଟିବିପି ଯବାନମାନେ ମଧ୍ୟ ଏହାର ଯବାବ ଦେଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଏହି ଗୁଳି ବିନିମୟ ଯୋଗୁ ଘଟଣାସ୍ଥଳରେ ଏସ୍‌ଏସ୍‌ଆଇ ସିନ୍ଧେ ଓ ପ୍ଲାଟୁନ କମାଣ୍ଡର ସିଂଙ୍କ ମୃତ୍ୟୁ ହୋଇଥିଲା। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଥିବା ବସ୍ତର ଡିଆଇଜି ସୁନ୍ଦରରାଜ ପି. କହିଛନ୍ତି।

### ଭୁଶୁଡ଼ିଗଲା କାନ୍ଥ, ଚାପିହୋଇ ୬ମାସର ଶିଶୁକନ୍ୟା ମୃତ

ଉମରକୋଟ, ୨୦।୮(ସ୍ୱ.ପ୍ର.): ଲଗାଣବର୍ଷା ଯୋଗୁ ଭୁଶୁଡ଼ିପଡ଼ିଲା କାନ୍ଥ। କାନ୍ଥ ତଳେ ଚାପିହୋଇ ୬ ମାସର ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଚିକଲପଦର ପଞ୍ଚାୟତ ପୂଜାରୀଭରଣ୍ଡି ଗ୍ରାମରେ। ମୃତକ ହେଲେ ରାମ ଗଣ୍ଡଙ୍କ ୬ ମାସର ଶିଶୁ କନ୍ୟା ଝିଲ୍ଲୀ। ସୂଚନା ଅନୁଯାୟୀ, ଝିଲ୍ଲୀଙ୍କୁ ବାରଣ୍ଡାରେ ଶୁଆଇ ତାଙ୍କ ମା' ଘରକାମ କରୁଥିଲେ। ଦୁଇଦିନ ଧରି ଉମରକୋଟରେ ବର୍ଷା ଲାଗି ରହିଥିବାରୁ କାନ୍ଥ ଦୁର୍ବଳ ହୋଇ ଯାଇଥିଲା। ହଠାତ୍ କାନ୍ଥଟି ଭୁଶୁଡ଼ିପଡ଼ିଥିଲା। ପୋଲିସ ମୃତଦେହ ଜବତ ଓ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଧାୟକଙ୍କ ଗାଡ଼ିକୁ ଧକ୍କା ଦେଇଥିବା ଟ୍ରକ୍ ଚାଳକ ଗିରଫ

ଧର୍ମଶାଳା,୨୦।୮(ଡି.ଏନ.ଏ.): ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ରଥିଆ ଛକ ନିକଟରେ ଭଦ୍ରକ ବିଧାୟକଙ୍କ ଗାଡ଼ିକୁ ଧକ୍କା ଦେଇଥିବା ଟ୍ରକ୍ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଶ୍ରୀବନ୍ତପୁର ଗ୍ରାମର ଅଭୟ ନାୟକ। ଗିରଫ ପରେ ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ଗୁରୁବାର ସକାଳେ ବିଧାୟକ ସଞ୍ଜୀବ ମଲ୍ଲିକ ତାଙ୍କ ଗାଡ଼ି ଯୋଗେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିଲେ। ରଙ୍ଗରୁଟରେ ଆସୁଥିବା ଏକ ଟ୍ରକ୍ ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଫଳରେ ବିଧାୟକଙ୍କ ଗାଡିଟି ଭାରସାମ୍ୟ ହରାଇ ରାସ୍ତାର ଡିଭାଇଡରରେ ପିଟି ହୋଇଥିଲା।

# ଫାର୍ମହାଉସ୍ ପୋଖରୀରୁ ମିଳିଲା ଛାତ୍ରୀଙ୍କ ମୃତଦେହ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ(ଡି.ଏନ୍.ଏ.) ୨୦।୮



ମୃତଦେହ ମିଳିଥିବା ପୋଖରି।



ସିସିଟିଭି ଫୁଟେଜ୍‌ରେ କଏଦ ହୋଇଥିବା ଦୃଶ୍ୟ।

■ ମୃତ୍ୟୁକୁ ନେଇ ନାନା ସନ୍ଦେହ
■ ସିସିଟିଭିରେ ରହିଛି ଘରୁ ବାହାରିଥିବାର ଦୃଶ୍ୟ
■ ତଦନ୍ତ ଆରମ୍ଭ, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ନନ୍ଦନକାନନ ଥାନାଞ୍ଚଳର ଏକ ଫାର୍ମ ହାଉସ ପୋଖରୀରୁ ଶୁକ୍ରବାର ଜଣେ ଛାତ୍ରୀଙ୍କ ମୃତଦେହକୁ ପୋଲିସ ସନ୍ଦେହଜନକ ଅବସ୍ଥାରେ ଜବତ କରିଛି। ମୃତ ଛାତ୍ରୀ ହେଲେ ସ୍ଥାନୀୟ ରଘୁନାଥପୁରରେ ରହୁଥିବା ପ୍ରଫେସର ରମେଶଚନ୍ଦ୍ର ମଲ୍ଲିକଙ୍କ ଝିଅ କାମିନୀ ପ୍ରିୟଦର୍ଶିନୀ(୧୮)। ଖବର ପାଇ ଜୋନ୍-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ୍ ଓ ନନ୍ଦନକାନନ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ପୋଲିସ ସହାୟତାରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଞ୍ଚ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ତେବେ କାମିନୀଙ୍କ ମୃତ୍ୟୁକୁ ନେଇ ନାନା ସନ୍ଦେହ ପ୍ରକାଶ ପାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସେନାପତି କହିଛନ୍ତି।

ମିଳିଥିବା ସୂଚନାନୁସାରେ, କାମିନୀଙ୍କ ଘର ରାୟଗଡା ସଦର ଥାନା ମାଳିସାହି ଅଞ୍ଚଳରେ ହୋଇଥିବାବେଳେ ସେ ମା'ବାପାଙ୍କ ସହ ଦୀର୍ଘଦିନ ହେବ ରଘୁନାଥପୁରରେ ଭଡ଼ା ଘରେ ରୁହନ୍ତି। ତାଙ୍କ ବାପା ରମେଶ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜର ପ୍ରଫେସର ଅଛନ୍ତି। ରମେଶଙ୍କ କହିବା କଥା, ତାଙ୍କ ଝିଅ +୨ ବିଜ୍ଞାନରେ ୮୯ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଜେଇଇରେ ମାର୍କ କମ୍ ରହିବାରୁ ସେ ମନଦୁଃଖରେ ଥିଲେ। କିନ୍ତୁ ପାଠପଢ଼ାକୁ ନେଇ ପରିବାର ପକ୍ଷରୁ ତା'ଉପରେ କିଛି ଚାପ ନ ଥିଲା। ଗୁରୁବାର ରାତିରେ ଖାଇବା ପରେ ସେ ତା' ରୁମ୍‌କୁ ଯାଇ ଶୋଇଥିଲା। ରାତି ପ୍ରାୟ ୨ଟାରେ ସେ ରୁମ୍‌ରେ ନ ଥିବା ଓ ଘର ଖୋଲାଥିବା ମା' ଦେଖିବା ପରେ ଘରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରିଥିଲୁ। ରାତି ପ୍ରାୟ ୧ଟା ୫୫ରେ ସେ ଘରୁ ବାହାରି ରଘୁନାଥପୁର ଗାଁର ବଡପୋଖରୀକୁ ଅତିକ୍ରମ କରି ମୁଖ୍ୟରାସ୍ତାରେ ନନ୍ଦନକାନନ ଆଡକୁ ଚାଲିଚାଲି ଯାଉଥିବା ସିସିଟିଭିରୁ ଦେଖି ଥାନାକୁ ଜଣାଇଥିଲୁ। ପୋଲିସ୍‌ର କହିବା ଅନୁଯାୟୀ, ରାତି ୩ଟା ସମୟରେ କାମିନୀଙ୍କ ବାପା ପୋଲିସ କଣ୍ଟ୍ରୋଲ ରୁମକୁ ଫୋନ୍ କରି ତାଙ୍କ ଝିଅ ନିଖୋଜ ଥିବା କହିଥିଲେ। ପୋଲିସ ତୁରନ୍ତ ଘର ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସକାଳୁ ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଫାର୍ମ ହାଉସ୍ ପୋଖରୀରେ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ମାଲିକ ଥାନାକୁ ଫୋନକରି ଜଣାଇଥିଲେ। କାମିନୀଙ୍କ ବାପା ସେଠାରେ ପହଞ୍ଚି ମୃତଦେହଟି ତାଙ୍କ ଝିଅର ବୋଲି ଚିହ୍ନଟ କରିଥିଲେ।

### ୧୦ ଫୁଟର ପାଚେରି ଡେଇଁଲେ କେମିତି ?

ଯେଉଁ ଫାର୍ମ ହାଉସର ପୋଖରୀରୁ କାମିନୀଙ୍କ ମୃତଦେହ ମିଳିଛି, ତାହାର ଚାରିପାଖରେ ୧୦ ଫୁଟ ଉଚ୍ଚର ପାଚେରି ରହିଛି। ଘଟଣା ରାତିରେ ମଧ୍ୟ ଉକ୍ତ ଫାର୍ମ ହାଉସରେ ସମସ୍ତ ଫାଟକ ବନ୍ଦ ଥିଲା। ତେବେ କାମିନି ଉକ୍ତ ପାଚେରି ଡେଇଁ କିପରି ଫାର୍ମ ହାଉସ ଭିତରକୁ ଗଲେ ଓ ପୋଖରୀରୁ ତାଙ୍କର ମୃତଦେହ ମିଳିଲା ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ପୂର୍ବରୁ କାମିନୀ ଉକ୍ତ ଫାର୍ମହାଉସକୁ କେବେ ଆସି ଯାଇନାହାନ୍ତି। ରାସ୍ତାରେ ତାଙ୍କୁ ଦେଖି କେହି ଫାର୍ମ ହାଉସ ଭିତରକୁ ନେଇଯାଇଥିବା ବାପା ରମେଶ ଅଭିଯୋଗ କରିବା ସହ ତାଙ୍କ ମୃତ୍ୟୁରେ ଅନ୍ୟ କେହି ସମ୍ପୃକ୍ତ ଥିବା ନେଇ ସନ୍ଦେହ କରିଛନ୍ତି। ପୋଲିସ ଠିକ୍ ତଦନ୍ତ କରି ରହସ୍ୟ ଉନ୍ମୋଚନ କରୁ ବୋଲି ସେ କହିଛନ୍ତି।

# ୫୦ ସ୍ମାର୍ଟ ହାଇସ୍କୁଲ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଛତ୍ରପୁର,୨୦।୮(ଡି.ଏନ.ଏ.)



ଉଦ୍‌ଘାଟନ ଅପେକ୍ଷାରେ ଥିବା ସ୍କୁଲ।

■ ୧୦୮ ବିଧାୟିକା,ବିଧାୟକ ଗଞ୍ଜାମ ଆସିବେ
■ ୫ ଦିନ ଧରି ଚାଲିବ କାର୍ଯ୍ୟକ୍ରମ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ହିଞ୍ଜିଳି ଓ ଶେରଗଡ଼ ବ୍ଲକରେ ପ୍ରତିଷ୍ଠା ହୋଇଥିବା ୫୦ସ୍ମାର୍ଟ ହାଇସ୍କୁଲକୁ ଶନିବାର ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ୨୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଦିନେ ଛଡ଼ା ଦିନେ ୫ ଦିନ ଧରି ଚାଲିବ। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ୧୦୮ ବିଧାୟିକା ବିଧାୟକ ଯୋଗଦେବେ। ଦୈନିକ ୧୦ ଜଣ ଲେଖାଏ ବିଧାୟିକା ବିଧାୟକଙ୍କୁ ନେଇ ୨ଟି ଗ୍ରୁପ୍ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୦ ଜଣ ବିଧାୟକଙ୍କ ଗ୍ରୁପ୍ ହିଞ୍ଜିଳି ଓ ଅନ୍ୟ ୧୦ ବିଧାୟକଙ୍କ ଗ୍ରୁପ୍ ଶେରଗଡ଼ ବ୍ଲକ ଗସ୍ତ କରି ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଦେଖିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଉଦ୍‌ଘାଟନରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

ପରେ ସେମାନେ ବ୍ରହ୍ମପୁରସ୍ଥିତ ରାମଲିଙ୍ଗେଶ୍ୱର ପାର୍କ ବୁଲି ଦେଖିବେ। ଏହି ଗସ୍ତବେଳେ ସେମାନେ ଶେରଗଡ଼ ଓ ହିଞ୍ଜିଳି ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସହ ସ୍ମାର୍ଟ ହାଇସ୍କୁଲ ପରିଦର୍ଶନ କରିବେ। ଏଥିସହ ପଞ୍ଚାୟତିରାଜ ପ୍ରତିନିଧି, ସ୍କୁଲ ମନିଟରିଂ କମିଟି ସଭ୍ୟ, ଶିକ୍ଷକ, ଛାତ୍ରୀଛାତ୍ରମାନଙ୍କ ସହ ସେମାନେ କଥା ହୋଇ ପରାମର୍ଶ ଦେବାର କାର୍ଯ୍ୟକ୍ରମ ରହିଛି। ଶନିବାର ବିଧାୟିକା ବିଧାୟକମାନଙ୍କୁ ଛତ୍ରପୁର ଉପକଣ୍ଠ ତାମ୍ପରା ପର୍ଯ୍ୟଟନସ୍ଥଳରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ପରେ ସେମାନେ ତାରାତାରିଣୀ ମନ୍ଦିରକୁ ଯାଇ ଦର୍ଶନ କରିବେ।

# ଗୋଟିଏ ଦିନରେ ୧୨ ଆକ୍ରାନ୍ତଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଜିଲାରେ କରୋନା ମହାମାରୀ ଚିନ୍ତା**

**ଜଗତ୍‌ସିଂହପୁର ଅଫିସ, ୨୦।୮:** ଜଗତ୍‌ସିଂହପୁର ଜିଲାରେ କରୋନା ମହାମାରୀ ଦିନକୁ ଦିନ ଭୟାବହ ରୂପ ନେଉଛି। ଶୁକ୍ରବାର ଗୋଟିଏ ଦିନରେ ୧୨ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ଜଗତ୍‌ସିଂହପୁର ବ୍ଲକ ଓ ତିର୍ତ୍ତୋଲରୁ ୩ ଜଣ ଲେଖାଏ, କୁଜଙ୍ଗ ଏବଂ ବାଲିକୁଦାରୁ ୨ଜଣ ଲେଖାଏଙ୍କ ସମେତ ଜଗତ୍‌ସିଂହପୁର ପୌରାଞ୍ଚଳ ଓ ଏରସମାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଥିବାବେଳେ ବାଲିକୁଦା ବ୍ଲକର ଜଣେ ୧୩ ବର୍ଷର ନାବାଳକ ରହିଛନ୍ତି। ଏହାକୁ ମିଶାଇ ଜିଲାରେ କୋଭିଡ୍‌ରେ ୧୬୩ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ଗୋଟିଏ ଦିନରେ କରୋନାରେ ୪୫ ଜଣ ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ୧୮ ବର୍ଷରୁ କମ୍ ରହିଛନ୍ତି। ଏନେଇ ସ୍ଥାନୀୟ ଲୋକେ ଚିନ୍ତିତ ହୋଇଯାଇଛନ୍ତି। ଜିଲାରେ ଏପର୍ଯ୍ୟନ୍ତ ମୋଟ ୨୬,୪୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫,୯୬୦ ଜଣ ସୁସ୍ଥ ହୋଇ ସାରିଲେଣି । ଅବଶିଷ୍ଟ ୩୪୩ ଜଣ ସଂକ୍ରମିତ ଅଛନ୍ତି।

# ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ଅଧକ୍ଷା ନିଲମ୍ବିତ

**ସୋନପୁର,୨୦।୮(ନି.ପ୍ର.):** ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ଅଧକ୍ଷା ବୈଜୟନ୍ତୀ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ। ଆର୍ଥିକ ପରିଚାଳନାରେ ଅନିୟମିତତା ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ ନିଲମ୍ବନ କରା ଯାଇଥିବା ଅତିରିକ୍ତ ଜିଲାପାଳ ଦାଶ ସୂଚନା ଦେଇଛନ୍ତି। ସେହିପରି କଲେଜର ରାଜନୀତି ବିଜ୍ଞାନ ଅଧାପିକା ରୀତାରାଣୀ ପୂଝାରୀଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଅଧକ୍ଷା ଦାୟିତ୍ୱରେ ରହିବାକୁ ପରିଚାଳନା କମିଟି ସଭାପତି ଆଦେଶ ଦେଇଛନ୍ତି। ନିଲମ୍ବିତ ଅଧକ୍ଷାଙ୍କୁ ପରିଚାଳନା କମିଟି ସଭାପତିଙ୍କ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧାପିକା, ଅଧାପକ ଓ କର୍ମଚାରୀଙ୍କ ଇପିଏଫ୍ ବର୍ଷ ବର୍ଷ ଧରି ବନ୍ଦ କରିବା ଓ ଅନ୍ୟ କେତେକ ଅଭିଯୋଗ ଆଣି ଗତ ବୁଧବାର ଅଧାପକ ଓ କର୍ମଚାରୀମାନେ ପରିଚାଳନା କମିଟି ସଭାପତି ଦାଶଙ୍କୁ ସାକ୍ଷାତ କରି ଲିଖିତ ଭାବରେ ଜଣାଇଥିଲେ। ଏହାପରେ ଅଧକ୍ଷାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି।


**PARADIP PORT TRUST**
Corrigendum-I
To e-TCN No. EM/WS-29/2021 for the work : "Grant of licence for Installation, Operation & Maintenance of 04 Nos. of 100 Ton capacity HMC for a period of 05 years extendable to another 01 year" The last date of uploading response to clarifications sought, submission and opening of the bid for the above e-Tender Call Notice are hereby extended as follows: (1) Date and time of uploading response to clarifications sought: 27.08.2021 at 17:00Hrs. (2) Last date and time of bid Submission: 13.09.2021 up to 18:00 Hrs. (3) Opening of technical Bid: 14.09.2021 at 11:00 Hrs. All other terms and conditions of the original tender will remain unchanged.
Executive Engineer (M)
Workshop Division-I
PPT/PR/92/21-22 Dt. 20/08/2021

**OFFICE OF THE PANCHAYAT SAMITI, BODEN, DIST. NUAPADA**
**TENDER INVITING NOTICE**
**Tender Call Notice No.2490 Dated 18.08.2021**
Sealed item rate tenders in "Double cover system" are invited from eligible bidders for supply of Duel Desk-cum-Bench for Smart Class Rooms and reading Chair" under 5-Ts High School Transformation Programme as per the particulars mentioned below:

| Sl. No. | PARTICULARS | DATE & TIME |
| --- | --- | --- |
| 01 | Date & time of bid availability in website | 23.08.2021 |
| 02 | Date & time for submission of bid | 23.08.2021 (5.30 P.M.) to 31.08.2021 (5 P.M.) |
| 03 | Last date & time for receipt of completed bid documents | 31.08.2021 (5 P.M.) |
| 04 | Date & time for opening of bid | 03.09.2021 at 11.00 A.M. in Office of BDO, Boden |

The bid document with all information relating to the details of bidding process and terms & conditions need be assessed from District website i.e. http://www.nuapada.nic.in. The B.D.O., Boden Panchayat Samiti reserves the right to reject or modify any conditions of the tender and may cancel the tender at any stage without assigning any reason thereof.
Sd./- Block Development Officer, Boden

**Odisha Lift Irrigation Corporation Ltd.**
**(A Govt.of Odisha Undertaking)**
**OFFICE OF THE EXECUTIVE ENGINEER, L.I. DIVISION, KEONJHAR**
**E-Procurement Notice – 03 / 2021-22**
**E-mail - olickjr@gmail.com**
No.CAD-939:- No. 2494 / Dated : 18.08.2021
1. Name of the tender Inviting Officer : Executive Engineer, L.I. Division, Keonjhar
2. Name of the work : Drilling and Installation of 292 Nos. Deep Borewell under Banspal, Keonjhar and Jhumpura block in Keonjhar District.
3. No. of Packages : 06 Nos.
4. Tender Amount : Varies from 73.80 Lakhs to 93.60 Lakhs
5. Date and time of availability of bid documents in the portal for on line bidding from 10.00 hrs dated 01.09.2021 to 17.00hrs dated 14.09.2021.
6. Last date and time of receipt of bids in the portal up to 17.00 hrs. Dated- 14.09.2021.
7. Last date and time of clarification upto 17.00 hrs. Dated- 13.09.2021.
8. Date of opening of technical bid (Cover-1) at 11.00 hrs. Dated- 16.09.2021.
9. Date of opening of financial bid (Cover-2) will be informed after evaluation of technical bids.
10. Further details can be seen from the e-procurement portal of Govt. of Odisha i.e. www.tendersodisha.gov.in.
11. Subsequent corrigendum / addendum if required shall be available in the above portal.
Authority reserves the right to reject any or all the tenders, increase or decrease the quantities without assigning any reasons thereof.
Sd./- Executive Engineer, LI Division, Keonjhar
OIPR-32156/11/0004/2122

## ବାଇକ୍ ଡିକି ଭାଙ୍ଗି ଦେଢ଼ ଲକ୍ଷ ନେଇଗଲେ

ରାଜନଗର, (ଡି.ଏନ.ଏ.):ରାଜନଗର ପରିବା ମାର୍କେଟ ଭିତରୁ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ଦେଢ଼ ଲକ୍ଷ ଟଙ୍କା ଶୁକ୍ରବାର ଲୁଟି ନେଇଛନ୍ତି। ଲୁଟର ଶିକାର ପଟ୍ଟାମୁଣ୍ଡାଇ ତେରୋହୀ ଗାଁର ଅଶୋକ କୁମାର ବେହେରା ହୋଇଛନ୍ତି। ରାଜନଗରସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ସେଠାରୁ ମାର୍କେଟରେ ପହଞ୍ଚି ଗାଡି ରଖି ପରିବା କିଣିବାକୁ ଯାଇଥିଲେ। ୧୦ ମିନିଟ୍ ପରେ ପରିବା କିଣି ଫେରିବା ବେଳକୁ ଡିକି ଭଙ୍ଗା ହୋଇଥିଲା। ଡିକିରେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ରାଜନଗର ଥାନାରେ ସେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ମହାକାଳପଡ଼ା ଜଙ୍ଗଲ ଜମି ମାମଲା
### କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା ଅଫିସ, ୨୦।୮: କେନ୍ଦ୍ରାପଡା ମହାକାଳପଡା ତହସିଲ ଅନ୍ତର୍ଗତ ରାମନଗର ଓ ଖରିନାସୀ ମୌଜାର ଜଙ୍ଗଲ ଜମି ଦଖଲକୁ ନେଇ ନୟାଗଡ଼ ଜିଲା ବଜ୍ରକୋଟର ଦିଲୀପ ସାମନ୍ତରାୟ ଜମ୍ବୁ ସାମୁଦ୍ରିକ ଥାନାରେ ଦୁଇଟି ଅଭିଯୋଗ କରିଥିଲେ। ଏହି ଅଭିଯୋଗର କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ହାଇକୋର୍ଟର ଦ୍ୱାରସ୍ତ ହୋଇଥିଲେ। ହାଇକୋର୍ଟ ଜଷ୍ଟିସ ବିଶ୍ୱଜିତ ମହାନ୍ତି ଏହି ମାମଲାର ଗତ ୧୬ତାରିଖରେ ଶୁଣାଣି କରି ରାୟ ଦେଇଛନ୍ତି। ଏହି ରାୟରେ ଅଭିଯୁକ୍ତଙ୍କ ନାମରେ ଥିବା ମାମଲାରେ ଆସନ୍ତା ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦେବାକୁ ଉଲ୍ଲେଖ ରହିଛି। ଦିଲୀପଙ୍କ ଅଭିଯୋଗ ମୁତାବକ, ରାମନଗରର ୮ ଜଣ ଲୋକ ଏହି ଦୁଇ ମୌଜାର ଜଙ୍ଗଲ ଜମିକୁ ଦଖଲ କରିଛନ୍ତି। ଏଥିରେ ତହସିଲର କେତେଜଣ କର୍ମଚାରୀ ସାମିଲ ଅଛନ୍ତି। ଏ ନେଇ ସେ ଜମ୍ବୁ ଥାନାରେ ଜାନୁୟାରୀ ୧୨ ଓ ୩୦ ତାରିଖରେ ଦୁଇଟି ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ର ଜମ୍ବୁ ସାମୁଦ୍ରିକ ଥାନା ପୋଲିସ ପାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

### ବୃଦ୍ଧାଙ୍କୁ ନିର୍ଯାତନା ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୨୦।୮: ପଟ୍ଟାମୁଣ୍ଡାଇ ଥାନା କଷଣଅଣ୍ଡା ଗ୍ରାମର ହେମଲତା ସାହୁ (୮୦)ଙ୍କୁ ପୁଅ ଓ ବୋହୂ ନିର୍ଯାତନା ଦେଉଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ସୁଫଳ ନ ମିଳିବାରୁ ଶୁକ୍ରବାର ଜିଲାପାଳଙ୍କୁ ହେମଲତା ଭେଟିଛନ୍ତି। ଏ ନେଇ ସେ କହିଛନ୍ତି, ତାଙ୍କ ସ୍ୱାମୀ ଲୋଚନଙ୍କ ମୃତ୍ୟୁ ପରେ ଏହି ନିର୍ଯାତନା ବଢ଼ି ଯାଇଛି। ଗତ ୧୫ ତାରିଖରେ ସେ ଘରେ ଥିବା ବେଳେ ବୋହୂ ହେମଲତାଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରି ବିଫଳ ହେବାରୁ ପନିକି ଉଠାଇ ହାଣିବାକୁ ଉଦ୍ୟମ କରିଥିଲେ। ତେବେ ସେ ପାଟି କରିବାରୁ ବୋହୂ ଛାଡି ଦେଇଥିଲେ। ତେବେ ତାଙ୍କ ନିକଟରୁ ୫ ହଜାର ଟଙ୍କା ଛଡାଇ ନେଇଛନ୍ତି। ଥାନା ଅଭିଯୋଗ ସତ୍ତ୍ୱେ ପୋଲିସର ଉଦାସୀନତା ପାଇଁ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଜିଲାପାଳଙ୍କୁ ଭେଟିବା ପରେ ମାମଲାର ତଦନ୍ତ କରାଯିବ ବୋଲି ଜିଲାପାଳ ଅମୃତ ଋତୁରାଜ ପ୍ରତିଶ୍ରୁତି ଦେଇଥିବା ହେମଲତା କହିଛନ୍ତି।

### କରୋନାରେ ପୂର୍ବତନ ସରପଞ୍ଚଙ୍କ ପରଲୋକ

ଡେରାବିଶ,୨୦।୮(ସ୍ୱ.ପ୍ର.) : ଡେରାବିଶ ବ୍ଲକ ଅଞ୍ଚଳର ବିଜେଡି ନେତା ତଥା ଗୋଲରାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ପୀତାମ୍ବର ବେହେରାଙ୍କ ଗୁରୁବାର କରୋନାରେ ପରଲୋକ ହୋଇଯାଇଛି। କରୋନାରେ ଆକ୍ରାନ୍ତ ହୋଇ ବେହେରା ଜୁଲାଇ ୨୦ରୁ ଛତାସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବ୍ଲକ ଅଞ୍ଚଳର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପୀତାମ୍ବରଙ୍କ ବିୟୋଗରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜ୍ୟ ବିଜେଡି ସମ୍ପାଦକ ରବି ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ଗୋଲରାହାଟ ସରପଞ୍ଚ ପ୍ରଭାତୀ ରାଉତ, ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସେ ୧୯୯୭ରୁ ୨୦୦୨ ମସିହା ପର୍ଯ୍ୟନ୍ତ ଗୋଲରାହାଟର ସରପଞ୍ଚ ଥିଲେ।

# ଆଗେ ଦାବି ପୂରଣ, ପଛେ ପାଣି

ଆଳି,୨୦।୮(ଡି.ଏନ.ଏ.)



ଗଣଧାରଣାସ୍ଥଳରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ଆଲୋଚନାରତ।

### ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ

ପ୍ରଥମେ ଅଞ୍ଚଳର ସାଧାରଣ ଲୋକଙ୍କ ଦାବି ପୂରଣ କରି ତା' ପରେ ସରକାର ଖରସ୍ରୋତା ନଦୀରୁ ପାଣି ନେବା କଥା ଚିନ୍ତା କରିବା ଉଚିତ ବୋଲି ଶୁକ୍ରବାର କଟକ-ବାରବାଟୀ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ କହିଛନ୍ତି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ଗଣଧାରଣା ସ୍ଥଳରେ ପହଞ୍ଚି ମୋକିମ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଛନ୍ତି। କେନ୍ଦ୍ରାପଡ଼ା ଜିଲା ରାଜକନିକା ବରୁଣାଡିହା ନିକଟରେ ଖରସ୍ରୋତାରୁ ଭଦ୍ରକ ଜିଲାକୁ ପାଣି ନେବାକୁ ଲୋକଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ସରକାର ପୋଲିସ ବଳ ଲଗାଇ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଚଳାଇଛନ୍ତି। ଏହାକୁ ଗଣତାନ୍ତ୍ରିକ ଉପାୟରେ ବିରୋଧ କରି ଏବେ ଅନେକ ଲୋକ ଜେଲରେ ଅଛନ୍ତି। ମୋକିମ ସଂଗ୍ରାମ ସମିତିର ଅଚ୍ୟୁତପୁରର ମା' ଅନ୍ଧାରଘରଣୀ ଠାକୁରାଣୀ ପୀଠ ଗଣଧାରଣା ସ୍ଥଳରେ ପହଞ୍ଚି ସେମାନଙ୍କ ମନୋବଳ ବଢ଼ାଇବା ସହ ସରକାରଙ୍କ ଉପରେ ବିଷୋଦଗାର କରିଥିଲେ। ଲୋକମାନଙ୍କ ଦାବି ପ୍ରତି ଦୃଷ୍ଟି ନ ଦେଇ ଭଦ୍ରକ ଜିଲାକୁ ପାଣି ଯୋଗାଇ ଦେବା ପାଇଁ ସରକାରଙ୍କର ଏତେ ଜିଦ୍ କାହିଁକି। ଆଗେ ବ୍ୟାରେଜ ନିର୍ମାଣ କରି ପାଣି ନେଲେ କେହି ବିରୋଧ କରିବେ ନାହିଁ ବୋଲି ସେ କହିଛନ୍ତି। ଏହି ଆନ୍ଦୋଳନକୁ ସେ ନିଜର ସମର୍ଥନ ଘୋଷଣା କରିଥିଲେ। ବିଧାନସଭାରେ ସରକାରଙ୍କୁ ଏ ସମ୍ପର୍କରେ ପ୍ରଶ୍ନ ପଚାରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ବିଧାନସଭା ଅଧିବେଶନ ବେଳେ ସମ୍ମୁଖରେ ଧାରଣା ଦେବାକୁ ସେ ଆହ୍ୱାନ ଦେଇଥିଲେ। ତାଙ୍କ ସହ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ପିସିସି ସମ୍ପାଦକ ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ ପ୍ରମୁଖ ଯୋଗ ଦେଇଥିଲେ। ସଂଗ୍ରାମ ସମିତିର ଦୁର୍ଯ୍ୟୋଧନ ମହାନ୍ତି, ବିଧାନ ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସର ସମର୍ଥନ: ରାସ୍ତାରୋକୋ, ବିଧାୟକଙ୍କ କୁଶ ପୁତ୍ତଳିକା ଦାହ

ଆଳି,୨୦।୮(ଡି.ଏନ.ଏ.)



ବିଧାୟକ ପ୍ରତାପ ଦେବଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ଖରସ୍ରୋତା ନଦୀରେ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ବିରୋଧରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ସମର୍ଥନ କରି କେନ୍ଦ୍ରାପଡ଼ା ଜିଲା ଯୁବ କଂଗ୍ରେସ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛି। ୬ ଦଫା ଦାବି ଉପସ୍ଥାପନ କରି ଜିଲା ଯୁବ କଂଗ୍ରେସ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ସେତୁ ଉପରେ ସକାଳ ୯ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା। ଫଳରେ ଶତାଧିକ ଗାଡି ମୋଟର ଅଟକି ରହିଥିଲା। ଏହାର ନେତୃତ୍ୱ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ନେଇଥିଲେ। ଦାବିଗୁଡିକ ହେଲା ଖରସ୍ରୋତା ନଦୀ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ, ଗିରଫ ବ୍ୟକ୍ତିଙ୍କୁ ଖଲାସ, ମିଥ୍ୟା ମକଦ୍ଦମା ପ୍ରତ୍ୟାହାର, ପ୍ରକଳ୍ପ ଅଞ୍ଚଳକୁ ୧୪୪ କଟକଣା ମୁକ୍ତ କରିବା, ପୋଲିସର ଦମଲୀଳା ବନ୍ଦ କରିବା, ସରକାର ସଂଗ୍ରାମ ସମିତି ସହ ଆଲୋଚନା କରି ପରବର୍ତ୍ତୀ ନିଷ୍ପତ୍ତି ନେବା ଯାଏ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବା। ଯୁବ କଂଗ୍ରେସ ରାସ୍ତାରୋକୋ ପୂର୍ବରୁ ପ୍ରକଳ୍ପ ପାଇଁ ଦାୟୀ କହି ଆଳି ବିଧାୟକ ପ୍ରତାପ ଦେବଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏ ସମ୍ପର୍କରେ ଯୁବ ସଭାପତି ସାମଲ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଜୀବନଜୀବିକା ପ୍ରଭାବିତ ହେବା ଜାଣିବା ସତ୍ତ୍ୱେ ଖରସ୍ରୋତାରୁ ପାଣି ଉଠାଇବାକୁ ବିଧାୟକ ଦେବ ସମର୍ଥନ ଦେଉଛନ୍ତି। ଏହି ପ୍ରକଳ୍ପ ପାଇଁ ଆଖୁଆପଦା ନିକଟ ବୈତରଣୀ ନଦୀରୁ ପାଣି ଉଠାଇବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଖରସ୍ରୋତାରୁ ଅତ୍ୟଧିକ ପାଣି ଉଠାଇ ଆଦାନୀ ଗ୍ରୁପକୁ ପାଣି ବିକିବା ଯୋଜନା ସ୍ଥାନୀୟ ବିଧାୟକଙ୍କ ଥିବାରୁ ଜିଲା ଯୁବ କଂଗ୍ରେସ ଏହାକୁ ବିରୋଧ କରୁଛି। ଏଥିରେ ଆଳିର ପୂର୍ବତନ ବିଧାୟକ ତଥା ସଂଗ୍ରାମ ସମିତି ଉପଦେଷ୍ଟା ଦେବେନ୍ଦ୍ର ଶର୍ମା, ଜିଲା ଯୁବ କଂଗ୍ରେସ ମୁଖପାତ୍ର ସତ୍ୟବ୍ରତ ପରିଡ଼ା, ଆଳି ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରାଜ ମୋହନ ସ୍ୱାଇଁ, ବ୍ଲକ ଯୁବ କଂଗ୍ରେସ ସଭାପତି କ୍ଷୀରୋଦ ବେହୁରିଆ, ରାଜକନିକା ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରା, ଆଳି ବ୍ଲକ ସଭାପତି ରବି ନାରାୟଣ ବେହେରାଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ଅନଶନରତ ଶ୍ରୀକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି

କେନ୍ଦ୍ରାପଡ଼ା ଅଫିସି, ୨୦।୮

ଖରସ୍ରୋତା ନଦୀରୁ ପାଣି ଉଠାଗଲେ ଜାତୀୟ ଉଦ୍ୟାନ ଭିତରକନିକା ଜୈବ ବିବିଧତା ନଷ୍ଟ ହେବ ଦର୍ଶାଇ ଭିତରକନିକା ଇକୋ ସେନସେଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ଆମରଣ ଅନଶନରେ ଅଛନ୍ତି। ଗତ ୧୦ ତାରିଖରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଗରାପୁରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଅନଶନ ଆରମ୍ଭ କରିଥିଲେ। ଗତ ୧୫ ତାରିଖରେ ଜିଲା ପୋଲିସ ସେଠାରୁ ଜୋର କରି ଉଠାଇ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଛାଡିଛନ୍ତି। ଏବେ ସେ ମେଡିସନ ୱାର୍ଡର ୧୧୪ ନଂ. ବେଡରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ଶ୍ରୀକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁଦିନ ଦ୍ରୁତଗତିରେ ଅବନତି ଘଟୁଛି। ଏ ନେଇ ସେ ଜିଲା ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି। ଶ୍ରୀକାନ୍ତ କହିବା କଥା ପ୍ରକଳ୍ପ ପରେ ଭିତରକନିକା ଜୈବ ବିବିଧତା ପ୍ରଭାବ ସମ୍ପର୍କରେ ଅଦ୍ୟାବଧି କୌଣସି ରିପୋର୍ଟ ପ୍ରସ୍ତୁତ ହୋଇନାହିଁ। ପ୍ରକଳ୍ପ ବନ୍ଦ କରି ଏକ ବୈଷୟିକ ଟିମ ଅନୁଧ୍ୟାନ କରିବା ସହ ମନିଟରିଂ କମିଟିରେ ଏହା ଉପସ୍ଥାପନା କରାଯାଉ। ଏଥି ମଧ୍ୟରେ ଶ୍ରୀକାନ୍ତଙ୍କ ଅନଶନ ଭାଙ୍ଗିବାକୁ ଜିଲା ପ୍ରଶାସନ ପକ୍ଷରୁ ଗତ ୧୭ ତାରିଖରେ ଉଦ୍ୟମ ହୋଇଥିଲେ ମଧ୍ୟ ବିଫଳ ହୋଇଥିଲା।

## ଅନଶନରୁ ଓହରି ଆନ୍ଦୋଳନକୁ ତୀବ୍ର କର

କେନ୍ଦ୍ରାପଡ଼ା ଅଫିସ, ୨୦।୮

ଭିତରକନିକାର ପ୍ରାକୃତିକ ବିଭବର ସୁରକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଇକୋ ସେନ୍ସିଟିଭ ଜୋନ ମନିଟରିଂ କମିଟି ସଦସ୍ୟ ଶ୍ରୀକାନ୍ତ ନାୟକ ଅନଶନରେ ଅଛନ୍ତି। ଅନଶନରୁ ଓହରି ଆନ୍ଦୋଳନକୁ ତୀବ୍ର କରିବାକୁ ଓଡ଼ିଶା ମିଳିତ ନିଶା ନିବାରଣ ଅଭିଯାନ (ମୋନା)ର ପଥ ପ୍ରଦର୍ଶକ ତଥା ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ଓ ଜିଲା ଜନ ଅଧିକାର ଅଭିଯାନ ସଭାପତି ଭୁବନ ମୋହନ ଜେନା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅପରାହ୍ନରେ ପହଞ୍ଚି ଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ନାୟକ କହିଥିଲେ, ଭିତରକନିକାର ସୁରକ୍ଷା ପାଇଁ ଜୋନ କମିଟି ସଦସ୍ୟ ଶ୍ରୀକାନ୍ତ ଆମରଣ ଅନଶନ ଚଳାଇଛନ୍ତି। ତେବେ ଏହି କମିଟିର ଅଧ୍ୟକ୍ଷ ଜିଲାପାଳ ଶ୍ରୀକାନ୍ତଙ୍କୁ ଭେଟି ନ ଥିବାବେଳେ ବନ ସୁରକ୍ଷା ଦାୟିତ୍ୱରେ ଥିବା ଡିଏଫ୍‌ଓ ମଧ୍ୟ ଅଦ୍ୟାବଧି ଦେଖା କରିନାହାନ୍ତି। ସେହିପରି ଭୁବନ ମୋହନ ଆନ୍ଦୋଳନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କଠାରୁ ନିମ୍ନସ୍ତରର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମତ ଦେଇଛନ୍ତି।



ସ୍ୱାଧୀନତା ସଂଗ୍ରାମୀ ପଦ୍ମଲୋଚନ ନାୟକ ଶ୍ରୀକନ୍ତଙ୍କୁ ବୁଝାଉଛନ୍ତି।



ପଟ୍ଟାମୁଣ୍ଡାଇଠାରେ ଶୁକ୍ରବାର ଅନୁଷ୍ଠିତ ବିଜେଡି ସମ୍ମିଳନୀରେ ଯୋଗ ଦେଇଥିବା ନେତାମାନେ।

## 'ବିକାଶ ଅସ୍ତ୍ରରେ ବିରୋଧୀଙ୍କୁ ପରାସ୍ତ କର'

### ପଞ୍ଚାୟତ, ପୌର ନିର୍ବାଚନ ପାଇଁ ବିଜେଡିର ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୨୦।୮( ସ୍ୱ.ପ୍ର.)

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିର ନେତା ଓ କର୍ମୀମାନେ ମତଭେଦ ଭୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଅସ୍ତ୍ରରେ ବିରୋଧୀଙ୍କୁ ପରାସ୍ତ ପାଇଁ କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଶୁକ୍ରବାର ପଟ୍ଟାମୁଣ୍ଡାଇଠାରେ କର୍ମକର୍ତ୍ତା ସମ୍ମିଳନୀରେ କହିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ ବିଧାୟକ ସାମନ୍ତରାୟ କହିଲେ, କରୋନା ମୁକାବିଲାଠାରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ଯୋଜନା ପରେ ଯୋଜନା କରି ୪.୫ କୋଟି ଓଡ଼ିଆଙ୍କ ହୃଦୟ ମୁଖ୍ୟମନ୍ତ୍ରୀ ନବୀନ ଜିତି ପାରିଛନ୍ତି। ନବୀନଙ୍କ ବିକାଶ ବାର୍ତ୍ତା ଘରେ ଘରେ ପହଞ୍ଚାଇ ଆଗାମୀ ନିର୍ବାଚନରେ ବିରୋଧୀ ଦଳଙ୍କୁ ଠିକଣା ଜବାବ ଦେବାକୁ ପଡିବ। ସମ୍ମିଳନୀରେ ଜିଲା ବିଜେଡି ସଭପତି ଉତ୍କଳ ପରିଡା, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମନ୍ତରାୟ, ସମ୍ପାଦକ ହେମନ୍ତ ସାହୁ, ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ ପଡିହାରୀ, ରାଜନଗର ବ୍ଲକ ଅଧ୍ୟକ୍ଷ ଜୟରାମ ସେଠୀ, ପୂର୍ବତନ ଅଧ୍ୟକ୍ଷା ଲତିକା ସାହୁ, ପଟ୍ଟାମୁଣ୍ଡାଇ ବିଜେଡି ସଭାପତି କିଶୋର ସାହୁ, ଉପସଭାପତି ଅରକ୍ଷିତ ସାହୁ, ସାଧାରଣ ସମ୍ପାଦକ କଳାକର ପ୍ରଧାନ, ପଟ୍ଟାମୁଣ୍ଡାଇ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଜୟନ୍ତୀ ସ୍ୱାଇଁ, ରାଜନଗର ବ୍ଲକ ସଭାନେତ୍ରୀ ରଶ୍ମୀରଞ୍ଜିତା ସ୍ୱାଇଁ, ପଟ୍ଟାମୁଣ୍ଡାଇ ନଗର ମହିଳା ବିଜେଡି ସଭାନେତ୍ରୀ ବୈଜୟନ୍ତୀମାଳା ଲେଙ୍କା, ଜିଲା ବିଜେଡି ଉପସଭାପତି ସୁରେଶ ସାହୁ, ସମ୍ପାଦକ ଅଶୋକ ଧଳ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଭାଷଣ ଦେଇ ବିଜେଡିକୁ ବିଜୟୀ କରିବାକୁ ନିବେଦନ କରିଥିଲେ। ଏଥିରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ରାସ୍ତା ପାର୍ଶ୍ୱରୁ ଅସହାୟ ମହିଳା ଉଦ୍ଧାର

### ଭାଇ ଅଟୋରେ ଆଣି ଛାଡି ଚାଲି ଯାଇଥିଲେ

ଜଗତ୍‌ସିଂହପୁର ଅଫିସ, ୨୦।୮



ସକ୍ଷୀ କେନ୍ଦ୍ରର ସଦସ୍ୟଙ୍କ ସହ ଉଦ୍ଧାର ମହିଳା।

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ପାଟକ ସମ୍ମୁଖ ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ମହିଳା ତାଙ୍କ ନାମ କହିପାରୁ ନ ଥିବାବେଳେ ସେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ବାଲିବିଷି ଗ୍ରାମର ବୋଲି ଜଣାପଡିଛି। ମହିଳା ଜଣଙ୍କୁ ସାନ ଭାଇ ଏକ ଅଟୋରେ ଗ୍ରାମରୁ ଆଣି ଏହି ସ୍ଥାନରେ ଛାଡି ଚାଲି ଯାଇଥିବା କୁହାଯାଉଛି। ତେବେ କାହିଁକି ଏବଂ କେଉଁ କାରଣରୁ ଭଉଣୀଙ୍କୁ ଏଭଳି ଅସହାୟ ଅବସ୍ଥାରେ ଛାଡି ଭାଇ ଚାଲିଗଲେ ତାହା ସ୍ପଷ୍ଟ ହୋଇନାହିଁ। ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ମହିଳାଙ୍କୁ ଏଭଳି ଅବସ୍ଥାରେ ଦେଖି କେହି କେହି ସନ୍ଦେହ କରୁଥିଲେ ସୁଦ୍ଧା ସହଯୋଗ କରି ନ ଥିଲେ। କିନ୍ତୁ ଅପରାହ୍ନରେ ସାମାଜିକ କର୍ମୀ ନିଲୁ ମିତ୍ର ସେଠାରେ ପହଞ୍ଚି ସହଯୋଗର ହାତ ବଢାଇଥିଲେ। ସେ ସଙ୍ଗେସଙ୍ଗେ ସକ୍ଷୀ କେନ୍ଦ୍ରର ସଂଯୋଜକ ନରେଶ ଗୋଛାୟତଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ୧୦୮ ଆମ୍ବୁଲାନ୍ସର ସହାୟତା ନେଇଥିଲେ। ଏହା ପରେ ଗୋଛାୟତ ତାଙ୍କ ସହଯୋଗୀ ସସ୍ମିତା ଦାସ, ରୂପାଲି ବେହେରା ଓ ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖଙ୍କ ସହ ସେଠାରେ ପହଞ୍ଚି ମହିଳାଙ୍କ ସହ କଥା ହୋଇଥିଲେ। ମହିଳା ଜଣକ ଏକ ଚିରା ବସ୍ତ୍ର ପରିଧାନ କରିଥିବାରୁ ତାଙ୍କୁ ଏକ ନୂଆ ଲୁଗା କିଣି ପିନ୍ଧାଯାଇଥିଲା। ତାଙ୍କ ଚିକିତ୍ସା ଜରୁରୀ ଥିବାରୁ ସଙ୍ଗେସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯିବାକୁ ବ୍ୟବସ୍ଥା କରାଯାଇଥିଲା। ଏ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ସମ୍ପୃକ୍ତା ମହିଳାଙ୍କ ଶରୀର ଫୁଲି ଯାଇଥିବା ବେଳେ ଦମ୍ଭର ସହ ଛିଡା ହୋଇ ପାରୁ ନ ଥିଲେ। ଏପରି କି ଆମ୍ବୁଲାନ୍ସ ଉପରକୁ ଯିବା ମଧ୍ୟ କଷ୍ଟକର ହୋଇଥିଲା। ସେ ବିଶେଷ କିଛି କହିବାକୁ ସମର୍ଥ ହୋଇ ନ ଥିଲେ। ତେବେ ଶାରୀରିକ ଓ ମାନସିକସ୍ତରରେ ସେ ଅସୁସ୍ଥ ଥିବା ଅନୁଭବ କରାଯାଇଥିଲା।

## ଅଧୀକ୍ଷଣ ଯନ୍ତ୍ରୀଙ୍କ ରାସ୍ତା କାର୍ଯ୍ୟ ତଦାରଖ

### ରଘୁନାଥପୁର ବ୍ଲକ ଛକରୁ ଗାନ୍ଧୀ ଛକ ରାସ୍ତା ମରାମତି

ରଘୁନାଥପୁର,୨୦।୮(ଡି.ଏନ୍.ଏ.)



ନିର୍ମାଣାଧୀନ ପୋଲକୁ ଅଧୀକ୍ଷଣ ଯନ୍ତ୍ରୀ ବୁଲି ଦେଖୁଛନ୍ତି।

ରଘୁନାଥପୁର ବ୍ଲକ ଛକଠାରୁ ଜଗତ୍‌ସିଂହପୁର ଜିଲା ସଦର ମହକୁମା ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା ମରାମତି କରାଯିବା ସହ ପ୍ରଶସ୍ତୀକରଣ କରାଯାଉଛି। ୧୧ କି.ମି ବ୍ୟାପୀ ଏହି ରାସ୍ତା କାମପାଇଁ ୬କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏନେଇ ଶୁକ୍ରବାର ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ କୁମାର ପ୍ରଧାନ ପହଞ୍ଚି କାର୍ଯ୍ୟ ତଦାରଖ କରିଥିଲେ। ସେ ଚାଲିଥିବା କାର୍ଯ୍ୟକୁ ନେଇ ସନ୍ତୋଷବ୍ୟକ୍ତ କରିବା ସହ ବର୍ଷା ଯୋଗୁ ଯେଉଁ ସବୁ ସ୍ଥାନରେ ଖାଲଖମା ହୋଇଛି, ସେଥିରେ ମେଣ୍ଟାଲ ପକେଇ ଯାତାୟାତ ଉପଯୋଗୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ସାଦେଇପୁର ଠାରେ ରାସ୍ତା ମଝିରେ ନିର୍ମିତ ଏକ ବ୍ରିଜ କାର୍ଯ୍ୟ ବୁଲି ଦେଖିଥିଲେ। ତାଙ୍କର ଏହି ଗସ୍ତ ସମୟରେ ନିର୍ବାହୀ ଯନ୍ତ୍ରୀ ନିମାଇଁ ଚରଣ ଦାସ, ଫକୀରପଡା ଏସ୍‌ଡିଓ ରତିକାନ୍ତ ବେହେରା, ଜଗତ୍‌ସିଂହପୁର ଏସ୍‌ଡିଓ ମନତୋଷ ମହାପାତ୍ର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିନୟ କୁମାର ସାହୁ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକୋ

ରାଜନଗର, ୨୦।୮ (ଡି.ଏନ.ଏ.)



ନଳିତପାଟିଆଠାରେ ରାସ୍ତାରୋକୋରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ।

ରାଜନଗର ବ୍ଲକର ୭ ପଞ୍ଚାୟତବାସୀଙ୍କ ମୁଖ୍ୟ ଗମନାଗମନର ମୁଖ୍ୟ ପଥ ନଳିତାପାଟିଆ-ତାଳଚୁଆ ନଦୀପାଖ ଓ ଡାଙ୍ଗମାଳ-ଡାଲଖାଇ ଜଙ୍ଗଲ ପାଖ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଶୋଚନୀୟ ରାସ୍ତାରେ ଗାଡି ମୋଟର ଦୂରର କଥା, ପାଦରେ ଚାଲିଯିବା ମଧ୍ୟ କଷ୍ଟକର ହେଉଛି। ରାସ୍ତା ନିର୍ମାଣ ନାଁରେ ନିମ୍ନମାନର କାମ କରି ସରକାରୀ ଟଙ୍କା ଲୁଟି ନିଆଗଲା। ନିର୍ମାଣ କାମ ସରି ନ ଥିବା ବେଳେ ରାସ୍ତା ନଷ୍ଟ ହୋଇ ସାରିଥିଲା। ସେତେବେଳେ ଠିକାଦାର ଗେହ୍ଲାପୁଅ ହୋଇଥିବାରୁ କୌଣସି ରାଜନୈତିକ ଦଳ ରାସ୍ତା ନିମ୍ନମାନର ନେଇ ପାଟି ଖୋଲିଲେନି ଏବେ ପଞ୍ଚାୟତ ନିର୍ବାଚନ ପାଖେଇ ଆସିବାରୁ ରାସ୍ତାକୁ ନେଇ ଆରମ୍ଭ ହୋଇଛି ରାଜନୀତି। କଂଗ୍ରେସ ଓ ରାଜନଗର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦୁଇଟି ଲିଫ୍‌ଲେଟ ବଣ୍ଟାଯାଇଛି। ଲିଫ୍‌ଲେଟରେ ରାସ୍ତା ଦୁର୍ନୀତିରେ କିଏ ଦାୟୀ ସେ ନେଇ ଉଲ୍ଲେଖ କରାଯାଇଛି। ଦୁଇଟି ରାସ୍ତାର ନିର୍ମାଣ ଦାବି କରି ଶୁକ୍ରବାର ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଛି। ନଳିତାପାଟିଆଠାରେ ରାସ୍ତା ଉପରେ କଂଗ୍ରେସ ନେତା ଓ କର୍ମୀମାନେ ଚେୟାର ପକାଇ ବସି ରହିଥିଲେ। ସକାଳ ୮ଟା ରୁ ଅପରାହ୍ନ ୨ଟା ଯାଏ ରାସ୍ତାରୋକୋ କରାଯାଇଥିଲା। ରାସ୍ତାର ସ୍ଥାୟୀ ନିର୍ମାଣ ସହ ନିର୍ମାଣରେ ହୋଇଥିବା ଦୁର୍ନୀତିରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଗାମୀ ୧୫ଦିନ ମଧ୍ୟରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ କଂଗ୍ରେସ ଦଳ ଆନ୍ଦୋଳନକୁ ଓହ୍ଲାଇବ ଓ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ରାସ୍ତାରୋକୋରେ ସାମିଲ ହୋଇଥିଲେ। ଏଥିରେ ରାଜନଗରର ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି ଯୋଗଦେଇ ରାସ୍ତା ନିର୍ମାଣ ନ ହେବା ଯାଏ କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି କହିଥିଲେ। ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ମାଧବ ଚନ୍ଦ୍ର ମାନ୍ନା, ମୋହନ କୁମାର ଦାସ, ରଞ୍ଜନ କୁମାର ମହାନ୍ତି, ଅଶୋକ କୁମାର ବଳ, ନୀଳମଣି ପ୍ରଧାନ, ପାରେଶ୍ୱର ନାୟକ, ସନ୍ତୋଷ କୁମାର ମହାନ୍ତି, ଗୋପବନ୍ଧୁ ରାଉଳ, ପ୍ରଭାତ ରାଉଳ, ଶୁକଦେବ ଭଦ୍ର, ପ୍ରଦୀପ ବିଶ୍ୱାଳ, ହେମନ୍ତ ମିଶ୍ର ପ୍ରମୁଖ ରାସ୍ତାରୋକୋରେ ସାମିଲ ହୋଇଥିଲେ।

## ପାଣିକୋଇଲିରେ ସଂଗ୍ରାମ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

ପାଣିକୋଇଲି, (ଡି.ଏନ.ଏ.): ପୂର୍ବତନ ଛାତ୍ର ଓ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସଂଗ୍ରାମ ଜେନାଙ୍କ ମରଶରୀରକୁ ଶୁକ୍ରବାର ତାଙ୍କ ପୈତୃକ ବାସଗୃହ ଆନନ୍ଦପୁର ସମଣା ଗାଁକୁ ନିଆଯାଇଛି । ଏହି ଅବସରରେ ପାଣିକୋଇଲିଠାରେ ଜିଲା କଂଗ୍ରେସ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସୁଶାନ୍ତ ସେନାପତି, ହରେକୃଷ୍ଣ ସାହୁ, ମିର୍ଜା ଆଲଜିରା ବେଗ, ଚନ୍ଦ୍ରକାନ୍ତ ଖଣ୍ଡାଇ, ସୁଧୀର ମହାନ୍ତି, ବଟକୃଷ୍ଣ ମହାପାତ୍ର, ସନ୍ତୋଷ ନନ୍ଦ, ଦୁଃଶାସନ ନାୟକ, ବିଜୟ ବୋଇତାଇ, ସତ୍ୟପ୍ରକାଶ କୁଅଁର, ମଧୁସୂଦନ ସାହୁ, ଗଦାଧର ଦାସ, ଅଶୋକ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସଂକ୍ଷେପରେ

## ଆଦିବାସୀ ନାବାଳକଙ୍କ ଆକସ୍ମିକ ମୃତ୍ୟୁ

ପାଣିକୋଇଲି,୨୦।୮(ଡି.ଏନ.ଏ.): ପାଣିକୋଇଲି ଥାନା ପଥରପଦା ପଞ୍ଚାୟତର ମା'ତାରିଣୀ କଲେଜ ପଛପଟ ଆଦିବାସୀ ସାହିରେ ଶୁକ୍ରବାର ଜଣେ ନାବାଳକଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ ଇନ୍ଦ୍ରମଣି ମୁଣ୍ଡାଙ୍କ ପୁଅ ମହେଶ୍ୱର(୧୫) । ଗୁରୁବାର ସେ କୌଣସି କାରଣରୁ ଅସୁସ୍ଥ ହୋଇ ପଡିଥିଲେ। ପୂର୍ବରୁ ତାଙ୍କୁ ସାମାନ୍ୟ ଜ୍ୱର ହୋଇଥିଲା। ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଇନ୍ଦ୍ରମଣି ପାଣିକୋଇଲି ଥାନାରେ ଜଣାଇବା ପରେ ଅପମୃତ୍ୟୁ ମାମଲା (ନଂ.୧୦/୨୧) ରୁଜୁ ହୋଇଛି । ପୋଲିସ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଜଗନ୍ନାଥଙ୍କୁ ରାଖୀ ପ୍ରଦାନ

ରସୁଲପୁର,୨୦।୮(ଡି.ଏନ.ଏ.): ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ନଗୁଆଁ ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦ ପକ୍ଷରୁ ରାଖୀ ଓ ମହାପ୍ରସାଦ ପ୍ରଦାନ କରାଯାଇଛି। ରକ୍ଷାବନ୍ଧନକୁ ଦୃଷ୍ଟିରେ ରଖି ପରିଷଦ ଜିଲା କମିଟି ପକ୍ଷରୁ ଏକ ନେତୃମଣ୍ଡଳି ଶୁକ୍ରବାର ମନ୍ଦିର ପରିସରରେ ପହଞ୍ଚିଥିଲେ। ପ୍ରଭୁ ଜଗନ୍ନାଥଙ୍କୁ ପ୍ରଦାନ ହେଉଥିବା ୧୧ଟି ସେବା ମଧ୍ୟରୁ ପାଟ ସେବା ପ୍ରମୁଖ। ଉକ୍ତ ସେବା ବିକାଶ ପରିଷଦର ଯାଜପୁର ଜିଲା କମିଟି ସଭାପତି ପ୍ରଭାକର ନାୟକଙ୍କ ପୌରୋହିତ୍ୟରେ ମନ୍ଦିର ପରିସରରେ ହୋଇଥିଲା। ମନ୍ଦିର ପରିଚାଳନା ମୁଖ୍ୟ ତଥା ସ୍ଥାନୀୟ ସରପଞ୍ଚ କୁଞ୍ଜଲତା ପଣ୍ଡା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ଭାବେ ଯୋଗ ଦେଇଥିଲେ। ପରିଷଦ ପକ୍ଷରୁ ପ୍ରଭୁଙ୍କ ସକାଶେ ରାଖୀ ଓ ମହାପ୍ରସାଦ ସରପଞ୍ଚ ପଣ୍ଡା ଏବଂ ମନ୍ଦିରର ମୁଖ୍ୟ ପୂଜକ ଶରତ ଚନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ପରିଷଦ ପକ୍ଷରୁ ସୁରେନ୍ଦ୍ର ବାରିକ, ରବୀନ୍ଦ୍ର ମହାନ୍ତି, ରଙ୍କନିଧି ବାରିକ, ପ୍ରଫୁଲ୍ଲ ବାରିକ, ଚିତ୍ତରଞ୍ଜନ କର, ରାଜେଶ ମହାନ୍ତି, ସୂର୍ଯ୍ୟମଣି ସାହୁ, ସନ୍ତୋଷ ବାରିକ, ବସନ୍ତ ସେଠୀ, ନିଲୁ ମହାନ୍ତି, ପ୍ରକାଶ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମପରିଚାଳନରେ ସହଯୋଗ କରିଥିଲେ।

## ରେଣୁବାଳା ଧର୍ମଶାଳା ମହିଳା ବିଜେଡି ସଭାନେତ୍ରୀ

ଧର୍ମଶାଳା,୨୦।୮(ଡି.ଏନ.ଏ.): ଧର୍ମଶାଳା ମହିଳା ବିଜୁ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀର ସଭାନେତ୍ରୀ ଭାବେ ରେଣୁବାଳା ଶତପଥୀଙ୍କୁ ମନୋନୀତ କରାଯାଇଛି। ଧର୍ମଶାଳା ବ୍ଲକ ମହିଳା ସଭାନେତ୍ରୀ ଭାବେ ନାରୀନେତ୍ରୀ ବିଶ୍ୱବନ୍ଦନା ଜେନାଙ୍କୁ ମନୋନୀତ କରାଯାଇଛି। ସେହିପରି ଜୋନ ସଭାପତି ଓ ସୋସିଆଲ ମିଡିଆ ଜୋନ ସଂଯୋଜକ ଚୟନ କରାଯାଇଛି। ନିର୍ବାଚନମଣ୍ଡଳୀର ୧୧ନଂ. ଜୋନ ସଭାପତି ପାଇଁ କୁମୁଦିନୀ ନାୟକ, ୧୨ ନଂ. ପ୍ରଭାତୀ ଦାସ, ୧୩ ନଂ. ବନଜିନୀ ପରିଡ଼ା, ୧୪ ନଂ. ଶାନ୍ତିଲତା ଦାସ, ୧୫ ନଂ. ଆରତୀ ବେହେରା ଏବଂ ରସୁଲପୁର ଜୋନ ପାଇଁ ସୁଜାତା ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସେହିପରି ସୋସିଆଲ ମିଡିଆ ଜୋନ ସଂଯୋଜକ ଭାବେ ୧୧ ନଂ. ପାଇଁ ବିଶ୍ୱବିଜୟିନୀ ପଣ୍ଡା, ୧୨ ନଂ. ଶାନ୍ତିଲତା ଶତପଥୀ, ୧୩ ନଂ. ରଞ୍ଜିତା ବାରିକ, ୧୪ ନଂ. ସୁଜାତା ପୃଷ୍ଟି, ୧୫ ନଂ. ଭାଗ୍ୟଲକ୍ଷ୍ମୀ ତରାଇ ଏବଂ ରସୁଲପୁର ଜୋନ ପାଇଁ ସଂଯୁକ୍ତା ସ୍ୱାଇଁଙ୍କୁ ମନୋନୀତ କରାଯାଇଥିବା ଧର୍ମଶାଳା ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ରାଜୀବ ଗାନ୍ଧୀ ଜୟନ୍ତୀ ପାଳିତ

ଯାଜପୁର ଟାଉନ,୨୦।୮(ଡି.ଏନ.ଏ.): ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୭ତମ ଜୟନ୍ତୀ କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ୧୮ ବର୍ଷର ଭାରତୀୟ ନାଗରିକଙ୍କୁ ଭୋଟଦାନର କ୍ଷମତା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବୈପ୍ଳବିକ ଉତ୍କର୍ଷ, ଏବଂ ଅନ୍ତର୍ଜାତୀୟ କ୍ରୀଡ଼ାକ୍ଷେତ୍ରରେ ରାଜୀବଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା ବୋଲି ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବରେ ବରିଷ୍ଠ ନେତା ଦିଗମ୍ବର କର, ସନ୍ତୋଷ ନନ୍ଦ, ବିଭୂତି ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ହୃଷୀକେଶ ପତି, ନାରାୟଣ ସାମନ୍ତ, ଗଦାଧର ଦାସ, ପ୍ରତିମା କର, ଗୋବିନ୍ଦ ଚନ୍ଦ୍ର ସାହୁ, ବିଦ୍ୟାଧର ବାରିକ, ଅରଜିତ ନାୟକ, ରମାକାନ୍ତ ସେଠୀ, ଅମୂଲ୍ୟ ବିଶ୍ୱାଳ, ଅନିରୁଦ୍ଧ ରାଉତ, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ରାଜୀବଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନଗର କଂଗ୍ରେସ ଉପସଭାପତି ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରସଙ୍ଗକୁ ଭୟ: ଅର୍ଥ,ବାହୁବଳ ଆୟୁଧ

### ବ୍ୟାସନଗର ମ୍ୟୁନିସିପାଲିଟି



ଯାଜପୁର ଅଫିସ,୨୦।୮

ଦିନ ଥିଲା ଯାଜପୁର ଜିଲାର ବ୍ୟାସନଗର ପୌରାଞ୍ଚଳରେ ପ୍ରାୟ ମାଟି ରାସ୍ତା ଥିଲା । ସତୁରି ଦଶକରେ ଧୂଳି ଉଡ଼ିବ ବୋଲି ଦୁଇଓଳି ରାସ୍ତାରେ ପାଣି ଛିଞ୍ଚାଯାଉଥିଲା । ବ୍ୟାସନଗର ମ୍ୟୁନିସିପାଲିଟି ଏହାର ନାଗରିକମାନଙ୍କୁ ଏଭଳି ପୌର ସେବା ଦେଉଥିଲା କହିଲେ ଆଜିକାର ସହରବାସୀ ବିଶ୍ୱାସ ବି କରିବେ ନାହିଁ। କାରଣ ନଗରବିଜ୍ଞାନ ପାଠରେ ଯାହା ପୌର ସେବା ବୋଲି ଲେଖାଯାଇଛି, ତାହା ଗତ କିଛିବର୍ଷ ହେଲା ବ୍ୟାସନଗର ମ୍ୟୁନିସିପାଲିଟି ଭୁଲି ଯାଇଛି। ସହରର ସୁସ୍ଥ ପରିମଳ ଓ ଖାଲଖମା ବିହୀନ ରାସ୍ତା ମ୍ୟୁନିସିପାଲିଟିର ମୁଖ୍ୟ ଦାୟିତ୍ୱ ହୋଇ ରହିନାହିଁ। ରାସ୍ତା ଓ ଡ୍ରେନେଜ ନିର୍ମାଣରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି, ହେଲେ ନିମ୍ନମାନର କାମ ଯୋଗୁ ତାହା କିଛି ମାସ ପରେ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସୁଥିବା ଦେଖିବାକୁ ମିଳୁଛି। ବିଡମ୍ବନା ଯେ, ବର୍ଜ୍ୟଜଳ ନିଷ୍କାସନ ପାଇଁ ଏଯାଏ ବହିର୍ଗମନ ନାଳ ନିର୍ମାଣ ହୋଇ ପାରିନାହିଁ। ଏକାଧିକ ୱାର୍ଡର ରାସ୍ତାରେ ନାଳ ପାଣି ବୋହୁଛି। ଆଗକୁ ଆସୁଛି ମ୍ୟୁନିସିପାଲିଟି ନିର୍ବାଚନ । ରାଜ୍ୟ ସରକାର ପୌର ଅଧକ୍ଷ ବାଛିବାକୁ ସିଧାସଳଖ ନିର୍ବାଚନ କରିବାକୁ ଚିନ୍ତା କରି ମତାମତ ସଂଗ୍ରହ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ନେତାମାନେ ତତ୍ପର ହୋଇ ଉଠିଛନ୍ତି। ଏଭଳିସ୍ଥିତିରେ ସହରର ବିଭିନ୍ନ ସମସ୍ୟା ନେଇ ଅସଲ ପ୍ରସଙ୍ଗ ଉଠାଇବାକୁ ନେତାଏ ଭୟ କରିବେ ବୋଲି କୁହାଯାଉଛି। ଦଳର ଆଭିମୁଖ୍ୟ, ଲୋକବଳ, ଅର୍ଥବଳ ହିଁ ନିର୍ବାଚନ ପ୍ରଚାରର ଆୟୁଧ ହେବ ବୋଲି ଏବେ ଚର୍ଚ୍ଚା ହେଉଛି।

ବ୍ୟାସନଗର ସହରର ଇତିହାସ ୬୦ ବର୍ଷ ପୁରୁଣା । ଡୋଲିପୁର ନାମରେ ପରିଚିତ ଯାଜପୁରରୋଡ ସହରକୁ ରାଜ୍ୟ ସରକାର ୧୯୬୧ରେ ବିଜ୍ଞାପିତ ଅଞ୍ଚଳ(ଏନଏସି) ଭାବେ ଘୋଷଣା କରିଥିଲେ। ସେହି ସମୟରେ ୧୧ଟି ୱାର୍ଡ ଥିଲା । ୧୯୬୩ରେ ସରକାର ଏହି ପରିଷଦର ବିଭାଜନ କରି ୧୧ ରୁ ୧୫ ଟି ୱାର୍ଡରେ ପରିଣତ କରିଥିଲେ । ଏହାପରେ ନିର୍ବାଚନ ଘୋଷଣା କରାଯାଇ ନିର୍ବାଚିତ ପ୍ରତିନିଧିମାନେ ପରିଷଦର ଦାୟିତ୍ୱ ବହନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୮୨ରେ ଯାଜପୁରରୋଡ ଏନଏସି ୨୨ଟି ୱାର୍ଡରେ ପରିଣତ ହୋଇଥିଲା। ୧୯୯୫।୧୯୯୪ରେ ଯାଜପୁରରୋଡ ଏନଏସିକୁ ବ୍ୟାସନଗର ପୌରପରିଷଦ ଭାବେ ସ୍ୱୀକୃତି ମିଳିଥିଲା। ୨୦୦୮ରେ ଏହା ୨୬ଟି ୱାର୍ଡରେ ପରିଣତ ହୋଇଥିଲା। ୨୦୧୩ ପୌର ନିର୍ବାଚନରେ ବିଜେଡିରୁ ୧୬ କାଉନସିଲର ବିଜୟୀ ହୋଇଥିବାବେଳେ ସବିତା ରାଉତ ଅଧକ୍ଷା ହୋଇପାରିଥିଲେ। କିନ୍ତୁ ପୌରାଧକ୍ଷା ରାଉତଙ୍କ ବିରୋଧରେ ୩ ଥର ଅନାସ୍ଥା ପ୍ରସ୍ତାବ ଆସିଥିଲା । ଏହି ଅନାସ୍ଥା ନାଟକ ଚାଲିବା ଦିନଠାରୁ ସହରର ପରିମଳ, ରାସ୍ତାଘାଟ, ପାନୀୟ ସମସ୍ୟା, ବ୍ୟାସ ସରୋବରର ଉନ୍ନତୀକରଣ ଆଦି ବିକାଶ କାର୍ଯ୍ୟ ବନ୍ଦ ପଡିଥିଲା । ବ୍ୟାସନଗର ସହରରେ ୯୦ ପ୍ରତିଶତ ଶିକ୍ଷିତ ପରିବାର ବସବାସ କରୁଛନ୍ତି । ସହରବାସୀଙ୍କ ସ୍ୱାର୍ଥକୁ ପଛରେ ପକାଇ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବା ସହରବାସୀଙ୍କ ମଧ୍ୟରେ ସେତେବେଳେ ଆଲୋଚନା ଜୋର ଧରିଥିଲା । ପାରିଷଦଙ୍କ ମନବୃତ୍ତିକୁ ବଦଳାଇବାରେ ନେତୃତ୍ୱ ସକ୍ଷମ ହୋଇ ପାରି ନ ଥିଲା । କୌଣସି ପାରିଷଦକୁ ନିୟନ୍ତ୍ରଣ କରିବା ବଦଳରେ ବିଜେଡି ନେତୃତ୍ୱ ନୀରବ ରହିବାକୁ ପସନ୍ଦ କରିଥିଲେ । ତେଣୁ ଆସନ୍ତା ପୌର ନିର୍ବାଚନରେ ସେହି ବିଜେଡି ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛି । ପ୍ରଥମ ଅନାସ୍ଥା ବ୍ୟାସନଗରରୁ ଭୁବନେଶ୍ୱରକୁ ବ୍ୟାପିଥିଲା। ଦଳୀୟ କନ୍ଦଳ ପାଇଁ ଏକାଧିକ ମନ୍ତ୍ରୀ ଓ ବିଧାୟକ ଏକାଠି ହୋଇଥିଲେ । ଏହି କ୍ରମରେ ସହରବାସୀ ସିଧାସଳଖ ପୌର ଅଧକ୍ଷ ନିର୍ବାଚନକୁ ପସନ୍ଦ କରିବେ ବୋଲି ଆଲୋଚନା ହେଉଛି। ଭାଜପାର ଏକାଧିକ ନେତୃତ୍ୱ ଯୋଗୁ ସାଙ୍ଗଠନିକ ସ୍ଥିତି ଦୁର୍ବଳ ରହିଛି । ଏହାବାଦ୍ ପେଟ୍ରୋଲ, ଡିଜେଲ ସହ ସମସ୍ତ ଖାଉଟି ସାମଗ୍ରୀର ଦର ବୃଦ୍ଧି ଭାଜପା ପାଇଁ ଚିନ୍ତାର କାରଣ ହେବ ବୋଲି ମତପ୍ରକାଶ ପାଇଛି। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ କୋରେଇ ଆସନରୁ ଆଶାତୀତ ସଫଳତା ପାଇଥିଲା । ଏହି ପରିସ୍ଥିତିରେ କଂଗ୍ରେସକୁ ମଧ୍ୟ ଏଠାରେ ହାଲୁକା ଭାବେ ଗ୍ରହଣ କରାଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। ତେଣୁ ଆସନ୍ତା ପୌର ନିର୍ବାଚନ ସମସ୍ତ ଦଳ ପାଇଁ ଏକ ଚ୍ୟାଲେଞ୍ଜ ହେବା ନିଶ୍ଚିତ ବୋଲି ରାଜନୈତିକ ସମୀକ୍ଷକମାନେ ଆଗୁଆ ସୂଚନା ଦେଉଛନ୍ତି।

# ଅତିରିକ୍ତ ୧୧ ବହୁମୁଖୀ ଆଶ୍ରୟସ୍ଥଳ ନିର୍ମାଣ ହେବ

ଯାଜପୁର ଟାଉନ,୨୦।୮(ଡି.ଏନ.ଏ.)

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଅଧକ୍ଷତା କରି ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଆଶ୍ରୟସ୍ଥଳକୁ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା। ବିଶେଷ କରି ବନ୍ୟା ଓ ବାତ୍ୟା ଦ୍ୱାରା ସର୍ବାଧିକ କ୍ଷତି ଘଟିଥାଏ। ଜିଲାରେ ସେଥିପାଇଁ କ୍ଷତିଗ୍ରସ୍ତ ଅଞ୍ଚଳ ଲୋକଙ୍କ ଜୀବନ ରକ୍ଷା ଓ ସୁରକ୍ଷା ପାଇଁ ୨୬ ବହୁମୁଖୀ ଆଶ୍ରୟସ୍ଥଳ ଥିବା ବେଳେ ଆଉ ୧୧ଟି ନିର୍ମାଣ କରିବାକୁ ସରକାର ମଞ୍ଜୁର କରିଛନ୍ତି ବୋଲି ଭାରପ୍ରାପ୍ତ ଜିଲାପାଳ ସୂଚନା ଦେଇଛନ୍ତି। ଜିଲାର ବିଞ୍ଝାରପୁର ବ୍ଲକ ଅଧୀନ କଲ୍ୟାଣପୁର, ଚିଣା, ଜରି, ଦଶରଥପୁର ବ୍ଲକର କଯାଁ, ଧର୍ମଶାଳା ବ୍ଲକର ପାଟପୁର, ଅଣ୍ଡିଆ, ଜେନାପୁର, ଯାଜପୁର ବ୍ଲକର ଭୁବନେଶ୍ୱରପୁର, ନାଥସାହି, ଭୂଇଁପୁର ଓ ଜାଫରପୁରଠାରେ ଉକ୍ତ ୧୧ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ ହେବ। ଏହାର ପରିଚାଳନା ପାଇଁ ସ୍ଥାନୀୟ ସରପଞ୍ଚ କମିଟି ଅଧକ୍ଷ ରହିବାକୁ ଥିବାବେଳେ ସମ୍ପାଦକ ଭାବେ ଜଣେ ସ୍ୱେଚ୍ଛାସେବୀ ରହିବେ। କମିଟିରେ ସରକାରୀ ଓ ବେସରକାରୀ ସଦସ୍ୟ ରହି ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେବେ। ଅପରପକ୍ଷରେ ଗ୍ରାମସ୍ତରରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ଅଧିକ କ୍ରିୟାଶୀଳ କରିବାକୁ ଭାରପ୍ରାପ୍ତ ଜିଲାପାଳ ମଲ୍ଲିକ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଜରୁରି ବିଭାଗର ଜିଲା ପ୍ରକଳ୍ପ ଅଧିକାରୀ ଦେବାଶିଷ ପ୍ରଧାନ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ବିବିଧ ସୂଚନା ଓ ସରକାରୀ ନିର୍ଦ୍ଦେଶନାମା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ସ୍ୱପ୍ନେଶ୍ୱର ସ୍କୁଲକୁ ପ୍ରକୃତିମିତ୍ର ପୁରସ୍କାର

ଯାଜପୁର ସଦର,୨୦।୮(ଡି.ଏନ.ଏ.)



ଶିକ୍ଷକଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତସ୍ଥିତ ସ୍ୱପ୍ନେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଜିଲା ପରିବେଶ ସମିତି ପକ୍ଷରୁ ଗୁରୁବାର ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପ୍ରମାଣପତ୍ର ସହ ନଗଦ ୨୦ ହଜାର ଟଙ୍କା ସମିତିର ସମ୍ପାଦକ ଡ. ଶରତ କୁମାର ସାହୁ ବିଦ୍ୟାଳୟକୁ ପ୍ରଦାନ କରିଛନ୍ତି । ସ୍କୁଲର ଶିକ୍ଷକ ପର୍ଶୁରାମ ସାହୁଙ୍କ ନେତୃତ୍ୱରେ ସବୁଜ ସୁନ୍ଦର ଭାରତ ଲକ୍ଷ ନେଇ ବିଦ୍ୟାଳୟ ପରିସରରେ ଓ ବାହାରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ସୁନ୍ଦର ବଗିଚା ତିଆରି କରାଯାଇଛି । ଗ୍ରାମ୍ୟ ପରିବେଶକୁ ସରସ ସୁନ୍ଦର କରିବା ଲାଗି ଶିକ୍ଷକ ସାହୁଙ୍କ ନିଜସ୍ୱ ଉଦ୍ୟମରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯିବା ସହ ତା'ର ଯତ୍ନ ନିଆଯାଉଛି। ଭବିଷ୍ୟତରେ ଆହୁରି ଅଧିକ ଚାରା ରୋପକ କରିବାକୁ ସେ ଲକ୍ଷ୍ୟ ରଖିଥିବା ଶିକ୍ଷକ ସାହୁ ପ୍ରକାଶ କରିଛନ୍ତି।

# ଡେଙ୍ଗୁ, ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ




ଓଉପଦା ଗ୍ରାମରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଡେଙ୍ଗୁ, ମ୍ୟାଲେରିଆ ସମ୍ପର୍କରେ ସଚେତନ କରାଯାଉଛି।

ପାଣିକୋଇଲି, ୨୦।୮(ଡି.ଏନ.ଏ.)

କୋରେଇ ବ୍ଲକ ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଉପଦା ଗ୍ରାମରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଡେଙ୍ଗୁ, ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନେଇ ଏକ ସଚେତନତା ଶୋଭାଯାତ୍ରା ଓଉପଦା ଓ ନୂଆପଦା ଗ୍ରାମ ପରିକ୍ରମା କରିବା ପରେ ଏକ ସଭାର ଆୟୋଜନ ହୋଇଥିଲା । ପଥରପଦା ପଞ୍ଚାୟତ ନାଏବ ସରପଞ୍ଚ ଶ୍ରୀମତୀ ପରିଡ଼ା, ପାଣିକୋଇଲି ସ୍ୱାସ୍ଥ୍ୟକର୍ମୀ ରଶ୍ମୀରଞ୍ଜନ ପରିଡ଼ା ଓ ମମତା ଦାଶ, ଓଉପଦା ଅଙ୍ଗନବାଡି କର୍ମୀ ଅନୁସୟା ମହାନ୍ତି, ଆଶାକର୍ମୀ କୁମୁଦିନୀ ଭୂୟାଁ, ରବି ନାରାୟଣ ପଣ୍ଡା, ସ୍ୱର୍ଣ୍ଣଲତା ଦାସ, ଗାଁ କଲ୍ୟାଣ ସମିତିର ସଦସ୍ୟା, ସଦସ୍ୟ ଓ ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

## ବଡ଼ଚଣା ପ୍ରେସ୍ ଫୋରମ୍‌ର ସାଧାରଣ ପରିଷଦ ବୈଠକ

ଚଣ୍ଡିଖୋଲ/ଛତିଆ, ୨୦।୮(ଡି.ଏନ.ଏ.)

ବଡ଼ଚଣା ପ୍ରେସ୍ ଫୋରମ୍‌ର ଚତୁର୍ଥ ସାଧାରଣ ପରିଷଦ ବୈଠକ ଛତିଆ ଅମରାବତୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଖବରଦାତା ମହେଶ୍ୱର ବଳ ମୁଖ୍ୟଅତିଥି, ବରିଷ୍ଠ ଖବରଦାତା ଭକ୍ତ ଚରଣ ସାହୁ ମୁଖ୍ୟବକ୍ତା ଓ ପ୍ରମୋଦ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖବରଦାତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ପରାମର୍ଶ ଦେଇଥିଲେ । ବରିଷ୍ଠ ଆବାହକ ପ୍ରଦୀପ୍ତ କୁମାର ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ପ୍ରେସ୍ ଫୋରମ୍ ତରଫରୁ ସୋଲର ସେବକ ଜରାଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର, ଫଳ ଓ ବିସ୍କୁଟ୍ ବଣ୍ଟନ କରାଯାଇଥିଲା । ଫୋରମ୍‌ର ଆବାହକ ପ୍ରମୋଦ କୁମାର ପଣ୍ଡା, ଏକାଦଶୀ ସେଠୀ, ଉତ୍କଳ କେଶରୀ ପ୍ରଧାନ, ଚନ୍ଦ୍ର ଶେଖର ପୃଷ୍ଟି, ପ୍ରତାପ ରାଉତରାୟ, ଘନଶ୍ୟାମ ବିଶ୍ୱାଳ, ମନମୋହନ ରାଉତ ପ୍ରମୁଖ ଯୋଗଦେଇଥିଲେ । ସୌମ୍ୟ ରଞ୍ଜନ ସାହୁ, ସଞ୍ଜିତ୍ କୁମାର ସାମଲ, ବସନ୍ତ ପଲେଇ, ତ୍ରୈଲୋକ୍ୟ ନାୟକ, ସୁବ୍ରତ ମହାନ୍ତି, ଆଲୋକ ପ୍ରଧାନ, ପ୍ରତାପ ସେନାପତି ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଖବରଦାତା ଏଥିରେ ଉପସ୍ଥିତ ଥିଲେ ।

# ନିଲାମ ବାଲିଘାଟକୁ ବିରୋଧ

ରସୁଲପୁର,୨୦।୮(ଡି.ଏନ.ଏ.)

ରସୁଲପୁର ବ୍ଲକର ଦକ୍ଷିଣ ଦିଗ ସୀମା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗାଁନିକଟସ୍ଥ ବାଲିଘାଟକୁ ତହସିଲ ପକ୍ଷରୁ ନିଲାମ ଦିଆଯାଇଛି। କିନ୍ତୁ ଉକ୍ତ ବାଲିଘାଟକୁ କେତେଜଣ ଯୁବକ ବିରୋଧ କରିଛନ୍ତି। ଏପରି କି ଲିଜ୍‌ଧାରୀଙ୍କୁ ଗାଳିଗୁଲଜ ସହ ଧମକ ଚମକ ଦେଇଥିବା ଲିଜ୍‌ଧାରୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ୩ ଯୁବକଙ୍କୁ ଥାନାକୁ ଡାକି ବୁଝାଶୁଝା କରିଛି। ତେବେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଦେବ ଆଶଙ୍କାକରି ଗ୍ରାମରୁ ୩୦ରୁ ଊର୍ଦ୍ଧ୍ୱ ଲୋକ ଥାନାକୁ ଯାଇଥିଲେ। ବାଲି ପରିବହନ ସମ୍ପର୍କିତ ଖବର ତହସିଲରେ ଅଭିଯୋଗ କରିବାକୁ ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲା । ମାତ୍ର ଲିଜ୍ ଘାଟରୁ ବାଲି ପରିବହନକୁ ନେଇ ଗଣ୍ଡଗୋଳ ହେଲେ ଥାନାରେ ମାମଲା ରୁଜୁ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଲୋକେ ତହସିଲଦାରଙ୍କୁ ଅବଗତ କରାଇବେ। ପ୍ରକାଶ ଯେ, ଏହି ଘାଟରୁ ବାଲି ଉଠାଇବା ପାଇଁ ଠିକାଦାର ଅକ୍ଷୟ ନାୟକଙ୍କୁ ତହସିଲ ପକ୍ଷରୁ ସୈରାତ କେସ୍ ନଂ–୦୩/୨୦୧୬–୧୭ରେ ଲିଜ୍ ପ୍ରଦାନ କରାଯାଇଛି। ୫ବର୍ଷ ବାଲି ପରିବହନ ପାଇଁ ଅନୁମତି ମିଳିଛି। ସେହି ମୁତାବକ ଠିକାଦାର ବାଲି ପରିବହନ କରିଆସୁଛନ୍ତି। ଏବେ ହଠାତ୍ ଗ୍ରମବାସୀ ଏହାକୁ ବିରୋଧ କରିଛନ୍ତି। ବାଲି ପରିବହନ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଛି। ନଦୀ ପଠାରେ ଥିବା ଶ୍ମଶାନକୁ ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି। ଗାଁ ଲୋକେ ନଦୀକୁ ଗାଧୋଇବାକୁ ଯାଆସ କରିବାରେ ସମସ୍ୟା ଉପୁଜୁଥିବା ଭଳି କେତେକ ସମସ୍ୟାକୁ ଆଳକରି ଗାଁ ଲୋକେ ବାଲି ପରିବହନକୁ ବନ୍ଦ କରିଥିଲେ। ଏହାକୁ ନେଇ ଠିକାଦାର ଓ ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ଉକ୍ତ ଘଟଣାକୁ ନେଇ ବୁଧବାର ଠିକାଦାରଙ୍କ ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ପୋଲିସ ପକ୍ଷରୁ ୩ଜଣ ଯୁବକଙ୍କୁ ଥାନାକୁ ଡକାଯାଇଥିଲା।

# ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁମୋଦିତ

ଯାଜପୁର ଟାଉନ,୨୦।୮(ଡି.ଏନ.ଏ.)

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲା ଜରୁରୀ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗ ପକ୍ଷରୁ ପ୍ରସ୍ତୁତ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଯୋଜନା ପୁସ୍ତିକାକୁ ଅନୁମୋଦିତ କରାଯାଇଛି। ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ ମଲ୍ଲିକ ଅଧକ୍ଷତା କରି କହିଥିଲେ, ଯୋଜନା ଅନୁଯାୟୀ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟିକୁ ଅଧିକ ଦକ୍ଷତାସମ୍ପନ୍ନ ଓ କାର୍ଯ୍ୟକ୍ଷମ କରାଯିବ। କମିଟି ସହ ନିରନ୍ତର ଯୋଗାଯୋଗ ଓ କୌଣସି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉଦ୍ୟମ କରାଯିବ। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସଭାପତି ତଥା ଜିଲା ପରିଷଦ ନରେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ବିପର୍ଯ୍ୟୟ ପରିଚାଳନାକୁ ତୃଣମୂଳସ୍ତରରୁ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ କହିଥିଲେ, ଅତର୍କିତ ବଜ୍ରପାତ ଯୋଗୁ କୃଷକଙ୍କ ଜୀବନ ହାନି ଘଟୁଥିବାର ଅନେକ ନଜିର ରହିଛି। ଏଥିପାଇଁ ଚାଷ ଜମି ସମୂହରେ ଆଶ୍ରୟସ୍ଥଳ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଏଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର ସେନାପତି, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟ କୁମାର ମହାରଣା, ଜାରକା ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ମାଝି, ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଧନେଶ୍ୱର ସାମଲ ଓ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜରୁରୀ ବିଭାଗର ପ୍ରକଳ୍ପ ଅଧିକାରୀ ଦେବାଶିଷ ପ୍ରଧାନ ବିଶଦ ତଥ୍ୟ ଓ ଯୋଜନାର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଯାଜପୁରକୁ ରେଳ ସଂଯୋଗ ପାଇଁ ଦାବିପତ୍ର

ଯାଜପୁର ଟାଉନ,୨୦।୮(ଡି.ଏନ.ଏ.)

ଯାଜପୁର କେନ୍ଦୁଝର ରୋଡ୍, ଧାମରା ଭାୟା ଯାଜପୁର, ଆରଡି ୯୫.୦୫ କି.ମି. ନୂତନ ରେଳପଥ ପ୍ରକଳ୍ପକୁ ମଞ୍ଜୁରୀ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭୁବନେଶ୍ୱରଠାରେ ବିରଜାକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଏକ ପ୍ରତିନିଧିଦଳ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୪ବର୍ଷଧରି ଏହି ପ୍ରକଳ୍ପ ନୂଆଦିଲ୍ଲୀସ୍ଥିତ ରେଳଭବନଠାରେ ନାଳିଫିତା ତଳେ ଚାପିହୋଇ ରହିଛି। ୧୦୪୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ୬ଟି ଷ୍ଟେଶନ ସହ ବିରଜାକ୍ଷେତ୍ର, ନାଭିଗୟା, ବୈତରଣୀ ତୀର୍ଥ ଓ ପ୍ରସିଦ୍ଧ ଶୈବ ପୀଠ ଆରଡି ଧାମଦେଇ ଧାମରା ପୋର୍ଟ ସହ ସଂଲଗ୍ନ କରାଯିବା ପାଇଁ ସର୍ଭେ ରିପୋର୍ଟରେ ପ୍ରକାଶ କରାଯାଇଛି। ପ୍ରକଳ୍ପ ପାରିତ ହେଲେ ଭାରତର ବିଭିନ୍ନ ସ୍ଥାନରୁ ଲକ୍ଷଲକ୍ଷ ଯାତ୍ରୀ ଟ୍ରେନ ଯୋଗେ ଏହି ଧାମକୁ ଆସିପାରନ୍ତେ। ଭାରତର ୫୨ ଶକ୍ତିପୀଠ ମଧ୍ୟରୁ ଏହି କ୍ଷେତ୍ର ଅନ୍ୟତମ ହୋଇଥିବାସ୍ଥଳେ ୩ଟି ସ୍ଥାନ ମଧ୍ୟରୁ ଏଠାରେ ନାଭିଗୟା ଅନ୍ୟତମ। ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଧାମରା ପୋର୍ଟକୁ ବିଭିନ୍ନ ଖଣିଜ୍ୟ ଦ୍ରବ୍ୟସହ ଅନ୍ୟ ସାମଗ୍ରୀ ରପ୍ତାନି ହୋଇ ପାରିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେନ୍ଦ୍ର ରେଳମନ୍ତ୍ରୀ ବିଚାର କରି ଆଗାମୀ ବଜେଟ୍ ଅଧିବେଶନରେ ଏହି ନୂତନ ପ୍ରକଳ୍ପକୁ ପାରିତ କରିବାକୁ ପରିଷଦ ସଭାପତି ତପନ ମହାରଣ୍ୟ ଶର୍ମା, ସମ୍ପାଦକ ଅଭିମନ୍ୟୁ ମିଶ୍ର, ବୃନ୍ଦାବନ ମିଶ୍ର ଓ ଦିଲୀପ ଦାଶ ପ୍ରମୁଖ ନିବେଦନ କରିଛନ୍ତି। ସେହିପରି ଏହି ପ୍ରକଳ୍ପ ପାରିତ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନିବାର୍ଯ୍ୟ । ଏଣୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ମଧ୍ୟ ତାଙ୍କ ଭୁବନେଶ୍ୱର ବାସଭବନରେ ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସଙ୍କୁ ଏହି ପ୍ରତିନିଧି ଦଳ ପ୍ରଦାନ କରିଛନ୍ତି। ଏଠାରେ ସ୍ମରଣ କରାଯାଇପାରେ ଯେ, ଗତ ସପ୍ତାହଠାରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲକ୍ଷ ପୋଷ୍ଟକାର୍ଡ ପ୍ରେରଣ ଶୁଭାରମ୍ଭ ହୋଇଛି। ଆଗାମୀ ଦିନରେ ଭଦ୍ରକ ଓ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ସଭାସମିତି କରାଯାଇ ଜନସଚେତନତା ସୃଷ୍ଟି କରାଯିବ। ଏକଲକ୍ଷ ପୋଷ୍ଟ କାର୍ଡ କିଭଳି ପ୍ରେରଣ କରାଯାଇପାରିବ ସେଥିପ୍ରତି ପରିଷଦ ପକ୍ଷରୁ ଚେଷ୍ଟା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ଉନ୍ନତ ପରିବାଚାଷ ପାଇଁ ପରାମର୍ଶ

- କୃଷି ବୈଜ୍ଞାନିକଙ୍କ କ୍ଷେତ୍ର ପରିଦର୍ଶନ
- ମଞ୍ଜି ବିହୀନ ଓ ହଳଦିଆ କିସମ ତରଭୁଜ ଚାଷ ପାଇଁ ଯୋଜନା

ରସୁଲପୁର,୨୦।୮(ଡି.ଏନ.ଏ.)



କୃଷି ବୈଜ୍ଞାନିକମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ରସୁଲପୁର ବ୍ଲକ ଅଧୀନ ଓଡ଼ିଶୋ ପଞ୍ଚାୟତରେ କୃଷି ବୈଜ୍ଞାନିକମାନେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଉନ୍ନତ କିସମର ପରିବା ଓ ଫଳ ଚାଷକୁ ନେଇ ଅଗ୍ରଣୀ ଯୁବ ଚାଷୀ ଶିଶିର ରାଉତଙ୍କ ସହ ଆଲୋଚନା କରିଛନ୍ତି। ଛାଦି କରଣ ପଦ୍ଧତି(ମଲଚିଂ) ଓ ବୁନ୍ଦା ଜଳସେଚନ ପ୍ରଣାଳୀରେ କମ୍ ଜମିରେ ଅଧିକ ଅମଳ ହୋଇପାରିବ। ତେବେ କିପରି ଚାଷୀ କମ୍ ଖର୍ଚ୍ଚ କରି ଅଧିକ ଲାଭବାନ ହୋଇପାରିବ ସେନେଇ ବିଚାରବିମର୍ଶ କରାଯାଇଛି। ବିଶେଷକରି ବାଇଗଣ କଲମୀକରଣ, ଝାଉଁଳା ରୋଗ ବିହୀନ ଟମାଟୋ ଚାଷ, ଘାସ ବିହୀନ ଧାନଚାଷ, ଉନ୍ନତମାନର ତରଭୁଜ ଚାଷ ଆଦି ସମ୍ପର୍କରେ ଆଲୋଚନାରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏ ଦିଗରେ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ ସହ ମଲଞ୍ଚ ଓ ବୁନ୍ଦା ଜଳସେଚନ ପ୍ରଣାଳୀରେ ଚାଷ କରିବା ପାଇଁ ପ୍ରୋତ୍ସାହିତ କରାଯିବ ବୋଲି କ୍ଷେତ୍ର ବିଜ୍ଞାନୀ ଡ. ଲଳିତ କୁମାର ମହାନ୍ତି ମତ ରଖିଛନ୍ତି।

ଏହି ବ୍ଲକ ପରିବା ଚାଷରେ ଅଗ୍ରଣୀ ଭୂମିକା ନର୍ବାହ କରିଆସୁଛି। ଖରିଫ ଓ ରବି ଋତୁରେ ଅଞ୍ଚଳର ଚାଷୀ ପରିବା ଚାଷ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ତେବେ ପୁରୁଣା ପଦ୍ଧତିରେ ପରିବା ଚାଷ ଲାଭଦାୟକ ହେଉନାହିଁ। ଉନ୍ନତ ପ୍ରଣାଳୀରେ ପରିବା ଚାଷ କରିବା ଦିଗରେ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବୈଜ୍ଞାନିକମାନେ କ୍ଷେତ୍ରରେ ପହଞ୍ଚିଥିଲେ। ଯୁବଚାଷୀ ଶିଶିରଙ୍କ ଝୁଡ଼ଙ୍ଗ, ବାଇଗଣ, ଟମାଟୋ ଆଦି କ୍ଷେତକୁ ବୁଲି ଦେଖିଥିଲେ। ମଲଞ୍ଚ ପଦ୍ଧତିରେ ହୋଇଥିବା ଏସବୁ ଚାଷ ବହୁତ ସୁନ୍ଦର ହୋଇଥିବା ଦେଖିଥିଲେ। ବାଇଗଣ ଚାଷର କଲମୀ କରଣ ପ୍ରଣାଳୀ ସମ୍ପର୍କରେ ବୈଜ୍ଞାନିକମାନେ ଚାଷୀଙ୍କୁ ବୁଝାଇଥିଲେ। ଏହି ବ୍ଲକ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବର୍ଷ ତମାମ ତରଭୁଜ ବ୍ୟବସାୟ ହେଉଛି। ତାହାକୁ ଦୃଷ୍ଟିରେ ରଖି ଅଞ୍ଚଳରେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମଞ୍ଜି ବିହୀନ ଓ ହଳଦିଆ କିସମର ତରଭୁଜ ଚାଷ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାରେ ଏହି କିସମର ତରଭୁଜ ଚାଷକୁ କୃଷି ବିଜ୍ଞାନୀମାନେ ପ୍ରଥମ ଥର ପାଇଁ ଆରମ୍ଭ କରିବାକୁ ଚାହୁଁଛନ୍ତି। ତରଭୁଜ ଚାଷ ସଫଳ ହେଲେ ଚାଷୀ ଲାଭବାନ ହୋଇପାରିବେ ବୋଲି ଆକଳନ କରାଯାଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ପରୀକ୍ଷାମୂଳକ ଭାବରେ ଅଧ ଏକର ଜମିରେ ତରଭୁଜ ଚାଷ କରାଯିବ। ଏହି ଚାଷ ପାଇଁ ଚାଷୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ମାଗଣାରେ ବିହନ, ଚାରାରେ ପରିଣତ କରିବା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ବୈଜ୍ଞାନିକମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବଡ଼ଚଣା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ଡ. ସୁନୀଲ ମହାପାତ୍ର ଓ ବୈଜ୍ଞାନିକ କୃଷି ସମ୍ପ୍ରସାରଣ ଅଧିକାରୀ ଡ. ସୁବ୍ରତ ପାଣିଗ୍ରାହୀ ପ୍ରମୁଖ କ୍ଷେତ୍ର ପରିଦର୍ଶନରେ ଆସିଥିଲେ।



ଲକ୍ଷ୍ନୌର ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ଆଇସିୟୁରେ ଭର୍ତ୍ତି ହୋଇଥିବା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଛି। ତାଙ୍କୁ ଡାଏଲିସିସ୍‌ରେ ରଖାଯାଇଛି। ତାଙ୍କ ରକ୍ତଚାପ କମିଯାଇଥିବାବେଳେ ସ୍ୱାଭାବିକ ଭାବେ ପରିସ୍ରା ହେଉ ନ ଥିବା ଡାକ୍ତର କହିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମେଡିକାଲ ଶିକ୍ଷାମନ୍ତ୍ରୀ ସୁରେଶ ଖାନ୍ନା ହସ୍ପିଟାଲ ଯାଇ କଲ୍ୟାଣଙ୍କୁ ଭେଟିଥିଲେ।

## ସଂକ୍ଷେପରେ

### ୩ ସନ୍ତାନ ନୀତିକୁ ଚାଇନାର ଅନୁମୋଦନ

**ବେଜିଂ, ୨୦।୮(ପି.ଟି.):** ଶାସକ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଅଣାଯାଇଥିବା ତିନି ସନ୍ତାନ ନୀତିକୁ ଶୁକ୍ରବାର ଚାଇନା ଜାତୀୟ ବ୍ୟବସ୍ଥାପକ ସଭା ଆନୁଷ୍ଠାନିକ ଭାବେ ଅନୁମୋଦନ କରିଛି। ବିଶ୍ୱର ସବୁଠୁ ଜନବହୁଳ ଦେଶରେ ଜନ୍ମହାର ଦ୍ରୁତ ହ୍ରାସ ଘଟୁଥିବାରୁ ବେଜିଂ ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ସଂଶୋଧିତ ଜନସଂଖ୍ୟା ଓ ପରିବାର ନିୟୋଜନ ଆଇନରେ ଚାଇନା ଦମ୍ପତିଙ୍କୁ ୩ ସନ୍ତାନ ଜନ୍ମ ଲାଗି ଅନୁମତି ମିଳିବ। ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି)ର ଷ୍ଟାଣ୍ଡିଂ କମିଟିରେ ଏହା ଗୃହୀତ ହୋଇଥିଲା। ସନ୍ତାନ ଲାଳନ ପାଳନ ଖର୍ଚ୍ଚ ଅତ୍ୟଧିକ ହୋଇଥିବାରୁ ଚାଇନା ଦମ୍ପତି ଅଧିକ ପିଲା ଜନ୍ମ କରିବାକୁ କୁଣ୍ଠାବୋଧ କରିଥାନ୍ତି। ସେଥିପାଇଁ ସଂଶୋଧିତ ଆଇନରେ ଅଧିକ ସାମାଜିକ ଓ ଆର୍ଥିକ ସହାୟତା ବ୍ୟବସ୍ଥା କରାଯାଇଛି। ଅଧିକ ସନ୍ତାନ ଜନ୍ମ କରୁଥିବା ଦମ୍ପତିଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଦିଆଯିବା ସହ ବୀମା, ଶିକ୍ଷା, ହାଉସିଂ ଏବଂ ନିଯୁକ୍ତି ଆଦିରେ ସହାୟତା କରାଯିବ। ଗତ ମେ’ ମାସରେ ଚାଇନା କମ୍ୟୁନିଷ୍ଟ ପାର୍ଟି ୩ ସନ୍ତାନ ନୀତିକୁ ଅନୁମୋଦନ କରିଥିଲା।

### ବୋଟ୍ ବୁଡ଼ି ୫୨ ଶରଣାର୍ଥୀ ମୃତ ଆଶଙ୍କା

**ଲିସ୍‌ବନ, ୨୦।୮:** ଆଫ୍ରିକାରୁ ୫୩ ଜଣ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ଆଟଲାଣ୍ଟିକ୍ ମହାସାଗରରେ ବୁଡ଼ିଯାଇଛି। ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୫୨ ଜଣଙ୍କ ପତ୍ତା ମିଳୁ ନ ଥିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ସ୍ପେନ୍ ମେରିଟାଇମ୍ ରେସ୍କ୍ୟୁ ସର୍ଭିସ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ଉକ୍ତ ବୋଟ୍‌ଟି ସ୍ପେନ୍‌ର କାନାରୀ ଆଇଲାଣ୍ଡଠାରୁ ଦକ୍ଷିଣରେ ୨୫୫ କିଲୋମିଟର ଦୂରରେ ଥିବା ଏକ ଜାହାଜ ଠାବ କରି ସ୍ପେନ୍‌ର ଜରୁରୀ ସେବା ବିଭାଗକୁ ଜଣାଇଥିଲା। ଶରଣାର୍ଥୀମାନେ ଜୀବନକୁ ବାଜି ଲଗାଇ ସମୁଦ୍ର ପଥରେ ୟୁରୋପୀୟ ଦେଶକୁ ଯିବା ଲାଗି ଉଦ୍ୟମ କରୁଥିବାବେଳେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଚଳିତ ବର୍ଷର ପ୍ରଥମ ୬ ମାସରେ କାନାରୀ ଆଇଲାଣ୍ଡ ରୁଟ୍‌ରେ ୨୫୦ରୁ ଉର୍ଦ୍ଧ୍ୱ ଶରଣାର୍ଥୀଙ୍କ ଜୀବନ ଗଲାଣି ବୋଲି ଜାତିସଂଘର ଏକ ସଂଗଠନ ପକ୍ଷରୁ କୁହାଯାଇଛି।

### ଗାଡ଼ି ଓଲଟି ୧୨ ଶ୍ରମିକ ମୃତ

**ମୁମ୍ବାଇ, ୨୦।୮:** ମହାରାଷ୍ଟ୍ରର ବୁଲଧନା ଜିଲାରେ ଏକ ଗାଡ଼ି ଓଲଟି ୧୨ ଶ୍ରମିକ ପ୍ରାଣ ହରାଇଛନ୍ତି। ଶୁକ୍ରବାର ମଧ୍ୟାହ୍ନ ସମୟରେ ଦୁସାରବିଡ୍ ଗ୍ରାମ ନିକଟ ସିନ୍ଦଖେଡ୍ରାଜା-ମେହକର ରୋଡ୍‌ରେ ଏହି ଦୁର୍ଘଟଣା ଘଟିଛି। ଏହି ଶ୍ରମିକମାନେ ନାଗପୁର-ମୁମ୍ବାଇ ସମୃଦ୍ଧି ଏକ୍ସପ୍ରେସ୍‌ୱେ ପ୍ରୋଜେକ୍ଟ କାର୍ଯ୍ୟରେ ଯୋଗଦେବାକୁ ଯାଉଥିଲେ। ହାଇୱେ କାର୍ଯ୍ୟ ପାଇଁ ଗାଡ଼ିରେ ଲୁହାରଡ୍ ଲୋଡ୍ ହୋଇଥିବା ବେଳେ ସେଥିରେ ୧୬ ଜଣ ଶ୍ରମିକ କାର୍ଯ୍ୟସ୍ଥଳକୁ ଯାଉଥିଲେ। ରାସ୍ତାରେ ବଡ଼ ପଟ୍‌ହୋଲ ଥିବାରୁ ଦ୍ରୁତ ବେଗରେ ଯାଉଥିବା ଗାଡ଼ିଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି।

# ଗିରଫ ସବୁବେଳେ ଜରୁରୀ ନୁହେଁ

**ନୂଆଦିଲ୍ଲୀ, ୨୦।୮(ପି.ଟି.)**



### ସାମ୍ବିଧାନିକ ଅଧିକାରରେ ବ୍ୟକ୍ତି ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ

ସାମ୍ବିଧାନିକ ଅଧିକାରରେ ବ୍ୟକ୍ତି ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ। ଆଇନରେ ଗିରଫଦାରିକୁ ଅନୁମତି ମିଳିଛି ବୋଲି ପୋଲିସ ଏହାର ଅନୁଚିତ ଫାଇଦା ଉଠାଇବା ଠିକ୍ ନୁହେଁ। ସବୁବେଳେ ଗିରଫ କରାଯିବା ଜରୁରୀ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ଯଦି ଗିରଫଦାରିକୁ ଦୈନନ୍ଦିନ କାର୍ଯ୍ୟ ଭଳି କରାଯାଏ, ତେବେ ତାହା ବ୍ୟକ୍ତି ମର୍ଯ୍ୟାଦା ଏବଂ ଆତ୍ମସମ୍ମାନକୁ ଅପୂରଣୀୟ କ୍ଷତି ଘଟାଇବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୌଣସି ମାମଲାର ଅଭିଯୁକ୍ତ ଫେରାର ହେବେ କିମ୍ବା ସମନକୁ ଅବମାନନା କରିବେ ବୋଲି ଯଦି ତଦନ୍ତକାରୀ ଅଧିକାରୀ ବିଶ୍ୱାସ କରୁ ନ ଥାନ୍ତି, ତେବେ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରାଇବାର ଆବଶ୍ୟକତା ନାହିଁ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ ହୃଷୀକେଶ ରାୟଙ୍କ ଖଣ୍ଡପୀଠ କହିଛନ୍ତି। ଅଭିଯୁକ୍ତଙ୍କୁ ହାଜତକୁ ନେଇ ତଦନ୍ତ କରାଯିବା ଜରୁରୀ ହୋଇଥିଲେ କିମ୍ବା ଅପରାଧ ଜଘନ୍ୟ ହୋଇଥିଲେ, ଗିରଫ କରାଯାଇପାରିବ। ସେହିପରି ଅଭିଯୁକ୍ତ ସାକ୍ଷୀଙ୍କୁ ପ୍ରଭାବିତ କରିବା କିମ୍ବା ଫେରାର ହୋଇଯିବା ସମ୍ଭାବନା ଥିଲେ, ସେ କ୍ଷେତ୍ରରେ ଗିରଫ କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ୭ ବର୍ଷ ତଳେ ରୁଜୁ ହୋଇଥିବା ଏକ ମାମଲାରେ ଅନ୍ତରୀଣ ଜାମିନ ଆବେଦନକୁ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେଇଥିବାବେଳେ ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଏହାର ଶୁଣାଣି ବେଳେ ଖଣ୍ଡପୀଠ ଉପରୋକ୍ତ ମତ ଦେଇଛନ୍ତି।

କାହାକୁ ଗିରଫ କରିବା ପୂର୍ବରୁ ପୋଲିସ ଅଧିକାରୀ ପାରିପାର୍ଶ୍ୱିକ ସ୍ଥିତିକୁ ବିଚାରକୁ ନେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ୧୯୯୪ରେ ଏକ ରାୟ ଦେବା ଅବସରରେ କହିଥିଲେ। ଏହା ସତ୍ତ୍ୱେ ପୋଲିସ ଏଥିପ୍ରତି ଧ୍ୟାନ ନ ଦେଇ ମନଇଚ୍ଛା ଗିରଫ କରୁଛି। ଏପରିକି ତଳକୋର୍ଟଗୁଡ଼ିକ ମଧ୍ୟ ଗିରଫଦାରି ଉପରେ ଗୁରୁତ୍ୱ ଦେଉଥିବାରୁ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଖଣ୍ଡପୀଠ ଅପରାଧ ପ୍ରକ୍ରିୟା ସଂହିତା (ସିଆର୍‌ପିସି)ର ଧାରା ୧୭୦ର ବ୍ୟାଖ୍ୟା କରିବା ସହ ବିଭିନ୍ନ କୋର୍ଟ ଭିନ୍ନ ଭିନ୍ନ ସମୟରେ ଦେଇଥିବା ରାୟର ଉଲ୍ଲେଖ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କାହିଁକି କରାଯାଇନି କିମ୍ବା ଅଦାଲତରେ ହାଜର କରାଯାଇନାହିଁ ଆଧାରରେ କୌଣସି ଫୌଜଦାରି କୋର୍ଟ ଚାର୍ଜଶିଟ୍ ଗ୍ରହଣ କରିବାକୁ ମନା କରିପାରିବେ ନାହିଁ ବୋଲି ସେଥିରେ କୁହାଯାଇଥିଲା। ଧାରା ୧୭୦ରେ ଥିବା ‘ହାଜତ’ ଶବ୍ଦର ଅର୍ଥ ପୋଲିସ କିମ୍ବା ବିଚାର ବିଭାଗୀୟ ହାଜତ ନୁହେଁ। ଏହା କେବଳ ଚାର୍ଜଶିଟ୍ ଦାଖଲ ବେଳେ ତଦନ୍ତକାରୀ ଅଧିକାରୀ କୋର୍ଟ ଆଗରେ ଅଭିଯୁକ୍ତଙ୍କ ପ୍ରସ୍ତୁତିକୁ ଦର୍ଶାଇଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

# ଜାଇଡସ୍ କାଡିଲା ଟିକାକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୦।୮(ପି.ଟି.)**




### ପିଲାଙ୍କ ପାଇଁ ପ୍ରଥମ କୋଭିଡ୍ ଟିକା

ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଜାଇଡସ୍ କାଡିଲା କମ୍ପାନୀର ୩ ଡୋଜ୍ ବିଶିଷ୍ଟ କୋଭିଡ୍ ଟିକା ଜାଇକୋଭ-ଡି’କୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ମିଳିଛି। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଉକ୍ତ ଟିକାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୧୨ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଏହି ଟିକା ଦିଆଯାଇପାରିବ। ପିଲାମାନଙ୍କ ପାଇଁ ମଞ୍ଜୁରୀ ପାଇବାରେ ଏହା ପ୍ରଥମ ଟିକା। ଭାରତର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ)ର ବିଶେଷଜ୍ଞ କମିଟି (ସବ୍‌ଜେକ୍ଟ ଏକ୍ସପର୍ଟ କମିଟି) ଉକ୍ତ ଟିକାକୁ ମଞ୍ଜୁରୀ ପ୍ରଦାନ ନିମନ୍ତେ ସୁପାରିସ କରିଥିଲା। ଜାଇଡସ୍ କାଡିଲା ଟିକାକୁ ମଞ୍ଜୁରୀ ଦେବା ନିମନ୍ତେ କମ୍ପାନୀ ଜୁଲାଇ ୧ରେ ଡିସିଜିଆଇ ନିକଟରେ ଆବେଦନ କରିଥିଲା। ଭାରତର ୫୦ଟି କେନ୍ଦ୍ରରେ ଉକ୍ତ ଟିକାର କ୍ଲିନିକାଲ ପରୀକ୍ଷା କରାଯାଇଥିବା କମ୍ପାନୀ କହିଛି। କରୋନା ସଂକ୍ରମଣ ରୋକିବାରେ ଏହା ବିଶ୍ୱର ପ୍ରଥମ ଡିଏନ୍‌ଏ ଭାକ୍ସିନ୍। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡ, ଭାରତ ବାୟୋଟେକ୍‌ର କୋଭାକ୍ସିନ, ରୁଷିଆର ସ୍ପୁଟନିକ୍-ଭି, ଆମେରିକାର ମଡର୍ନା ଏବଂ ଜନ୍‌ସନ୍ ଆଣ୍ଡ ଜନ୍‌ସନ ଟିକା ପରେ ଷଷ୍ଠ ଟିକା ଭାବେ ଜାଇଡସ୍ କମ୍ପାନୀର ଜାଇକୋଭ୍-ଡି ଟିକାକୁ ମଞ୍ଜୁରୀ ମିଳିଛି। ପ୍ଲାଜ୍‌ମିଡ୍ ଡିଏନ୍‌ଏ ଭିତ୍ତିକ ଜାଇକୋଭ୍-ଡି ଟିକା ବିନା ଛୁଞ୍ଚ ଇଞ୍ଜେକ୍ଟରରେ ଦିଆଯିବ। କେବଳ ବୟସ୍କଙ୍କ ପାଇଁ ନୁହେଁ ୧୨ରୁ ୧୮ ବର୍ଷ ବୟସବର୍ଗର ପିଲାଙ୍କୁ ମଧ୍ୟ ଏହି ଟିକା ଦିଆଯିବ ବୋଲି କାଡିଲା ହେଲ୍‌ଥ କେୟାରର ପରିଚାଳନା ନିର୍ଦ୍ଦେଶକ ଶର୍ଭିଲ ପଟେଲ କହିଛନ୍ତି।



ମଧ୍ୟପ୍ରଦେଶ ରାଜଧାନୀ ଭୋପାଳଠାରେ ଶୁକ୍ରବାର ପ୍ରବଳ ବର୍ଷାବେଳେ ଜଣେ ମହିଳା ତାଙ୍କ ଶିଶୁକୁ କାନ୍ଧରେ ଧରି ଛତା ତଳେ ଯାଉଛନ୍ତି।

### ବିକାଶ ଦୁବେ ଏନ୍‌କାଉଣ୍ଟର ମାମଲା

# ପୋଲିସକୁ କ୍ଲିନ୍‌ଚିଟ୍

**ଲକ୍ଷ୍ନୌ, ୨୦।୮**

ଗ୍ୟାଙ୍ଗଷ୍ଟର ବିକାଶ ଦୁବେ ଏନ୍‌କାଉଣ୍ଟର ମାମଲାର ତଦନ୍ତ କରୁଥିବା ତିନିଜଣିଆ କମିଟି ଉତ୍ତରପ୍ରଦେଶ ପୋଲିସକୁ କ୍ଲିନ୍‌ଚିଟ୍ ଦେଇଛି। ଦୁବେଙ୍କ ମୃତ୍ୟୁକୁ ନେଇ ପୋଲିସ ଦର୍ଶାଇଥିବା କାରଣ ପ୍ରମାଣସିଦ୍ଧ ବୋଲି ତଦନ୍ତ କମିଟି କହିଛି। ତେବେ କାନପୁରରେ ଦୁବେ ଓ ତାଙ୍କ ସହଯୋଗୀଙ୍କ ଅତର୍କିତ ଆକ୍ରମଣରେ ୮ ପୋଲିସ ପ୍ରାଣ ହରାଇବା ସ୍ଥାନୀୟ ଗୋଇନ୍ଦା ବିଫଳତା ଓ ପୋଲିସର ଦୁର୍ବଳ ଯୋଜନା ପାଇଁ ଘଟିଥିଲା ବୋଲି କମିଟି ମତ ଦେଇଛି। ଉତ୍ତରପ୍ରଦେଶ ବିଧାନସଭାରେ ଗୁରୁବାର ଉକ୍ତ ରିପୋର୍ଟ ଉପସ୍ଥାପନ କରାଯାଇଛି। ଦୁବେ ଏନ୍‌କାଉଣ୍ଟର ଫେକ୍ ଥିଲା ବୋଲି ତାଙ୍କ ସ୍ତ୍ରୀ ରିଚା ଦୁବେ କୋର୍ଟରେ ସତ୍ୟପାଠ ଦାଖଲ କରିଥିବାବେଳେ ସେ ତଦନ୍ତ କମିଶନଙ୍କ ନିକଟରେ ହାଜର ହୋଇ ନ ଥିଲେ। ଏନ୍‌କାଉଣ୍ଟର ସମ୍ପର୍କରେ ପୋଲିସ ବୟାନରେ କୌଣସି ସନ୍ଦେହ ନାହିଁ ବୋଲି କମିଶନ ସ୍ପଷ୍ଟ କରିଛନ୍ତି। କାନପୁର ନଗର ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ତାଙ୍କ ତଦନ୍ତରେ ମଧ୍ୟ ଅନୁରୂପ କଥା କହିଥିଲେ।

ସୂଚନାଯୋଗ୍ୟ, ଗୁରୁତର ଅପରାଧରେ ସମ୍ପୃକ୍ତ ଦୁବେଙ୍କୁ ଗିରଫ କରିବା ଲାଗି ଜୁଲାଇ ୨ ରାତିରେ ପୋଲିସ କାନପୁର ଜିଲାର ବିକ୍ରୁ ଗ୍ରାମକୁ ଯାଇଥିବାବେଳେ ଗ୍ୟାଙ୍ଗଷ୍ଟର ଓ ତାଙ୍କ ଲୋକମାନେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଜଣେ ଡିଏସ୍‌ପିଙ୍କ ସମେତ ୮ ପୋଲିସ ପ୍ରାଣ ହରାଇଥିଲେ। ଦୁବେଙ୍କୁ ଉଜ୍ଜୟିନୀରୁ ଗିରଫ କରି କାନପୁର ନିଆଯାଉଥିବାବେଳେ ଉକ୍ତ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ସୁଯୋଗରେ ଦୁବେ ଖସି ପଳାଇବାକୁ ଉଦ୍ୟମ କରିବାରୁ ଏନ୍‌କାଉଣ୍ଟରରେ ନିହତ ହୋଇଥିବା ପୋଲିସ କହିଥିଲା। ଅବସରପ୍ରାପ୍ତ ବିଚାରପତି ବି.ଏସ୍. ଚୌହାନ, ଏସ୍.କେ. ଅଗ୍ରୱାଲ ଏବଂ ଉତ୍ତରପ୍ରଦେଶର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ କେ.ଏଲ୍. ଗୁପ୍ତାଙ୍କୁ ନେଇ ତଦନ୍ତ କମିଶନ ଗଠନ ହୋଇଥିଲା। ଉକ୍ତ କମିଶନ ଏପ୍ରିଲ ୨୧ରେ ରାଜ୍ୟ ସରକାରଙ୍କୁ ୮୨୪ ପୃଷ୍ଠାର ରିପୋର୍ଟ ଦେଇଥିଲା।

# ବିଧ୍ୱଂସକାରୀ ଶକ୍ତି ସବୁଦିନ ତିଷ୍ଠିରହିବ ନାହିଁ: ମୋଦି

**ନୂଆଦିଲ୍ଲୀ, ୨୦।୮**



ବିଧ୍ୱଂସକାରୀ ତଥା ଆତଙ୍କ ଶକ୍ତି କିଛିଦିନ ପାଇଁ ପ୍ରଭାବ ବିସ୍ତାର କରିପାରନ୍ତି, କିନ୍ତୁ ସେମାନେ ସ୍ଥାୟୀ ଭାବେ ତିଷ୍ଠି ପାରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଐତିହାସିକ ସୋମନାଥ ମନ୍ଦିରର ଉଦାହରଣ ଦେଇଥିଲେ। ଅତୀତରେ ଏହି ମନ୍ଦିର ଉପରେ ଅନେକ ଥର ଆକ୍ରମଣ ଓ ଲୁଟ୍ ହୋଇଛି। ଏହାକୁ ଧ୍ୱଂସ କରିଦେବା ଲାଗି ଉଦ୍ୟମ ହୋଇଥିଲା। ତେବେ ସମୟର ପରୀକ୍ଷାରେ ଏହା ଉତ୍ତୀର୍ଣ୍ଣ ହୋଇଛି ଏବଂ ଯେଉଁମାନେ ଧ୍ୱଂସ କରିବାକୁ ଉଦ୍ୟମ କରିଥିଲେ, ସେମାନେ ପଛରେ ପଡ଼ିଯାଇଛନ୍ତି। ତାଲିବାନର ଆଫଗାନିସ୍ତାନ ଦଖଲକୁ ନେଇ ମୋଦି ଏହା କହିଥିଲେ। ଶୁକ୍ରବାର ପ୍ରଧାନମନ୍ତ୍ରୀ ସୋମନାଥ ମନ୍ଦିର ପରିସରରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସେ ଦେଶରେ ଧର୍ମୀୟ ପର୍ଯ୍ୟଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ରାଜନୈତିକ ବାଧ୍ୟବାଧକତାରୁ ଉର୍ଦ୍ଧ୍ୱକୁ ଯାଅ

**ନୂଆଦିଲ୍ଲୀ, ୨୦।୮(ପି.ଟି.)**



### ବିରୋଧୀ ନେତାଙ୍କୁ ସୋନିଆଙ୍କ ପରାମର୍ଶ

୨୦୨୪ ଲୋକ ସଭା ନିର୍ବାଚନ ଜିତିବାର ଲକ୍ଷ୍ୟକୁ ବାସ୍ତବ ରୂପ ଦେବାକୁ ହେଲେ ରାଜନୈତିକ ବାଧ୍ୟବାଧକତାରୁ ଉର୍ଦ୍ଧ୍ୱକୁ ଯିବାର ସମୟ ଆସିଛି ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁକ୍ରବାର ବିରୋଧୀ ଦଳ ନେତାମାନଙ୍କୁ କହିଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥକୁ ଭୁଲି ଭାଜପା ବିରୋଧରେ ଏକାଠି ହେବା ଲାଗି ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ୧୯ଟି ବିରୋଧୀ ଦଳର ନେତାଙ୍କୁ ଭର୍ଚୁଆଲି ଉଦ୍‌ବୋଧନ ଦେଇ ସୋନିଆ କହିଥିଲେ, ସାଧାରଣ ନିର୍ବାଚନ ଜିତିବାକୁ ହେଲେ ବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରିବା ସହ ଏକାଠି କାର୍ଯ୍ୟ କରିବାକୁ ହେବ। ଏହା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି ସେ କହିଥିଲେ। ବୋଧହୁଏ ବିରୋଧୀ ଦଳଗୁଡ଼ିକର ନେତୃତ୍ୱ ନେବାରେ କଂଗ୍ରେସର ସାମର୍ଥ୍ୟକୁ ନେଇ ସନ୍ଦେହ ପ୍ରକାଶ କରାଯାଉଥିବାରୁ ତାଙ୍କ ଦଳ ନେତୃତ୍ୱ ନେବାକୁ ଚାହିଁବ ନାହିଁ ବୋଲି ସୋନିଆ କହିଥିଲେ।

ଭର୍ଚୁଆଲ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଆରଜେଡି ନେତା ତେଜସ୍ୱୀ ଯାଦବ, ସିପିଏମ୍ ନେତା ସୀତାରାମ ୟେଚୁରୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପରେ ନେତାମାନଙ୍କ ପକ୍ଷରୁ ଏକ ମିଳିତ ବିବୃତି ପ୍ରକାଶ ପାଇଛି। ଏଥିରେ ସେମାନେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା, ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ପେଗାସସ୍ ଗୁପ୍ତଚରଗିରି ଅଭିଯୋଗର ତଦନ୍ତ ଏବଂ ଟିକାକରଣ ନୀତିରେ ପରିବର୍ତ୍ତନ ଲାଗି ଦାବି କରିଥିଲେ। କଂଗ୍ରେସ ସହ ମେଣ୍ଟ ନ ଥିବା ବିରୋଧୀ ଦଳଗୁଡ଼ିକୁ ମଧ୍ୟ ପରବର୍ତ୍ତୀ ବୈଠକରେ ସାମିଲ କରିବା ଉପରେ ମମତା ବାନାର୍ଜୀ ଗୁରୁତ୍ୱ ଦେଇଥିଲେ। ନେତା କିଏ ହେବେ ସେକଥା ଭୁଲି ଭାଜପା ବିରୋଧରେ ସମସ୍ତେ ଏକାଠି ହେବା ଲାଗି ତୃଣମୂଳ କଂଗ୍ରେସ ନେତ୍ରୀ ଆହ୍ୱାନ ଦେଇଥିଲେ। ବୈଠକରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଯୋଗ ଦେଇ ନ ଥିବାବେଳେ ବିଏସ୍‌ପି ନେତ୍ରୀ ମାୟାବତୀଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ସେହିପରି ଆମ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜ୍‌ରିୱାଲ ଏବଂ ଅକାଳୀ ଦଳ ନେତାଙ୍କୁ ଡକାଯାଇ ନ ଥିବାରୁ ମମତା ଏହା କହିଥିଲେ।

## ଫୁରସତ୍

# ନାରୀ ଶିକ୍ଷାର ସାରଥି ଚନ୍ଦନା

**ପାଟନା:** ଝିଅମାନଙ୍କୁ ପାଠ ପଢ଼ାଇବା ଦିନେ ସେହି ଅଞ୍ଚଳରେ ସମ୍ଭବ ନ ଥିଲା। କିନ୍ତୁ ମହିଳାଙ୍କୁ ଶିକ୍ଷିତ କରାଇବାକୁ ଅଭିଯାନ ଚଳାଇଥିଲେ ଚନ୍ଦନା ଦତ୍ତ। ଆଉ ନିରନ୍ତର ପ୍ରୟାସ ଫଳରେ ଆଜି ସେହି ଅଞ୍ଚଳରେ ପୁଅଙ୍କ ଭଳି ଝିଅମାନେ ବି ସ୍କୁଲ ଯାଉଛନ୍ତି। ଅଭିଭାବକଙ୍କୁ ବୁଝାଇ ଏଭଳି ଏକ ପରିବର୍ତ୍ତନ ଆଣି ପାରିଥିବା ଜଣେ ଶିକ୍ଷକ ହେଉଛନ୍ତି ବିହାରର ଚନ୍ଦନା ଦତ୍ତ।

ବିହାରର ମଧୁବନୀ ଅଞ୍ଚଳର ଜଣେ ସ୍କୁଲ ଶିକ୍ଷୟିତ୍ରୀ ହେଉଛନ୍ତି ଚନ୍ଦନା ଦତ୍ତ। ୨୦୦୫ ମସିହାରେ ସେ ଏକ ସ୍କୁଲରେ ଯୋଗ ଦେଇ ଶିକ୍ଷାଦାନ ଆରମ୍ଭ କରିଥିଲେ। କିନ୍ତୁ ସେତେବେଳକୁ ସେହି ଅଞ୍ଚଳରେ କୌଣସି ଝିଅ ବି ସ୍କୁଲ ଯାଉ ନ ଥିଲେ। ଝିଅମାନଙ୍କୁ ପାଠ ପଢାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ଅଭିଭାବକମାନେ ଭାବୁଥିଲେ। ସେଥିପାଇଁ ସେମାନେ କେବଳ ଘରର ପୁଅପିଲାଙ୍କୁ ସ୍କୁଲରେ ପାଠ ପଢିବା ପାଇଁ ଛାଡୁଥିଲେ ଏବଂ ଝିଅମାନଙ୍କୁ ଘରକାମରେ ନିୟୋଜିତ କରୁଥିଲେ। ମାତ୍ର ଅଭିଭାବକଙ୍କର ଏଭଳି ମାନସିକତାକୁ ଦେଖି ଚନ୍ଦନା ଘର ଘର ବୁଲି ପ୍ରଥମେ ଲୋକଙ୍କୁ ବୁଝାଇବା ଆରମ୍ଭ କରିଥିଲେ। ଝିଅମାନେ ଏବେ ଉଚ୍ଚ ଶିକ୍ଷିତ ହୋଇ ବହୁ ସଫଳତା ହାସଲ କରୁଛନ୍ତି। ପ୍ରତି କ୍ଷେତ୍ରରେ ସେମାନେ ପୁଅଙ୍କ ଭଳି ସମକକ୍ଷ ହୋଇ କାମ କରି ପାରୁଛନ୍ତି। ଏଭଳିଭାବେ ବାରମ୍ବାର ବୁଝାଇବା ପରେ ଧୀରେ ଧୀରେ ଝିଅମାନେ ସ୍କୁଲ ଯିବା ଆରମ୍ଭ କରିଥିଲେ। ତା’ପରେ ଚନ୍ଦନାଙ୍କ ବୁଝାଶୁଝା ପରେ ଅଭିଭାବକମାନେ ନାରୀ ଶିକ୍ଷା ପ୍ରତି ସଚେତନ ହୋଇଥିଲେ। ଫଳରେ ଚନ୍ଦନା ପଢାଉଥିବା ସ୍କୁଲରେ ଏବେ ୬୦ ପ୍ରତିଶତ ଝିଅ ନାମ ଲେଖାଇଛନ୍ତି। ଚନ୍ଦନା ତାଙ୍କ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ସ୍କୁଲର ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ କଳା କୌଶଳ ନେଇ ମଧ୍ୟ ତାଲିମ୍ ଯୋଗାଇ ଦେଇଥାନ୍ତି। ଫଳରେ ତାଙ୍କ ସ୍କୁଲରେ ଏବେ ବହୁ ଛାତ୍ରୀ ପେଣ୍ଟିଂ ତଥା ଅନ୍ୟାନ୍ୟ କଳାରେ ମଧ୍ୟ ପାରଦର୍ଶିତା ଲାଭ କରିଲେଣି। ନାରୀ ଶିକ୍ଷା ପ୍ରତି ଚନ୍ଦନାଙ୍କର ଏଭଳି ଏକ ସଚେତନତା ଅଭିଯାନ ପାଇଁ ଏବେ ତାଙ୍କୁ ଜାତୀୟ ସ୍ତରର ପୁରସ୍କାର ମିଳିପାରିଛି।



### ଆରବ ଦେଶରେ ‘ବେଲ୍ ବଟମ’ ବ୍ୟାନ୍

**ମୁମ୍ବାଇ:** ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ ‘ବେଲ୍ ବଟମ’ କିଛି ଆରବ ଦେଶ ବ୍ୟାନ କରି ଦେଇଛନ୍ତି। ସେଥିମଧ୍ୟରେ ରହିଛନ୍ତି ସୌଦି ଆରବ, କାତାର ଓ କୁଏତ। ଅଭିଯୋଗ ହେଲା କିଛି ସିନ୍‌ରେ ଆରବ ଦେଶବାସୀଙ୍କୁ ଛୋଟ କରି ଦେଖାଯାଇଛି । ଫିଲ୍ମର ଅଧାରେ କେମିତି ଏକ ଏୟାରକ୍ରାଫ୍ଟକୁ ହାଇଜ୍ୟାକ କରି ଲାହୋରରୁ ଦୁବଇ ନିଆଯାଇଛି ତାହା ଦର୍ଶାଯାଇଛି । ୧୯୮୪ରେ ହୋଇଥିବା ଏକସତଘଟଣା ଉପରେ ଏହା ଆଧାରିତ। ସେତେବେଳେ ୟୁଏଇର ଫୋର୍ସମାନେ ହାଇଜ୍ୟାକର୍ସଙ୍କୁ ନିଜ କବଜାକୁ ନେଇ ଯାଇଥିଲେ । ଫିଲ୍ମରେ ଦେଖାଯାଇଛି କି କେମିତି ଏହି ସିକ୍ରେଟ ମିଶନକୁ ଭାରତୀୟ ଅଧିକାରୀ ଶେଷରେ ପହଞ୍ଚାଇଥିଲେ । ଯାହାର ସୂଚନା ଡିଫେନ୍ସ ମିନିଷ୍ଟରଙ୍କୁ ବି ନ ଥିଲା ।






### ବିମାନବନ୍ଦରରେ ସଲମାନଙ୍କୁ ଅଟକାଇଲେ ଯବାନ

**ମୁମ୍ବାଇ:** ବିମାନବନ୍ଦରରେ ଦବଙ୍ଗ ଖାନ ସଲମାନଙ୍କୁ ରୋକିଲେ ସିଆଇଏସଏଫ ଅଧିକାରୀ। ଏପରି କିଛି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଭିନେତା ‘ଟାଇଗର ୩’ ଶୁଟିଂ ପାଇଁ ରୁଷିଆ ଯାଉଥିବା ବେଳେ ଘଟଣା ଘଟିଥିବା ଜଣାପଡ଼ିଛି। ବମ୍ବେରେ ଫିଲ୍ମର କିଛି ଭାଗର ଶୁଟିଂ ପୂରଣ କରିବା ପରେ ମୁଖ୍ୟ ଅଭିନେତ୍ରୀ କାଟ୍ରିନା କୈଫଙ୍କ ସହ ରୁଷିଆ ବାହାରିଯାଇଛନ୍ତି ସଲମାନ। ଗୁରୁବାର ବିମାନବନ୍ଦରରେ ସେ ପହଞ୍ଚିବା ପରେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ଇନ୍ସପେକ୍ଟର ତାଙ୍କୁ ଅଟକାଇ ଦେଇଥିଲେ। ଏପରିକି ଯାଞ୍ଚ ପରେ ଭିତରକୁ ଯାଇପାରିବେ ବୋଲି କହିଥିଲେ। ଭାଇରାଲ ଭୈୟାନୀ ନିଜର ଇନଷ୍ଟାଗ୍ରାମରେ ଏହାର ଭିଡିଓ ଶେୟାର କରିଥିଲେ। ଭିଡିଓଟି ଏବେ ବେଶ୍ ଭାଇରାଲ ହେଉଥିବା ବେଳେ ଲୋକମାନେ ସିଆଇଏସଏଫ ଅଧିକାରୀଙ୍କ ପ୍ରଶଂସା କରୁଛନ୍ତି। କେହି କେହି ତାଙ୍କର ଡ୍ୟୁଟିର ତ କେହି ତାଙ୍କ ଲୁକ୍ର ପ୍ରଶଂସା କରୁଛନ୍ତି। ତେବେ ସଲମାନ ଟାଇଗର ସିରିଜକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସିରିଜର ପ୍ରଥମ ଦୁଇଟି ଫିଲ୍ମକୁ ପ୍ରଶଂସକ ପସନ୍ଦ କରିଥିଲେ। ଏବେ ଟାଇଗର-୩ର ଶୁଟିଂ ଜାରି ରହିଛି।

## ସଂକ୍ଷେପରେ

### ଗ୍ୟାସ୍ ଟାଙ୍କି ଫାଟିବା ଘଟଣା, ୨ ମୃତ

**ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା**

ବାଣପୁର,୨୦।୮(ଡି.ଏନ୍.ଏ.): ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ରୋଷେଇ ଘରେ ଗୁରୁବାର ଗ୍ୟାସ ଟାଙ୍କି ଫାଟି ଜଣେ ମହିଳାଙ୍କ ସମେତ ୯ଜଣ ଗୁରୁତର ଆହତ ହୋଇଥିଲେ। ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା କାଳୁଚରଣ ପଣ୍ଡା(୫୫) ଏବଂ ପ୍ରମୋଦ ବରାଳ(୪୨)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ବଡ଼ମାଳ ଗୋଳାବାରୁଦ କାରଖାନା ଅଞ୍ଚଳ କଣ୍ଟେନ୍ମେଣ୍ଟ ଜୋନ୍

**୯ ଦିନରେ ୪୯ କୋଭିଡ୍ ଚିହ୍ନଟ**

ସଇଁତଲା,୨୦।୮ (ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବଡମାଳସ୍ଥିତ ଗୋଳାବାରୁଦ କାରଖାନା ଭିତର ଡିଏସ୍‌ସି ଫେମିଲି କ୍ୱାର୍ଟର୍ସ ଅଞ୍ଚଳକୁ କଣ୍ଟେନ୍ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଥିବା ଜଣାପଡିଛି। ଏହି ଅଞ୍ଚଳରେ ସଂକ୍ରମିତ ଚିହ୍ନଟ ହେବା ପରେ ଗୋଳାବାରୁଦ କର୍ତ୍ତୃପକ୍ଷଙ୍କ ତରଫରୁ ଏଭଳି ଘୋଷଣା କରାଯାଇଛି। କଣ୍ଟେନ୍ମେଣ୍ଟ ଅଞ୍ଚଳ ଘୋଷଣା ପରେ ଏଠାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଟେଷ୍ଟିଂ, ଟ୍ରେସିଂ, ଟିକାକରଣ ଓ କୋଭିଡ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ମଧ ଏଠାକାର ସ୍ଥିତି ଉପରେ କଡା ନଜର ରଖାଯାଇଛି। ବର୍ତ୍ତମାନ ଜିଲାରେ ୭୧ଟି ସକ୍ରିୟ ମାମଲା ରହିଥିବା ଜଣାପଡିଛି। ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ତଥ୍ୟ ମୁତାବକ ଗତ ୧୧ ତାରିଖରୁ ୧୯ ତାରିଖ ମଧ୍ୟରେ କେବଳ ବଡମାଳ ଅଞ୍ଚଳରୁ ୪୯ ଜଣ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡିଛି। ଏହି ଅଞ୍ଚଳରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲା ପରେ ଜିଲା ପ୍ରଶାସନ ପକ୍ଷରୁ ଏଠାରେ ସମସ୍ତ ପ୍ରକାର କୋଭିଡ ଗାଇଡଲାଇନ୍‌କୁ କଡାକଡି କରାଯାଇଛି।

### କରୋନା ନେଲାଣି ୩୫୨ ଜୀବନ

ଖୋର୍ଦ୍ଧା ଅଫିସ,୨୦।୮: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ଖସୁଥିବା ବେଳେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। କୋଭିଡରେ ବର୍ତ୍ତମାନ ସୁଦ୍ଧା ୩୫୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବାଲିଅନ୍ତା ୨୦, ବାଲିପାଟଣା ୨୫, ଭୁବନେଶ୍ୱର ବ୍ଲକ ୩୯, ଜଟଣୀ ୫୬, ଖୋର୍ଦ୍ଧା ୭୬, ବେଗୁନିଆ ୨୧, ବୋଲଗଡ ୨୧, ଟାଙ୍ଗୀ ୪୪, ଚିଲିକା ୨୫ ଓ ବାଣପୁରର ୨୫ ଜଣ ରହିଛନ୍ତି। ଶୁକ୍ରବାର ଗ୍ରାମାଞ୍ଚଳରେ ୧୫ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୩୨ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟପଟେ ଗ୍ରାମାଞ୍ଚଳରେ ଶୁକ୍ରବାର ସୁଦ୍ଧା ବିଭିନ୍ନ ବର୍ଗରେ ୪୫,୦୨,୦୭୫ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବ୍ୟାପକ ହେଉଛି ଆନ୍ଦୋଳନ

**ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ**

କେନ୍ଦ୍ରାପଡ଼ା ଅଫିସ, ୨୦।୮

ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ ଦିନକୁଦିନ ବ୍ୟାପକ ହେବାରେ ଲାଗିଛି। ଜିଲା ଓ ଜିଲା ବାହାରେ ଏହାର ସମର୍ଥକଙ୍କ ସଂଖ୍ୟା ବଢି ଚାଲିଛି। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିକୁ ଅଞ୍ଚଳବାସୀଙ୍କ ସହ ବିରୋଧୀ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ପରିବେଶବିତ୍ ସମର୍ଥନ ଜଣାଇଛନ୍ତି। ଗତ ୧୦ ତାରିଖରେ ଭଦ୍ରକ ଜିଲା ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଉଠା ସ୍ଥାନ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିପାଇଁ ୮୦୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କ ନାମରେ ପୋଲିସ ଦୁଇଟି ମାମଲା କରିଛି। ଏହି ଦୁଇ ମାମଲାରେ ୨୪ ଜଣ ଗିରଫ ହୋଇଥିବାରୁ ଜନ ଆକ୍ରୋଶ ବଢ଼ିବାରେ ଲାଗିଛି। ସଂଗ୍ରାମ ସମିତି ପକ୍ଷରୁ ଗତ ୧୫ ତାରିଖରୁ ଅଚ୍ୟୁତପୁରର ମା' ଅନ୍ଧାରଘରଣୀ ଠାକୁରାଣୀ ପୀଠରେ ଗଣଧାରଣା ଜାରି ରହିଛି। ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ପ୍ରକଳ୍ପର ପାଣି ଉଠା ସ୍ଥାନ ନିକଟ ପତ୍ରପୁର ପୋଲ ନିକଟରେ ସ୍ଥାନୀୟ ଆଳି ବିଧାୟକ ପ୍ରତାପ ଦେବଙ୍କ କୁଶ ପୁତ୍ତଳିକା ଦାହ ସହ ଶୁକ୍ରବାର ରାସ୍ତାରୋକୋ କରାଯାଇଛି। ସେହିପରି ଭିତରକନିକାର ସୁରକ୍ଷା ପାଇଁ ଇକୋ ସେନ୍ସିଟିଭ ଜୋନ କମିଟି ସଭ୍ୟ ଶ୍ରୀକାନ୍ତ ନାୟକଙ୍କ ଅନଶନକୁ ଇତିମଧ୍ୟରେ ୧୧ ଦିନରେ ପହଞ୍ଚିଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ସ୍ଥିତିରେ ଅଛି।



ଆଳି-ରାଜକନିକା ପତ୍ରପୁର ସେତୁ ଉପରେ ଯୁବ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ।

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ପଥ ପ୍ରଦର୍ଶକ ତଥା ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ଖରସ୍ରୋତା ନଦୀ ବଞ୍ଚାଅ ଆନ୍ଦୋଳନସ୍ଥଳରେ ପହଞ୍ଚିଛନ୍ତି। ଏଥିସହ ପ୍ରକଳ୍ପ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଜର ମତ ରଖିବା ସହ ଶ୍ରୀକାନ୍ତଙ୍କୁ ଅନଶନରୁ ଓହରି ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଛନ୍ତି। ଅପରପକ୍ଷରେ ଜିଲା ପ୍ରଶାସନ ଏହି ଜନଅସନ୍ତୋଷକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ପ୍ରକଳ୍ପର ପାଣି ଉଠାସ୍ଥାନ ବରୁଣାଡିହାରେ ପ୍ରଥମ ଥର ପାଇଁ ପ୍ରକଳ୍ପ ସମ୍ପର୍କରେ ସୂଚନା ଫଳକ ଲଗା ଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏହି ଜନ ଅସନ୍ତୋଷର ସମାଧାନ ପାଇଁ ଆସନ୍ତା ୨୪ତାରିଖରେ ଏକ ଜନସଭା ଆୟୋଜନ ପାଇଁ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଜିଲା ପ୍ରଶାସନ ଆଲୋଚନା ଚଳାଇଛି।

ସୂଚନାଯୋଗ୍ୟ, ଭଦ୍ରକ ଜିଲାର ବାସୁଦେବପୁର, ଧାମନଗର, ତିହିଡି ଓ ଚାନ୍ଦବାଲି ବ୍ଲକ ସମେତ ୩ ଏନ୍‌ଏସିର ୬,୧୮,୨୫୩ ଜଣଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଚାନ୍ଦବାଲି ବ୍ଲକ ନୂଆହାଟଠାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅଛି। ବସୁଧା ଯୋଜନାରେ ଏହି ପ୍ରକଳ୍ପ ପାଇଁ ମୋଟ ୮୯୨.୧୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ଅବସ୍ଥାରେ ଭଦ୍ରକ ଜିଲାର ଆଖୁଆପଦାଠାରେ ପାଣି ଉଠାଇବାକୁ ସ୍ଥିର ହୋଇଥିଲା। ତେବେ କୌଣସି କାରଣରୁ ପାଣି ଉଠା ସ୍ଥାନ ପରିବର୍ତ୍ତନ କରାଯାଇ ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଇବାକୁ ୨୦୧୯ରେ ପାଇପ ପଡିଥିଲା। ପାଇପ ପଡିବା ଦିନଠାରୁ ଆଳି ଓ ରାଜକନିକା ବ୍ଲକବାସୀ ସ୍ଥାନୀୟ ଅଞ୍ଚଳର କୃଷି ଓ ପାନୀୟ ଜଳ ପ୍ରଭାବିତ ହେବ ଦର୍ଶାଇ ବିରୋଧ କରି ଆସୁଛନ୍ତି। ଜନସଭା, ଜଳସତ୍ୟାଗ୍ରହ, ମାନବଶୃଙ୍ଖଳ, ଗଣଧାରଣା ଆଦି ସ୍ଥାନୀୟ ଅଞ୍ଚଳବାସୀ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ମାଧ୍ୟମରେ କରି ଆସୁଛନ୍ତି। ତେବେ ଗତ ୭ ତାରିଖଠାରୁ ବରୁଣାଡିହାରେ ପୋଲିସ ବଳୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ୧୦ ତାରିଖରେ ଜନ ଅସନ୍ତୋଷ ବରୁଣାଡିହାସ୍ଥିତ ନିର୍ମାଣାଧୀନ ପ୍ରକଳ୍ପ ଅଞ୍ଚଳରେ ଜନ ଆକ୍ରୋଶରେ ପରିଣତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ପ୍ରଶାସନର କଟକଣାକୁ ଖାତିର ନ କରି ଆନ୍ଦୋଳନକାରୀ ପ୍ରକଳ୍ପ ଅଞ୍ଚଳରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ତେବେ ପରଦିନଠାରୁ ପୋଲିସ ସୁରକ୍ଷାକୁ ଅଧିକ ବଢ଼ାଇ ନିର୍ମାଣ କାର୍ଯ୍ୟ ଜାରି ରଖିଛି।

# ଶଙ୍ଖଣାରେ ସଂଗ୍ରାମଙ୍କ ଶେଷକୃତ୍ୟ




ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

ହାଟଡିହୀ/ଆନନ୍ଦପୁର, ୨୦।୮(ଡି.ଏନ.ଏ./ସ୍ୱ.ପ୍ର.)

ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜୟଦେବ ଜେନାଙ୍କ ପୁଅ ସଂଗ୍ରାମଙ୍କ କରୋନାରେ ଗୁରୁବାର ହାଇଦ୍ରାବାଦରେ ପରଲୋକ ଘଟିଛି। ଶୁକ୍ରବାର ଅପରାହ୍ନରେ ତାଙ୍କ ମରଶରୀର ନିଜ ଗ୍ରାମ ହାଟଡିହୀ ବ୍ଲକ ଶଙ୍ଖଣା ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମଧ୍ୟାହ୍ନରେ ଭୁବନେଶ୍ୱରରୁ ସଂଗ୍ରାମଙ୍କ ପାର୍ଥିବ ଶରୀର ଆନନ୍ଦପୁରରେ ପହଞ୍ଚିବା ପରେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ଆଖିରୁ ଝରିଥିଲା ଲୁହ। ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ, ଯୁବ ବିଜେଡି ନେତା ଦେବପ୍ରିୟ ପାତ୍ର, ଜିଲା ଯୁବ ବିଜେଡି ସଭାପତି ରାକେଶ ରାମ, ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଲୋକନାଥ ସିଂହ, ସମ୍ପାଦକ ସନ୍ତୋଷ ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ଜନ୍ମମାଟି ଶଙ୍ଖଣା ଗ୍ରାମକୁ ନିଆଯାଇଥିଲା। ପ୍ରଥମେ ଏକ ବିଶାଳ ଶୋଭାଯାତ୍ରାରେ ମରଶରୀରକୁ ପରିକ୍ରମା କରାଯାଇଥିଲା। କଂଗ୍ରେସ ସହ ବିଭିନ୍ନ ଦଳର ନେତା, କର୍ମୀ, ଶୁଭେଚ୍ଛୁ ଓ ସମର୍ଥକ ଶେଷ ଦର୍ଶନ କରିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଘରେ ପଶି ଚୋରି, ୨ ଗିରଫ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଘରେ ପଶି ଚୋରି କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ପଥରବନ୍ଧ ମୋଦି ସାହି ବସ୍ତିର ଦୀପକ ମୁଦୁଲି(୨୮) ଓ ବିଶ୍ୱଜିତ ଦାଲୁଆ(୨୭)। ଏମାନଙ୍କଠୁ ଚୋରି ମୋବାଇଲ ଫୋନ୍ ଓ ନଗଦ ୪ ହଜାର ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳ ୧୦ଟାରେ ପଥରବନ୍ଧ ଗ୍ରାମର ବୃନ୍ଦା ସବିତା ସିଂଙ୍କ ଘରେ ପଶି ଅଭିଯୁକ୍ତଦ୍ୱୟ ଚୋରି କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ-୩୨୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ନିଯୁକ୍ତି ଦାବିରେ ଜମିହରାଙ୍କ ରେଳରୋକୋ



ଧାରଣା ଦେଇଥିବା ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ପଦ୍ମପୁର, ୨୦।୮(ଡି.ଏନ.ଏ.)

ଭଦ୍ରକ ଜିଲା ଚରମ୍ପାରୁ ଧାମରାକୁ ନିର୍ମିତ ରେଳପଥ ପାଇଁ ଜମି ହରାଇଥିବା ସଦର ବ୍ଲକର ଶତାଧିକ ଲୋକ ଶୁକ୍ରବାର ଭଟଡିରା-ଇଚ୍ଛାପୁରଠାରେ ରେଳରୋକୋ କରିଥିଲେ। ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ଚାଷୀମାରଣ ନୀତି ବୋଲି ସେମାନେ ଅଭିଯୋଗ କରିବା ସହ ଜମିହରାଙ୍କ ପରିବାରର ଜଣେ ବ୍ୟକ୍ତିଙ୍କୁ କମ୍ପାନୀରେ ନିଯୁକ୍ତି ଦାବି କରି ପୂର୍ବାହ୍ନରୁ ଅପରାହ୍ନ ପ୍ରାୟ ୩ଟା ଯାଏ ଧାରଣାରେ ବସିଥିଲେ। ରେଳଧାରଣାରେ ସେମାନେ ବସି ରହିବାରୁ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ବିଡିଓ ମନୋଜ କୁମାର ବେହେରା, ଡିପିସିଏଲ୍‌ର ସତ୍ୟବ୍ରତ ନାୟକ, ସାବରଙ୍ଗ ଥାନାଧିକାରୀ ମନୋରମା ବାରିକ, ଏସ୍‌ଆଇ ନିତେଇ ଚରଣ ମହାନ୍ତି, ଯତୀନ୍ଦ୍ର ନାଥ ସିଙ୍କୁ ପ୍ରମୁଖ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ବନ୍ଦର କର୍ତ୍ତୃପକ୍ଷ ଆସନ୍ତା ୨୫ ତାରିଖରେ ଜମି ହରାଇଥିବା ଚାଷୀମାନଙ୍କ ସହ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ବଣିଆ, କେଦାରପୁର, ବରହମପୁର, ବେନ୍ତାଳ ପଞ୍ଚାୟତର ହେମନ୍ତ କୁମାର ପାଢ଼ୀ, ଅକ୍ଷୟ ଦାସ, ଅଜୟ ସାମଲ, ତପନ ତ୍ରିପାଠୀ, ଉପେନ୍ଦ୍ର ପଲେଇ, ନରହରି ସାହୁ, ନିଶିକାନ୍ତ ପରିଡ଼ା, ପଦ୍ମଲୋଚନ ଦାସ ପ୍ରମୁଖ ଏଥିରେ ସାମିଲ ଥିଲେ।

ସୂଚନାଯୋଗ୍ୟ, ଉକ୍ତ ରେଳପଥ ପାଇଁ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଏକର ଚାଷଜମିକୁ ରେଳ ବିଭାଗ ଅଧିଗ୍ରହଣ କରିଥିଲା। ଏହି ଜମି ହରାଇଥିବା ଲୋକେ ଧାମରା ବନ୍ଦର କମ୍ପାନୀରେ ପରିବାରର ଜଣଙ୍କୁ ନିଯୁକ୍ତି ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ରଖିଥିଲେ।

# ୨୭ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଆସନ୍ତା ବିଧାନସଭା ମୌସୁମୀ ଅଧିବେଶନ ପରିଚାଳନା ପାଇଁ ଅଗଷ୍ଟ ୨୭ରେ ସର୍ବଦଳୀୟ ବୈଠକ ବସିବ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ। ସେପ୍ଟେମ୍ବର ପହିଲାରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ବାଚସ୍ପତି ଏହି ସର୍ବଦଳୀୟ ବୈଠକ ଡାକିଛନ୍ତି। ବିଧାନସଭାର ମୌସୁମୀ ଅଧିବେଶନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବୈଠକରେ ଆଲୋଚନା ହେବ। ଚଳିତ ଥର ମଧ କରୋନା ଗାଇଡ୍‌ଲାଇନ ମଧ୍ୟରେ ଗୃହ ପରିଚାଳିତ ହେବ। ତେବେ ଅଧିବେଶନ କେତେ ସମୟ ଚାଲିବ ସେ ନେଇ ବୈଠକରେ ନିଷ୍ପତ୍ତି ନିଆଯିବ। ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଷୋଡ଼ଶ ବିଧାନସଭାର ସପ୍ତଦଶ ଅଧିବେଶନ ସେପ୍ଟେମ୍ବର ୧ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ସେପ୍ଟେମ୍ବର ୩କୁ ବେସରକାରୀ ଦିବସ ରଖାଯାଇଥିବା ବେଳେ ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟଦିବସ ରହିଛି। ୫ ତାରିଖ ରବିବାର ଯୋଗୁ ଛୁଟି ରହିବ। ସେପ୍ଟେମ୍ବର ୧ ପୂର୍ବାହ୍ନ ୧୧ଟାରେ ବିଧାନସଭା ଅଧିବେଶନ ଆରମ୍ଭ ପାଇଁ ରାଜ୍ୟପାଳ ସମନ ଜାରି କରିଛନ୍ତି।

# ଚିତ୍ରଶିଳ୍ପୀ ଶଶଧର ପତିଙ୍କୁ ସମସାମୟିକ କଳା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ଆଜାଦି କି ଅମୃତ ମହୋତ୍ସବ ଅବସରରେ ଆଲୁମିନି କଳାକ୍ଷେତ୍ର ବାଲେଶ୍ୱର ଦ୍ୱାରା ଏକ ଜାତୀୟ ସ୍ତରୀୟ ଭର୍ଚୁଆଲ ଚିତ୍ରକଳା ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋଲକାତା ଆୟକର ବିଭାଗ କମିଶନର ଅମ୍ଳାନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ କଳାତ୍ମକ ଅଭିଭାଷଣରେ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ଶିଳ୍ପୀ ଶଶଧର ପତିଙ୍କ ନିଜସ୍ୱ କଳାତ୍ମକ ଶୈଳୀର 'ଅନ୍‌ଟାଇଟେଲ' ଚିତ୍ର ବିଚାରକ ମଣ୍ଡଳୀ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଥିପାଇଁ ତାଙ୍କୁ 'ସମସାମୟିକ କଳା ଉତ୍କର୍ଷତା ପୁରସ୍କାର' ପ୍ରଦାନ କରାଯାଇଥିଲା। ଚିତ୍ରଶିଳ୍ପୀ ଅସିତ ପଟ୍ଟନାୟକ ଓ ସଞ୍ଜୟ ସାହାଣୀ ବିଚାରକ ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ନିକୁଞ୍ଜ ବିହାରୀ ଦାସ ଓ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଲିଖିତ ଯୁକ୍ତି ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଦମନ ପ୍ରତିରୋଧ ମଞ୍ଚକୁ ବେଆଇନ ଘୋଷଣା ମାମଲା**

**ଅକ୍ଟୋବର ୨୧ରେ ଚୂଡ଼ାନ୍ତ ଶୁଣାଣି**

କଟକ ଅଫିସ,୨୦।୮

ଦମନ ପ୍ରତିରୋଧ ମଞ୍ଚକୁ ବେଆଇନ ଘୋଷଣା ସମ୍ପର୍କିତ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଏହି ମାମଲାରେ ସମସ୍ତ ପକ୍ଷଙ୍କୁ ଆସନ୍ତା ଶୁଣାଣି ପୂର୍ବରୁ ଲିଖିତ ଯୁକ୍ତି ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୧ ତାରିଖରେ ଏହି ମାମଲାର ଚୂଡାନ୍ତ ଶୁଣାଣି ହେବ। ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟ ସରକାର ୨୦୦୬ ଜୁନ୍ ୨୦ରେ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟର ନକ୍ସଲ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରୁଥିବା ଦମନ ପ୍ରତିରୋଧ ମଞ୍ଚକୁ ଏକ ବେଆଇନ ସଂଘ ଭାବେ ଘୋଷଣା କରିଥିଲେ। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜକରି ମଞ୍ଚର ଆବାହକ ଦଣ୍ଡପାଣି ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ



ହେବା ସହ ମଞ୍ଚ ମାଧ୍ୟମରେ ରାଜନୈତିକ କାର୍ଯ୍ୟ କରାଯାଉଥିବା ଦର୍ଶାଇଥିଲେ। ୨୦୧୧ ଏପ୍ରିଲ ୧୮ରେ ଏହି ମାମଲାର ଶୁଣାଣି କରି ହାଇକୋର୍ଟ କହିଥିଲେ, ରାଜନୈତିକ କାର୍ଯ୍ୟକଳାପ ପାଇଁ ଭାରତର ନିର୍ବାଚନ କମିଶନଙ୍କ ନିକଟରେ ଜନ ପ୍ରତିନିଧି ଆଇନ ଅନୁସାରେ ପଞ୍ଜୀକୃତ ହେବା ଆବଶ୍ୟକ, କିନ୍ତୁ ଏଠାରେ ତାହା ହୋଇନାହିଁ। ତେଣୁ ରାଜନୈତିକ ଦଳ ଭାବେ ପଞ୍ଜୀକରଣ ପାଇଁ ଆବେଦନକାରୀ ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ କରିପାରିବ ବୋଲି ହାଇକୋର୍ଟ ଦର୍ଶାଇ ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସେ ପିଟିଶନରେ ଦର୍ଶାଇଥିଲେ, ୨୦୦୬ ଜୁନ୍ ୨୦ର ବିଜ୍ଞପ୍ତିର ବୈଧତା ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟରେ କିଛି ବି ଉଲ୍ଲେଖ କରାଯାଇ ନ ଥିଲା। ସୁପ୍ରିମକୋର୍ଟ ୨୦୧୭ ଜାନୁୟାରୀ ୩୦ରେ ହାଇକୋର୍ଟଙ୍କ ରାୟକୁ ରଦ୍ଦ କରିଥିଲେ। ଏଥିସହ ଉକ୍ତ ମାମଲାର ସାନି ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା ମାମଲା ପରିଚାଳନା କରିଥିଲେ।

# ୨୧ ବର୍ଷ ଧରି ପଡ଼ିଛନ୍ତି ବିଛଣାରେ

■ ବିତୁଛି ଦୁଃଖଦ ଜୀବନ

■ ସରକାରୀ ଯୋଜନା ଅପହଞ୍ଚ

ବାଉଁଶୁଣୀ, ୨୦।୮(ଡି.ଏନ୍.ଏ.)

ଦିନେ କି ଦୁଇ ଦିନ ନୁହେଁ, ଜଣେ ବ୍ୟକ୍ତି ଜନ୍ମରୁ ୨୧ବର୍ଷ ଧରି ବିଛଣାରେ ପଡିରହିଛନ୍ତି। ଏଭଳି ଦୁଃଖଦାୟକ ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଏକ ଗରିବ ପରିବାରରେ। ଏହି ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଜୋର ଗ୍ରାମର ମହିନ୍ଦ୍ର କୁମ୍ଭାର ନାମକ ଜଣେ ବ୍ୟକ୍ତି ବାସକରନ୍ତି। ତାଙ୍କର ଦୁଇଟି ପୁଅ, ଗୋଟିଏ ଝିଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ସାନ ପୁଅ ଜୟରାମ ଜନ୍ମରୁ ଭିନ୍ନକ୍ଷମ। ସେ ଆଜକୁ ଏକୋଇଶି ବର୍ଷ ହେବ ଖଟରେ ପଡ଼ି ସଢୁଛନ୍ତି। ତାଙ୍କର ହାତଗୋଡ ସରୁ ସରୁ ହୋଇଯାଇଛି। ତାଙ୍କ ଚିକିତ୍ସା ପାଇଁ ବାପା ମା' ସମସ୍ତ ସମ୍ପତ୍ତି ବିକ୍ରିକରି କାଙ୍ଗାଳ ଅବସ୍ଥାରେ ବର୍ତ୍ତମାନ ରହୁଛନ୍ତି। ରହିବାକୁ ଯେଉଁ ଘର ଖଣ୍ଡିଏ ଅଛି, ସେ ଘରେ ଦିନବେଳା ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦିଶୁଛନ୍ତି। ବୋଝ ଉପରେ



ଖଟରେ ପଡ଼ିରହିଛନ୍ତି ଭିନ୍ନକ୍ଷମ ଜୟରାମ।

ନଳିତା ବିଡା ସଦୃଶ ମହିନ୍ଦ୍ରଙ୍କୁ ଏପର୍ଯ୍ୟନ୍ତ କୌଣସି ପ୍ରକାର ଆବାସଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। ଏଭଳି ଗରିବ ପରିବାରକୁ ପ୍ରଶାସନ ଘର ଯୋଗାଇ ଦେବାକୁ ଉଚିତ ମନେ କରିନାହିଁ ବୋଲି କୁହାଯାଉଛି। କେବଳ ଭିନ୍ନକ୍ଷମ ଜୟରାମଙ୍କୁ ପ୍ରଶାସନ ତରଫରୁ ମାସକୁ ୫୦୦ ଟଙ୍କା ଭତ୍ତା ଦେଇ ହାତ ଟେକି ଦେଇଛି। ଜୟରାମ ଭଳି ଏକ ଭିନ୍ନକ୍ଷମ କିମ୍ବା ତାର ବାପାଙ୍କୁ ଯଦି ପ୍ରଶାସନ ପକ୍ଷରୁ କୌଣସି ଆବାସଯୋଜନାରେ ଘର ଯୋଗାଇ ଦିଆ ନ ଯାଏ, ତାହାହେଲେ ସରକାରଙ୍କ ଆବାସ ଯୋଜନା କାହା ପାଇଁ ବୋଲି ଲୋକେ କହୁଛନ୍ତି। ଜୟରାମଙ୍କ ଭଳି ଭିନ୍ନକ୍ଷମଙ୍କୁ ଆବଶ୍ୟକ ଚିକିତ୍ସା ସହାୟତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ତାଙ୍କ ବାପା ଓ ମା' ଜିଲାପାଳଙ୍କଠାରେ ନିବେଦନ କରିଛନ୍ତି। ଏନେଇ ଆମ ପ୍ରତିନିଧି କଣ୍ଟାମାଳ ବିଡ଼ିଓ ବନ୍ଦନା ଖଟୁଆଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, କୁଆଡେ ଭିନ୍ନକ୍ଷମ ବ୍ୟକ୍ତି ଥିବା ପରିବାରମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ନିୟମ ନାହିଁ। ସେଭଳି ଗାଇଡ ଲାଇନ ଆସିଲେ ଘର ଯୋଗାଇ ଦେବି ବୋଲି କହିଛନ୍ତି।

## ସଂକ୍ଷେପରେ

### ପିସିସି ସଭାପତି ପାଇଁ ନିରଞ୍ଜନ ଯୋଗ୍ୟ ନୁହନ୍ତି: ତାରା

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ):** କଂଗ୍ରେସରେ ରହିବି ହେଲେ ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଲଢ଼େଇ ଜାରି ରହିବ। ସେ ବିବାଦର ସମାଧାନ କରିବା ବଦଳରେ ତାହାକୁ ବଢ଼ାଉଛନ୍ତି। ତାଙ୍କର ବୟସ ହୋଇଗଲାଣି। ସେ ପିସିସି ସଭାପତି ପଦ ଛାଡି ଦେବା କଥା। ଜଣେ ମହିଳା ଜିଲା ସଭାପତିଙ୍କ ସହ କେମିତି ବ୍ୟବହାର କରାଯାଏ ସେ ଜାଣି ନାହାନ୍ତି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନିପତି କହିଛନ୍ତି। ସେ କହିଛନ୍ତି, ପିସିସି ସଭାପତି ପଦ କ'ଣ ତାଙ୍କ ପୈତୃକ ସମ୍ପତ୍ତି। ପିସିସି ସଭାପତି ପଦ ପାଇଁ ସେ ଯୋଗ୍ୟ ନୁହନ୍ତି। ମୋ ସମ୍ମାନ ଉପରକୁ ଆଞ୍ଚ ଆସିଛି। ଦରକାର ପଡ଼ିଲେ ବିଧାନସଭାରୁ ଇସ୍ତଫା ଦେବି। ପୁଣି ଥରେ ଲଢ଼ିବି ଏବଂ ଦିଲ୍ଲୀ ପର୍ଯ୍ୟନ୍ତ ଯିବି। ପୂର୍ବତନ ବିଧାୟକ କୈଳାସ କୁଲେସିକା ଯଶବନ୍ତପୁର ଓ ନାରାୟଣପାଟଣା ବ୍ଲକ ସଭାପତି ନିଯୁକ୍ତି ଲାଗି ଟଙ୍କା ମଗାଯାଇଥିବା ଅଭିଯୋଗ ଆଣି ଜିଲା ସଭାପତି ମୀନାକ୍ଷୀ ବାହିନିପତି ଏବଂ ତାଙ୍କ ବିରୋଧରେ ଫେସ୍‌ବୁକ୍ ଜରିଆରେ ଛାଡ଼ିଲେ। ନିର୍ବାଚନର ଅଢ଼େଇ ବର୍ଷ ପରେ ଟଙ୍କା ମାଗିବା ଘଟଣା କିପରି ଉଠିଲା। ଏନେଇ ପିସିସି ସଭାପତିଙ୍କ ସହ ଜିଲା ସଭାପତି କଥା ହେଲେ। ଯଦି କୈଳାସ କୁଲେସିକା ଜିଲାରେ ରହିବେ ତା'ହେଲେ ଏନେଇ ଜିଲା ସଭାପତିଙ୍କୁ କାହିଁକି ଜଣାଗଲା ନାହିଁ। ଯେଉଁମାନେ ଦଳକୁ ବିଶୃଙ୍ଖଳିତ କରୁଛନ୍ତି, ଇସ୍ତଫା ଦେବେ ବୋଲି ଧମକ ଦେଉଛନ୍ତି ସେମାନଙ୍କୁ ସୁଯୋଗ ମିଳୁଛି। କଂଗ୍ରେସ ଦିନକୁ ଦିନ ତଳକୁ ଯାଉଛି। ବିଜେଡି ବିଧାୟକ ନବୀନ ପଟ୍ଟନାୟକଙ୍କ ନାଁରେ ଜିତନ୍ତି। ମୋଦିଙ୍କ ନାଁରେ ଭାଜପା ବିଧାୟକ ଜିତନ୍ତି, ହେଲେ ନିରଞ୍ଜନଙ୍କ ନାଁରେ କଂଗ୍ରେସ ବିଧାୟକମାନେ ହାରନ୍ତି ବୋଲି ତାରା ଅଭିଯୋଗ ଆଣିଛନ୍ତି। ତେବେ ଏ ସମ୍ପର୍କରେ ନିରଞ୍ଜନଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ।

### ୩ ଲୁଟେରା ଗିରଫ, ୮ ବାଇକ୍ ଜବତ

**ବାଲେଶ୍ୱର ଅଫିସ, ୨୦।୮:** ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ନୂଆବଜାର ସାରଥୀ ସଂଘ ନିକଟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମ୍ମୁଖରୁ ଗତ ୧୮ରେ ଏକ ବାଇକ୍ ଚୋରି ହୋଇଥିଲା। ଏନେଇ ଘୋଡ଼ାପଦା ଗ୍ରାମର ଗୌତମ ଦାସ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ। ଗୌତମ ପିଏନ୍‌ବି ସମ୍ମୁଖରେ ବାଇକ୍ (ନଂ. ଓଡ଼ି୦୧ଏ-୬୨୫୭) ରଖି କାମ ସାରିବା ଫେରିବା ବେଳକୁ ସନ୍ଧ୍ୟାରେ ବାଇକ୍ ନ ଥିଲା। ଗୁରୁବାର ଫକୀରମୋହନ ଗୋଲେଇ ନିକଟରେ ବାଇକ୍ ଚେକିଂ ଚାଲିଥିବା ବେଳେ ଉକ୍ତ ବାଇକ୍‌କୁ ବାଲିଆପାଳ ଥାନା ବଡ଼କସବା ଗ୍ରାମର ରାଜୀବ ଗିରି ଆସୁଥିବାବେଳେ ପୋଲିସ ଅଟକାଇ କାଗଜପତ୍ର ମାଗିଥିଲା। ସେ କାଗଜପତ୍ର ନ ଦେଖାଇ ପାରିବାରୁ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ପରେ ରାଜୀବ ଉକ୍ତ ବାଇକ୍‌କୁ ଚୋରି କରିଥିବା ମାନିଥିଲେ। ପୋଲିସ ଚଢ଼ାଉ କରି ତାଙ୍କ ଅନ୍ୟ ୨ ସାଥୀ ସିଂଲା ଥାନା ମାଛରଙ୍କା ଗ୍ରାମର ଗୋପାଳ ଜେନା ଓ ବାଲିଆପାଳ ଥାନା ଖଗଡ଼ପାଳ ଗ୍ରାମର ରଞ୍ଜନ ବେହେରାଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଆଉ ୭ଟି ଚୋରା ବାଇକ୍ ଜବତ କରାଯାଇଥିଲା। ନଂ. ୨୨୩/୨୧ ମାମଲା ରୁଜୁ ହୋଇଥିବାବେଳେ ଶୁକ୍ରବାର ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ମୋବାଇଲ ଟାୱାର, ୱାଇଫାଇ କାର୍ଯ୍ୟ ଶୀଘ୍ର ହେବ

**ରାୟଗଡ଼ା ଅଫିସ, ୨୦।୮**

**ରାୟଗଡ଼ାରେ ରେଳମନ୍ତ୍ରୀ**
- ମା' ମଝିଘରିଆଣୀଙ୍କ ଆଶୀର୍ବାଦ ନେଲେ
- ଗୁଣପୁର-ଥେରୁବାଲି ପ୍ରକଳ୍ପ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ପ୍ରତିଶ୍ରୁତି
- ରେଳ ଡିଭିଜନ କାର୍ଯ୍ୟର ଅଗ୍ରଗତି ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ

ରାୟଗଡ଼ା ଜିଲାବାସୀଙ୍କ ପ୍ରମୁଖ ଦାବି ରାୟଗଡ଼ା ରେଳ ଡିଭିଜନ ଓ ଗୁଣପୁର-ଥେରୁବାଲି ରେଳପଥ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଚେଷ୍ଟା କରିବେ ବୋଲି କେନ୍ଦ୍ର ରେଳ ଓ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ରାୟଗଡ଼ା ଜିଲା ଗସ୍ତରେ ଆସି ପ୍ରତିଶ୍ରୁତି ଦେଇଛନ୍ତି। ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ ଏକ ଅନୁମୋଦିତ ପ୍ରକଳ୍ପ। ୫୦ ପ୍ରତିଶତ ଜାଗା ପ୍ରଦାନ ବିଷୟରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଶେଷକରି ଜିଲାର ଅନେକ ଅଞ୍ଚଳକୁ ମୋବାଇଲ ନେଟ୍‌ୱର୍କ ସେବା ପହଞ୍ଚି ନ ଥିବା ନେଇ ବାରମ୍ବାର ଅଭିଯୋଗ ପହଞ୍ଚିଛି। ଆଦିବାସୀ ଅଞ୍ଚଳର ବିକାଶ ପାଇଁ ନୂତନ ଟାୱାର ପ୍ରତିଷ୍ଠା ଏବଂ ୱାଇଫାଇ ସଂଯୋଗ କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ମନ୍ତ୍ରୀ ଭୁବନେଶ୍ୱରରୁ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଆସି ସକାଳେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲେ। ଏଠାରେ ଦଳୀୟ କର୍ମୀ ଏବଂ ଜନସାଧାରଣ ପାରମ୍ପରିକ ଆଦିବାସୀ ନୃତ୍ୟ ମାଧ୍ୟମରେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସର୍କିଟ ହାଉସ ନିକଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଏବଂ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରିଥିଲେ। ଉଜ୍ଜ୍ୱଳା ଗ୍ୟାସ୍ ଏବଂ ଶୌଚାଳୟ ସୁବିଧା


ରାୟଗଡ଼ାଠାରେ ରେଳମନ୍ତ୍ରୀ ଏସ୍‌ଏଚ୍‌ଜି ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଏହାପରେ ଆଦିବାସୀଙ୍କ ନୃତ୍ୟ ସହ ଏକ ବିରାଟ ଶୋଭାଯାତ୍ରାରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀଙ୍କ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ବିଭିନ୍ନ ଚାରାରୋପଣ କରିଥିଲେ। ସେଠାରୁ ଫେରି ସ୍ଥାନୀୟ ତେଜସ୍ୱୀ ହୋଟେଲଠାରେ ଆୟୋଜିତ ଦଳୀୟ ଜନ ଆଶୀର୍ବାଦ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଠାରେ ଜିଲାର ୨୯ ସଙ୍ଗଠନ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଦଳୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀଙ୍କୁ ଉତ୍ସାହିତ କରିବା ସହ ପ୍ରଧାନମନ୍ତ୍ରୀ ନୂତନ ମନ୍ତ୍ରିମଣ୍ଡଳରେ ଓଡ଼ିଶା ହାତରେ ୭ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେଇ ଉନ୍ନତ ଓଡ଼ିଶାର ପରିକଳ୍ପନା କରିଛନ୍ତି ବୋଲି ଜିଲାବାସୀଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ। ପରେ ମନ୍ତ୍ରୀ ଜିଲାର ରାୟଗଡ଼ା ରେଳ ଡିଭିଜନ ପ୍ରତିଷ୍ଠା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ଏବଂ


ପଦ୍ମଶ୍ରୀ ଶାନ୍ତିଦେବୀଙ୍କ ସହ ମନ୍ତ୍ରୀ ଆଲୋଚନା କରୁଛନ୍ତି।

ଯୋଜନା ନେଇ ସମୀକ୍ଷା କରିବା ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏଠାରେ ମନ୍ତ୍ରୀ ବିକାଶ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଗସ୍ତବେଳେ ପଦ୍ମଶ୍ରୀ ଶାନ୍ତି ଦେବୀ ମନ୍ତ୍ରୀଙ୍କୁ ସାକ୍ଷାତ କରି ଗୁଣପୁର-ଥେରୁବାଲି ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ସେବା ସମାଜ ପାଇଁ ରାଜ୍ୟ ସଭା ସଦସ୍ୟ ପାଣ୍ଠିରୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବେ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତବେଳେ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ନଗର ସଭାପତି ଶ୍ୟାମ କୁମାର ଦାସ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବିଦ୍ୟା ଭୂଷଣ ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜନା ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।


ରାଖୀ ପୂର୍ଣ୍ଣିମା ଉପଲକ୍ଷେ ପୁରୀର ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସଙ୍କ ଡିଜିଟାଲ ଚିତ୍ର।


ଭୁବନେଶ୍ୱରରେ ଶୁକ୍ରବାର ହୋଇଥିବା ବର୍ଷା ସମୟରେ ପାୱାର ହାଉସ୍ ଟ୍ରାଫିକ ଛକର ଦୃଶ୍ୟ।

## ଲୁହାପଥର ଚୋରା ଚାଲାଣ, ୨ ଟ୍ରକ୍ ଜବତ

**ଯୋଡ଼ା, ୨୦।୮ (ଡି.ଏନ.ଏ.)**

**ଆନ୍ତଃ ରାଜ୍ୟ ଚୋର ସକ୍ରିୟ**

କେନ୍ଦୁଝର ଜିଲା ବାମେବାରୀ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପିଡପୋଖରୀ ଗ୍ରାମ୍ୟ ଜଙ୍ଗଲରେ ଲୁହାପଥର ଚୋରା ଚାଲାଣ ବେଳେ ବନ ବିଭାଗ ୨ ଟ୍ରକ୍ ଜବତ କରିଛି। ଚମ୍ପୁଆ ରେଞ୍ଜ ଅଧିକାରୀ ସଞ୍ଜୀବ କୁମାର ରାଉତଙ୍କ ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ଗୋଟାଏ ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେ ଓ ବନପାଳ ଯତୀନ୍ଦ୍ର କୁମାର ସାହୁ ସଦଳବଳ ସେଠାରେ ଚଢ଼ାଉ କରିଥିଲେ। ଦୁଇ ଟ୍ରକ୍ (ନଂ.ସିଜି୦୪ ଏମ୍‌ଏଚ୍‌୦୩୯୪ ଓ ସିଜି୦୪ ଏଲ୍‌ଏକ୍ସ ୦୧୧୩)ରେ ଲୁହାପଥର ବୋଝେଇ ହେଉଥିବା ବେଳେ ଜବତ କରାଯାଇଥିଲା। ଅତର୍କିତ ଚଢ଼ାଉ ବେଳେ ସେଠାରେ ଥିବା ଖଣିଜ ଚୋରମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ।

ଯୋଡ଼ା ଖଣିମଣ୍ଡଳର ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ପୂର୍ବରୁ ଜବତ ହୋଇଥିବା ଲୁହାପଥର ଓ ବିଭିନ୍ନ ବନାଞ୍ଚଳରୁ ଖଣିଜ ଚୋରମାନେ ଲୁହାପଥର ଆଣି ପିଡପୋଖରୀ ଅଞ୍ଚଳରେ ଜମା କରି ରଖୁଥିଲେ। ସେଠାରୁ ଆନ୍ତଃ ରାଜ୍ୟ ଚୋରା ଖଣି ବ୍ୟବସାୟୀଙ୍କ ସାହାଯ୍ୟରେ ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡକୁ ଚୋରା ଚାଲାଣ କରୁଥିବା ଜଣାପଡ଼ିଛି। ଏ ସଂପର୍କରେ ଜଣେ ଖଣି ନିରୀକ୍ଷକ ନାମ ଗୋପନରେ ରଖି କହିଛନ୍ତି, ଯୋଡ଼ା ଖଣି ମଣ୍ଡଳରେ ବିଭାଗ ଦ୍ୱାରା ଜବତ ହୋଇ ପଡ଼ିଥିବା ଲୁହାପଥର ଓ ମାଙ୍ଗାନିଜ ପଥରର ହିସାବ ବିଭାଗ ପାଖରେ ଠିକ୍ ଭାବେ ନାହିଁ। ଏହାକୁ ଓଡ଼ିଶା ଖଣି ନିଗମକୁ ଏପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇ ନାହିଁ। ଫଳରେ ଜବତ ଲୁହାପଥର ବ୍ୟାପକ ଚୋରି ହେବାରେ ଲାଗିଛି। ନିଗମ ଜରିଆରେ ଏହାକୁ ନିଲାମ କରାଗଲେ ରାଜ୍ୟ ସରକାର ଅଜସ୍ର ରାଜସ୍ୱ ପାଇପାରନ୍ତେ। ବଜାରରେ ଲୁହାପଥର ମୂଲ୍ୟ ଅହେତୁକ ବୃଦ୍ଧି ଫଳରେ ଆନ୍ତଃ ରାଜ୍ୟ ଚୋର ସକ୍ରିୟ ହୋଇପଡ଼ିଛନ୍ତି। ସେମାନଙ୍କ ଲୋଲୁପ ଦୃଷ୍ଟି ଯୋଡ଼ା ଓ କୋଇଡ଼ା ଖଣିମଣ୍ଡଳ ଉପରେ ପଡ଼ିଛି।


ଜବତ ଲୁହାପଥର ବୋଝେଇ ଟ୍ରକ୍।

# ଆୟୁଷ୍ମାନ ଭାରତକୁ ନେଇ ଧର୍ମେନ୍ଦ୍ର-ପ୍ରଣବଙ୍କ ଟୁଇଟ୍ ଯୁଦ୍ଧ

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ' ଯୋଜନାକୁ ଓଡ଼ିଶାରେ ଲାଗୁ କରିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ ଟୁଇଟ୍ ଯୁଦ୍ଧ ଦେଖିବାକୁ ମିଳିଛି। 'ଆୟୁଷ୍ମାନ' ଯୋଜନାକୁ ଓଡ଼ିଶାରେ ତୁରନ୍ତ ଲାଗୁ କରିବା ପାଇଁ ଧର୍ମେନ୍ଦ୍ର ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିବାବେଳେ ଏହାର ଜବାବରେ ଆୟୁଷ୍ମାନ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମଧ୍ୟରେ ଥିବା ପାର୍ଥକ୍ୟକୁ ପ୍ରଣବ ଦର୍ଶାଇଛନ୍ତ। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଓଡ଼ିଶାର ଲୋକମାନେ ବିଶେଷ ଭାବେ ପ୍ରବାସୀ ଓଡ଼ିଆମାନେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଲ୍ୟାଣକାରୀ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ ଭାରତକୁ ତୁରନ୍ତ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରୁଛି। ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁ ହେଲେ ଓଡ଼ିଶାରୁ ଗୁଜରାଟ, ପଶ୍ଚିମବଙ୍ଗ, କର୍ନାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟକୁ କାମ କରିବାକୁ ଯାଉଥିବା ଲୋକମାନେ ବିଶେଷ ଉପକୃତ ହୋଇପାରିବେ। ଏହା ଉପରେ ପ୍ରତିକ୍ରିୟା ଦେଇ ପ୍ରଣବ କହିଛନ୍ତି, ଆୟୁଷ୍ମାନ ଭାରତର ହିତାଧିକାରୀ ୬୦ ଲକ୍ଷରେ ସୀମିତ, କିନ୍ତୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ହେଉଛନ୍ତି ୯୬ ଲକ୍ଷ ପରିବାର। ଯାହା ପ୍ରାୟ ଶତପ୍ରତିଶତ। ଆୟୁଷ୍ମାନ ଭାରତର ଯୋଜନା ମାତ୍ର ୫ ଲକ୍ଷ ଟଙ୍କାରେ ସୀମିତ ରହୁଛି। କିନ୍ତୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସରକାରୀ ହସ୍ପିଟାଲରେ କୌଣସି ସୀମା ନାହିଁ। ଆୟୁଷ୍ମାନ ଭାରତରେ ନିର୍ଦ୍ଦିଷ୍ଟ ଭାବେ ମା'ମାନଙ୍କ କୌଣସି ସୁବିଧା ନ ଥିବା ବେଳେ ବିଏସ୍‌କେୱାଇରେ ସ୍ୱତନ୍ତ୍ର ଭାବେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଆୟୁଷ୍ମାନ ଭାରତ ହେଉଛି ଏକ ବୀମା, କିନ୍ତୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉଛି ଆସ୍ୟୁରାନ୍ସ, ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ଭରସା।

## ଶେଷ ଦିନରେ ଦର୍ଶନ କଲେ ୧୦, ୪୨୭

**ପୁରୀ ଅଫିସ, ୨୦।୮**

- ୱାର୍ଡୱାରୀ ଦର୍ଶନ ସରିଲା
- ୨୩ରୁ ସର୍ବସାଧାରଣ ଦର୍ଶନ

ପୁରୀ ସହରବାସୀଙ୍କ ପାଇଁ ଶୁକ୍ରବାର ଶ୍ରୀମନ୍ଦିରରେ ୱାଡୱାରୀ ଦର୍ଶନ ବ୍ୟବସ୍ଥା ଶେଷ ହୋଇଛି। ଶେଷ ଦିନରେ ୧୦ ହଜାର ୪୨୭ ଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପୂର୍ବାହ୍ନରେ ୨୭ ଓ ୩୦ ନମ୍ବର, ଅପରାହ୍ନରେ ୩୧ ନମ୍ବର ଓ ସନ୍ଧ୍ୟାରେ ୨୯ ଓ ୩୨ ନମ୍ବର ୱାର୍ଡର ଲୋକେ ପରିବାର ସହ ଯାଇ ଟୋକନ୍ ଓ ପରିଚୟପତ୍ର ଦେଖାଇ ଦାରୁଦିଅଁଙ୍କ ଦର୍ଶନ କରିଥିଲେ। ଆସନ୍ତା ୨୩ତାରିଖରୁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ଆରମ୍ଭ ହେବ। ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିପାଇଁ କୋଭିଡ୍ ଟିକାର ଡବଲ୍ ଡୋଜ୍ କିମ୍ବା ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟକୁ ବାଧ୍ୟତାମୂଳକ କରାଯାଇଛି। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ପୌରସଂସ୍ଥା ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ବ୍ୟାରିକେଡ୍ ନିକଟରୁ କିଛି ଦୂର ପର୍ଯ୍ୟନ୍ତ ୫ ଲାଇନ୍ ବିଶିଷ୍ଟ ବ୍ୟାରିକେଡ୍ ତିଆରି କରାଯାଉଛି। ଏହି ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ପ୍ରବେଶ କରିବେ। ଶ୍ରଦ୍ଧାଳୁମାନେ କୋଭିଡ୍ କଟକଣା ମାନି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ଶନିବାର ଓ ରବିବାର ଶଟ୍‌ଡାଉନ୍ ଥିବାରୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିବ। ଏହି ଦୁଇଦିନରେ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯିବ।


ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଉଛି।

# କାଳରେ ଲୀନ ଅପେକ୍ଷାରେ ସାଧନାସ୍ଥଳ

***କଳାର ପୂଜାରୀ ଥିଲେ ରାଣୀ ସୌଭାଗ୍ୟମଞ୍ଜରୀ। ତାଙ୍କରି ଉଦ୍ୟମରେ ପଚାଶ ଦଶକରେ ପାଲଲହଡ଼ା ଗଡ଼ଜାତରେ ପଡ଼ିଥିଲା କଳାର ଭିତ୍ତିଭୂମି। ନିର୍ମାଣ ହୋଇଥିଲା 'ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର'। କେଇଜଣ ସାଧକଙ୍କୁ ନେଇ ଏଠାରେ ଆରମ୍ଭ ହୋଇଥିଲା ସଙ୍ଗୀତ ସାଧନା। ପରବର୍ତ୍ତୀ ସମୟରେ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ପାଠ୍ୟକ୍ରମରେ ଏହା ଦେଶରେ ପରିଚୟ ହାସଲ କରିଥିଲା। ହେଲେ ପ୍ରଶାସନର ଅବହେଳା ଓ ସରକାରୀ ସହାୟତା ଅଭାବରୁ ଏହି ସାଧନାସ୍ଥଳ ଆଜି କାଳର ଗର୍ଭ ଅପେକ୍ଷାରେ।***

- ରୁଗ୍ଣ ହୋଇପଡ଼ିଛି ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର
- ୭୦ ବର୍ଷ ଧରି ପାଲଟିଛି ପାଲଲହଡ଼ାର ଗୌରବ
- ପୁନରୁଦ୍ଧାର ପାଇଁ ସରକାରୀ ସ୍ତରରେ ହେଉନି ପ୍ରୟାସ

**ଦିବ୍ୟଜ୍ୟୋତି ଦାଶ**
**ପାଲଲହଡ଼ା, ୨୦।୮**

ପ୍ରାୟ ୭୦ ବର୍ଷ ତଳେ ପାଲଲହଡ଼ା ଗଡ଼ଜାତ (ବର୍ତ୍ତମାନର ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ)ରେ କଳାର ବିକାଶ ପାଇଁ ଗଠନ ହୋଇଥିଲା ଏକ ଅସ୍ଥାୟୀ କଳାକେନ୍ଦ୍ର। ତତ୍କାଳୀନ ରାଣୀ ସୌଭାଗ୍ୟମଞ୍ଜରୀ ପାଲ ଏବଂ କେତେଜଣ କଳାକାର ଏଥିପାଇଁ ଉଦ୍ୟମ କରିଥିଲେ। ୧୯୫୨ରେ ପ୍ରତିଷ୍ଠିତ ଏହି ଅସ୍ଥାୟୀ କଳାକେନ୍ଦ୍ରର ନିଜସ୍ୱ ଘର ନିର୍ମାଣ ପାଇଁ ୧୯୬୦ରେ ରାଣୀ ଯୋଗାଇ ଦେଇଥିଲେ ୧୧ ଡେସିମିଲ ଜାଗା। ସ୍ଥାୟୀ ଗୃହ ନିର୍ମାଣ ସହ ଏହି କଳାକେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇ ରଖାଯାଇଥିଲା ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର। ଏହିଠାରୁ ହିଁ ପାଲଲହଡ଼ା ଗଡ଼ଜାତରେ ସଙ୍ଗୀତ ସାଧନାର ଏକ ନୂତନ ଯୁଗ ଆରମ୍ଭ ହୋଇଥିଲା।

ଏହି ଅନୁଷ୍ଠାନରେ ପ୍ରଥମ ଗୁରୁ ଭାବେ ଯୋଗଦେଇଥିଲେ ଦେବଗଡ଼ ରାଜ୍ୟର ପଟ୍ଟାୟତ ସାହେବ ଗୁରୁ ସୀତାକାନ୍ତ ଦେବଙ୍କଠାରୁ ସୀତାର ଶିକ୍ଷା ଗ୍ରହଣ କରିଥିବା ପ୍ରଭାକର ପ୍ରଧାନ। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ଅଳ୍ପ କିଛି ଦିନ ମଧ୍ୟରେ ଗୁରୁ ପ୍ରଭାକର ଏଠାରେ ବହୁ ଶିଷ୍ୟ ଅର୍ଜନ କରିପାରିଥିଲେ। ୧୯୭୨ ମସିହାରେ ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର ଅବିଭକ୍ତ ଢେଙ୍କାନାଳ ଜିଲାରେ ଆନୁଷ୍ଠାନିକ ଭାବେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଚଣ୍ଡିଗଡ଼, ମହାରାଷ୍ଟ୍ରର ଗାନ୍ଧର୍ବ ମହାବିଦ୍ୟାଳୟ ସହ ଏହା ଅନୁବନ୍ଧିତ ହେବା ପରେ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଆଦି ବିଭିନ୍ନ ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। କଟକର ସର୍ବପୁରାତନ ବାବୁଲାଲ ଯୋଶୀ କଳାକେନ୍ଦ୍ର ସହ ମଧ୍ୟ ଅନୁବନ୍ଧିତ ହୋଇଥିଲା। ଅଧ୍ୟକ୍ଷ ପ୍ରଭାକର ପ୍ରଧାନ, ଗୁରୁ ହୃଷୀକେଶ ସାହୁ, ଭୀମସେନ ସାହୁ, ଲଳିତ ମୋହନ ବେହେରା, ନୀଳମଣି ଜେନା, ସ୍ମୃତି ରଞ୍ଜନ ଦାଶ ଏବଂ ଲିଙ୍ଗରାଜ ଦାଶଙ୍କ ତତ୍ତ୍ୱାବଧାନରେ ସେତେବେଳେ ଏହି କଳାକେନ୍ଦ୍ର ରାଜ୍ୟର ଏକ ଅଗ୍ରଣୀ ଅନୁଷ୍ଠାନ ହୋଇପାରିଥିଲା। ଫଳରେ ଏଠାରେ ଶିକ୍ଷାଗ୍ରହଣ କରିବାକୁ ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରଙ୍କ ଧାଡ଼ି ଲାଗୁଥିଲା। ଏହି ଅନୁଷ୍ଠାନରୁ ଶିକ୍ଷା ନେଇଥିବା ବହୁ କଳାକାର ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠିତ ହୋଇପାରିଛନ୍ତି। କିନ୍ତୁ ୧୯୯୬ରେ ଅଧ୍ୟକ୍ଷ ପ୍ରଭାକର ପ୍ରଧାନଙ୍କ ମୃତ୍ୟୁ ପରେ ଏହି ଅନୁଷ୍ଠାନ ଅନେକ ସମସ୍ୟାରେ ଛନ୍ଦି ହୋଇପଡ଼ିଥିଲା। ଆର୍ଥିକ ସଂକଟ ଯୋଗୁ ରକ୍ଷଣାବେକ୍ଷଣ ଓ ବିଭିନ୍ନ ପାଠ୍ୟକ୍ରମ ପାଇଁ ଉପକରଣ ଅଭାବ ଦେଖାଦେଇଥିଲା। କେତେଜଣ କଳାପ୍ରେମୀ ଏବଂ କଳାକାରଙ୍କ ଉଦ୍ୟମ ଏହାକୁ ପୂର୍ବାବସ୍ଥାକୁ ଫେରାଇପାରି ନ ଥିଲା। ୨୦୧୭ ମସିହାରେ ତତ୍କାଳୀନ ବିଧାୟକ ମହେଶ ସାହୁଙ୍କ ସହାୟତାରେ ଏହି ରୁଗ୍ଣ ଅନୁଷ୍ଠାନର ଆଂଶିକ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ୨୦୨୦ରେ ସ୍ଥାନୀୟ କଳାକାରମାନଙ୍କ ପ୍ରଚେଷ୍ଟା ଏବଂ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମାର ଅଧିକାରୀମାନେ ୪୦ ଛାତ୍ରୀଛାତ୍ରଙ୍କୁ ନେଇ ଏଠାରେ ଏକ ବିଶାଳ ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲେ। ହେଲେ ଏହା ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ରର ଭାଗ୍ୟ ବଦଳାଇପାରି ନାହିଁ। ସ୍ଥାନୀୟ ରାଜନେତା, ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଉଦାସୀନତା କାରଣରୁ ଏହି କଳାର କାରଖାନା ଏବେ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏ ସମ୍ପର୍କରେ ପାଲଲହଡ଼ା ଉପଜିଲାପାଳ ତଥା କଳାକେନ୍ଦ୍ର ପରିଚାଳନା କମିଟି ସଭାପତି ଅଜିତ କୁମାର ପ୍ରଧାନ କହିଛନ୍ତି, କରୋନା କାରଣରୁ ନୂତନ କମିଟି ଗଠନ କରାଯାଇ ନାହିଁ। ଖୁବ୍‌ଶୀଘ୍ର ନୂତନ କମିଟି ଗଠନ ସହ ସମସ୍ତ ସମସ୍ୟାର ସମାଧାନ କରାଯିବ।


ପାଲଲହଡ଼ାଠାରେ ଥିବା ସୌଭାଗ୍ୟମଞ୍ଜରୀ କଳାକେନ୍ଦ୍ର।



ମନିକା ବାତ୍ରା ଓ ଜି. ସାଥିୟାଁ ।

# ମନିକା-ସାଥିୟାଁ ଜିତିଲେ ମିକ୍ସଡ ଡବଲ୍ସ ଟାଇଟଲ

ବୁଦାପେଷ୍ଟ, ୨୦।୮ (ପି.ଟି.)

ହଙ୍ଗେରୀର ଦୋରା ମାଦାରାଜ ଓ ନାନ୍ଦୋର ଏକ୍‌ସେକିଙ୍କୁ ୩-୧ରେ ପରାସ୍ତ କରି ଭାରତର ମନିକା ବାତ୍ରା ଓ ଜି. ସାଥିୟାଁ ଡବ୍ଲ୍ୟୁଟିଟି କଣ୍ଟେଣ୍ଡର ମିକ୍ସଡ ଡବଲ୍ସ ଟେବୁଲ ଟେନିସ ଟାଇଟଲ ହାସଲ କରିଛନ୍ତି। ଏହି ଯୋଡ଼ି ହଙ୍ଗେରିଆନ ଯୋଡ଼ିଙ୍କୁ ୧୧-୯, ୯-୧୧, ୧୨-୧୦, ୧୧-୬ରେ ପରାସ୍ତ କରିଥିଲେ। ମନିକା ଓ ସାଥିୟାଁଙ୍କ ପାଇଁ ଏହା ସ୍ମରଣୀୟ। ମନିକା ଭେଟେରାନ ସରଥ କମଲଙ୍କ ସହ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ଜିତିଥିବାବେଳେ ନିକଟରେ ଉଭୟେ ଏକାଠି ଟୋକିଓ ଅଲିମ୍ପିକ୍ସରେ ଖେଳିଥିଲେ। ସିଙ୍ଗଲ୍ସରେ ୬୦ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ମନିକା ଏଠାରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଟୋକିଓ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାର ଓପନିଂ ରାଉଣ୍ଡରେ ପରାସ୍ତ ହେବା ପରେ ସାଥିୟାଁଙ୍କ ଏହା ଭଲ ପ୍ରଦର୍ଶନ। ସାଥିୟାଁ ଏଠାରୁ ଯାଇ ଚେକ୍ ଓପନ ଖେଳିବାକୁ ଥିବାବେଳେ ମନିକା ସ୍ୱଦେଶ ଫେରିବେ। ସେପ୍ଟେମ୍ବର-ଅକ୍ଟୋବରରେ ଆଉ ଏକ ବଡ଼ ଇଭେଣ୍ଟ ଏସିଆନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ।

# ୫୯ ଖେଳାଳି ବଜାୟ ରହିଲେ

ମୁମ୍ବାଇ, ୨୦।୮ (ପି.ଟି.)




ଆଗାମୀ ଡିସେମ୍ବରରେ ଆୟୋଜନ ହେବାକୁ ଯାଉଥିବା ପ୍ରୋ କବାଡି ଲିଗ୍(ପିକେଏଲ)ର ଅଷ୍ଟମ ସଂସ୍କରଣରେ ୫୯ ଖେଳାଳିଙ୍କୁ ବଜାୟ ରଖାଯାଇଛି। ଏ ନେଇ ଶୁକ୍ରବାର ଲିଗ୍ ଆୟୋଜକ ମଶାଲ ସ୍ପୋର୍ଟ୍ସ ତରଫରୁ ଘୋଷଣା କରାଯାଇଛି।

୩ ବର୍ଗରେ ୫୯ଜଣ ଖେଳାଳିଙ୍କୁ ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏଲିଟ ରିଟେଣ୍ଡ ପ୍ଲେୟାର (ଇଆରପି)ରେ ୨୨, ରିଟେଣ୍ଡ ୟଙ୍ଗ ପ୍ଲେୟାର (ଆରୱାଇପି)ରେ ୬, ନ୍ୟୁ ୟଙ୍ଗ ପ୍ଲେୟାର (ଏନ୍‌ୱାଇପି) ବର୍ଗରେ ୩୧ଜଣଙ୍କୁ ବଜାୟ ରଖାଯାଇଛି। ଲିଗ୍‌ର ନୂଆ ସଂସ୍କରଣ ପାଇଁ ଦଳଗୁଡିକ ସେମାନଙ୍କ ଖେଳାଳିମାନଙ୍କୁ ଏକାଠି କରୁଛନ୍ତି। ଲିଗ୍‌ର ଷଷ୍ଠ ଓ ସପ୍ତମ ସଂସ୍କରଣର ସମସ୍ତ ଖେଳାଳିଙ୍କ ସମେତ ନନ- ରିଟେଣ୍ଡ ଖେଳାଳିମାନଙ୍କୁ ନେଇ ମୁମ୍ବାଇରେ ଅଗଷ୍ଟ ୨୯ରୁ ୩୧ ତାରିଖ ମଧ୍ୟରେ ନିଲାମ ଆୟୋଜନ କରାଯିବ।

ଗତଥରର ଚାମ୍ପିୟନ ବେଙ୍ଗଲ୍ ୱାରିୟର୍ସ ତା'ର ଅଧିନାୟକ ମନିନ୍ଦର ସିଂଙ୍କ ସମେତ ପିକେଏଲ- ୭ର ହିରୋ ମହମ୍ମଦ ଇସ୍‌ମାଇଲ ନବିବକ୍ସଙ୍କୁ ବଜାୟ ରଖିଛି। ପିକେଏଲ- ୭ର ଟପ୍ ପଏଣ୍ଟ ସ୍କୋରର ପବନ କୁମାର ସୋରାୱତଙ୍କୁ କ୍ରମାଗତ ଦ୍ୱିତୀୟ ସଂସ୍କରଣ ପାଇଁ ବେଙ୍ଗାଲୁରୁ ବୁଲ୍ସ ବଜାୟ ରଖିଛି। ସେହିପରି ଦବଙ୍ଗ ଦିଲ୍ଲୀ କେ.ସି. ନବୀନ କୁମାରଙ୍କୁ ବଜାୟ ରଖିଛି।

ଫଜେଲ ଅତ୍ରାଚଲି (ୟୁ ମୁମ୍ବା), ପରଭେଶ ଭାଇନସ୍ୱାଲ ଓ ସୁନୀଲ କୁମାର (ଗୁଜରାଟ ଜ୍ୟାଣ୍ଟ୍ସ), ବିକାଶ ଖାନଡୋଲା (ହରିୟାଣା ଷ୍ଟିଲର୍ସ) ଓ ନୀତେଶ କୁମାର (ୟୁ.ପି. ଯୋଦ୍ଧା) ସେମାନଙ୍କ ଦଳରେ ବଜାୟ ରହିଛନ୍ତି।

# କଳାହାଣ୍ଡି କପ୍ ସୁପରଲିଗ୍ ଆରମ୍ଭ

**ଭୁବନେଶ୍ୱର, ୨୦।୮ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଳାହାଣ୍ଡି କପ୍ (ସିନିୟର ଓ ୧୯ ବର୍ଷରୁ କମ୍) ଦିନକିଆ କ୍ରିକେଟ ଟୁର୍ନାମେଣ୍ଟର ସୁପରଲିଗ୍ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟରେ ଭାଗ ନେଇଥିବା ୬ଟି ଗ୍ରୁପ୍‌ର ଶୀର୍ଷ ସ୍ଥାନୀୟ ଦଳ ଗୁଡ଼ିକ ସିଧାସଳଖ ସୁପରଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅବଶିଷ୍ଟ ଯେଉଁ ଦଳ ଗୁଡ଼ିକ ସୁପରଲିଗ୍ ଯୋଗ୍ୟତା ପାଇ ନାହାନ୍ତି ପ୍ରଦର୍ଶନ ଭିତ୍ତିରେ ସେମାନଙ୍କର ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଆଉ ୬ଟି ଦଳ ଗଠନ କରାଯାଇଛି। ଏହି ୬ ଦଳର ନାମ ଓଡ଼ିଶା ବ୍ଲୁ, ଗ୍ରୀନ୍, ୟେଲୋ, ରେଡ୍, ଭାଓଲେଟ ଏବଂ ପିଙ୍କ୍ ରଖା ଯାଇଛି। ସୁପରଲିଗ୍‌ର ଅଂଶଗ୍ରହଣକାରୀ ୧୨ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-୧ରେ ଅଛନ୍ତି ଇକୋର୍ସା, ସୁନ୍ଦରଗଡ଼, ଖୋର୍ଦ୍ଧା, ଓଡ଼ିଶା ବ୍ଲୁ, ଓଡ଼ିଶା ଗ୍ରୀନ୍ ଓ ଓଡ଼ିଶା ୟେଲୋ। ସେହିପରି ଗ୍ରୁପ-୨ରେ ଝାରସୁଗୁଡ଼ା, କଟକ-ଏ, ରାଉରକେଲା, ଓଡ଼ିଶା ରେଡ୍, ଓଡ଼ିଶା ଭାଓଲେଟ ଏବଂ ଓଡ଼ିଶା ପିଙ୍କ୍ ସ୍ଥାନ ପାଇଛନ୍ତି। ଶୁକ୍ରବାର କଟକର ଡ୍ରିମ୍ସ, ସନ୍‌ସାଇନ୍, ଏସସିବି ମେଡିକାଲ ଗ୍ରାଉଣ୍ଡ, ରେଭେନ୍‌ଶା-୧, ରେଭେନ୍‌ଶା-୨ ଓ ବିଡ଼ାନାସୀ ପଡ଼ିଆରେ ହେବାକୁଥିବା ୬ଟି ଯାକ ମ୍ୟାଚ ବର୍ଷାଯୋଗୁ ବାତିଲ ହୋଇଛି। ସେହିପରି ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ହେବାକୁଥିବା ମ୍ୟାଚ ଗୁଡ଼ିକ ମଧ୍ୟ ବର୍ଷା ଯୋଗୁ ବାତିଲ ହୋଇଛି।

# ଉଦ୍‌ଘାଟନୀରେ ବାଂଲାଦେଶକୁ ଭେଟିବ ଭାରତ

ନୂଆଦିଲ୍ଲୀ, ୨୦।୮ (ପି.ଟି.)

**ସାଫ୍ ଚାମ୍ପିୟନଶିପ୍**

ମାଳଦ୍ୱୀପର ମାଲେଠାରେ ଅକ୍ଟୋବର ୩ରେ ବାଂଲାଦେଶ ବିପକ୍ଷ ମ୍ୟାଚ ଖେଳି ଭାରତ ସାଫ୍ (ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ମାଲେସ୍ଥିତ ନ୍ୟାଶନାଲ ଫୁଟ୍‌ବଲ ଷ୍ଟାଡିୟମରେ ଇଗୋର ଷ୍ଟିମାକ୍‌ଙ୍କ ଦଳ ଏହାର ଅବଶିଷ୍ଟ ରାଉଣ୍ଡ ରବିନ ଲିଗ୍ ମ୍ୟାଚଗୁଡ଼ିକରେ ଶ୍ରୀଲଙ୍କା (ଅକ୍ଟୋବର ୬), ନେପାଳ (ଅକ୍ଟୋବର ୮) ଓ ଆୟୋଜକ ମାଳଦ୍ୱୀପ (ଅକ୍ଟୋବର ୧୧)କୁ ଭେଟିବ। ରାଉଣ୍ଡ ରବିନ ଲିଗ୍ ପରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅକ୍ଟୋବର ୧୩ରେ ଖେଳାଯିବ। ଅକ୍ଟୋବର ୧ରେ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଦୁଇଟି ମ୍ୟାଚ ଖେଳାଯିବ। ଗୋଟିଏ ମ୍ୟାଚ ଆୟୋଜକ ମାଳଦ୍ୱୀପ ଓ ନେପାଳ ଏବଂ ଅନ୍ୟଟି ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଖେଳାଯିବ। ୨୦୧୮ରେ ବାଂଲାଦେଶରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଗତ ସଂସ୍କରଣ ଫାଇନାଲରେ ମାଳଦ୍ୱୀପଠାରୁ ୨-୧ ଗୋଲରେ ପରାସ୍ତ ହୋଇ ଭାରତ ରନର୍ସ ଅପ୍ ହୋଇଥିଲା। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ନେପାଳ ବିପକ୍ଷ ଦୁଇଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ନଜରରେ ରଖି ବର୍ତ୍ତମାନ ଭାରତୀୟ ଦଳର ଏକ କ୍ୟାମ୍ପ କୋଲକାତାରେ ଚାଲିଛି।

# ଟିଏସ୍‌ଏଫ୍‌ର ୬ ଖେଳାଳି ପ୍ରତିନିଧିତ୍ୱ କରିବେ




ବିଶ୍ୱ ଯୁବ ଚାମ୍ପିୟନଶିପ୍ ପାଇଁ ମନୋନୀତ ଟିଏସଏଫ୍ ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

ଭୁବନେଶ୍ୱର, ୨୦।୮ (ସ୍ପୋର୍ଟ୍ସ ବ୍ୟୁରୋ)

**ବିଶ୍ୱ ଯୁବ ଚାମ୍ପିୟନଶିପ୍**

ରୁଷିଆର ଭୋରୋନେଜରେ ଆସନ୍ତା ୨୧ରୁ ୩୧ ମଧ୍ୟରେ ଆୟୋଜନ ହେବାକୁ ଥିବା ବିଶ୍ୱ ଯୁବ ଚାମ୍ପିୟନଶିପ୍-୨୦୨୧ରେ ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍‌ଏଫ୍)ର ୬ ଜଣ ଆଥଲେଟ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ପ୍ରତିବର୍ଷ ଆୟୋଜିତ ହୋଇ ଆସୁଥିବା ଏହି ଚାମ୍ପିୟନଶିପ୍‌ରେ ଟିଏସ୍‌ଏଫ୍ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଏକାଡେମୀରୁ ଅଧିକ ସଂଖ୍ୟାକ ଖେଳାଳି ଅଂଶଗ୍ରହଣ କରିବେ। ଏକ ୧୦ ଜଣିଆ ଦଳ ଏଥିରେ ଅଂଶଗ୍ରହଣ କରିବେ। ଖେଳାଳିମାନେ ୩ଟି ଭିନ୍ନ ଶୃଙ୍ଖଳା ଯଥା ଲିଡ୍, ସ୍ପିଡ୍ ଓ ବୋଲଡରିଂରେ ବିଭିନ୍ନ ବୟସ ବର୍ଗରେ ପ୍ରତିନିଧିତ୍ୱ କରିବେ। ଏହି ଭାରତୀୟ ଦଳକୁ ଟାଟା ଷ୍ଟିଲ୍ ଆର୍ଥିକ ସହାୟତା ପ୍ରଦାନ କରୁଛି।୨୦୨୧ ଜୁଲାଇରେ ଟିମ୍ ଚୟନ କରିବା ଲାଗି ଇଣ୍ଡିଆନ ମାଉଣ୍ଟେନିୟର ଫାଉଣ୍ଡେଶନ (ଆଇଏମ୍‌ଏଫ୍)କୁ ମଧ୍ୟ କମ୍ପାନୀ ତରଫରୁ ସହାୟତା ପ୍ରଦାନ କରାଯାଇଛି।

ଚାମ୍ପିୟନଶିପ୍‌ରେ ଟିଏସ୍‌ଏଫ୍‌ର ଖେଳାଳିମାନେ ପ୍ରତିନିଧିତ୍ୱ କରିବା ଖୁସିର କଥା ବୋଲି ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ ଅଧ୍ୟକ୍ଷ ତଥା କର୍ପୋରେଟ ସେବା ଭାଇସ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ କହିଛନ୍ତି। ଖେଳାଳିମାନଙ୍କୁ ଟାଟା ଷ୍ଟିଲ ତରଫରୁ ଶୁଭକାମନା ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି। ଟିଏସ୍‌ଏଫ୍ ମୁଖ୍ୟ ହେମନ୍ତ ଗୁପ୍ତା ମଧ୍ୟ ଖେଳାଳିଙ୍କ ଭଲ ପ୍ରଦଶନ ନେଇ ଆଶାବାଦୀ ଥିବା କହିଛନ୍ତି ଓ ସେ ଖେଳାଳିଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# ବଲାଙ୍ଗୀରରେ ରାଜ୍ୟସ୍ତରୀୟ ଆର୍ଚେରୀ ଡିସେମ୍ବରରେ

ଭୁବନେଶ୍ୱର, ୨୦।୮ (କ୍ରୀଡ଼ା ପ୍ରତିନିଧି)

ଚଳିତ ବର୍ଷ ଡିସେମ୍ବରରେ ବଲାଙ୍ଗୀରରେ ରାଜ୍ୟସ୍ତରୀୟ ଆର୍ଚେରୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ବ୍ୟତୀତ ୨୦୨୨ ଜାନୁୟାରୀରେ ସୁନାବେଡ଼ାଠାରେ ପ୍ରାଇଜ୍‌ମନି ଏବଂ ରାଜ୍ୟସ୍ତରୀୟ ଟ୍ରାଇବାଲ ଆର୍ଚେରୀ ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ଆର୍ଚେରୀ ଆସୋସିଏଶନର କାଉନ୍‌ସିଲ ବୈଠକରେ ନିଷ୍ପତ୍ତି ନିଆଯାଇଛି। କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଆର୍ଚେରୀ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଆସୋସିଏଶନ ଉପସଭାପତି ରବି ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ୨୦୨୦-୨୧ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୋଷାଧକ୍ଷ ସୁଘୋଷ ଦାସ ବୈଠକରେ ଗତ ୨୦୨୦-୨୧ ବର୍ଷର ଆୟବ୍ୟୟ ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ବିଗତ ବର୍ଷରେ ମୋଟ ୨୨ ଲକ୍ଷ ୪୭ ହଜାର ୫୦୦ଟଙ୍କା ଖର୍ଚ୍ଚ କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୮ରେ ଓଡ଼ିଶା ଆର୍ଚେରୀ ଆସୋସିଏଶନର ସାଧାରଣ ବୈଠକ ବସିବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବ ବୋଲି ଏହି ଅବସରରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଶ୍ରୀଧର ଦାସ, ସମୀର ପରିଜା, ଭଦ୍ରକ ଆର୍ଚେରୀ ଆସୋସିଏଶନ ସଭାପତି ଅକ୍ଷୟ ପ୍ରସାଦ ମହାପ୍ତି, ବୌଦ୍ଧ ଆର୍ଚେରୀ ଆସୋସିଏଶନ ସମ୍ପାଦକ ଅର୍ଜୁନ କଅଁର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ହୃଦୟ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଖବର

# ଅଲୋଡ଼ା ୬୧୦ ବର୍ଗ ହାଇସ୍କୁଲ



ଭଗବତୀ ଉଚ୍ଚ ବିଦ୍ୟାଳୟ।

ଯାଜପୁର ଅଫିସ, ୨୦।୮

- ୩୭ବର୍ଷ ପରେ ବି ଅନୁଦାନ ନାହିଁ
- ଦୀର୍ଘ ସ୍ଥାୟିତ୍ୱ ନେଇ ଆଶଙ୍କା

ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ସର୍ବୋପରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ୧୯୮୪ରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ନୂତନ ହାଇସ୍କୁଲଗୁଡ଼ିକ ଗଢ଼ି ଉଠିଥିଲା। ବିଦ୍ୟାଳୟ ଖୋଲିବା ଦିନଠାରୁ ଶ୍ରେଣୀଗୃହ ନିର୍ମାଣ ଓ ଶିକ୍ଷକମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ ପ୍ରଦାନ ଆଦି ସ୍ଥାନୀୟ ଲୋକଙ୍କ ସହଯୋଗରେ ହେଉଥିଲା। ତେବେ ୧୯୯୪ ଜୁନ୍ ପହିଲାରେ ସରକାର ଏହାକୁ ୬୧୦ ବର୍ଗର ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ ଭାବେ ହାତକୁ ନେଇଥିଲେ। ହେଲେ ସରକାରଙ୍କ କୌଣସି ବିଭାଗ ପକ୍ଷରୁ ବିଗତ ୩୭ବର୍ଷ ମଧ୍ୟରେ ଏହି ହାଇସ୍କୁଲଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ଟଙ୍କାଟିଏ ଅନୁଦାନ ମିଳିନାହିଁ। ଏହାବାଦ୍ ଶିକ୍ଷକ ଓ କର୍ମଚାରୀ ଅଭାବ ଶିକ୍ଷା ବ୍ୟବସ୍ଥାକୁ ରସାତଳଗାମୀ କରିଥିବାବେଳେ ସରକାରଙ୍କ ଅଲୋଡ଼ା ମନୋଭାବ ଯୋଗୁ ଏହି ହାଇସ୍କୁଲଗୁଡ଼ିକର ଦୀର୍ଘ ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତର ଭଗବତୀ ଉଚ୍ଚ ବିଦ୍ୟାଳୟକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ୧୯୮୪ରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏହା ଗଢ଼ିଉଠିଥିଲା। ସେହି ହାଇସ୍କୁଲର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବେ ବିଭିନ୍ନ ପଦପଦବୀରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ୨ ବର୍ଷ ତଳେ ରାଜ୍ୟ ସରକାର ଆରମ୍ଭ କରିଥିବା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଆର୍ଥିକ ଅନୁଦାନ ସହ ସରକାର ତାଙ୍କ ଭାଗ ଆର୍ଥିକ ଅନୁଦାନ ଦେବା ପରେ ତାହାର ବିନିଯୋଗ ଦ୍ୱାରା ଭିତ୍ତିଭୂମିର କିଛିଟା ବିକାଶ ହୋଇପାରିଛି। ସେଥିରେ ପାର୍କ, ସାଇକେଲ ଷ୍ଟାଣ୍ଡ, ପାଇଖାନା ଓ ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥା ହୋଇଛି । ସମଗ୍ର ଯାଜପୁର ଜିଲାରେ ମୋ ସ୍କୁଲ ଅଭିଯାନ ପାଇଁ ଏହି ବିଦ୍ୟାଳୟ ବି ଶ୍ରେଷ୍ଠ ହୋଇ ପାରିଛି । ତେବେ ୨୦୦୪ରେ ବିଦ୍ୟାଳୟର ଖେଳ ଶିକ୍ଷକ ଓ ୧୦ବର୍ଷ ତଳେ କିରାଣିଙ୍କ ପରଲୋକ ପରେ ସେମାନଙ୍କ ପଦବୀ ଆଜି ଯାଏ ପୂରଣ ହୋଇ ପାରିନାହିଁ। ଏହା ସହ ପ୍ରଧାନ ଶିକ୍ଷକଙ୍କ ସମେତ ଜଣେ ସହକାରୀ ଶିକ୍ଷକ, ସଂସ୍କୃତ ଶିକ୍ଷକ ଏବଂ ୨ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅବସର ନେଇ ସାରିଥିବାବେଳେ ବାକି ଶିକ୍ଷକ ଓ କର୍ମଚାରୀମାନେ ଆଉ ୧ରୁ ୨ ବର୍ଷ ମଧ୍ୟରେ ଅବସର ନେବାକୁ ଯାଉଛନ୍ତି । କିନ୍ତୁ ସେଠାରେ ଆଉ ନୂତନ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ନେଇ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି । ଫଳରେ ଏବେ ଏହି ବିଦ୍ୟାଳୟରେ ଶିକ୍ଷାଦାନ ଏବଂ ପରିଚାଳନା କ୍ଷେତ୍ରରେ ଘୋର ବାଧା ସୃଷ୍ଟି ହୋଇଛି । ଏପରି ସ୍ଥିତି ଲାଗି ରହିଲେ ଆଉ କିଛି ବର୍ଷ ମଧ୍ୟରେ ଏଭଳି ସମସ୍ତ ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି ।

ଏଭଳି ସମସ୍ତ ବିଦ୍ୟାଳୟକୁ ଅକାରଣରେ ବର୍ଗୀକରଣ କରାଯାଇ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । ତେବେ ୧୯୮୪ ପୂର୍ବରୁ ଆରମ୍ଭ ହୋଇଥିବା ପାଖାପାଖି ୩ ହଜାର ହାଇସ୍କୁଲକୁ ୧୯୯୪ ଜୁନ ୭ରେ ସରକାରୀ ବିଦ୍ୟାଳୟ ଭାବେ ରାଜ୍ୟ ଗଣଶିକ୍ଷା ବିଭାଗ ଘୋଷଣା କରିଥିଲା। ଏହାର ଠିକ୍ ଗୋଟିଏ ସପ୍ତାହ ପୂର୍ବରୁ ଏହି ୬୧୦ ହାଇସ୍କୁଲକୁ ସରକାର କାହିଁକି ସେଥିରୁ ବଞ୍ଚିତ କରି ଭିନ୍ନ ଏକ ବର୍ଗରେ ରଖି ଦେଇଥିଲେ ଆଜି ବି ତାହା ଅସମାହିତ ପ୍ରଶ୍ନ ହୋଇ ରହିଛି । ଏବେ ସେସବୁ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନେ ସରକାରୀ ବୟସ ସୀମା ଦୃଷ୍ଟିରୁ ଅବସର ନେଇ ଚାଲି ଯାଉଛନ୍ତି । ଅନ୍ୟପକ୍ଷେ ଗଣଶିକ୍ଷା ବିଭାଗ ନିଜ ଅଧୀନ ନେଇଥିବା ହାଇସ୍କୁଲଗୁଡ଼ିକରେ ସେତେଟା ଶିକ୍ଷକ ଅଭାବ ପରିଲକ୍ଷିତ ହେଉନାହିଁ। ଏଥିଯୋଗୁ ୬୧୦ ବର୍ଗ ହାଇସ୍କୁଲଗୁଡ଼ିକରେ ପାଠ ପଢ଼ିବାକୁ ଅପେକ୍ଷା ରଖୁଥିବା ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଏବେ ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏଥିପ୍ରତି ରାଜ୍ୟ ଗଣଶିକ୍ଷା ବିଭାଗ ତୁରନ୍ତ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।




ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସମାଜବାଦୀ ପାର୍ଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ସର୍କିଟ୍ ହାଉସ୍ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରାଜଧାନୀରେ ମଦ କାରବାରରେ ମହିଳା

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ):** ରାଜଧାନୀରେ ଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ବସ୍ତି ଅଞ୍ଚଳରେ ଏହା ରୋଜଗାରର ମାଧ୍ୟମ ସାଜିଥିବାବେଳେ ମହିଳାମାନେ ସାମିଲ ହେଉଛନ୍ତି। ଶୁକ୍ରବାର ଅବକାରୀ ବିଭାଗ ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆସାହି ଓ ଇନ୍‌ଫୋସିଟି ଥାନା ଶିଖରଚଣ୍ଡୀ ବସ୍ତିରେ ଚଢ଼ାଉ କରି ୧ ହଜାର ଲିଟର ଦେଶୀମଦ ଜବତ କରିବା ସହ ୮ ହଜାର ଲିଟର ପୋଚ ନଷ୍ଟ କରିଛି। ଏଥିରେ ସମ୍ପୃକ୍ତ ୬ ଜଣ ମହିଳାଙ୍କ ସହ ୮ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହେଲେ ଶିଖରଚଣ୍ଡୀନଗରର ଟି ଶୋଭା(୫୦), ଅଞ୍ଜୁ ସିଂ(୪୦), ସାଲିଆସାହିର ଶାନ୍ତି ହାଁସଦା (୩୮), ପ୍ରଦୀପ ନାୟକ (୪୦), ବିପିନ ବଗର(୩୬), ସୁରେନ୍ଦ୍ର ହେମ୍ବ୍ରମ(୩୬), ଲକ୍ଷ୍ମଣ ମାଝି (୫୫) ଓ ଦୁର୍ଗାଚନ୍ଦ୍ର ହାଁସଦା (୩୫)। ଏନେଇ ଅବକାରୀ ବିଭାଗ ପୃଥକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ସାଲିଆସାହି ଓ ଶିଖରଚଣ୍ଡି ବସ୍ତିରେ ଦୀର୍ଘଦିନେ ହେବ ଅଭିଯୁକ୍ତମାନେ ଦେଶୀ ମଦ ପ୍ରସ୍ତୁତ କରୁଥିଲେ। ଏନେଇ ଖବର ମିଳିବା ପରେ ଚଢ଼ାଉ ପାଇଁ ଦୁଇଟି ଟିମ୍ ଗଠନ କରାଯାଇଥିଲା।

# ଦିବ୍ୟାଙ୍ଗ ଦମ୍ପତିଙ୍କୁ ଆକ୍ରମଣ

**ଗୋପ, ୨୦।୮ (ଡି.ଏନ୍.ଏ.):** ଗୋପ ଥାନା ଅନ୍ତର୍ଗତ ଖଣ୍ଡୁସାହି ଗ୍ରାମର ଏକ ଦିବ୍ୟାଙ୍ଗ ଦମ୍ପତିଙ୍କୁ ପାରିବାରିକ ବିବାଦକୁ ନେଇ ଗୁରୁବାର ରାତ୍ରରେ ଆକ୍ରମଣ ହୋଇଛି। ଏ ନେଇ ଦମ୍ପତି ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଦମ୍ପତି ଘରକୁ ଫେରିବାବେଳେ ଘରେ ଆକ୍ରମଣକାରୀମାନେ ବାହାରୁ ତାଲା ପକାଇଦେଇଥିବା କହିଛନ୍ତି। ସୂଚନା ଅନୁଯାୟୀ, ଖଣ୍ଡୁସାହି ଗ୍ରାମର ଭାଗଗ୍ରାହୀ ପାତ୍ର ଓ ପ୍ରତିମା ଜନ୍ମରୁ ଦିବ୍ୟାଙ୍ଗ ଅଟନ୍ତି। ପ୍ରତିମା ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ସ୍ୱାମୀ ଗୋଟିଏ ହାତ ନ ଥିବାରୁ ଘରେ ରହୁଛନ୍ତି। କିଛି ଦିନ ଧରି ସମ୍ପର୍କୀୟ ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ପରିବାର ସହ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ବିବାଦ ଯୋଗୁ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ସଦସ୍ୟ ଦିବ୍ୟାଙ୍ଗ ଦମ୍ପତ୍ତିଙ୍କୁ କିଛି ଦିନ ତଳେ ଆକ୍ରମଣ କରିବାରେ ସେମାନେ ଗାଁ ନିକଟରେ ପଳିଥିନ ତଳେ ରହୁଛନ୍ତି । ଗୁରୁବାର ପ୍ରତିମା ଅଙ୍ଗନୱାଡ଼ି କେନ୍ଦ୍ରର କୌଣସି କାଗଜପତ୍ର ଆଣିବାକୁ ଘରକୁ ଯାଇଥିବା ବେଳେ ପୁଣି ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ସଦସ୍ୟ ସେମାନଙ୍କୁ ମାଡମାରି ମାରିବା ସହି ଗାଳିଗୁଲଜ କରିଥିଲେ। ପରେ ଘର ତାଲା ପକାଇ ଦମ୍ପତ୍ତିଙ୍କୁ ଘରୁ ବାହାର କରିଦେଇଥିଲେ। ଶୁକ୍ରବାର ସକାଳୁ ଏ ନେଇ ଦମ୍ପତ୍ତି ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଉଭୟ ପକ୍ଷଙ୍କୁ ଡକାଯାଇଛି। ଆବଶ୍ୟକ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ପେଟ୍ରୋଲ ଟାଙ୍କି କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଲୁଟ୍

**ଟିଗିରିଆ, ୨୦।୮ (ଡି.ଏନ୍.ଏ.):** କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ଏକ ପେଟ୍ରୋଲ ଟାଙ୍କିରୁ ଗୁରୁବାର ରାତିରେ ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଟାଙ୍କି କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ପାଖରୁ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଛନ୍ତି। ତେଲ ଟାଙ୍କି ମାଲିକଙ୍କଠାରୁ ଅଭିଯୋଗ ପାଇବା ପରେ ଟିଗିରିଆ ଥାନା ପୋଲିସ ତଦନ୍ତ ଚଳାଇଛି। ସିସିଟିଭି ଫୁଟେଜ୍‌ରେ ଲୁଟ୍‌ବେଳର ଦୃଶ୍ୟ ରେକର୍ଡ ହୋଇଯାଇଛି। ଏହାକୁ ଆଧାରକରି ଟିଗିରିଆ ପୋଲିସ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସିସିଟିଭି ଫୁଟେଜ ଅନୁସାରେ, ୩ ଜଣ ଦୁର୍ବୃତ୍ତ ରାତି ପ୍ରାୟ ୯ଟ ବେଳେ ଜଗାବଳିଆ ଫିଲିଙ୍ଗ ଷ୍ଟେଶନକୁ ବାଇକ୍‌ରେ ତେଲ ପକାଇବାକୁ ଆସିଥିଲେ। ବାଇକ୍‌ରେ ତେଲ ଭର୍ତ୍ତି କରିବାପରେ ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ତେଲ ପକାଉଥିବା କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଦେଇଥିଲେ। ଏହି ସମୟରେ ଅନ୍ୟ ୨ ଦୁର୍ବୃତ୍ତ କର୍ମଚାରୀଙ୍କ ପାଖରେ ଥିବା ଟଙ୍କା ବ୍ୟାଗ୍ ଛଡାଇନେଇ ପଳାଇଯାଇଥିଲେ। ସେଥିରେ ୧୨ହଜାର ଟଙ୍କା ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ମାମଲା (ନଂ. ୧୧୦/୨୧) ରୁଜୁ କରାଯାଇଛି ବୋଲି ଥାନା ଆଇଆଇସି ବନବିହାରୀ ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ଇଣ୍ଡିଆନ ବ୍ୟାଙ୍କର ଏମ୍ଏସ୍ଏମ୍ଇ ପ୍ରେରଣା ପଦକ୍ଷେପ

ଭୁବନେଶ୍ୱର,୨୦।୮: ଇଣ୍ଡିଆନ ବ୍ୟାଙ୍କ ଆନୁକୂଲ୍ୟରେ 'ଏମ୍ଏସ୍ଏମ୍ଇ-ପ୍ରେରଣା' କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ଏମ୍ଏସ୍ଏମ୍ଇ ସମସ୍ୟାରେ ରହିଥିବା ବେଳେ ଅନ୍‌ଲାଇନ ପ୍ରଶିକ୍ଷଣ ଦ୍ୱାରା ଏମ୍ଏସ୍ଏମ୍ଇ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ବ୍ୟବସାୟିକ ପରିଚାଳନା, ଆର୍ଥିକ ପରିଚାଳନା, ବିଭିନ୍ନ ସରକାରୀ ଓ ବ୍ୟାଙ୍କର ସୁବିଧା ସୁଯୋଗ ତଥା ଉଦ୍ୟମୀ ମିତ୍ର, ଜିଏସ୍‌ଟି ଓ ଟ୍ରେଡସ୍ ଆଦି ପୋର୍ଟାଲରେ ପଞ୍ଜୀକରଣ ଭଳି ବିଭିନ୍ନ ପ୍ରଶିକ୍ଷଣ ଦିଆଯିବ। ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ଭି.ଭି.ଶେନୟ ପ୍ରଶିକ୍ଷଣ ଦ୍ୱାରା ଏମ୍ଏସ୍ଏମ୍ଇ ଉଦ୍ୟୋଗୀଙ୍କ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କର କର୍ପୋରେଟ୍ କାର୍ଯ୍ୟାଳୟର ଏମ୍ଏସ୍ଏମ୍ଇ ବିଭାଗର ମହାପ୍ରବନ୍ଧକ ସୁଧାକର ରାଓ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଥିବା ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବ୍ୟାଙ୍କର କ୍ଷେତ୍ରୀୟ ମହାପ୍ରବନ୍ଧକ ସୁଖସାଗର ପ୍ରସାଦ ରାଏ ତାଙ୍କର ସ୍ୱାଗତ ସମ୍ଭାଷଣରେ ଓଡିଶାରେ ଏମ୍ଏସ୍ଏମ୍ଇର ଅଭିବୃଦ୍ଧି ପାଇଁ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଆର୍. ଶ୍ରୀନିବାସନ ଧନ୍ୟବାଦ ଅର୍ପଣ କରିଥିଲେ।

### ଏସ୍‌ଟିପିଆଇ ପକ୍ଷରୁ ଆଉଟରିଚ୍ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୦।୮: ଏସ୍‌ଟିପିଆଇ ଭୁବନେଶ୍ୱର ପକ୍ଷରୁ ସମଗ୍ର ଓଡ଼ିଶାରେ ଏକ ଅନ୍‌ଲାଇନ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ନୂଆ ପିଢ଼ିର ଉଦ୍ଭାବନ ଯୋଜନା (ଏନ୍‌ଜିଆଇଏସ୍) ଅଧୀନରେ ହିତାଧିକାରୀଙ୍କୁ ମନୋନୀତ କରିବା ଏବଂ ସେମାନଙ୍କୁ ସାମିଲ କରିବାକୁ ଏକ ଉନ୍ମୁକ୍ତ ଚାଲେଞ୍ଜ ପ୍ଲାଟ୍‌ଫର୍ମ 'ଚୁନୌତି ୨'ରେ ଅଂଶଗ୍ରହଣ କରିବା ପାଇଁ ଷ୍ଟାର୍ଟଅପ୍, ନବୋନ୍ମେଷକାରୀ, ଛାତ୍ରାଛାତ୍ର, ଶିକ୍ଷାବିତ ଓ ଗବେଷକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ଏସ୍‌ଟିପିଆଇର ବରିଷ୍ଠ ନିର୍ଦ୍ଦେଶକ ଦେବେଶ ତ୍ୟାଗୀ ରାଜ୍ୟ ସରକାରଙ୍କ ସକ୍ରିୟ ସମର୍ଥନ ଓ ସହଯୋଗରେ ଏସ୍‌ଟିପିଆଇ ପକ୍ଷରୁ ଓଡ଼ିଶାରେ ସୃଷ୍ଟି କରାଯାଇଥିବା ବ୍ୟାପକ ଭିତ୍ତିଭୂମି ଓ ସୁବିଧା ସୁଯୋଗ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଅଂଶଗ୍ରହଣକାରୀମାନେ ଏହି ସୁଯୋଗର ସଦୁପଯୋଗ କରିବା ଏବଂ ଜନସାଧାରଣଙ୍କ ପାଇଁ ନୂତନ ଚିନ୍ତାଧାରା ତଥା କମ ବ୍ୟୟସାପେକ୍ଷ ପ୍ରଯୁକ୍ତି ଆଧାରିତ ସମାଧାନ ଆଣିବାକୁ ନିବେଦନ କରିଥିଲେ। ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ମାନସ ପଣ୍ଡା ଏନ୍‌ଜିଆଇଏସ୍ ପାଣ୍ଠି ଯୋଗାଣ ନିମନ୍ତେ ସମଗ୍ର ଦେଶରୁ ମନୋନୀତ ୪୨ଟି ଷ୍ଟାର୍ଟଅପ୍ ମଧ୍ୟରେ ଓଡ଼ିଶାର ଛଅଟି ସଫଳ ଷ୍ଟାର୍ଟଅପ୍ ସ୍ଥାନ ପାଇଥିବା ଉଲ୍ଲେଖ କରିଥିଲେ। ଭୁବନେଶ୍ୱର ଅଞ୍ଚଳର ଏନ୍‌ଜିଆଇଏସ୍‌ର ମୁଖ୍ୟ ମାର୍ଗଦର୍ଶକ ରାଜେଶ ରାମ ମିଶ୍ର, ଆଦିତ୍ୟ ବିର୍ଲା ଗ୍ରୁପର ଜିଏମ୍ ଲୋପାମୁଦ୍ରା ପ୍ରିୟଦର୍ଶିନୀ, କ୍ୱାଲାରାର ପ୍ରତିଷ୍ଠାତା ସିଇଓ ସୁଶ୍ରୀ ଅଦି ପାଣି, ଷ୍ଟାର୍ଟଅପ୍ ଓଡ଼ିଶାର ଦୃଢ ସମର୍ଥକ ଓ ପ୍ରଚାରକ ସୁଶ୍ରୀ ସଂଯୁକ୍ତା, ଏସ୍‌ଟିପିଆଇ ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଏସ୍.ଆର୍. ପାତ୍ର, ଏସ୍‌ଟିପିଆଇ ଭୁବନେଶ୍ୱରର ଏଣ୍ଟରପ୍ରେନିୟୋର ପାର୍କର ମୁଖ୍ୟ ଅପ୍‌ରେଟିଂ ଅଫିସର ସୁଶ୍ରୀ ଲୋପା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପେମେଣ୍ଟସ ସେବା ଲାଗି ୩୦ କମ୍ପାନୀ ଆଗ୍ରହୀ

## ଦୌଡ଼ରେ ଟାଟା, ରିଲାଏନ୍ସ, ଆମାଜନ, ପେଟିଏମ୍



ନୂଆଦିଲ୍ଲୀ,୨୦।୮

ଦେଶର ପେମେଣ୍ଟସ କ୍ଷେତ୍ରରେ ପ୍ରବେଶ ଲାଗି ବିଭିନ୍ନ ଫିନ୍‌ଟେକ କମ୍ପାନୀ ଯୋଜନା ରଖିଛନ୍ତି। ଏହି କ୍ଷେତ୍ରରେ ପଟିଆରା ଦୌଡ଼ରେ ସାମିଲ ହେବା ଲାଗି ୩୦ କମ୍ପାନୀ ଆଗ୍ରହ ଦେଖାଇଛନ୍ତି। ଏହି ସଂସ୍ଥାଗୁଡ଼ିକ ରିଜର୍ଭ ବ୍ୟାଙ୍କ ନିକଟରେ ଆବେଦନ କରିଥିବା ଜଣାପଡ଼ିଛି। ଟାଟା, ରିଲାଏନ୍ସ, ଆମାଜନ, ପେଟିଏମ୍ ଏବଂ ଫୋନ୍‌ପେ ଭଳି କମ୍ପାନୀ ଏଥିରେ ସାମିଲ ରହିଥିବା ଜଣାପଡ଼ିଛି। ଦେଶ ମଧ୍ୟରେ ଡିଜିଟାଲ ପେମେଣ୍ଟକୁ ଉତ୍ସାହିତ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପେମେଣ୍ଟ ଏଗ୍ରିଗେଟର୍ସ ଲାଇସେନ୍ସ ପ୍ରଦାନ କରୁଛି। ନନ୍ ବ୍ୟାଙ୍କ ପେମେଣ୍ଟ ପ୍ରୋଭାଇଡର୍ସ ରେଗୁଲେଟୋରି ସିଷ୍ଟମ ଅନୁସାରେ ଏହା ପ୍ରଦାନ କରାଯାଉଛି। ଏହି ବ୍ୟବସ୍ଥାକୁ ରିଜର୍ଭ ବ୍ୟାଙ୍କ ଶୀଘ୍ର କାର୍ଯ୍ୟକାରୀ କରାଇବ।

ଡଟ୍ ପେମେଣ୍ଟସ ଷ୍ଟାର୍ଟଅପ୍ ଏଡ୍ଏନ୍, ଭାରତ ପେ, ସିସି ଏଭେନ୍ୟୁ, ରେଜରେପ, କ୍ରିଡ୍, ଜୋମାଟୋ, ପେୟୁ, ୱାର୍ଲାଇନ, ପାଇନଲ୍ୟାବ୍ସ ଭଳି ଅନ୍ୟ କମ୍ପାନୀ ମଧ୍ୟ ଆବେଦନ କରିଥିବା ଜଣାପଡ଼ିଛି। ସେପ୍ଟେମ୍ବର ୩୦ ପୂର୍ବରୁ ଆବେଦନ କରିବା ଲାଗି କମ୍ପାନୀଙ୍କୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ୩୦ କମ୍ପାନୀ ଆବେଦନ କରିଥିବା ବେଳେ ସେପ୍ଟେମ୍ବର ସୁଦ୍ଧା ଏହା ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି। ପେମେଣ୍ଟ ଆଗ୍ରିଗେଟର ଭାବେ କାମ କରୁଥିବା କମ୍ପାନୀ ସିଧାସଳଖ ରିଜର୍ଭ ବ୍ୟାଙ୍କ ନିୟମ ଅଧୀନରେ କାମ କରିବେ। ଦେଶରେ ଏକ ବ୍ୟବସ୍ଥିତ ଏବଂ ନିୟନ୍ତ୍ରିତ ବ୍ୟବସ୍ଥା ଆଣିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି।

ଉଲ୍ଲେଖଯୋଗ୍ୟ, ୨୦୨୦ ମାର୍ଚ୍ଚରେ ଆର୍‌ବିଆଇ ଏ ନେଇ ଗାଇଡ୍‌ଲାଇନ ଜାରି କରିଥିଲା। ଆର୍‌ବିଆଇ ଯେଉଁ କମ୍ପାନୀଗୁଡ଼ିକୁ ମଞ୍ଜୁରୀ ଦେବ ସେମାନେ ବ୍ୟବସାୟୀଙ୍କୁ ପେମେଣ୍ଟ ସୁବିଧା ପ୍ରଦାନ କରିବେ। ବ୍ୟାଙ୍କଗୁଡିକ ଲାଗି ଅଲଗା ମଞ୍ଜୁରୀ ଆବଶ୍ୟକତା ପଡିବ ନାହିଁ। କମ୍ପାନୀଗୁଡ଼ିକୁ ଯାଞ୍ଚ ପ୍ରକ୍ରିୟା ଲାଗି ରିଜର୍ଭ ବ୍ୟାଙ୍କକୁ କିଛି ସମୟ ଲାଗିବ। ପେମେଣ୍ଟ ଅପରେଶନକୁ ଉନ୍ନତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏହି କ୍ଷେତ୍ରରେ ପ୍ରବେଶ କରିବା ଲାଗି ନିକଟରେ ଜୋମାଟୋ ଷ୍ଟକ୍ ବଜାରକୁ ସୂଚନା ଦେଇଥିଲେ।

## ଜାନୁୟାରୀରୁ ନୂଆ ନେଣଦେଣ ନିୟମ

ନୂଆଦିଲ୍ଲୀ,୨୦।୮: ଆସନ୍ତା ଜାନୁୟାରୀରୁ ନେଣଦେଣ କ୍ଷେତ୍ରରେ ନୂଆ ନିୟମ କାର୍ଯ୍ୟକାରୀ ହେବ। ଗ୍ରାହକଙ୍କୁ ପେମେଣ୍ଟ ଲାଗି ପ୍ରତ୍ୟେକ ଥର କାର୍ଡର ୧୬ ସଂଖ୍ୟା ବିଶିଷ୍ଟ ନମ୍ବର ଦେବାକୁ ପଡ଼ିବ। ପେମେଣ୍ଟ ଗେଟ୍‌ୱେ କମ୍ପାନୀ ଆପଣଙ୍କ କାର୍ଡର ବିସ୍ତୃତ ତଥ୍ୟ ସେଭ୍ କରି ରଖିବାକୁ ବାରଣ କରାଯାଇଛି। ଏହି ନିୟମ କୋହଳ ଲାଗି ପେମେଣ୍ଟ ଗେଟ୍‌ୱେ କମ୍ପାନୀଗୁଡିକ ଚାହୁଁଥିବା ବେଳେ ରିଜର୍ଭ ବ୍ୟାଙ୍କ ଏ ନେଇ ସ୍ପଷ୍ଟ ଭାବେ ମନା କରିଦେଇଛି। ଫଳରେ ୨୦୨୨ରୁ କାର୍ଡ ତଥ୍ୟ ଷ୍ଟୋରେଜ୍ ଉପରେ ରୋକ ଲାଗିବ ବୋଲି କୁହାଯାଉଛି। ଆଗକୁ ଅନ୍‌ଲାଇନ ପେମେଣ୍ଟ ଲାଗି ପ୍ରତିଥର କାର୍ଡର ୧୬ ଅଙ୍କ ବିଶିଷ୍ଟ ନମ୍ବର ଦେବାକୁ ପଡିପାରେ। ଯଦି ଥରେ ପେମେଣ୍ଟ କରିଛନ୍ତି ଦ୍ୱିତୀୟ ଥର ଆପଣଙ୍କୁ କେବଳ କାର୍ଡ ଭେରିଫିକେଶନ ଭାଲ୍ୟୁ(ସିଭିଭି) କିମ୍ବା ୱାନ୍ ଟାଇମ ପାସ୍‌ୱାର୍ଡ ଦେବାକୁ ପଡିବ। ଏହା ପରେ ଆପଣଙ୍କ ପେମେଣ୍ଟ ହୋଇଯିବ। ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି, ଗ୍ରାହକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ନୂଆ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନର ବ୍ୟବସ୍ଥା ଠିକ୍‌ଠାକ୍ ଚାଲୁଥିଲେ ବେଳେ ବିଭିନ୍ନ ସମୟରେ ନିୟମ ଉଲ୍ଲଂଘନ ହେଉଥିବା ନଜରକୁ ଆସୁଛି। ଏହାବାଦ୍ ସାଇବର ଅପରାଧ ମଧ୍ୟ ଚିନ୍ତା ବଢାଉଛି। ଗ୍ରାହକଙ୍କ ସମସ୍ୟାକୁ ନଜରରେ ରଖି ପେମେଣ୍ଟସ କାଉନସିଲ ଅଫ୍ ଇଣ୍ଡିଆ(ପିସିଆଇ) ଟୋକନ ଜରିଆରେ ଏନ୍‌କ୍ରିପଶନ ବିକଳ୍ପ ପ୍ରଦାନ କରିଥିଲା।

# ଆସିଲା ନୂଆ ହୋଣ୍ଡା ଆମେଜ




ନୂଆଦିଲ୍ଲୀ,୨୦।୮

ହୋଣ୍ଡା କାର୍‌ସ ଇଣ୍ଡିଆ ପକ୍ଷରୁ ନୂଆ ଆମେଜ ମଡେଲର ଶୁଭାରମ୍ଭ କରାଯାଇଛି । ଏହା ମାନୁଆଲ ତଥା ସିଭିଟି ଟ୍ରାନ୍ସମିସନରେ ଉଭୟ ପେଟ୍ରୋଲ ଓ ଡିଜେଲ ଇଞ୍ଜିନରେ ଉପଲବ୍ଧ ରହିଛି। ଏକ ବ୍ରାଣ୍ଡ ନୂଆ ରଙ୍ଗର ମେଟେରଏଡ ଗ୍ରେ ମେଟାଲିକକୁ ଏହି ରେଞ୍ଜରେ ସାମିଲ କରାଯାଇଛି । ଏହାର ଏକ୍ସ ଶୋ ରୁମ୍ ମୂଲ୍ୟ ୬.୩୨ ଲକ୍ଷ ଟଙ୍କାରୁ ୧୧.୧୫ ଲକ୍ଷ ଟଙ୍କା ମଧ୍ୟରେ ରହିଛି । ଏହି ଅବସରରେ କମ୍ପାନୀର ସିଇଓ ଗାକୁ ନାକାନିସି କହିଛନ୍ତି, ନୂଆ ଆମେଜର ଶୁଭାରମ୍ଭ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଯାନଟିର ଏକ୍ସଟେରିୟରରେ ସ୍ଲିକ୍ ସଲିଡ ୱିଙ୍ଗ ଫେସ୍ ଫ୍ରଣ୍ଟ ଗ୍ରିଲ୍ ସହିତ ଫାଇନ କ୍ରୋମ ମୋଲଡିଂ ଲାଇନ, ମଡର୍ନ ଏବଂ ଷ୍ଟାଇଲିଶ ଅତ୍ୟାଧୁନିକ ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ ସହିତ ଏଲ୍‌ଇଡି ଡିଆର୍‌ଏଲ୍, ସ୍ଲିକ୍ କ୍ରୋମ୍ ଗାର୍ନିସ ସହିତ ନୂଆ ଏଲ୍‌ଇଡି ଫ୍ରଣ୍ଟ ଫଗ୍ ଲ୍ୟାମ୍ପ ଭଳି ଅନେକ ଉନ୍ନତ ଫିଚର ରହିଛି । ଏଥିରେ ୧.୨ ଲି ଆଇ-ଭିଟେକ ପେଟ୍ରୋଲ ଇଞ୍ଜିନ ଏବଂ ୧.୫ ଲିଟର ଆଇ-ଡିଟେକ ଡିଜେଲ ଇଞ୍ଜିନରେ ଉଭୟ ମାନୁଆଲ ଏବଂ ସିଭିଟି ଭାରିଆଣ୍ଟରେ ଉପଲବ୍ଧ । ଏଥିରେ ଡିଜିପ୍ୟାଡ୍ ୨.୦-୧୭.୭ ସିଏମ୍ ଟଚ୍‌ସ୍କ୍ରିନ୍ ଆଡଭାନ୍ସଡ ଡିସ୍‌ପ୍ଲେ ଅଡିଓ ସିଷ୍ଟମ, ଆପଲ କାରପ୍ଲେ, ଆଣ୍ଡ୍ରଏଡ ଅଟୋ, ୱେବ୍‌ଲିଙ୍କ୍ ଭଳି ଆହୁରି ଅନେକ ଅତ୍ୟାଧୁନିକ ଫିଚର ରହିଛି । ଷ୍ଟାଣ୍ଡାର୍ଡ ସୁବିଧା ଭାବରେ ୩ ବର୍ଷର ଅନ୍‌ଲିମିଟେଡ କିଲୋମିଟର ୱାରେଣ୍ଟି ସହିତ ନୂଆ ହୋଣ୍ଡା ଆମେଜ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ମାନସିକ ଶାନ୍ତି ପ୍ରଦାନ କରୁଛି । ଗ୍ରାହକମାନେ ଅତିରିକ୍ତ ଦୁଇବର୍ଷ ଅନ୍‌ଲିମିଟେଡ କିଲୋମିଟର ପାଇଁ ଏକ୍ସଟେଣ୍ଡେଡ ୱାରେଣ୍ଟି ଚୟନ କରିପାରିବେ ଏବଂ ସର୍ବୋତ୍ତମ ୧୦ ବର୍ଷର ଏନିଟାଇମ ୱାରେଣ୍ଟି ଉପଲବ୍ଧ କରିପାରିବେ ।

# ମାଲାବାରର ବ୍ରାଇଡ୍ସ ଅଫ୍ ଇଣ୍ଡିଆ କ୍ୟାମ୍ପେନ

ଭୁବନେଶ୍ୱର,୨୦।୮



ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ବ୍ରାଇଡ୍ସ ଅଫ୍ ଇଣ୍ଡିଆ କ୍ୟାମ୍ପେନର ୯ମ ସଂସ୍କରଣକୁ ସାରା ଦେଶରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ଷ୍ଟୋର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀ ପକ୍ଷରୁ ଏକ ୱେଡିଂ ଆନ୍ଥେମ 'ମେ ୱେର୍ ଫର୍ ଦି ବ୍ରାଇଡ୍'ମଧ୍ୟ ଉନ୍ମୋଚନ କରାଯାଇଛି। ୱେଡିଂ ଆନ୍ଥେମ ଭିଡିଓକୁ ବଲିଉଡ୍ ନିର୍ଦ୍ଦେଶକ କୁକି ଗୁଲାଟି ନିର୍ଦ୍ଦେଶନା ଦେଇଛନ୍ତି। ୩ ମିନିଟ୍ ବିଶିଷ୍ଟ ଏହି ଭିଡିଓକୁ ଏବେ ସୁଦ୍ଧା ୨ ନିୟୁତରୁ ଅଧିକ ଲୋକ ଦେଖିଥିବା ବେଳେ ଏଥିରେ ବ୍ରାଣ୍ଡ ଆମ୍ବାସାଡର ଅନୀଲ କପୁର ଏବଂ କରିନା କପୁର ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ ମାଧ୍ୟମରେ ନୂଆ ପିଢ଼ିର କନ୍ୟାଙ୍କ ସ୍ୱତନ୍ତ୍ରତାକୁ ପ୍ରଦର୍ଶନ କରାଯାଇଥିବା ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି। ସାରା ଦେଶର ବ୍ରାଇଡାଲ ଜୁଏଲେରି ଆବଶ୍ୟକତାକୁ ନଜରରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ୧୩ କନ୍ୟାଙ୍କୁ ଏହି କ୍ୟାମ୍ପେନରେ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ଶୋ'ରୁମ୍‌ରେ ବିଭିନ୍ନ ବ୍ରାଇଡାଲ ଜୁଏଲେରିକୁ ପ୍ରଦର୍ଶନ କରାଯାଇଥିଲା। ଭୁବନେଶ୍ୱର ଷ୍ଟୋରର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଜନ୍ତା ସୁ'ର ଫ୍ଲାଗ୍‌ଶିପ ଷ୍ଟୋର

ଭୁବନେଶ୍ୱର,୨୦।୮




ଅଜନ୍ତା ସୁ'ର ପ୍ରଥମ ଫ୍ଲାଗ୍‌ଶିପ ଷ୍ଟୋର ଶୁକ୍ରବାର ସ୍ଥାନୀୟ ଚନ୍ଦ୍ରଶେଖରପୁର ପଟିଆ ଛକଠାରେ ଖୋଲିଛି। ଏହି ନୂତନ ଶୋ'ରୁମ୍‌କୁ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ ଏବଂ ଓଲିଉଡ୍ ଅଭିନେତ୍ରୀ ଶୀତଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜନ୍ତା ସୁ'ର ଓଡ଼ିଶା ବିତରକ ଏବଂ ଭୁବନେଶ୍ୱର ଷ୍ଟୋରର ସ୍ୱତ୍ୱାଧିକାରୀ ସଞ୍ଜୀବ ହଂସ, ଅଜନ୍ତା ସୁ'ର ଜିଏମ୍ ସେଲ୍‌ସ ପାର୍ଥ ଦାସଗୁପ୍ତା, ଜୋନାଲ ବିକ୍ରି ମୁଖ୍ୟ ଅଭିଜିତ ଚାଟାର୍ଜୀ ଏବଂ ଯୁବ ଉଦ୍ୟୋଗୀ ମହେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଷ୍ଟୋର ମୁଖ୍ୟ ହଂସ କହିଥିଲେ, ଆଗକୁ ଷ୍ଟୋର ସଂଖ୍ୟା ବଢାଇବା ଯୋଜନା ରହିଛି। ଏଠାରେ ଗ୍ରାହକ ଅଜନ୍ତା ସୁ'ର ବିଭିନ୍ନ ଉତ୍ପାଦ ପାଇପାରିବେ। କମ୍ପାନୀର କୋଲକାତା ସ୍ଥିତ ୩ଟି କାରଖାନାରୁ ଭିନ୍ନ ଭିନ୍ନ ବର୍ଗର ସୁ ଭୁବନେଶ୍ୱର ଷ୍ଟୋରରେ ଉପଲବ୍ଧ ରହିବ। କମ୍ପାନୀ ସବୁ ବର୍ଗଙ୍କ ପାଇଁ ଜୋତା ପ୍ରସ୍ତୁତ କରୁଛି। ପ୍ରାଥମିକ ବର୍ଗର ମୂଲ୍ୟ ୩୦୦ରୁ ଆରମ୍ଭ କରି ୩୦୦୦ ଟଙ୍କା ରହିଛି। ସ୍ୱତନ୍ତ୍ର ବର୍ଗର ଜୋତା ଦାମ ୨ ହଜାରରୁ ଆରମ୍ଭ କରି ପ୍ରାୟ ୧୦ ହଜାର ଟଙ୍କା ମଧ୍ୟରେ ଉପଭୋକ୍ତାଙ୍କୁ ମିଳିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

# ଓଏସ୍ଏଲ୍ ପକ୍ଷରୁ ଭାରି ଉପକରଣ ରପ୍ତାନି

ଭୁବନେଶ୍ୱର,୨୦।୮

ହଲ୍‌ପାକ୍ ଡମ୍ପର ଏବଂ ଏସ୍କାଭେଟର ସମେତ ବିପୁଳ ପରିମାଣର ଭାରି ଖଣିଜ ଉତ୍ତୋଳନ ଉପକରଣ ପାରାଦୀପ ବନ୍ଦର ଦେଇ ବିଦେଶକୁ ରପ୍ତାନି ହୋଇଛି। ପାରାଦୀପରୁ ଏହା ପ୍ରଥମ ଥର ଲାଗି ଏହି କାର୍ଯ୍ୟ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍ଏଲ୍) ଦ୍ୱାରା ସମ୍ପନ୍ନ ହୋଇଛି। ଏହି ରପ୍ତାନି କାର୍ଯ୍ୟ ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ୍ ଲିମିଟେଡ୍ ସମ୍ଭାଳିଥିବା



ବେଳେ ୧୨୮ଟି ଭାରି ଏବଂ ଛୋଟ ଉପକରଣ ରପ୍ତାନି କରାଯାଇଛି। ଏଥିମଧ୍ୟରେ ରହିଛି ୩୭ଟି ହଲ୍‌ପାକ୍ ଡମ୍ପର ଏବଂ ୪୫୦୦ ମେଟ୍ରିକ୍ ଟନ୍ ଓଜନର ଏସ୍କାଭେଟର ରହିଛି। ଏସବୁ ଇଣ୍ଡୋନେସିଆର ତାବୋନିଓ ବନ୍ଦରକୁ ପଠାଯାଇଛି। ସେଠାରେ ଖଣିଜ ଉତ୍ତୋଳନ କାର୍ଯ୍ୟରେ ଏହା ବ୍ୟବହାର ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଓଏସ୍ଏଲ୍ ପ୍ରଥମ ଥର ପାଇଁ ଓଡ଼ିଶାର ପାରାଦୀପ ବନ୍ଦରରୁ ଏତେ ଅଧିକ ପରିମାଣର ସାମଗ୍ରୀ ପରିବହନ କରିଛି। ଟି.ପି. ରୟ ଚୌଧୁରୀ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ ଯଥାକ୍ରମେ ଷ୍ଟିଭେଡର୍ସ ଏବଂ ରପ୍ତାନି ସଂକ୍ରାନ୍ତ ଏଜେଣ୍ଟ ଭାବେ କାମ କରୁଛନ୍ତି। ବନ୍ଦର ଏବଂ ଜାହାଜର ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରି ଉପକରଣଗୁଡ଼ିକୁ ସତର୍କତାର ସହ ଲୋଡ୍ କରାଯାଇଥାଏ। ନିମ୍ନ ଚାପ ଯୋଗୁ ଲୋଡିଂ ପ୍ରଭାବିତ ହୋଇଥାଏ, ରପ୍ତାନିକାରୀ ଏବଂ ଜାହାଜଗୁଡ଼ିକ ଲୋଡିଂ ସମୟରେ ସତର୍କତା ଅବଲମ୍ବନ କରିଥାଆନ୍ତି। ଆଗକୁ ଏଭଳି ବିଭିନ୍ନ ରପ୍ତାନିର ଯୋଜନା ରହିଥିବା ଜଣାପଡ଼ିଛି।

# ସାଂସ୍କୃତିକ ବିବିଧତା ପାଳନ କରୁଛି ଟାଟା ଟି

ନୂଆଦିଲ୍ଲୀ,୨୦।୮

ଟାଟା ଟି ପ୍ରିମିୟମ ପକ୍ଷରୁ ଭାରତୀୟ କାରିଗରଙ୍କ କାମକୁ ପ୍ରସାର କରୁଥିବା ଷ୍ଟାର୍ଟଅପ୍ ସଂସ୍ଥା ରେୟାର ପ୍ଲାନେଟ୍ ସହଯୋଗରେ ଏକ ସ୍ୱତନ୍ତ୍ର ଦେଶ୍ କା କୁଲ୍‌ଡ ସମ୍ଭାର ଜରିଆରେ ଏହି ସ୍ୱାଧୀନତା ଦିବସକୁ ପାଳନ କରାଯାଉଛି। ହାତରେ ଚିତ୍ରାଙ୍କନ କରାଯାଇଥିବା କୁଲ୍‌ଡ ବିକ୍ରିରୁ ଯେଉଁ ଆୟ ହେବ ତାହା ବର୍ତ୍ତମାନ ସମୟରେ ଗୁରୁତର ଭାବେ ପ୍ରଭାବିତ ହୋଇଥିବା କାରିଗର ଗୋଷ୍ଠୀଙ୍କୁ ସହାୟତା ପ୍ରଦାନ କରିବାରେ ବିଶେଷ ସହାୟକ ହେବ। ଏହି ସ୍ୱତନ୍ତ୍ର କୁଲ୍‌ଡଗୁଡ଼ିକୁ ଅଞ୍ଚଳଭିତ୍ତିକ କଳାରେ ହାତରେ ତିଆରି କରାଯାଇଛି। ବିହାରର ମଧୁବନୀ ଲୋକକଳା, ମହାରାଷ୍ଟ୍ରର ୱର୍ଲି କଳା, ପଞ୍ଜାବର ଫୁଲକାରି କଳା, ଓଡ଼ିଶାର ପଟଚିତ୍ର, ଝୁପିର ସାଂଝି କଳା ଇତ୍ୟାଦି ରହିଛି। ଦେଶ୍ କା କୁଲ୍‌ଡ ସମ୍ଭାରରେ ୨୬ଟି ଜିଲାର କୁଲ୍‌ଡ ଡିଜାଇନ୍ ରହିଥିବା ବେଳେ ପ୍ରତି କୁଲ୍‌ଡ ଭାରତର ବିଭିନ୍ନ ଅଞ୍ଚଳର ପ୍ରତିନିଧିତ୍ୱ କରୁଛି। ପ୍ରତି ଅଞ୍ଚଳର ଲୋକପ୍ରିୟ ମୋଟିଭ୍ ଓ ପରିଚିତ ସ୍ଥଳ ବିଷୟ ଉପରେ ଏହା ଆଧାରିତ। ପ୍ରତିଟି କୁଲ୍‌ଡ ସେହି ଅଞ୍ଚଳର ସ୍ୱତନ୍ତ୍ର କଳାକୁ ପାଳନ କରୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


ଜନ୍ମଦିନ ଶୁଭେଚ୍ଛା



ଶୁଭାବି ମଲ୍ଲିକ

ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ ଏତିକି କାମନା ।

ଶୁଭେଚ୍ଛା ସହ:- ଜେଜେବାପା, ଜେଜେମାଆ, ବାପା, ମାଆ, ବଡ଼ବାପା, ବଡ଼ମାଆ, ଦାଦା, ଖୁଡୀ, ଅଜା, ଆଈ, ମାମୁ, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ ।

ଧ-୨୧୩୯୮

ଷଷ୍ଠ ଜନ୍ମଦିନ ଶୁଭେଚ୍ଛା




ସୃଷ୍ଟି ଶୁଭାଂକ୍ଷୀ

ଶ୍ରୀରାମ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର

ଆଜି ତୋର "ଷଷ୍ଠ" ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୁଭେଚ୍ଛା ସହ:- ଦାସ ଫ୍ୟାମିଲ୍ ଜୟ ମାତାଦି

ଧ-୭୦୯୪୮

CLASSIFIED DISPLAY

| TARIFF | MORE SPACE • SAME PRICE | | | | | | | | GST 5% |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | | |
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |


# ଦାମୋଦର ନନ୍ଦଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୦।୮



ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ) ର ବରିଷ୍ଠ ଅଧିକାରୀ ତଥା ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ମହାସଂଘର ଓଡ଼ିଶା ରାଜ୍ୟ ସଭାପତି ଦାମୋଦର ନନ୍ଦଙ୍କୁ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଂଘର ବରିଷ୍ଠ କର୍ମକର୍ତ୍ତା ଓ ଅନ୍ୟ ପଦାଧିକାରୀମାନଙ୍କ ଉପସ୍ଥିତିରେ ଏକ ଭାବବିହ୍ୱଳ ପରିସ୍ଥିତିରେ ନନ୍ଦଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଇଓବିର ସର୍ବଭାରତୀୟ ସଭାପତି ଭବାନୀ ଶଙ୍କର ମିଶ୍ର ଏବଂ ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ମହାସଂଘର ଯୁଗ୍ମ ସାଧାରଣ ସମ୍ପାଦକ ସବ୍ୟସାଚୀ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଓଆଇର ଷ୍ଟାର କୃଷି ବିକାଶ କେନ୍ଦ୍ର

ଭୁବନେଶ୍ୱର,୨୦।୮

ବ୍ୟାଙ୍କ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କୃଷି ଓ କୃଷକମାନଙ୍କର ଉନ୍ନତି ନିମନ୍ତେ ଏକ 'ଷ୍ଟାର କୃଷି ବିକାଶ କେନ୍ଦ୍ର' ଖୋଲାଯାଇଛି। ବ୍ୟାଙ୍କର ଉପ ମହାପ୍ରବନ୍ଧକ ତଥା କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଉମେଶ କୁମାର ରଥଙ୍କ ଦ୍ୱାରା ଏହି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଚାଷୀମାନଙ୍କ କୃଷି ଋଣ ସମ୍ବନ୍ଧୀୟ ସମସ୍ତ ସମସ୍ୟାର ସରଳ ସମାଧାନ ପାଇଁ ଏହି କେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟ କରିବେ ବୋଲି ରଥ କହିଥିଲେ। କାର୍ଯ୍ୟକ୍ରମରେ ସହାୟକ ମହା ପ୍ରବନ୍ଧକ ଆଲୋକ ରଞ୍ଜନ ଦାଶ, ଅଗ୍ରଣୀ ଜିଲା ପ୍ରବନ୍ଧକ ରବି ନାରାୟଣ ମହାଲିକ, ସରୋଜ କୁମାର ସାହୁ, ସୁଶାନ୍ତ କୁମାର ପ୍ରଧାନ (ମୁଖ୍ୟ ପ୍ରବନ୍ଧକ), ଷ୍ଟାର କୃଷି ବିକାଶ କେନ୍ଦ୍ରର ମୁଖ୍ୟ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି

ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ



✓ ଦେବେନ୍ଦ୍ରନାଥ ଦାସ
(ପୂର୍ବତନ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର, ଓୟୁଏଟି)
ଏମ୍-୨୦, ଭୀମଟାଙ୍ଗୀ,
ହାଉସିଂବୋର୍ଡ କଲୋନୀ,ଭୁବନେଶ୍ୱର

ଆବିର୍ଭାବ : ନୃସିଂହ ଚତୁର୍ଦ୍ଦଶୀ ୧୯୨୫
ତିରୋଧାନ : ୨୭.୦୮.୨୦୦୭

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ବନ୍ଧୁ ଓ ପରିବାରବର୍ଗ

ଧ-୨୧୪୦୩

ତୋରି ସ୍ମୃତିରେ



✓ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ - ବୋଉ ଓ ଆତ୍ମୀୟ ସ୍ୱଜନ

ଧ-୭୧୧୩୪

OBITUARY



✓Shasanka Mishra
DOB- 28.09.1991
DOD- 21.08.2020

*One year ago you walked away quietly leaving behind parents, brother, friends & relatives, but your memories and imprints are still with us.*

Unfortunate
Father, Mother & Brother

ଧ-୨୧୪୦୦



FINANCE
Pvt. Finance Secured /Unsecured
10Cr to 100Cr.
against property at low Interest.
9008185706
9588088806

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ସୁନାଭଉଣୀ

ଆସିଛି ଆଜି ରାଖୀ ପୂନେଇଁ
ଖୁସିରେ କୁନି ଅଧିର ହୋଇ।
ଚନ୍ଦନ ଟିପା କପାଳେ ଦେବି
ମୋ ଭାଇ ହାତେ ରାଖୀ ବାନ୍ଧିବି।
କୁନା ହାତକୁ ବଢ଼ାଇ ଦେଲା
ଖୁସିରେ କୁନି ରାଖୀ ବାନ୍ଧିଲା।
ରକ୍ଷା କବଚ ଏ ରାଖୀର ସୂତ୍ର
ମୋ ଭାଇ ହୋଇବ ଜଗତ ଜିତା।
କ୍ଷମା କରୁଥିବ ଦୋଷ ମୋହର
ସୁନା ଭଉଣୀ ମୁଁ ସାତ ଜନ୍ମର।
ରାଖୀ ବାନ୍ଧି କୁନା ଦେଲା ଆଶିଷ
ପାଠ ପଢ଼ି ହେବୁ ଭଲ ମଣିଷ।

*–କବିତା ମିଶ୍ର,*
*ନୀଳାଦ୍ରିବିହାର, ଭୁବନେଶ୍ୱର*



## ରାଖୀ ବାନ୍ଧିଦେ

ମୋ ସୁନାଭଉଣୀ
ଅତି ନିଜର ତୁ
ଅତୁଟ ବନ୍ଧନ ଆମ,
ବିପଦେ ଆପଦେ
ତତେ ସାହା ହେବା
ମୋ ଜୀବନେ ବଡ଼କାମ।
କରିବିନି କଳି
ତୋ ଅଝଟ ଅଳି
ଖୁସିମନେ ଯିବି ସହି
ଭରିଦେବି ଓଠେ
ଚୂନା ଚୂନା ହସ
ମଜା ଗୀତ ଗପ କହି ।
ଭୁଲିବିନି ତତେ
ଜିଇଥିବା ଯାଏଁ
କରିବି ଆଦର ଗେଲ
ପୁନିଅଁ ପରବେ
ଯିବି ତୋପାଖକୁ
ନେଇ ମିଠା ଫଳ ଫୁଲ।
ଥିଲେ ଯେତେ ଦୂରେ
ମୋ ସୁନାଭଉଣୀ
ରାଖୀ ବାନ୍ଧୁଥିବୁ ହାତେ
ସୁଖେ ବିତିଯାଉ
ଜୀବନଟି ତୋର
ଦୁଃଖ ପଛେ ମିଳୁ ମତେ।

*–ପ୍ରଶାନ୍ତ କୁମାର ଦାଶ ,*
*କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ*

## ରାଖୀ

ରାଖୀ ନୁହେଁ ସେ ତ ଭାବ ଦଉଡ଼ି
ସେନେହ ମମତା ସମ୍ପର୍କ ଡୋରି।
ଭାଇ ଭଉଣୀର ମନ ଯୋଡ଼ିଦିଏ
ବନ୍ଧା ସବୁଦିନ ତୋ ହାତରେ।
ତୋ ପ୍ରୀତି ପରଶ ହାତରେ ଧରି
ମନେ ରଖିଥିବୁ ରେଶମୀ ଡୋରି।
ତୋ ଡୋରିରେ ବନ୍ଧା ହୃଦୟ ତରୀ
ଭୁଲି ହୁଏ ନାହିଁ ସ୍ନେହ ତୋହରି।

*–ଡ. ବିଜ୍ଞାନ ମହାନ୍ତି*
*୩୫, ସୂର୍ଯ୍ୟନଗର,ଭୁବନେଶ୍ୱର*

## କୁନି ବସିଛି ଚାହିଁ

ଭାଇ ମୋ ଆଜି ଆସିବା ପାଇଁ
ଦେଇଥିଲା ଟି କଥା,
ସକାଳୁ ଉଠି ରହିଛି ଚାହିଁ
ଘୂରିଯାଏ ମୋ ମଥା।
କିଣିଛି ରାଖୀ କେଡ଼େ ସରାଗେ
ଯତନେ ବାନ୍ଧିଦେବି,
ତା' ପାଦ ଛୁଇଁ ହସି ହସିକା
ଆଶିଷ ଟିକେ ନେବି।
ଟିପିଟିପିକା ଚନ୍ଦନ ଟିପା
ଆଙ୍କି କପାଳେ ତା'ର,
କହିବି କାନେ ସେନେହ ଡୋର
ଜଗତେ ପରା ସାର।
ମାଗିବି ଶୁଭ ମୋ ଭାଇ ପାଇଁ
ଗୁହାରି କରି କେତେ,
କହିବି ପ୍ରଭୁ, ଦିଅ ଶକତି
ଭାଇକୁ ମୋର ଯେତେ।

*–ଶରତ କୁମାର ଦାସ*
*ବଡବିଲ ମହାବିଦ୍ୟାଳୟ,*
*ବଡ଼ବିଲ, କେନ୍ଦୁଝର*



## ବାନ୍ଧି ଦେବି ରାଖୀ

ମୋ ଭାଇ ହାତରେ
ବାନ୍ଧିଦେବି ରାଖୀ
ଆସିଛି ରାଖୀ ପୂନେଇଁ
ଭାଇ ଭଉଣୀର ମମତା ବନ୍ଧନ
ଅତୁଟ ରଖିବା ପାଇଁ ।
ବରଷକେ ଥରେ ଶ୍ରାବଣ ମାସରେ
ପଡ଼ିଥାଏ ଏହି ଦିନ
ପାଳିଥାନ୍ତି ସଭି ବଳିଆର ଭୁଜ
ବଳରାମ ଜନ୍ମ ଦିନ।
ଭାଇ ଯେ ମୋହର
କୋଟିରେ ଗୋଟିଏ
ବିପଦ ବେଳର ସାହା
ବାଆକୁ ଯେ ତା' ମେଘକୁ ଛତା
ଦୁଃଖରେ କରି ଆହା।

*–ପ୍ରତିଭା ସାହୁ ,*
*ବଇଣ୍ଡା, ଅନୁଗୋଳ*



ଆ
ଇ
ନା


ତାପସୀ
୯ବର୍ଷ

# ଅମୂଲ୍ୟ ଉପହାର

ଗପ

କେତେବେଳୁ ରାତି ପାହିଲାଣି। ହେଲେ ଜୟା ସେଇମିତି ବିଛଣାରେ ଶୋଇଛି। ମା' ତାକୁ ଦୁଇ ଦୁଇ ଥର ଡାକି ଗଲେଣି ତଥାପି ସେ ଉଠୁନାହିଁ। ପୁଣିଥରେ ତା ମା' ଆସି ଡାକମାରି କହିଲେ, ''କଥା କ'ଣ କିରେ ମା' ତୁ ଏମିତି ଶୋଇ ରହିଛୁ। ଦେହ ଭଲ ନାହିଁ କି ? ତୁ ତ ମାମୁ ଘରକୁ ଯିବାପାଇଁ ଆଗେ ବାହାରିପଡୁ। ଆଜି ତୋର କ'ଣ ହୋଇଛି ?''

''ଆଜି ମାମୁ ଘରକୁ ଯିବାପାଇଁ ମୋର ଆଦୌ ଇଚ୍ଛା ନାହିଁ ମା'।''

ଜୟାର ନିଜର କେହି ଭାଇ ନାହାନ୍ତି। ସେଥିପାଇଁ ସେ ପ୍ରତିବର୍ଷ ତା' ମାମୁ ପୁଅ ଭାଇ ପଙ୍କଜ ହାତରେ ରାଖୀ ବାନ୍ଧେ। ପଙ୍କଜ ବି ତା'ପାଇଁ କିଛି ନା କିଛି ଉପହାର ଦିଏ। ତା' ସ୍କୁଲ ସାଥୀ ପିଙ୍କି ଓ ରିଆ ତାଙ୍କ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଖୁବ୍ ଦାମୀ ଉପହାର ସବୁ ପାଆନ୍ତି। ହେଲେ ଜୟା ପାଇଁ ପଙ୍କଜ ସାଧାରଣ ଭାବେ କେବେ ଖେଳଣା, କେବେ ଚକୋଲେଟ ପ୍ୟାକେଟଟିଏ ଦେଇ ଭୁଲେଇ ଦିଏ। ସେଥିପାଇଁ ସେ ଆଉ ଆମୁ ଘରକୁ ଯିବନାହିଁ କି ପଙ୍କଜ ହାତରେ ରାଖୀ ବାନ୍ଧିବ ନାହିଁ ବୋଲି ଅଭିମାନରେ ଶୋଇରହିଛି।

ତା' ମା' ଏକଥା ଜାଣିବାପରେ ତାକୁ ବୁଝେଇ କହିଲେ, ''ମା'ରେ ଏମିତି ଭାବିବା ବଡ଼ ଖରାପ କଥା। କେହି ସ୍ନେହରେ ଦେଇ ଥିବା ଉପହାରକୁ କୌଣସି ମୂଲ୍ୟ ସହିତ ତୁଳନା କରାଯାଏନା। ତୋ ମାମୁ, ମାଈଁ, ପଙ୍କଜ ଭାଇ ତୋତେ କେତେ ସ୍ନେହ ଆଦର କରନ୍ତି। ସେସବୁର କ'ଣ ତୋ ପାଇଁ କିଛି ମୂଲ୍ୟ ନାହିଁ? ଯା ଆଉ ଲେଟ୍ କରନା, ମାମୁ ଘରକୁ ଯିବାପାଇଁ ଶୀଘ୍ର ବାହାରିପଡ଼।''

ମାମୁ ଘରେ ପହଞ୍ଚି ସେମାନଙ୍କ ସ୍ନେହ ଆଦର ପାଇ ଜୟା ପଛ କଥା ସବୁ ଭୁଲିଗଲା। ପଙ୍କଜ ଭାଇ କପାଳରେ ଚନ୍ଦନ ଓ ସିନ୍ଦୂର ଟିକା ଲଗେଇ ରାଖୀ ବାନ୍ଧିଦେଲା। ଗିନାରେ ଥିବା ରସଗୋଲା ଖୋଇଦେଲା। ମୁଣ୍ଡିଆ ମାରି ପ୍ରଣାମ କଲା। ତା' ମାଈଁ ନିଜ ହାତରେ ସିଲାଇ କରିଥିବା ଗୋଲାପୀ ରଙ୍ଗର ସୁନ୍ଦର ଫ୍ରକ୍ ତାକୁ ଉପହାର ଦେଲେ। ନୂଆ ଫ୍ରକ ପିନ୍ଧି ଜୟା ଖୁସି ମନରେ ଘୂରି ବୁଲିଲା।

ରକ୍ଷା ବନ୍ଧନର ଗୋଟେ ସପ୍ତାହ ପରେ ଜୟାର ସ୍କୁଲ ପରୀକ୍ଷା ଆରମ୍ଭ ହେଲା। କିନ୍ତୁ ସେ ପାଠ ଭଲ ପଢ଼ି ନ ଥିବାରୁ ପରୀକ୍ଷାରେ ଫେଲ ହୋଇଗଲା। ପରୀକ୍ଷାରେ ଫେଲ ହେବା ଯୋଗୁଁ ତା' ବାପା ତା' ପ୍ରତି ଖୁସି ହେଲେ ନାହିଁ। ତା' ମା' ବି ଚିନ୍ତା କଲେ ଏଇ ଦିନରୁ ଏମିତି ଅସଫଳ ହେଲେ ଆଗକୁ ସଫଳ ହୋଇପାରିବ ନାହିଁ।



ଦିନେ ଜୟାର ମାଈଁ ତାକୁ ପାଖକୁ ଡାକି କହିଲେ,'ପଙ୍କଜ ଏଇ ଆଖ ପାଖରେ ପିଲାମାନଙ୍କୁ ଟ୍ୟୁଶନ କରାଉଛି। ମୁଁ ତା' ସହିତ କଥା ହୋଇଛି ସେ ତୋତେ ପ୍ରତିଦିନ ଗୋଟେ ଘଣ୍ଟା ପଢ଼େଇବ। ତା' ପାଖରେ ମନ ଲଗାଇ ପଢ଼ିବୁ ଏଥର ଯେମିତି ଭଲ ନମ୍ବର ରଖି ଫାଷ୍ଟ ହେବୁ।''

ତା' ପରଦିନଠାରୁ ପଙ୍କଜ ଜୟାକୁ ପାଠ ପଢ଼ାଇଲା। ସେ ଏତେ ସରଳ ଓ ସୁନ୍ଦର ଭାବେ ବୁଝେଇ ପଢ଼ାଇଲା ଯେ କ୍ରମଶଃ ଜୟା ସବୁ ବିଷୟରେ ଭଲ ପଢ଼ିବାକୁ ଚେଷ୍ଟା କଲା। ଧୀରେ ଧୀରେ ପାଠ ପଢ଼ାରେ ସେ ଏମିତି ମଜିଗଲା ଯେ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ତା' ସାଙ୍ଗ ପିଲାମାନେ ତାକୁ ବହୁତ ଭଲ ପାଇଲେ। ପରୀକ୍ଷା ଫଳ ବାହାରିଲା। ଜୟା ତା' କ୍ଲାସରେ ଫାଷ୍ଟ ହୋଇଥାଏ। ଏଥର ତା' ପ୍ରତି ସମସ୍ତେ ଖୁସି ହେଲେ। ତା' ବାପା ବି ଖୁସିରେ ତାକୁ ଆଦର କଲେ।

ତା' ମା' କହିଲେ, ''ଦେଖିଲୁ ଜୟା ତୋ ପଙ୍କଜ ଭାଇ ତୋ ପାଇଁ କେତେବଡ଼ ଅମୂଲ୍ୟ ଉପହାର ଦେଲା।'' ହଁ ମା' ଆଜି ସମସ୍ତେ ମୋତେ ସ୍କୁଲରେ ପ୍ରଶଂସା କରୁଛନ୍ତି। ଏସବୁ କେବଳ ମୋ ପଙ୍କଜ ଭାଇ ପାଇଁ ହିଁ ସମ୍ଭବ ହୋଇଛି।

*–ସୁଧାଂଶୁ ଶେଖର ଦ୍ୱିବେଦୀ*
*ବିସି–୭୪, ସଲଟ ଲେକ,*
*କୋଲକାତା*
*ମୋ:୯୬୮୧୩୭୩୫୧୨*

ଗିନିଜ୍ ୱାର୍ଲ୍ଡ ରେକର୍ଡ

## ସବୁଠୁ ଦାମୀ ସାଣ୍ଡୱିଚ୍



ପିଲାମାନେ ତୁମେ ତ ସାଣ୍ଡୱିଚ୍ ଖାଇଥିବ। ହେଲେ ଏମିତି ଏକ ସାଣ୍ଡୱିଚ୍ କେବେ ଦେଖିଛ କି ଯାହାର ଦାମ୍ ୧୬ହଜାର ଟଙ୍କା। ଗୋଟିଏ ସାଣ୍ଡୱିଚର ଦାମ୍ ଏତେ ଟଙ୍କା ଶୁଣିଲେ ତୁମକୁ ଆଶ୍ଚର୍ଯ୍ୟ ତ ନିଶ୍ଚୟ ଲାଗୁଥିବ। କିନ୍ତୁ ଏମିତି ଏକ ସାଣ୍ଡୱିଚ୍ ତିଆରି ହୋଇଛି ନ୍ୟୁୟର୍କର 'ସେରେଡିପିଟି–୩' ନାମକ ରେଷ୍ଟୁରାଣ୍ଟରେ। ଏହି ସାଣ୍ଡୱିଚଟି ଏବେ ବିଶ୍ୱର ସବୁଠୁ ଦାମୀ ସାଣ୍ଡୱିଚ୍‌ଭାବେ ବିବେଚିତ ହେଉଛି। ସେଥିପାଇଁ ଏହାକୁ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ଗତ ୭ ବର୍ଷ ମଧ୍ୟରେ ଏହା ସବୁଠୁ ଦାମୀ ସାଣ୍ଡୱିଚ୍‌ଭାବେ ରେକର୍ଡ କରିଛି। ଏହି ସାଣ୍ଡୱିଚ୍‌କୁ ଖାଇବା ପାଇଁ ହେଲେ ୪୮ ଘଣ୍ଟା ପୂର୍ବରୁ ଅର୍ଡର କରିବାକୁ ହେବ, କାହିଁକିନା ଏଥିରେ ବ୍ୟବହାର ହେବାକୁ ଥିବା ଜିନିଷ ସବୁକୁ ଏକତ୍ର କରିବା ଟିକେ କଷ୍ଟକର। ଏଥିରେ ଏକ ସୁନାର ପରସ୍ତ ମଧ ଲଗାଯାଇଛି।

ଶିଶୁ ପ୍ରତିଭା

## ସଙ୍ଗୀତ ଦେଇଛି ପରିଚୟ


ଶ୍ୱେତାଲିସା

ଶ୍ୱେତାଲିସା ଶୁଭଦର୍ଶିନୀ। ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ । ମାତ୍ର ୪ବର୍ଷ ବୟସରେ ଆରମ୍ଭ କରିଥିଲେ ସଙ୍ଗୀତ ସାଧନା। ସଙ୍ଗୀତ ଗୁରୁ ଅମୃତାଂଶୁ ପଟ୍ଟନାୟକ ଓ ସତ୍ୟରଞ୍ଜନ ମହାନ୍ତିଙ୍କଠାରୁ ସଙ୍ଗୀତ ଶିକ୍ଷା କରିବା ସହ ସଙ୍ଗୀତ କ୍ଷେତ୍ରରେ ଆଗେଇ ଚାଲିଛନ୍ତି ଏହି କଣ୍ଠଶିଳ୍ପୀ। ମା' ପ୍ରିୟଦର୍ଶିନୀ ମହାନ୍ତି ଓ ବାପା ଶଶିରଞ୍ଜନ ମଲ୍ଲିକଙ୍କର ଏକମାତ୍ର କନ୍ୟା ହେଉଛନ୍ତି ଶ୍ୱେତାଲିସା। ପିଲାଟି ଦିନରୁ ହିଁ ଗୀତ ଗାଇବା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଆଉ ତା'ପରେ ବାପା–ମା'ଙ୍କ ପ୍ରେରଣା, ନିଜର ନିଷ୍ଠା ବଳରେ ସେ ସଙ୍ଗୀତ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବା ସହ ସାଉଁଟିଛନ୍ତି ପ୍ରଶଂସା ଆଉ ପୁରସ୍କାର।

ଜିଲା ଓ ରାଜ୍ୟସ୍ତରୀୟ ବହୁ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି ସେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାର ସବ୍‌ଜୁନିୟର ବିଭାଗରେ ୨୦୧୬ ମସିହାରେ ପ୍ରଥମ ହୋଇଥିଲେ। ଡିପିଏସ୍ ବାଲେଶ୍ୱର ପକ୍ଷରୁ ୨୦୧୫ରେ ଅନୁଷ୍ଠିତ ଆନ୍ତଃସ୍କୁଲ ପ୍ରତିଯୋଗିତାରେ ସବ୍‌ଜୁନିଅର ବିଭାଗରେ ପ୍ରଥମ, ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବାରିପଦାରେ ଅନୁଷ୍ଠିତ କେଭିଏସ୍ କ୍ଲଷ୍ଟରସ୍ତରୀୟ ମିନି କଲ୍‌ଚରାଲ ମିଟ୍– ୨୦୧୫–୧୬ରେ ପ୍ରଥମ, ରାଢ଼େଠାରେ ରାଜ୍ୟସ୍ତରୀୟ ଲୁଇପା ମହୋତ୍ସବ ପକ୍ଷରୁ ଶିଶୁ ପ୍ରତିଭା ସମ୍ମାନ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ କୁନି କଣ୍ଠଶିଳ୍ପୀ, ଜ୍ଞାନଶ୍ରୀ ଆଦି ସମ୍ମାନ ପାଇଛନ୍ତି। ପ୍ରାର୍ଥନା ଚ୍ୟାନେଲ୍‌ର 'ପ୍ରଥମ ସ୍ୱର', ସାର୍ଥକ ଟିଭିର 'ସାରେଗାମାପା ଲିଟିଲ୍ ଚାମ୍ପ'ରେ ଗୀତ ଗାଇ ନିଜର ଇଚ୍ଛା, ଉଦ୍ୟମ, ଧୈର୍ଯ୍ୟ, ନିଷ୍ଠା, ଆରାଧନା ପାଇଁ ସଫଳତା ଗୋଟାଇଛନ୍ତି। ସେହିପରି ୟୁଟ୍ୟୁବ୍‌ରେ ତାଙ୍କର ଅନେକ ଆଲବମ୍ ଦର୍ଶକଙ୍କୁ ପ୍ରଭାବିତ କରିପାରିଛି। ନିକଟରେ ତାଙ୍କର ଅଡିଓ ସିଡୀ 'ତୁମେ ଜଗନ୍ନାଥ' ଶ୍ରୋତାଦୃତ ହୋଇପାରିବ ବୋଲି ସେ ଆଶା ରଖିଛନ୍ତି।

*–ମାନସ ବିଶ୍ୱାଳ,* ବାଲେଶ୍ୱର

## ଖିଲିଖିଲି ହସ

ହରି– ଆରେ ମତେ କହିଲୁ 'ଆଇ ଆମ୍ ଗୋଇଂ' ମାନେ କ'ଣ ?
ନରି– ମୁଁ ଯାଉଅଛି।
ହରି– କ'ଣ କହିଲୁ... ଆରେ ତତେ ତ ମୁଁ ଜମାରୁ ଛାଡିବିନି। ତୋ ଆଗରୁ ୧୦ଜଣ ଯାଇ ସାରିଲେଣି। ତୁ ମୋତେ ଏହାର ମାନେ କହ...

□ □ □

ଚିଣ୍ଟୁ– ଶିକ୍ଷକ ଓ ଅମ୍ପାୟାର ଭିତରେ ସମାନତା କ'ଣ ଅଛି କହିଲୁ ?
ବଣ୍ଟୁ– ମୁଁ ଜାଣିନି
ଚିଣ୍ଟୁ– ଆରେ ଏତିକି ଜାଣିନୁ ଦୁହେଁ କିଛି କରନ୍ତି ନାହିଁ। ଖାଲି ଛିଡା ହୋଇ ଆଙ୍ଗୁଳି ଦେଖାନ୍ତି।

ଶିକ୍ଷକ– ରାଜୁ ତୁ ଆଜି କାହିଁକି ମୁଣ୍ଡ କୁଣ୍ଡାଇକି ଆସିନାହୁଁ।
ରାଜୁ– ସାର, ମୋ ପାନିଆଟା ହଜି ଯାଇଥିଲା।
ଶିକ୍ଷକ– ତାହେଲେ ତୋ ବାପାଙ୍କ ପାନିଆରେ ମୁଣ୍ଡ କୁଣ୍ଡେଇଲୁନି...
ରାଜୁ– ବାପାଙ୍କ ମୁଣ୍ଡରେ ତ ବୁଟି ନାହିଁ, ତାଙ୍କର ବି ପାନିଆ ହିଁ ନାହିଁ।


ସାଇ ସ୍ନିଗ୍ଧା ଦାସ
କ୍ଲାସ–୧, ସେଣ୍ଟ ଆଣ୍ଟୋନୀ ସ୍କୁଲ, ବିଦ୍ୟାଧରପୁର, କଟକ







ଦେବାଂଶୁ ଆଚାର୍ଯ୍ୟ
କ୍ଲାସ–୨, ବିବିଆଇଟି ପବ୍ଲିକ ସ୍କୁଲ, ବୁଗୁବୁଗି, କୋଲକାତା


ମଇରା ନନ୍ଦ
କ୍ଲାସ– ୟୁକେଜି, ପ୍ରକୃତି ପ୍ରି ସ୍କୁଲ ଅଫ୍ ମଦର୍ସ ପବ୍ଲିକ ସ୍କୁଲ, ବାପୁଜିନଗର, ଭୁବନେଶ୍ୱର







ସାଦ୍ୟାନ୍ତ ଶତପଥୀ
କ୍ଲାସ–୩, ମଦର୍ସ ପବ୍ଲିକ ସ୍କୁଲ, ପୁରୀ

ଟଗଲା ଭୀମୁ



# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୧/୨୦୨୧ Bhubaneswar, Saturday, August 21/ 2021


# ‘ଭାରତ ୫ ସ୍ୱର୍ଣ୍ଣ ସମେତ ୧୫ ପଦକ ଜିତିବ’

**ନୂଆଦିଲ୍ଲୀ,୨୦।୮(ପି.ଟି.)**

ଆଗାମୀ ଟୋକିଓ ପାରାଲିମ୍ପିକ୍ସରେ ଭାରତ ଏଥର ପୂର୍ବଠାରୁ ଅଧିକ ଭଲ ପ୍ରଦର୍ଶନ କରିବ। ୫ ସ୍ୱର୍ଣ୍ଣ ସହ ଭାରତ ମୋଟ ୧୫ଟି ପଦକ ହାସଲ କରିବ ବୋଲି ଟୋକିଓ ଅଲିମ୍ପିକ୍ସ ପାଇଁ ନିଯୁକ୍ତ ଭାରତୀୟ ଚିଫ୍ ଡି ମିସନ ଗୁରଶରନ ସିଂ କହିଛନ୍ତି। ଏଥର ୯ଟି କ୍ରୀଡ଼ାରେ ଭାରତର ୫୪ଜଣ ଆଥ୍ଲେଟ ଅଂଶଗ୍ରହଣ କରିବେ। ପାରାଲିମ୍ପିକ୍ ଇତିହାସରେ ଏହା ଭାରତର ସର୍ବବୃହତ୍ ଦଳ ସାବ୍ୟସ୍ତ ହୋଇଛି। ଭାରତୀୟ ଆଥ୍ଲେଟମାନେ ପାରା ଆର୍ଚେରୀ, ପାରା ଆଥ୍ଲେଟିକ୍ସ, ପାରା ବ୍ୟାଡ୍ମିଣ୍ଟନ, ପାରା କାନୋଇଂ, ଶୁଟିଂ ପାରା ସ୍ପୋର୍ଟ୍ସ, ପାରା ସୁଇମିଂ, ପାରା ପାୱାରଲିଫ୍ଟିଂ, ପାରା ଟେବୁଲ ଟେନିସ ଓ ପାରା ଟାଏକୋଣ୍ଡୋ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

ପାରାଲିମ୍ପିକ୍ସରେ ଏଥର ଆମର ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରିବ ବୋଲି ଗୁରଶରନ କହିଛନ୍ତି। ଆମ ପାରା ଆଥ୍ଲେଟମାନେ ଗତ କିଛି ବର୍ଷ ହେବ କଠିନ ପରିଶ୍ରମ କରିଛନ୍ତି ଓ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ସେମାନେ ବେଶ୍ ଉତ୍ସାହିତ ଅଛନ୍ତି। ୫ ସ୍ୱର୍ଣ୍ଣ ସହ ମୋଟ ୧୫ ପଦକ ହାସଲ କରିବୁ ବୋଲି ଆଶା କରୁଛୁ। ପାରା ଆଥ୍ଲେଟିକ୍ସ, ପାରା ବ୍ୟାଡ୍ମିଣ୍ଟନ, ପାରା ଶୁଟିଂ ଓ ପାରା ଆର୍ଚେରୀରେ ପଦକ ସମ୍ଭାବନା ଅଧିକ ରହିଛି ବୋଲି ସେ କହିଛନ୍ତି। ଭାରତ ଏ ପର୍ଯ୍ୟନ୍ତ ୧୧ଟି ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିଛି ଓ ୪ ସ୍ୱର୍ଣ୍ଣ ସହ ମୋଟ ୧୨ଟି ପଦକ ହାସଲ କରିଛି।



ଶୁକ୍ରବାର ନୂଆଦିଲ୍ଲୀରୁ ଟୋକିଓ ଯାତ୍ରା କରିଥିବା ଭାରତୀୟ ଭାରୋତ୍ତୋଳନ ଦଳ ସହ କର୍ମକର୍ତ୍ତାମାନେ।

ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଅଧ୍ୟକ୍ଷ ଦୀପା ମଲିକଙ୍କ ନେତୃତ୍ୱରେ ପ୍ରଥମ ବ୍ୟାଚର ଭାରତୀୟ ଦଳ ଇତିମଧ୍ୟରେ ଟୋକିଓରେ ପହଞ୍ଚି ସାରିଛି। ଭାରତର ପତାକା ବାହକ ଟି. ମେରିୟାପ୍ପାନ ଟୋକିଓରେ ପହଞ୍ଚି ସାରିଛନ୍ତି। ହାଇଜମ୍ପରେ ସେ ଏଥର ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି। ନ୍ୟାଶନାଲ ସିଲେକଶନ ଟ୍ରାଏଲରେ ମାରିୟାପ୍ପାନ ୧.୮୬ ମିଟର ଡେଇଁଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ପରେ ଏହା ମୋର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ବୋଲି ସେ କହିଛନ୍ତି। ଏକ ସଡକ ଦୁର୍ଘଟଣାରେ ମେରିୟାପ୍ପାନ ଶିକାର ହୋଇ ସବୁଦିନ ପାଇଁ ଦିବ୍ୟାଙ୍ଗ ହୋଇଯାଇଥିଲେ। ୨୦୧୭ରେ ଗୋଇଠିରେ ଆଘାତ ପାଇଥିଲେ। ତେବେ ଏବେ ସୁସ୍ଥ ଅନୁଭବ କରୁଛି ଓ ସ୍ୱର୍ଣ୍ଣ ପଦକ ହାସଲ କରିବି ବୋଲି ଆଶା କରୁଥିବା ସେ କହିଛନ୍ତି।

ମେରିୟାପ୍ପାନଙ୍କୁ ବାଦ୍ ଦେଲେ ପାରା ଜାଭେଲିନ ଥ୍ରୋୟର ତଥା ଦୁଇଥର ପାରା ଅଲିମ୍ପିକ ଚାମ୍ପିୟନ ହୋଇଥିବା ଦେବେନ୍ଦ୍ର ଝାଝରିଆ (ଏଫ୍ ୪୬) ପଦକ ଜିତିବେ ବୋଲି ଆଶା କରାଯାଉଛି। ସେହିପରି ବିଶ୍ୱ ଚାମ୍ପିୟନ ସୁନ୍ଦର ସିଂ ଗୁର୍ଜର ଓ ଅଜିତ ସିଂ (ଏଫ୍ ୪୬), ବିଶ୍ୱ ଚାମ୍ପିୟନ ଓ ବିଶ୍ୱ ରେକର୍ଡଧାରୀ ସନ୍ଦୀପ ଚୌଧୁରୀ (ଏଫ୍ ୬୪), ନବଦୀପ ସିଂ (ଏଫ୍ ୪୧) ଏବଂ ଅନ୍ୟମାନେ ପାରା ଜାଭେଲିନ୍‌ରେ ଏଥର ଭାରତ ପାଇଁ ପଦକ ଜିତିବେ ବୋଲି ଆଶା କରାଯାଉଛି। ଶୁଟିଂ ଓ ବ୍ୟାଡ୍ମିଣ୍ଟନରେ ମଧ୍ୟ ଭାରତୀୟ ଆଥ୍ଲେଟମାନେ ପଦକ ଜିତିବେ ବୋଲି ଆଶା କରାଯାଉଛି।

ଏକାଧିକ ବାର ବିଶ୍ୱ ଚାମ୍ପିୟନଶିପ ହାସଲ କରିଥିବା ୧ ନମ୍ବର ବ୍ୟାଡ୍ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଭାରତୀୟ ପାରା ବ୍ୟାଡ୍ମିଣ୍ଟନ ଦଳର ନେତୃତ୍ୱ ନେବେ ଓ ପୁରୁଷ ଏସ୍‌ଏଲ୍ ୩ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବେ ବୋଲି ଆଶା କରାଯାଉଛି। ବିଶ୍ୱର ୨ ନମ୍ବର ବ୍ୟାଡ୍ମିଣ୍ଟନ ଖେଳାଳି କ୍ରିଷ୍ଣା ନଗର (ଏସ୍‌ଏଚ୍ ୬) ଓ ତରୁନ ଧିଲନ (ଏସ୍‌ଏଲ୪) ଏବଂ ଅନ୍ୟ ପାରା ବ୍ୟାଡ୍ମିଣ୍ଟନ ଖେଳାଳିମାନେ ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ସେହିପରି ଆର୍ଚେରୀରେ ଭାରତର ରାକେଶ କୁମାର ଓ ଶ୍ୟାମସୁନ୍ଦର (କମ୍ପାଉଣ୍ଡ), ବିବେକ ଚିକାରା ଓ ହରବିନ୍ଦର ସିଂ (ରିକର୍ଭ) ଏବଂ ମହିଳା ଆର୍ଚର ଜ୍ୟୋତି ବଲିୟାନ (କମ୍ପାଉଣ୍ଡ ଇଣ୍ଡିଭିଜୁଆଲ/ ମିକ୍ସଡ ଇଭେଣ୍ଟ)ରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

# ଶୈଳୀ ସିଂ ଲଙ୍ଗ୍‌ଜମ୍ପ ଫାଇନାଲରେ

**ନାଇରୋବି, ୨୦।୮(ପି.ଟି.)**

ଉଦୀୟମାନ ଲଙ୍ଗ୍‌ଜମ୍ପର ଶୈଳୀ ସିଂ ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାଲିଫାଇଂ ରାଉଣ୍ଡରେ ୬.୪୦ ମିଟର ପ୍ରଚେଷ୍ଟା ସହ ସେ ଶୀର୍ଷରେ ରହିଥିଲେ। ଶୈଳୀ ଦେଶ ପାଇଁ ପଦକ ଜିତିବେ ବୋଲି ଆଶା କରାଯାଉଛି। ହେଲେ ରବିବାର ହେବାକୁଥିବା ଫାଇନାଲରେ ତାଙ୍କୁ ବିଶ୍ୱର କେତେଜଣ ଶ୍ରେଷ୍ଠ ଲଙ୍ଗଜମ୍ପରଙ୍କ ସହ ମୁକାବିଲା କରିବାକୁ ପଡ଼ିବ। ସେମାନଙ୍କ ମଧ୍ୟରୁ ଜଣେ ହେଲେ ସୁଇଡେନ୍‌ର ୧୮ ବର୍ଷୀୟା ମାଜା ଆସ୍କାଗ୍, ଯିଏକି ଗତ ମାସରେ ୨୦ ବର୍ଷରୁ କମ୍ ୟୁରୋପିଆନ ଟାଇଟଲ ଜିତିଥିଲେ। ସେ ଏଠାରେ ତାଙ୍କ ଶ୍ରେଷ୍ଠ ଜମ୍ପ ୬.୩୯ ମିଟର ସହ ଗ୍ରୁପ୍-ଏ ବିଜୟିନୀ ହୋଇଥିବାବେଳେ ଓଭରଅଲ୍ ଦ୍ୱିତୀୟ ଶ୍ରେଷ୍ଠ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟମାନେ ହେଲେ ବ୍ରାଜିଲର ଲିସାଣ୍ଡ୍ରା ମେସା କାମ୍ପସ (୬.୩୬ ମିଟର), ଜାମାଇକାର ସାଣ୍ଟେ ଫେରମ୍ୟାନ୍ (୬.୨୭ମିଟର) ଏବଂ ୟୁକ୍ରେନ୍‌ର ମାରିଆ ହୋରିଲୋଭା (୬.୨୪ ମିଟର)। ଏମାନେ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ପ୍ରତିଯୋଗୀ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସିଜନରେ ସମସ୍ତେ ୬.୪୦ମିଟର ନିମ୍ନରେ ଜମ୍ପ କରିଛନ୍ତି। ଝାନ୍ସୀରେ ଜନ୍ମଗ୍ରହଣ କରିଥିବା ଶୈଳୀ ବର୍ତ୍ତମାନ ସେଲିବ୍ରିଟି ଲଙ୍ଗଜମ୍ପର ଅଞ୍ଜୁ ବବି ଜର୍ଜଙ୍କର ବେଙ୍ଗାଲୁରୁସ୍ଥିତ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଅଞ୍ଜୁଙ୍କ ସ୍ୱାମୀ ବବି ଜର୍ଜ ତାଙ୍କୁ କୋଚିଂ ଦେଉଛନ୍ତି। ଅନ୍ୟ ଇଭେଣ୍ଟଗୁଡ଼ିକ ମଧ୍ୟରେ ନନ୍ଦିନୀ ଅଗସରା ହିଟ୍‌ରେ ଚତୁର୍ଥ ଏବଂ ଓଭରଅଲ ୨୧ତମ ସ୍ଥାନରେ ରହି ୧୦୦ମିଟର ହର୍ଡଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ତେଜାସ ଶୀର୍ଷେ (ପୁରୁଷ ୧୧୦ମିଟର ହର୍ଡଲ୍ସ), ପୂଜା (ମହିଳା ୧୫୦୦ମିଟର) ଓ ଶନମୁଗା ଶ୍ରୀନିବାସ (ପୁରୁଷ ୨୦୦ମିଟର) ପ୍ରମୁଖ ସେମିଫାଇନାଲକୁ ଉନ୍ନୀତ ହୋଇପାରି ନାହାନ୍ତି।



ଶୈଳୀ ସିଂ

**୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍**

# କ୍ୱାର୍ଟରରେ ମେଡଭେଡେଭ, ସିତିସପାସ: ଓସାକା ଆଉଟ

**ମାସନ,୨୦।୮(ଏପି)**

**ସିନସିନାଟି ମାଷ୍ଟର୍ସ ଟେନିସ୍**

ସିନସିନାଟି ମାଷ୍ଟର୍ସ ଟେନିସ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ସିଡ୍ ରୁଷିଆର ଡାନିଲ ମେଡଭେଡେଭ, ଗ୍ରୀସ୍‌ର ଷ୍ଟିଫାନୋସ ସିତିସପାସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ବିଶ୍ୱର ୨ ନମ୍ବର ଖେଳାଳି ଜାପାନର ନାଓମି ଓସାକା ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

୨୦୧୯ ଚାମ୍ପିୟନ ମେଡଭେଡେଭ ବୁଲଗେରିଆର ଗ୍ରିଗର ଡିମଟ୍ରୋଭଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଏଥିସହ ସେ କ୍ରମାଗତ ୭ଟି ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ସେହିପରି ସିତିସପାସ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ୫-୭, ୬-୩, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅଲିମ୍ପିକ୍ ଚାମ୍ପିୟନ ତଥା ତୃତୀୟ ସିଡ୍ ଖେଳାଳି ଜର୍ମାନୀର ଆଲେକଜାଣ୍ଡାର ଜେଭେରେଭ ୬-୨, ୬-୩ ସେଟ୍‌ରେ ଗୁଇଡୋ ପେଲାଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

ଦ୍ୱିତୀୟ ସିଡ୍ ଓସାକା ତୃତୀୟ ରାଉଣ୍ଡରେ ସୁଇଜରଲାଣ୍ଡ ୱାଇଲ୍ଡ କାର୍ଡ ତଥା ବିଶ୍ୱର ୭୬ ନମ୍ବର ଖେଳାଳି ଜିଲ ଟିଚ୍‌ମାନଙ୍କଠାରୁ ୩-୬, ୬-୩, ୬-୩ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଟପ୍ ସିଡ୍ ତଥା ବିଶ୍ୱର ଏକ ନମ୍ବର ମହିଳା ଖେଳାଳି ଅଷ୍ଟ୍ରେଲିଆର ଆସଲେ ବାର୍ଟି ଗତଥରର ଚାମ୍ପିୟନ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କାଙ୍କୁ ୬-୦, ୬-୨ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ପୂର୍ବତନ ଚାମ୍ପିୟନ କାରୋଲିନା ପ୍ଲିସ୍କୋଭା ଆମେରିକାର ଜେସିକା ପେଗୁଲାଙ୍କୁ ୬-୪, ୭-୬ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି।



ଡାନିଲ ମେଡଭେଡେଭ

# ମିଜୋରାମରେ ଲାଲ୍‌ରେମ୍‌ସିଆମି ସମ୍ମାନିତ

**ଆଇଜଲ, ୨୦।୮(ପି.ଟି.)**

ଅଲିମ୍ପିକ୍ସରୁ ଫେରିବା ପରେ ଭାରତୀୟ ମହିଳା ହକି ଖେଳାଳି ଲାଲରେମ୍‌ସିଆମିଙ୍କୁ ମିଜୋରାମ ସରକାର ରାଜ୍ୟ ହକିର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ମିଜୋରାମ କ୍ରୀଡ଼ା ଓ ଯୁବସେବା ବିଭାଗ ଅଧୀନରେ ମୁଖ୍ୟ କୋଚ୍ ଏକ ଗ୍ରୁପ୍ ଏ’ ପଦବୀ। ଏହା ସହକାରୀ ନିର୍ଦ୍ଦେଶକ ର୍‍ୟାଙ୍କ୍ ସହ ସମାନ। ନିକଟରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳ ଐତିହାସିକ ସଫଳତା ହାସଲ କରି ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଲାଲରେମ୍‌ସିଆମି ଏହି ଦଳର ଅନ୍ୟତମ ସଦସ୍ୟା ଥିଲେ। ରାଜ୍ୟ ସରକାର ବୁଧବାର ତାଙ୍କୁ ତାଙ୍କ ନିଜ ସହର କୋଲାସିବ୍‌ଠାରେ ୬୯୧.୮୫ ବର୍ଗମିଟର ପରିମିତ ଏକ ବାସୋପଯୋଗୀ ପ୍ଲଟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ପୂର୍ବରୁ ଲାଲରେମ୍‌ସିଆମିଙ୍କ ଲାଗି ୨୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ। ଏହି ମହିଳା ହକି ତାରକା ଅଗଷ୍ଟ ୨୫ରେ ମିଜୋରାମରେ ପହଞ୍ଚିବେ। ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ଲାଗି ଅଗଷ୍ଟ ୨୬ରେ ଆଇଜଲସ୍ଥିତ ଭାନାପା ହଲ୍‌ଠାରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଛି। ସେଦିନ ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ୨୧ ବର୍ଷୀୟା ଲାଲରେମ୍‌ସିଆମି ମିଜୋରାମର ପ୍ରଥମ ମହିଳା ଅଲିମ୍ପିଆନ। ତାଙ୍କ ପୂର୍ବରୁ ଏହି ରାଜ୍ୟରୁ ପୁରୁଷ ତୀରନ୍ଦାଜ ସି. ଲାଲରେମ୍‌ସାଙ୍ଗା ଭାରତରୁ ୧୯୯୨ ବାର୍ସିଲୋନା ଓ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ।



ଲାଲରେମ୍‌ସିଆମି

# ଅଷ୍ଟ୍ରେଲୀୟ ପେସର ନାଥାନ ଏଲିସ୍‌ଙ୍କ ଆଇପିଏଲ ଚୁକ୍ତି

**ମେଲବୋର୍ନ,୨୦।୮(ପି.ଟି.)**

୨୬ ବର୍ଷୀୟ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ନାଥାନ ଏଲିସ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଆଇପିଏଲର ବାକିଥିବା ମ୍ୟାଚ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଆଇପିଏଲ୍‌ର ଏହି ସେକେଣ୍ଡ ଲେଗ୍‌ରେ ସେ ସାମିଲ ହେବେ। ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ଏଲିସ୍ ଟ୍ରାଭେଲିଂ ରିଜର୍ଭ ଖେଳାଳିଭାବେ ଦଳରେ ସାମିଲ ହୋଇଛନ୍ତି।

ଏଲିସ୍‌ଙ୍କୁ ୩ଟି ଫ୍ରାଞ୍ଚାଇଜ ନେବାକୁ ପ୍ରୟାସ କରିଥିଲେ। ତେବେ ଶେଷରେ ଗୋଟିଏ ଦଳରେ ସାମିଲ ହୋଇଛନ୍ତି। ଏଲିସ୍ କେଉଁ ଫ୍ରାଞ୍ଚାଇଜରେ ଯୋଗ ଦେଇଛନ୍ତି ସେ ନେଇ କିଛି ଘୋଷଣା କରାଯାଇନାହିଁ। ଆଇପିଏଲ ପରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଏଲିସ ଓ ଅନ୍ୟ ଦୁଇ ଜଣ ରିଜର୍ଭ ଖେଳାଳିଭାବେ ଗୁରୁବାର ଅଷ୍ଟ୍ରେଲିଆ ଦଳରେ ସାମିଲ ହୋଇଥିଲେ। ଢାକାରେ ସେ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରି ହ୍ୟାଟ୍ରିକ ଉଇକେଟ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କ୍ରିକେଟ ଅଷ୍ଟ୍ରେଲିଆ ଏଲିସ୍‌ଙ୍କୁ ଆଇପିଏଲ ଖେଳିବାକୁ ଅନୁମତି ଦେବ ବୋଲି ଆଶା କରାଯାଉଛି। ସେ ବାଂଲାଦେଶର ମହମୁଦୁଲ୍ଲା, ମେହଦି ହାସନ ଓ ମୁସ୍ତାଫିଜୁର ରହମାନଙ୍କୁ କ୍ରମାଗତ ୩ଟି ବଲ୍‌ରେ ଆଉଟ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେ ପ୍ରଥମ ବୋଲର ଭାବେ ଟି୨୦ ପଦାର୍ପଣରେ ହ୍ୟାଟ୍ରିକ ଉଇକେଟ ନେଇ ରେକର୍ଡ କରିଛନ୍ତି। ଅନ୍ୟତମ ଅଷ୍ଟ୍ରେଲୀୟ ବୋଲର ଭାବେ ଟି୨୦ରେ ପୂର୍ବରୁ ବ୍ରେଟ ଲି ଓ ଆଷ୍ଟନ ଅଗର ହ୍ୟାଟ୍ରିକ ଉଇକେଟ ହାସଲ କରିଛନ୍ତି। ତେବେ ଗତ ଜାନୁୟାରୀରେ ହୋଇଥିବା ଖେଳାଳି ନିଲାମରେ ଏଲିସ୍‌ଙ୍କୁ କୌଣସି ଫ୍ରାଞ୍ଚାଇଜ୍ କ୍ରୟ କରି ନ ଥିଲେ।

# ଭାରତୀୟ ଭଲିବଲ ଦଳ ମନୋନୀତ

**ଭୁବନେଶ୍ୱର, ୨୦।୮ (କ୍ରୀଡ଼ା ପ୍ରତିନିଧି)**

ଇରାନର ତେହେରାନଠାରେ ବିଶ୍ୱ ୧୯ ବର୍ଷରୁ କମ୍ ବାଳକ ଭଲିବଲ ଚାମ୍ପିୟନଶିପ୍ ଚଳିତମାସ ୨୪ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗନେବା ପାଇଁ ୧୨ ଜଣିଆ ଭାରତୀୟ ଭଲିବଲ ଦଳ ମନୋନୀତ ହୋଇଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ପକ୍ଷରୁ ଏଥିପାଇଁ ଓଡ଼ିଶା ଭଲିବଲ ଆସୋସିଏଶନକୁ ଚୟନ ଟ୍ରାଏଲ ଦାୟିତ୍ୱ ଦିଆଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୧୯ ବର୍ଷରୁ କମ୍ ଭଲିବଲ ଖେଳାଳିଙ୍କ ଚୟନ ଟ୍ରାଏଲ ଜୁଲାଇ ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୨୦୮ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ମନୋନୀତ ୨୧ ଜଣ ସମ୍ଭାବ୍ୟ ଖେଳାଳିଙ୍କୁ ନେଇ କିଟ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ କୋଚିଂ କ୍ୟାମ୍ପ ଜୁଲାଇ ୨୪ରୁ ଏ ପର୍ଯ୍ୟନ୍ତ ଚାଲିଥିଲା। ସଫଳତାର ସହ କ୍ୟାମ୍ପ ଆୟୋଜନ ପରେ ଭାରତୀୟ ଦଳ ପାଇଁ ୧୨ ଖେଳାଳି ମନୋନୀତ ହୋଇଥିଲେ। ଭାରତୀୟ ଦଳ ସହ ୫ ଅଫିସିଆଲ ଶନିବାର ଭୁବନେଶ୍ୱରରୁ ଇରାନ ଯାତ୍ରା କରିବେ। ଭିଏଫ୍‌ଆଇ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଚୟନ ଟ୍ରାଏଲ ଏବଂ କୋଚିଂ କ୍ୟାମ୍ପ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**୧୯ ବର୍ଷରୁ କମ୍ ବିଶ୍ୱ ଭଲିବଲ ଚାମ୍ପିୟନଶିପ୍**

ଭାରତୀୟ ଦଳ: ସମୀର ଚୌଧାରୀ(ଅଧିନାୟକ, ଦିଲ୍ଲୀ), ସନ୍ଦୀପ (ରାଜସ୍ଥାନ), ଅମନ କୁମାର (ହରିୟାଣା), ହର୍ଷିତ ଗିରି (ଚଣ୍ଡିଗଡ଼), ଅଜୟ କୁମାର (ହରିୟାଣା), ତନିଶ ଚୌଧାରୀ (ଦିଲ୍ଲୀ), ଜୋଶନୁର ଧିଣ୍ଡସା (ପଞ୍ଜାବ), ଜିବିନ ଜୋବ (କେରଳ), ଦ୍ୟୁମନ୍ତ ସିଂ (ରାଜସ୍ଥାନ), ଶ୍ରୀନାଥ ସେଲଭାକୁମାର (ତାମିଲନାଡୁ), ଦିବ୍ୟମ ଶାହି (ଉତ୍ତର ପ୍ରଦେଶ), ଚିଙ୍କାନ୍ନା ଭେନୁ (ତାମିଲନାଡୁ)। ମ୍ୟାନେଜର: ଗଗନେନ୍ଦୁ ଦାଶ, ମୁଖ୍ୟ କୋଚ୍: ପ୍ରୀତମ୍ ସିଂ ଚୌହାନ, ସହକାରୀ କୋଚ୍: ପ୍ରବୀଣ କୁମାର ଶର୍ମା, ବିଜୟ ବାବୁ, ଫିଜିଓ: ଦିଗ୍‌ବିଜୟ ସିଂ ରାଠୋର।



ବିଶ୍ୱ ୧୯ ବର୍ଷରୁ କମ୍ ବାଳକ ଭଲିବଲ ପାଇଁ ମନୋନୀତ ଭାରତୀୟ ଦଳ ଭିଏଫ୍‌ଆଇ ସଭାପତି ଅଚ୍ୟୁତ ସାମନ୍ତଙ୍କ ସହ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୧ ଅଗଷ୍ଟ, ୨୦୨୧



### ମହିଳାଙ୍କୁ ଟଣାଓଟରା ଅଭିଯୋଗରେ ଜଣେ କୋର୍ଟଚାଲାଣ

ଗୋପାଳପୁର, (ଡି.ଏନ.ଏ.): ବିଧବା ମହିଳାଙ୍କୁ ଟଣାଓଟରା କରିବା ସହ ଗାଳିଗୁଲଜ ଅଭିଯୋଗରେ ଶୁକ୍ରବାର ଗୋଳନ୍ଥରା ଥାନା ପୋଲିସ ହଳଦିଆପଦର ଗ୍ରାମର ବିନୁ ଦାସଙ୍କୁ କୋର୍ଟ ଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ ହଳଦିଆପଦର ଗ୍ରାମର ବିଧବା ମହିଳା ତାଙ୍କ ବାପଘରେ ରହୁଥିଲେ। ଉକ୍ତ ଗ୍ରାମର ବିନୁ ଉକ୍ତ ମହିଳାଙ୍କୁ ରାସ୍ତା ଘାଟରେ ଦେଖି ହଇରାଣ ହରକତ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଗତ ୬ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ମହିଳା ଜଣକ ଘରେ ଥିବା ସମୟରେ ଯୁବକ ଜଣକ ତାଙ୍କ ଘରକୁ ଯାଇ ଶାରୀରିକ ସମ୍ପର୍କ ରଖିବାକୁ କହିବା ସହ ଟଣାଓଟରା କରିଥିଲେ। ମହିଳାଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ. ୨୧୪/୨୧ ମାମଲା ରୁଜୁ କରିଥିଲା।

**ସଂକ୍ଷେପରେ**

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ
### ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର ଅଫିସ,୨୦।୮: ଗଞ୍ଜାମ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ସଞ୍ଜିତ କୁମାର ବେହେରା ଶୁକ୍ରବାର ଏକ ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ଗୋଦାବରୀଶନଗରର ଗିରିଜା ଶଙ୍କର ମହାନ୍ତିଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୬ ଜୁନ୍ ୭ରେ ଗୋଦାବରୀଶନଗରର ସଚ୍ଚିଦାନନ୍ଦ ପଣ୍ଡା ଓ ତାଙ୍କ ଶଳା କବିରାଜ ଚୌଧୁରୀ କୌଣସି କାମରେ କମାପଲ୍ଲୀ ଯାଉଥିଲେ। ଟାଟାବେଞ୍ଚ ଛକରେ ଗିରିଜା ମହାନ୍ତି ଉଭୟଙ୍କୁ ଅଟକାଇ ଏକ ପଥର ପକାଇ ହତ୍ୟା ଉଦ୍ୟମ କରିଥିଲେ। ଆହତଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ୯୫/୧୬ରେ ଏକ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତ ଗିରିଜା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଶୁକ୍ରବାର ଏହି ମାମଲାର ବିଚାର ବେଳେ ପୋଲିସ ଗିରିଜାଙ୍କୁ କୋର୍ଟରେ ହାଜର କରିଥିଲେ। ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଅଭିଯୁକ୍ତଙ୍କୁ ସିଜେଏମ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସରୋଜ ପଟ୍ଟନାୟକ, ଶିବ ପ୍ରସାଦ ମିଶ୍ର ଓ ଗୌରୀ ଶଙ୍କର ଦାସ ମକଦ୍ଦମା ପରିଚାଳନା କରିଥିଲେ।

## ଡିକି ଭାଙ୍ଗି ୪ ଲକ୍ଷ ଲୁଟ୍

ବ୍ରହ୍ମପୁର ଅଫିସ, ୨୦।୮: ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଆସିକା ରୋଡ ଆକ୍ସିସ ବ୍ୟାଙ୍କ ନିକଟରୁ ଶୁକ୍ରବାର ଏକ ସ୍କୁଟି ଡିକି ଭାଙ୍ଗି ୪ ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଧାନମେରା ସାହିର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବାବୁରାଓ ଘଡେଇ। ସେ ମଧ୍ୟାହ୍ନରେ ନିଜ ଶାଳକଙ୍କ ଏକ ସ୍କୁଟି(ଓଡି-୦୭-ଆର-୦୬୭୭) ଯୋଗେ ବ୍ରହ୍ମପୁର ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖାକୁ ଯାଇ ଟଙ୍କା ଉଠାଇଥିଲେ। ସବୁ ଟଙ୍କାକୁ ସ୍କୁଟି ଡିକିରେ ରଖି ଘରକୁ ଫେରୁଥିଲେ। ରାସ୍ତାରେ ଆସିକା ରୋଡ ଆକ୍ସିସ ବ୍ୟାଙ୍କ ନିକଟରେ ଥିବା ଏକ ଦୋକାନ ନିକଟରେ ଅଟକି ଥିଲେ। ସ୍କୁଟିକୁ ରାସ୍ତା କଡ଼ରେ ରଖି ଉକ୍ତ ଦୋକାନ ଭିତରକୁ ଯାଇଥିଲେ। ଦୋକାନରୁ ଫେରି ଦେଖିଲା ବେଳେ ସ୍କୁଟି ଡିକି ଭିତରୁ ଟଙ୍କା ଗାୟବ ହୋଇଯାଇଥିଲା। ଏ ନେଇ ବାବୁରାଓ ବଡବଜାର ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।

## ରଙ୍ଗେଇଲୁଣ୍ଡାରେ କୋଠଘର ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ/ଗୋପାଳପୁର, ୨୦।୮: ରଙ୍ଗେଇଲୁଣ୍ଡା ଗ୍ରାମରେ ଶୁକ୍ରବାର ରେଡ୍ଡୀ କୁଳ ସଂଘ କୋଠଘର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ରେଡ୍ଡୀ କୁଳ ସଂଘ ସଭାପତି ତଥା ବିଜେଡି ଜିଲା ଉପସଭାପତି ସି.ଏଚ୍. ଦିଲେଶ୍ୱର ରେଡ୍ଡୀ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। କୁଳର ସମସ୍ତ ଲୋକଙ୍କୁ ଏକତ୍ର ଭାବେ କାମ କରିବା ପାଇଁ ଉପଦେଶ ଦେଇଥିଲେ। ଏହା ସହ ଗାଁରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଅସମ୍ପୂର୍ଣ୍ଣ କାମ ଶୀଘ୍ର ସାରିବା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏହି ଅବସରରେ ଗୋପାଳପୁର କଲେଜର ପୂର୍ବତନ ଅଧକ୍ଷ ଏସ୍.ରାମାରାଓ, ଗ୍ରାମ ସଭାପତି ଏସ୍. ଏଣ୍ଡେୟା ରେଡ୍ଡୀ, ଏସ୍. ଚେନେୟା ରେଡ୍ଡୀ, କୋଷାଧକ୍ଷ ଟି.ଲୋକନାଥ, ଦଣ୍ଡପାଣି ରେଡ୍ଡୀ, ଟି. ରାମାରାଓଙ୍କ ସମେତ ଗ୍ରାମର ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ।

## ଏମ୍‌କେସିଜି ମେଡିକାଲ ଆଉଟସୋର୍ସିଂ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୨୦।୮: ଓଡ଼ିଶା ଆଉଟସୋର୍ସିଂ ମେଡିକାଲ କର୍ମଚାରୀ ସଂଘ ବୈଠକ ଶୁକ୍ରବାର ଏମ୍‌କେସିଜି ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦିନକୁ ଦିନ ବଜାର ଦର ବୃଦ୍ଧି ପାଉଥିବା ବେଳେ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ମିଳୁନାହିଁ। ଦୀର୍ଘ ଦିନର ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯାଉନାହିଁ ବୋଲି ଏଠାରେ ଆଲୋଚନା ହୋଇଥିଲା। ବୈଠକରେ ସଂଘ ଉପଦେଷ୍ଟା ଭାଲଚନ୍ଦ୍ର ଷଡଙ୍ଗୀ, ରାଜ୍ୟ କର୍ମଚାରୀ ସଂଘ ଆବାହକ ପ୍ରତାପ ପ୍ରଧାନ, ଲୋକନାଥ ମାଝିଆ, ଘନ ନାୟକ, ସରୋଜ ପାଣିଗ୍ରାହୀ, ଅଜିତ ପାତ୍ର, ସୁନୀଲ ପାତ୍ର, ନିରଞ୍ଜନ ଦାସ, ରମେଶ ରାଓ, ରାଜେନ୍ଦ୍ର ରଥ, ଚନ୍ଦ୍ର ପାତ୍ର, ସୁଜିତ ପାତ୍ର, ରିଙ୍କୁ ପାତ୍ର, ଲଳିତ କୁମାର, ଚିତ୍ତରଞ୍ଜନ ସାହୁ, ଶ୍ରୀନିବାସ ପାତ୍ର, ସମୀର ବର୍ମା ଓ ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ବଡ଼ ଲୁଟ୍‌ର ଟେରପାଉନି ପୋଲିସ

## ଲୋକଦେଖାଣିଆ ଧରପଗଡ଼

ବ୍ରହ୍ମପୁର ଅଫିସ,୨୦।୮

ଗଞ୍ଜାମ ଜିଲାରେ ଅପରାଧୀ ଧରପଗଡ଼କୁ ଲାଗିଛି ଝଟକା। ଦାଦାବଟି ଆଦାୟରୁ ଆରମ୍ଭ କରି ବିଭିନ୍ନ ମାମଲାରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଜେଲରେ ପୂରାଇ ପ୍ରଶଂସା ମୁଣ୍ଡାଉଥିବା ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଖୋଲାଖୋଲି ଚାଲେଞ୍ଜ ଦେଉଛନ୍ତି ଲୁଟେରା ଗ୍ୟାଙ୍ଗ। ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ଥିବା ଗ୍ୟାଙ୍ଗକୁ ଠାବ କରିପାରୁନି ପୋଲିସ। କରୋନା କଟକଣା କୋହଳ ପରେ ଗତ ପ୍ରାୟ ୧୫ ଦିନ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାରେ ଦୁଇଟି ଦୋକାନରୁ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ, ଜଣେ ମହାନଗର ନିଗମ କର୍ମଚାରୀଙ୍କୁ ମାଡ଼ ମାରି ସୁନା ଗହଣା ଓ ମୋବାଇଲ ଲୁଟ ଘଟଣା ସମେତ ବୁଧବାର ସ୍ୱଷ୍ଟ ଦିବାଲୋକରେ ଆସ୍କା ରୋଡ୍‌ରୁ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ପାଇଁ ନିୟୋଜିତ ହୋଇଥିବା କାର ଓ ଡ୍ରାଇଭରକୁ ଅପହରଣ କରିବା, ପରେ ପୋଲିସ ଟିମ୍ ଗାଡ଼ି ସହ ଡ୍ରାଇଭରକୁ ଅଚେତ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ମାଉଜର, ମାରଣାସ୍ତ୍ର ଦେଖାଇ କେଉଁଠି ସୁନା ଅଳଙ୍କାର ତ ଆଉ କେଉଁଠି ଲକ୍ଷାଧିକ ଟଙ୍କା ଲୁଟ। ସେହିପରି ସିନ୍ଧି ଚୋରି, ମନ୍ଦିରରୁ ଚୋରି ସଂଖ୍ୟା ବି ଚିନ୍ତାଜନକ ଭାବେ ବଢ଼ି ଚାଲିଛି। ହେଲେ ଅପରାଧୀଙ୍କ ଟେର୍ ପାଇପାରୁନି ପୋଲିସ। ୫ ମେ’ ୨୦୨୧-ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଚନ୍ଦ୍ରପ୍ରଭା ସାହିରେ ରହୁଥିବା ଜଣେ ଅବସରପ୍ରାପ୍ତ ଅଧ୍ୟାପକ ମଦନ ମୋହନ ପଟ୍ଟନାୟକଙ୍କ ଘରେ ପଶି ଲୁଟେରାମାନେ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ଘର ଆଲମିରାରେ ଥିବା ସୁନା ଅଳଙ୍କାର ଓ ମୋବାଇଲ ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରିନାହିଁ। ୧୩ ଅଗଷ୍ଟ ୨୦୨୧-ବୈଦ୍ୟନାଥପୁର ଥାନା ନିକଟସ୍ଥ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପ୍ରାପ୍ତି ପ୍ଲାଇଉଡ଼ ଏଣ୍ଡ ଇଲେକ୍ଟ୍ରିକାଲ ଦୋକାନର କ୍ୟାଶ କାଉଣ୍ଟରରୁ ଲୁଟିଆ ଗ୍ୟାଙ୍ଗ ୮ ଲକ୍ଷ ଟଙ୍କା ଲୁଟି ନେଇଥିଲେ।

ସେହିପରି ୧୨ ତାରିଖ ବିଳମ୍ବିତ ରାତିରେ ଗେଟ୍‌ବଜାର ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମୁଖରେ ଥିବା ଏସିଆନ ସୁପର ବଜାର ତଥା ଫୁଟ୍‌ୱେର ନାମକ ଏକ ଶୋ’ ରୁମ୍ ଭିତରେ ଥିବା ତିନୋଟି କାଉଣ୍ଟରରୁ ମଧ୍ୟ ଲୁଟେରାମାନେ ୮ ଲକ୍ଷ ୪ ହଜାର ଟଙ୍କା ଚୋରି କରି ନେଇଥିଲେ। ଏହି ଘଟଣାରେ ମଧ୍ୟ ପୋଲିସକୁ କୌଣସି ସଫଳତା ମିଳିପାରିନାହିଁ। ୧୪ ଅଗଷ୍ଟ ୨୦୨୧-ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲୋଚାପଡ଼ା ପାଣି ମହାପ୍ରଭୁ ନିକଟ ରାସ୍ତା ଦେଇ ଆସୁଥିବା ବ୍ରହ୍ମପୁର ମହାନଗର ନିଗମ କର୍ମଚାରୀ ବି. ସୁନୀଲ ପାତ୍ରଙ୍କୁ କିଛି ଦୁର୍ବୃତ୍ତ ଅଟକାଇଥିଲେ। ତାଙ୍କୁ ଦାଦାବଟି ମାଗିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କର ସୁନା ଚେନ ଓ ମୋବାଇଲ ଲୁଟି ନେଇଥିଲେ। ଏହି ଘଟଣାରେ ମଧ୍ୟ ପୋଲିସ କାହାରିକୁ ଧରି ପାରିନାହିଁ।

୧୮ ଅଗଷ୍ଟ ୨୦୨୧-ଗତ ୧୮ ତାରିଖ ସ୍ୱଷ୍ଟ ଦିବାଲୋକରେ ଲୁଟିଆ ଗ୍ୟାଙ୍ଗ ଏଟିଏମ୍‌ରେ ଟଙ୍କା ଭର୍ତ୍ତି ପାଇଁ ଯାଉଥିବା ଭ୍ୟାନ୍‌କୁ ଆସ୍କା ରୋଡରୁ ଅପହରଣ କରି ନେଇଥିଲେ। ଏପରିକି ଡ୍ରାଇଭର ଆଶିଷ ଦିଗାଲଙ୍କ ମୁଣ୍ଡରେ ବନ୍ଧୁକ ରଖି ଟଙ୍କା ଭର୍ତ୍ତି ଗାଡ଼ିକୁ ଗିରିସୋଲା ନେଇଯାଇଥିଲେ। ସେଠାରେ ତାଙ୍କୁ ନିଶା ଦେଇ ଅଚେତ କରିବା ସହ ଗାଡ଼ିରେ ଥିବା ୨୪ ଲକ୍ଷ ଟଙ୍କା ନେଇଯାଇଥିଲେ। ଏନେଇ ଏଜିଏସ ସିକ୍ୟୁର ସଂସ୍ଥାର ଲୋକେଶନ ମ୍ୟାନେଜର ପଦ୍ମନାଭ ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ଟଙ୍କା ଭର୍ତ୍ତି ଗାଡ଼ି ଅପହରଣ କରିବା, ଡ୍ରାଇଭରଙ୍କୁ ବନ୍ଧୁକ ମୁନରେ ନେଇଯିବା ସହ ଲୁଟ ଟଙ୍କା ସମ୍ପର୍କରେ ପୋଲିସ କୌଣସି ସ୍ୱଷ୍ଟ ସୂଚନା ଦେଇପାରିନାହିଁ। କେବଳ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରି ନେବା ବେଳେ ଗାଡ଼ି ଭିତରେ ଥିବା ଦୁଇଜଣ କର୍ମଚାରୀ ଓ ଗନ୍‌ମ୍ୟାନଙ୍କୁ ଅଟକ ରଖିଥିବା ବେଳେ ଅସୁସ୍ଥ ଥିବା ଡ୍ରାଇଭର ଦିଗାଲ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

## ଜୀବନ କ୍ଲବରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି ।

ବ୍ରହ୍ମପୁର ଅଫିସ,୨୦।୮

ବ୍ରହ୍ମପୁର ସିଟି ହସ୍ପିଟାଲ ରୋଡ୍ ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ପରିସରରେ ଥିବା ଜୀବନ କ୍ଲବ ସଭା କକ୍ଷରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ.ଜଗଦୀଶ ପାତ୍ର ଅଧକ୍ଷତା କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ବିକାଶ ଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ବିଜୟ ଚନ୍ଦ୍ର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଇଂ.ଚରଣ ସିଂ ମାଝି ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଇଂ ବି.ଦଣ୍ଡ ପ୍ରକାଶଙ୍କ ସମେତ ଇଲେକ୍ଟ୍ରିସିଆନ୍ ବିଜୟ ଚନ୍ଦ୍ର ପଣ୍ଡା, ଫିଟର୍ ମିସ୍ତ୍ରି ବି. ବାଲୁ ରେଡ୍ଡୀ ଓ କେଦାରନାଥ ସାହୁଙ୍କୁ ଉପହାର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜଳ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନିଷ୍ଠାର ସହ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ବିଭାଗୀୟ କର୍ମଚାରୀମାନଙ୍କ ଅବଦାନ ପାଇଁ ଭୂୟସୀ ପ୍ରଶଂସା କରାଯାଇଥିଲା। ଦୀନବନ୍ଧୁ ଶ୍ରୀପଲ୍ଲବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରେଳମନ୍ତ୍ରୀଙ୍କୁ ଭାଜପାର ଦାବିପତ୍ର

ବ୍ରହ୍ମପୁର ଅଫିସ,୨୦।୮

ଗଞ୍ଜାମ ଜିଲା ଗୋଳନ୍ଥରା ରେଳ ଷ୍ଟେଶନରେ ୱାଶିଂ ଓ କୋଚିଂ ୟାର୍ଡ ପ୍ରତିଷ୍ଠା କରାଯାଉ। ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ରହ୍ମପୁର ରେଳ ଷ୍ଟେଶନକୁ ଆଦର୍ଶ (ମଡେଲ) ଷ୍ଟେଶନରେ ପରିଣତ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ଜିଲା ଭାଜପା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଗତ ଗୁରୁବାର ବିଳମ୍ବିତ ରାତ୍ରରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳ ଯୋଗେ ରାୟଗଡ଼ା ଗସ୍ତରେ ଯାଉଥିବା ବେଳେ ବ୍ରହ୍ମପୁର ଷ୍ଟେଶନରେ ତାଙ୍କୁ ଜିଲା ସଂଗଠନ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାପତି ବିଭୂତି ଭୂଷଣ ଜେନା ଓ ପୂର୍ବତନ ସଭାପତି କାହ୍ନୁ ଚରଣ ପତିଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା।

ବହୁ ବର୍ଷର ଦାବି ବ୍ରହ୍ମପୁର ଭୟା ଭଞ୍ଜନଗର ଓ ଫୁଲବାଣୀ ଦେଇ ସମ୍ବଲପୁର ନୂଆ ରେଳପଥ ନିର୍ମାଣ, ସର୍ଭେରେ ଅଟକି ଥିବା ଗୋପାଳପୁରରୁ ରାୟଗଡ଼ା ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଦାବି ହୋଇଛି। ସେହିପରି ବ୍ରହ୍ମପୁରରୁ ସିଧାସଳଖ ଦିଲ୍ଲୀ ସୁପରଫାଷ୍ଟ ରେଳ ଚଳାଚଳ ଏବଂ ଗଞ୍ଜାମ ଜିଲାର ସଂଖ୍ୟାଧିକ ଶ୍ରମିକ ସୁରଟରେ କାମ କରୁଥିବାରୁ ଅଧିକ ଟ୍ରେନ ଚଳାଚଳ ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ବ୍ରହ୍ମପୁରସ୍ଥ ଆଙ୍କୁଲି ଶିଳ୍ପାଞ୍ଚଳରେ ପାସେଞ୍ଜର ହଲ୍‌ଟ ଷ୍ଟେଶନ ପାଇଁ ମଧ୍ୟ ଦାବି କରାଯାଇଥିଲା।



ଜିଲା ଭାଜପା ପକ୍ଷରୁ ରେଳ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଦାବିପତ୍ର ପ୍ରଦାନ ।

## ରେଳ କୋଚିଂ ୟାର୍ଡ ସ୍ଥାପନ ଦାବି

ରେଳମନ୍ତ୍ରୀ ଦାବିପତ୍ର ଗ୍ରହଣ କରିବା ସହ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବାର ଆଶ୍ୱାସନା ଦେଇଥିଲେ। ରାଜ୍ୟ କାର୍ଯ୍ୟକର୍ତ୍ତା ଭୃଗୁ ବକ୍ସିପାତ୍ରଙ୍କ ସମେତ ଜିଲା ସଂଗଠନ ନେତା ମନୋଜ ପଟ୍ଟନାୟକ, ରାମ କୁମାର ପାତ୍ର, ପ୍ରଭାତ ଷଡ଼ଙ୍ଗୀ, ନମିତାରାଣୀ ପଣ୍ଡା, ସୁବାସିନୀ ପଟ୍ଟନାୟକ, ମିଡିଆ ସେଲ୍ ମୁଖ୍ୟ ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ମୋର୍ଚ୍ଚା ସଭାନେତ୍ରୀ ଏସ୍.ରାଣୀଙ୍କ ସମେତ ଅନ୍ୟମାନେ ଯୋଗଦେଇ ମନ୍ତ୍ରୀ ବୈଷ୍ଣବଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଡ୍ରାଇଭରଙ୍କୁ ଜେରା, ବଢ଼ୁଛି ସନ୍ଦେହ
### ଟଙ୍କା ଭ୍ୟାନ ଲୁଟ୍ ଘଟଣା

ବ୍ରହ୍ମପୁର ଅଫିସ,୨୦।୮

ଟଙ୍କା ଲୋଡିଂ ଭ୍ୟାନ୍ ଅପହରଣ ଓ ଟଙ୍କା ଲୁଟ୍ ଘଟଣାରେ ଅଦ୍ୟାବଧି ପୋଲିସକୁ ସଫଳତା ମିଳିପାରି ନାହିଁ। ଅଚେତ ଅବସ୍ଥାରେ ଉଦ୍ଧାର ହୋଇଥିବା ଡ୍ରାଇଭର ଆଶିଷ ଦିଗାଲଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହେବା ପରେ ଡିସ୍‌ଚାର୍ଜ ହୋଇଛନ୍ତି। ଏବେ ଡ୍ରାଇଭର ଜଣଙ୍କ ପୋଲିସ ହେପାଜତରେ ରହିଛନ୍ତି। ତାଙ୍କୁ ପୋଲିସ ବିଭିନ୍ନ ଦିଗ ଉପରେ ଜେରା କରୁଛି। ଡ୍ରାଇଭରଙ୍କ ବୟାନ ବଦଳୁଥିବାରୁ ତାଙ୍କ ଉପରେ ସନ୍ଦେହ ବଢ଼ି ଚାଲିଛି। ଅପରପକ୍ଷରେ ଡ୍ରାଇଭରଙ୍କ ମୋବାଇଲ୍ ନମ୍ବର ଟ୍ରାକିଂ କରିବା ପରେ କିଛି ସନ୍ଦିଗ୍ଧ ନମ୍ବର ମିଳିଥିବା ଜଣାପଡ଼ିଛି। ଏଣୁ ସେହି ନମ୍ବର ଠିକଣାରେ ପୋଲିସର ଏକ ଟିମ୍ ଚଢ଼ାଉ କରିଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଏହି ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସ ଆଶା କରିଛି। ଏଜିଏସ୍ ସିକ୍ୟୋର ନାମକ ଏକ ଘରୋଇ ସଂସ୍ଥା ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍ କାଉଣ୍ଟରରେ ଭର୍ତ୍ତି କରିଥାଏ। ଗତ ୧୮ ତାରିଖ ସକାଳ ପ୍ରାୟ ସାଢ଼େ ୧୦ଟା ବେଳେ ସଂସ୍ଥାର ୪ଜଣ କର୍ମଚାରୀ ୨୬ ଲକ୍ଷ ଟଙ୍କା ଭ୍ୟାନ୍‌ରେ ଧରି ବାହାରିଥିଲେ। ସେମାନେ ରଜାସାହି ସ୍ଥିତ ଏଟିଏମ୍ କାଉଣ୍ଟରକୁ ଯାଇଥିଲେ। ସେଠାରେ ୨ଲକ୍ଷ ଟଙ୍କା ଭର୍ତ୍ତି କରିବା ପରେ ଆସିକା ରୋଡ୍ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍ କାଉଣ୍ଟରକୁ ଯାଇଥିଲେ। ଭ୍ୟାନ୍‌ଟି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ବେଳେ ଡ୍ରାଇଭର ଗାଡ଼ିରେ ବସିଥିଲେ। ଗନ୍‌ମ୍ୟାନ୍ ଓ ଦୁଇଜଣ କର୍ମଚାରୀ ଗାଡ଼ିରୁ ଓହ୍ଲାଇ ବ୍ୟାଙ୍କ ଭିତରକୁ ଯାଇଥିଲେ। କିଛି ସମୟ ପରେ ଆସି ଦେଖିବା ବେଳେ ଗାଡ଼ିଟି ସେଠାରୁ ଉଭାନ ହୋଇଯାଇଥିଲା।

## ପୁଣି ୨ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୨୦।୮

ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ତାର କାୟା ବିସ୍ତାର କରିବାରେ ଲାଗିଛି। ବ୍ରହ୍ମପୁର ସହରରେ ପୁଣି ଦୁଇ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଲାଞ୍ଜିପଲ୍ଲୀ ଅଞ୍ଚଳର ଜଣେ ୨୨ ବର୍ଷର ଯୁବକ ହାଇଦ୍ରାବାଦରେ କାମ କରୁଥିଲେ। ତାଙ୍କୁ ଜ୍ୱର ହେବାରୁ ସେ ଗତ ୧୩ ତାରିଖରେ ବ୍ରହ୍ମପୁର ଆସିଥିଲେ। ଗତ ୧୫ ତାରିଖରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କର ଡେଙ୍ଗୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଶୁକ୍ରବାର ରିପୋର୍ଟ ପଜିଟିଭ ଆସିଛି। ସେ ଏବେ ଚିକିତ୍ସାଧୀନ ରହିଛନ୍ତି। ସେହିପରି ବଡ଼ଖେମୁଣ୍ଡି ସାହିର ଜଣେ ମହିଳାଙ୍କ ମଧ୍ୟ ଡେଙ୍ଗୁ ରିପୋର୍ଟ ଶୁକ୍ରବାର ପଜିଟିଭ ଆସିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନ ମିଳିଛି। ଜିଲାରେ ଏବେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୬ ରେ ପହଞ୍ଚିଛି। ସୂଚନାଯୋଗ୍ୟ, ପୂର୍ବରୁ ଗତ ମଙ୍ଗଳବାର ଜିଲାର କୁକୁଡ଼ାଖଣ୍ଡି ବ୍ଲକ, ଛତ୍ରପୁର, ଚିକିଟି, ରଙ୍ଗେଇଲୁଣ୍ଡା ବ୍ଲକ ଓ ବ୍ରହ୍ମପୁର ସହରରୁ ଜଣେ ଲେଖାଏ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ।

## ଟାଙ୍ଗଣାପଲି ଉଚ୍ଚ ବିଦ୍ୟାଳୟରେ ଆର୍‌ପିଏଫ୍‌ର ସଚେତନତା



ଆରପିଏଫ୍ ପକ୍ଷରୁ ବିଦ୍ୟାର୍ଥୀଙ୍କୁ ସଚେତନ କରାଯାଉଛି।

ବ୍ରହ୍ମପୁର ଅଫିସ,୨୦।୮

ବ୍ରହ୍ମପୁର ଉପକଣ୍ଠ ଟାଙ୍ଗଣାପଲି ଏସ୍.ଏନ୍.ବିଦ୍ୟାପୀଠରେ ରେଳ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀଙ୍କୁ ରେଳ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ବୁଝାଯିବା ସହ ସଚେତନ କରାଯାଇଥିଲା। ଚଳନ୍ତା ଟ୍ରେନ ଉପରକୁ ପଥର ନ ଫୋପାଡିବା ଦିଗରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଆରପିଏଫ୍ ସବ୍ ଇନ୍‌ସପେକ୍ଟର ଚନ୍ଦନ କୁମାର ତିୱାରୀଙ୍କ ସହ ଅନ୍ୟ କର୍ମଚାରୀମାନେ ବିଦ୍ୟାର୍ଥୀଙ୍କୁ ରେଳ ସୁରକ୍ଷା ହେଲ୍ପଲାଇନ ନଂ.୧୩୯ର ବ୍ୟବହାର ଶିକ୍ଷା ଦେବା ସହ ରେଳ ଧାରଣା ପାର ନ ହେବା, ଫୁଟ ଓଭରବ୍ରିଜ ଦେଇ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଚଳାଚଳ କରିବାକୁ ପରାମର୍ଶ ଦିଆଯାଇଥିଲା। ଟ୍ରେନ ଯାତ୍ରା ବେଳେ କୌଣସି ଅଜଣା ଯାତ୍ରୀଙ୍କ ଠାରୁ ଖାଦ୍ୟପଦାର୍ଥ ଗ୍ରହଣ ନ କରିବା, ଟ୍ରେନରେ ଯାତ୍ରା କରିବା ପାଇଁ ଅଣ ପଞ୍ଜୀକୃତ ଏଜେଣ୍ଟଙ୍କଠାରୁ ଟିକଟ ନ କିଣିବା, ରେଳ ଧାରଣା କଡରେ ମଳତ୍ୟାଗ ନ କରିବା, ଟ୍ରେନ ଚାଲୁଥିବା ବେଳେ ଗେଟ ନିକଟକୁ ନ ଆସିବା ଏପରିକି ଟ୍ରେନ ଚାଲୁଥିବା ବେଳେ ଟ୍ରେନରେ ନ ଚଢ଼ିବା ଓ ଓହ୍ଲାଇବାକୁ ସେମାନେ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଛତ୍ରପୁର ଷ୍ଟେଶନର ବିକାଶ ଲାଗି ରେଳମନ୍ତ୍ରୀଙ୍କୁ ଅନୁରୋଧ

ଛତ୍ରପୁର,୨୦।୮(ଡି.ଏନ.ଏ.)

ଛତ୍ରପୁର ଷ୍ଟେଶନର ବିକାଶ ପାଇଁ ଟ୍ରେନ୍ ଯୋଗେ ଯାଉଥିବା ବେଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଗୁରୁବାର ରାତିରେ ପୃଥକ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ପକ୍ଷରୁ ଗଞ୍ଜାମ ଜିଲା ଲିଗାଲ୍ ସେଲ୍ ଆବାହକ ତଥା ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ନେତୃତ୍ୱରେ ଦଳୀୟ ନେତାମାନେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧନା ଦେଇଥିଲେ। ଛତ୍ରପୁର ଷ୍ଟେଶନ ଓ କୋର୍ଟ ଷ୍ଟେଶନର ଅପ୍‌ଗ୍ରେଡେଶନ କରିବା ସହ ରିକାପଲ୍ଲୀ ଓ ଜଗନ୍ନାଥପୁର ଲେଭଲ କ୍ରସିଂଠାରେ ଓଭରବ୍ରିଜ୍ ନିର୍ମାଣ କରିବାକୁ ନେଇ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ର ପ୍ରଦାନ ବେଳେ ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ପୂର୍ବତନ ଉପନଗରପାଳ ବସନ୍ତ କୁମାର ବେହେରା, ମଣ୍ଡଳ ସଭାପତି ସଞ୍ଜିତ ରାଉଳ, ସି.ଏଚ୍. ଉଦୟ, ଇ.ପ୍ରମୋଦ କୁମାର, ଶଙ୍କର ରେଡ୍ଡୀ, ସୁରେଶ ରେଡ୍ଡୀ, ହାଡୁ ରେଡ୍ଡୀ, ଶଶି ପଟ୍ଟନାୟକ, ଶିବ ପ୍ରସାଦ ସାହୁ, ନାଗା ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁର ନାଗରିକମାନଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ମଧ୍ୟ ରେଳ ମନ୍ତ୍ରୀଙ୍କୁ ଭେଟି ଛତ୍ରପୁର ଷ୍ଟେଶନର ବିକାଶ ଲାଗି ଅନୁରୋଧ କରି ସ୍ମାରକପତ୍ର ପ୍ରଦାନ କରିଥିଲେ । ପ୍ଲାଟଫର୍ମ ସମ୍ପ୍ରସାରଣ ପାଇଁ ୨୦୧୮-୧୯ ରେ ରେଲୱେ ବୋର୍ଡ ୮.୭୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହା ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଓକିଲ ବି.ଶ୍ରୀନିବାସ, ଆର.ସି. ପଟ୍ଟନାୟକ, ଭାଗୀରଥି ବେହେରା ଓ ସୟଦ ମୁକ୍ତାର ପ୍ରମୁଖ ଉପସ୍ଥିତ ଥିଲେ ।

## ପଞ୍ଚାୟତ ନିର୍ବାଚନ ପାଇଁ ନୂଆ ରଣନୀତି

ବ୍ରହ୍ମପୁର ଅଫିସ,୨୦।୮

- ଆଜିଠୁ ବୁଲିବେ ବିଧାୟକ, ମନ୍ତ୍ରୀ
- ଭୋଟ ବ୍ୟାଙ୍କ ବଢ଼ାଇବା ବିଜେଡିର ଲକ୍ଷ୍ୟ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୃହତ୍ତମ ଜିଲା ଗଞ୍ଜାମରେ ଏବେଠୁ ପୂରା ପ୍ରସ୍ତୁତ ହେଉଛି ଶାସକ ବିଜେଡି। ବିରୋଧୀ ଦଳକୁ ୨୦୧୭ ନିର୍ବାଚନ ଭଳି ଚକ୍‌ମା ଦେଖାଇବାକୁ ରଣନୀତି ପ୍ରସ୍ତୁତ କରାଯାଇଛି। ଦଳର ଜିଲା ପର୍ଯ୍ୟବେକ୍ଷକ ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଗତ ୪ରୁ ୧୦ ତାରିଖ ମଧ୍ୟରେ ଦୁଇଥର ଜିଲାକୁ ଆସି ସାଙ୍ଗଠନିକ ସ୍ଥିତି ପରଖିଛନ୍ତି। ବିଭିନ୍ନ ନିର୍ବାଚନ ମଣ୍ଡଳୀକୁ ଯାଇ ଦଳର ବିଧାୟକ, ନେତା ଓ କର୍ମୀଙ୍କ ସହ ଆଲୋଚନା କରି ଆଗାମୀ ନିର୍ବାଚନରେ ବିଶେଷ ସଫଳତା ନିମନ୍ତେ ମନ୍ତ୍ର ଫୁଙ୍କିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀର ହିଞ୍ଜିଳି ଓ ଶେରଗଡ଼ ବ୍ଲକକୁ ବିଜେଡି ଫୋକସ କରିଛି। ଅଗଷ୍ଟ ୨୧ ଶନିବାରରୁ ଏହି ଦୁଇ ବ୍ଲକ ଅଞ୍ଚଳକୁ ପର୍ଯ୍ୟାୟକ୍ରମେ ୩୦ ତାରିଖ ପର୍ଯ୍ୟନ୍ତ ବିଜେଡି ବିଧାୟକ ଓ ମନ୍ତ୍ରୀମାନେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେମାନେ ସ୍ମାର୍ଟ ସ୍କୁଲ ରୂପାନ୍ତରୀକରଣ ଏବଂ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ଯୋଜନା ପରିଦର୍ଶନ କରିବେ। ଦଳ ସଂଗଠନକୁ ଗୁରୁତ୍ୱ ଦେଇ ଅଞ୍ଚଳବାସୀ ଓ କର୍ମୀଙ୍କ ସହ ମଧୁର ସମ୍ପର୍କ ଯୋଡ଼ିବେ। ବ୍ରହ୍ମପୁର ମହାନଗର ନିଗମର କେତେକ ଜନକଲ୍ୟାଣ କାର୍ଯ୍ୟକ୍ରମ ମନ୍ତ୍ରୀ ଓ ବିଧାୟକ ଦେଖିବେ। ଶନିବାର ପ୍ରଥମ ଦିନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ପ୍ରଣବ ପ୍ରକାଶ ଦାସଙ୍କ ସମେତ ୨୨ ଜଣ ବିଧାୟକ ଓ ମନ୍ତ୍ରୀ ଆସିବେ। ପ୍ରଣବ ପ୍ରକାଶ ଏହି କାର୍ଯ୍ୟକ୍ରମର ସଂଯୋଜକ ଥିବା ଗସ୍ତ କାର୍ଯ୍ୟକ୍ରମରେ ଦର୍ଶାଯାଇଛି। ଶୁକ୍ରବାର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ବେଲଗୁଣ୍ଠା ସମେତ ବିଭିନ୍ନ ବ୍ଲକକୁ ଯାଇ ଅନୁଧ୍ୟାନ କରିଛନ୍ତି।

## କଟକଣାରେ ମହରମ ପାଳିତ

ବ୍ରହ୍ମପୁର ଅଫିସ,୨୦।୮

ମହରମ ମୁସଲମାନ ସମ୍ପ୍ରଦାୟର ଏକ ପ୍ରମୁଖ ପର୍ବ। ବ୍ରହ୍ମପୁରରେ ବିଭିନ୍ନ ମସ୍‌ଜିଦକୁ ବହୁ ପୂର୍ବରୁ ସାଜସଜ୍ଜା କରାଯାଉଥିଲା। ୭ ଦିନ ଧରି ନମାଜ ଓ କରୋନାପାଠ କାର୍ଯ୍ୟକ୍ରମ ନିମନ୍ତେ ବାହାରୁ ବହୁ ମୌଲାନାମାନେ ଆସୁଥିଲେ। କିନ୍ତୁ ଚଳିତ ବର୍ଷ ଶୁକ୍ରବାର ବିଭିନ୍ନ ମସ୍‌ଜିଦ ତଥା ମୁସଲମାନ ସମ୍ପ୍ରଦାୟଙ୍କ ମଧ୍ୟରେ ସହରରେ ନିରାଡ଼ମ୍ବର ଭାବେ ମହରମ ପାଳିତ ହୋଇଛି। କରୋନା ସଂକ୍ରମଣ ଭୟରୁ ମସ୍‌ଜିଦରେ ସମୂହ ନମାଜ ପାଠ ଉପରେ ଜିଲା ପ୍ରଶାସନ ତଥା ମସ୍‌ଜିଦ ଉନ୍ନୟନ କମିଟି ପକ୍ଷରୁ କଟକଣା ଜାରି କରାଯାଇଥିଲା। ସହରରେ ଥିବା ଭାପୁର ବଜାର, ମିଲିଟାରି ଲାଇନ,ଖ୍ୱାଜା ସାହି, ଦର୍ଗା ସାହି, ସୋମନାଥ ନଗରରେ ମସ୍‌ଜିଦ ଉନ୍ନୟନ କମିଟି ଓ ମୌଲନାଙ୍କ ଦ୍ୱାରା ନମାଜ ପାଠ ସହ ସାହାଦତ୍ ପାଳନ କରାଯାଇଥିଲା। ଲୋକେ ନିଜ ଘରେ ଆଲ୍ଲା ଓ ଧର୍ମଗୁରୁ ହସନ୍ ହୁସେନ୍‌ଙ୍କ ଉଦ୍ଦେଶ୍ୟରେ ନମାଜ ପାଠ କରିଥିଲେ। ନୂତନ ବସ୍ତ୍ର ପରିଧାନ କରି ଗୁରୁଜନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ମହରମ ପ୍ରସାଦ ତିଆରି କରି ଗରିବ ତଥା ନିଜ ଜ୍ଞାତି ପରିଜନଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ମସ୍‌ଜିଦକୁ ବହୁ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ସେହିଭଳି ବ୍ରହ୍ମପୁର ଭାପୁର ବଜାରସ୍ଥିତ ଜାମିଆ ମସ୍‌ଜିଦଠାରେ ମୌଲାନା ହଜରତ ଅଲହଜ ମେହେରାଜ ଏବଂ ମସ୍‌ଜିଦ କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ନମାଜ ପାଠ କରାଯାଇଥିଲା। ସନ୍ଧ୍ୟାରେ ଜାମିଆ ମସ୍‌ଜିଦ ଉନ୍ନୟନ କମିଟି ସମ୍ପାଦକ ଖ୍ୱାଜା ସମସୁଦ୍ଦିନ, ଫୈଜ ଖାନ ଓ ହବିବ ମହମ୍ମଦଙ୍କ ନେତୃତ୍ୱରେ ସାହାଦତ୍‌ଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ପ୍ରସାଦ ମୁସଲମାନ ସମ୍ପ୍ରଦାୟଙ୍କ ସମେତ ବହୁ ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା।



ଆଲୋକ ମାଳାରେ ସୁସଜ୍ଜିତ ଜାମିଆ ମସ୍‌ଜିଦ ।

## ଗୁଣି ସନ୍ଦେହରେ ବୃଦ୍ଧକୁ ଆକ୍ରମଣ

ଚିକିଟି,୨୦।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ବ୍ଲକ ସମୁଦ୍ର ତଟବର୍ତ୍ତୀ ସୁନପୁର ଗ୍ରାମରେ ଗୁରୁବାର ଗୁଣି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ବୃଦ୍ଧ ଜଣକ ହେଲେ ସୁନପୁର ଗ୍ରାମର ହରି ବେହେରା (୬୫)। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଘଟଣା ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଏ ନେଇ ସୁନପୁର ମେରାଇନ ଥାନା ପୋଲିସ ନଂ.୧୫/୨୧ରେ ମାମଲା ରୁଜୁ କରି ସନ୍ଦେହରେ ଉକ୍ତ ଗାଁର ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗ୍ରାମରେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# କାଉଣ୍ଟର ଦସ୍ତଖତ ଜାଲ୍ ଥିଲା

**୮୦ କୋଟି ଟଙ୍କା ଆତ୍ମସାତ୍ ଅଭିଯୋଗ ପ୍ରସଙ୍ଗ**

- ଯାଞ୍ଚ ପରେ ଦୁର୍ନୀତି ସାମ୍ନାକୁ ଆସିଲା
- ପୂର୍ବତନ ବ୍ଲକ ଅଧକ୍ଷାଙ୍କ ଅଭିଯୋଗ ସତ ହେଲା
- ବଢ଼ିଲା ଉପାଧକ୍ଷ ଗୟାଧରଙ୍କ ଅଡୁଆ
- ଉପଜିଲାପାଳ କରୁଥିଲେ ତଦନ୍ତ

ନୟାଗଡ଼ ଅଫିସ,୨୦।୮

ଜାଲ୍ ଦସ୍ତଖତରେ ୮୦କୋଟି ଟଙ୍କା ଆତ୍ମସାତ୍ ହୋଇଥିବା ତତ୍କାଳୀନ ଭାପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଅଭିଯୋଗ କରିଥିଲେ । ଯାଞ୍ଚ ପରେ ସେହି ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହୋଇଛି । ଏପରି ଅଭିଯୋଗ ପରେ ଅନାସ୍ଥା ପ୍ରସ୍ତାବରେ ଅଧ୍ୟକ୍ଷା ବେହେରାଙ୍କୁ ପଦଚ୍ୟୁତ କରାଯାଇଥିଲା । ହେଲେ ତାଙ୍କ ଅଭିଯୋଗକୁ ଭିତ୍ତି କରି ଉପଜିଲାପାଳ ଲମ୍ବଜିତ ରାଉତ ତଦନ୍ତ କରିଥିଲେ । ଜାଲ ଦସ୍ତଖତରେ ଟଙ୍କା ଉଠାଣ କରାଯାଇ ଉନ୍ନୟନ କାର୍ଯ୍ୟ କରାଯାଇଛି ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି । ଏନେଇ ଉପଜିଲାପାଳ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏହାପରେ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ସମେତ ବିଡିଓ, ହେଡ କ୍ଲର୍କ, କ୍ୟାସିୟରଙ୍କ ପାଇଁ ଅଡୁଆ ବଢ଼ିଛି ।

ସୂଚନା ଅନୁଯାୟୀ,୨୦୧୭ ପଞ୍ଚାୟତ ନିର୍ବାଚନରେ ଭାପୁର ବ୍ଲକକୁ ବିଜେଡି ନିଜ ଦଖଲରେ ରଖିଥିଲା । ଶାନ୍ତିଲତା ବେହେରା ଅଧ୍ୟକ୍ଷା ଓ ଗୟାଧର ପରିଡ଼ା ଉପାଧ୍ୟକ୍ଷ ହୋଇଥିଲେ । ସବୁ କିଛି ଠିକ୍ ଚାଲିଥିଲା । ହେଲେ ଅଧ୍ୟକ୍ଷା ବେହେରା ଉପାଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ କରିବା ପରେ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ସରକାରୀ କାର୍ଯ୍ୟାଳୟକୁ ବ୍ଲକ ଉପାଧ୍ୟକ୍ଷ ନିଜ ଦଖଲରେ ରଖିବା, ବ୍ଲକ ଅଫିସକୁ ନ ଆସିବାକୁ ଅଧ୍ୟକ୍ଷାଙ୍କୁ ଧମକ ଦେବା, ସରକାରୀ କାର୍ଯ୍ୟରେ ଉପାଧ୍ୟକ୍ଷ ସବୁ ସମୟରେ ବାଧା ଦେବା, ଜାଲ ଦସ୍ତଖତ ଓ ଜାଲ ଲେଟର ପ୍ୟାଡକୁ ବ୍ୟବହାର କରି ୮୦ କୋଟି ଟଙ୍କାର ଫଲସ ବିଲ୍ କରାଇ ଅଧ୍ୟକ୍ଷାଙ୍କୁ ଫସାଇବା ନେଇ ଫତେଗଡ଼ ଥାନାରେ ଜୁଲାଇ ୧୧ରେ ଅଭିଯୋଗ ହୋଇଥିଲା । ଏହି ଘଟଣା ପରେ ବିଭିନ୍ନ ସମୟରେ ତାଙ୍କୁ ହତ୍ୟା ଧମକ ଦିଆଯିବା ସହ ଜାତିଆଣ ଆକ୍ଷେପ ସହିବାକୁ ପଡୁଛି ବୋଲି ଅଧ୍ୟକ୍ଷା ଅଭିଯୋଗରେ ଦର୍ଶାଇଥିଲେ । ଅଧ୍ୟକ୍ଷାଙ୍କ ଅଭିଯୋଗ ପରେ ଉପାଧ୍ୟକ୍ଷଙ୍କ ଗୋଷ୍ଠୀ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଗତ ୧୭ତାରିଖରେ ଅନାସ୍ଥା ଭୋଟରେ ଅଧ୍ୟକ୍ଷା ବେହେରା ହାରିଯିବା ପରେ ତାଙ୍କୁ ପଦଚ୍ୟୁତ କରାଯାଇଥିଲା । ଏଭଳିସ୍ଥଳେ ଅଧ୍ୟକ୍ଷାଙ୍କ ଅଭିଯୋଗକୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ତଦନ୍ତ କରିଥିଲେ ।

ଏନେଇ ଉପଜିଲାପାଳ ରାଉତ୍ କୁହନ୍ତି, ଭାପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷା ବେହେରା କରିଥିବା ଅଭିଯୋଗର ତଦନ୍ତ ଭାର ମୋତେ ଦିଆଯାଇଥିଲା । ମୁଁ ଭାପୁର ବ୍ଲକକୁ ଯାଇ ତଦନ୍ତ କରିଛି । ବ୍ଲକରେ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ୨୦ରୁ ୩୦ଟି କେଶ ରେକର୍ଡ ନମୁନା ନେଇ ଯାଞ୍ଚ କରିଥିଲି । ଯାଞ୍ଚରେ ଜଣାପଡିଲା ଅଧ୍ୟକ୍ଷାଙ୍କ ଦସ୍ତଖତକୁ ଜାଲିଆତି କରାଯାଇଛି । ଏହି ଜାଲ ଦସ୍ତଖତ କେଉଁ ଲେବୁଲରେ ହୋଇଛି ତା'ର ମଧ୍ୟ ତଦନ୍ତ କରାଯାଇଛି । ଜେଇ, ମୁଖ୍ୟ କିରାଣୀଙ୍କ ଫାଇଲ ମୁମେଣ୍ଟରେ ଯେଉଁମାନେ ଥାନ୍ତି ସେମାନଙ୍କୁ ପଚରାଉଚୁରା କରାଯାଇଛି । ଏପରିକି ସେମାନଙ୍କ ଲିଖିତ ଷ୍ଟେଟମେଣ୍ଟ ନେଇଛି । ଦୋଷୀଙ୍କ ବିରୋଧରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ମୁଁ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦେଇ ସାରିଛି ।

### ମୋତେ ନ୍ୟାୟ ମିଳିନାହିଁ: ପୂର୍ବତନ ଅଧ୍ୟକ୍ଷା

ଜାଲ ଦସ୍ତଖତ ସମ୍ପର୍କରେ ଉପଜିଲାପାଳ ତଦନ୍ତ କରି ଗତ ୧୩ ତାରିଖରେ ଜିଲାପାଳ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ରିପୋର୍ଟ ଦେଇ ସାରିଛନ୍ତି । ଇତିମଧ୍ୟରେ ୭ ଦିନ ବିତିଥିଲେ ମଧ୍ୟ ଜିଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି । ଏ ସଂକ୍ରାନ୍ତରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ବେହେରା କୁହନ୍ତି, ମୋର ଅଭିଯୋଗକୁ ଜିଲା ପ୍ରଶାସନ ଓ ପୋଲିସ ଗୁରୁତ୍ୱ ଦେଇନାହାଁନ୍ତି । ମୁଁ କୌଣସି କ୍ଷେତ୍ରରେ ନ୍ୟାୟ ପାଇ ନାହିଁ । ଅନାସ୍ଥାରେ ମୋତେ ବିଦା କଲା ପରେ ଜାଲଦସ୍ତଖତ ଅଭିଯୋଗର ପ୍ରମାଣ ମିଳିଛି । ତଥାପି ଜିଲାପାଳ ଚୁପ୍ ବସିଛନ୍ତି ।

## ସଂକ୍ଷେପରେ

### ଗଛସାରଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୨୦।୮(ସ୍ୱ.ପ୍ର.): ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସାହୁଙ୍କୁ ପରିବେଶ ସୁରକ୍ଷା ପାଇଁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମର ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ର, ପ୍ରଭାକର ଶିରୋମଣି ପ୍ରମୁଖ ଉପସ୍ଥିତ ଥିଲେ ।

### ରାଖୀ ପୂର୍ଣ୍ଣିମା ପାଇଁ ବୁଗୁଡ଼ା ଚଳଚଞ୍ଚଳ

ବୁଗୁଡ଼ା,୨୦।୮(ଡି.ଏନ.ଏ.): ଆସନ୍ତା ୨୨ ରବିବାର ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉଲ୍ଲାସର ସହ ପାଳିତ ହେବ ରକ୍ଷାବନ୍ଧନ ଉତ୍ସବ। ରକ୍ଷାବନ୍ଧନ ଉତ୍ସବକୁ ନେଇ ବୁଗୁଡ଼ାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇ ପଡ଼ିଥିଲା ବେଳେ ରାଖୀ ବ୍ୟବସାୟ ଜୋର୍ ଧରିଛି। ଗତବର୍ଷ କରୋନା ମହାମାରୀ ଯୋଗୁ ରାଖୀ ପର୍ବ ଫିଙ୍କା ପଡିଯାଇଥିଲା। କିନ୍ତୁ ଚଳିତ ବର୍ଷ ସ୍ଥିତି ସୁଧୁରିଥିବାରୁ ରାଖୀ ପୂର୍ଣ୍ଣିମାକୁ ନେଇ ବୁଗୁଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ରାଖୀ ବିକ୍ରି କରୁଥିବା ବ୍ୟବସାୟୀମାନେ ମଧ ଚଳିତ ବର୍ଷ ରାଖୀ ବିକ୍ରି କରି ଭଲ ଦି'ପଇସା ରୋଜଗାରର ଆଶା ବାନ୍ଧି ରଖିଛନ୍ତି।

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

ପାରଳାଖେମୁଣ୍ଡି,୨୦।୮(ଡି.ଏନ୍.ଏ.): ମୋହନା ବ୍ଲକ ବଡଖଣୀ ଗ୍ରାମର ଜଣେ ୨୭ ବର୍ଷୀୟ ଯୁବତୀ ଗୁରୁବାର ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ଯୁବତୀ ଜଣକ କୌଣସି କାରଣରୁ ମଧ୍ୟାହ୍ନରେ ବିଷ ପିଇ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମୋହନା ଡାକ୍ତରଖାନାକୁ ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୋହନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଥାନାଧିକାରୀ ସୁଜିତ କୁମାର ନାୟକ କହିଛନ୍ତି ।

### ୱାରେଣ୍ଟ ବଳରେ ୫ ଗିରଫ

ବୁଗୁଡ଼ା,୨୦।୮(ଡି.ଏନ.ଏ.): ବୁଗୁଡ଼ା ପୋଲିସ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ଜଣ ଫେରାର ଅଭିଯୁକ୍ତଙ୍କୁ ୱାରେଣ୍ଟ ବଳରେ ଗିରଫ କରିଛି। ବୁଗୁଡ଼ା ଥାନା ତାମ୍ଭିରି ଗ୍ରାମର ଚନ୍ଦନ ନାୟକଙ୍କୁ ନଂ. ୪୧୦/୨୧ରେ ପୋଲିସ କୋର୍ଟଚାଲାଣ କରିଥିବା ବେଳେ ଆଦିପୁର ଗ୍ରାମର ସୁଦର୍ଶନ ମହାନ୍ତିଙ୍କୁ ନଂ ୪୧୪/୨୦, ଢ଼ିପସାହିର ଚୈତନ୍ୟ ସେଠୀଙ୍କୁ ଜିଆର ନଂ. ୩୭୯/୨୦୦୧, ଗୋଲାବଞ୍ଚର ଗ୍ରାମର ପଞ୍ଚୁ ପାତ୍ରଙ୍କୁ ଜିଆର ନଂ. ୧୮/୨୦୦୯ ଏବଂ ବଣପଲ୍ଲୀ ଗ୍ରାମର ସୁବାସ ଗୌଡ଼ଙ୍କୁ ଜିଆର ନଂ. ୫୫୪/୨୦୦୬ରେ କୋର୍ଟ ଚାଲାଣ କରିଥିଲା। ଏମାନେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କଠାରୁ ପ୍ରକାଶ।

### ଓଏଭି ସାମନାରେ ମଇଁଷି ପଲ

ଧରାକୋଟ,୨୦।୮(ଡି.ଏନ୍.ଏ.): ବିଦ୍ୟାଳୟର ପରିବେଶ ସାଙ୍ଗକୁ ଭିତ୍ତିଭୂମିର ବିକାଶ ପାଇଁ ଆରମ୍ଭ ହୋଇଛି ସ୍ମାର୍ଟ କ୍ଲାସ୍। ଧରାକୋଟ ବ୍ଲକରେ ପ୍ରଥମେ ୫ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ଆରମ୍ଭ ହେବା ସେଥିରୁ ଓଏଭି କୁଷଗୁମା, ଧରାକୋଟ ପାଇଁ ଏକ କୋଟି ଟଙ୍କା ମଞ୍ଜୁରୀ ହୋଇଛି। ହେଲେ ବିଦ୍ୟାଳୟ ସମ୍ମୁଖରେ ଜଣେ ଲୋକ ଜବରଦସ୍ତ ନିଜର ମଇଁଷି ପଲକୁ ବାନ୍ଧି ରଖୁଛନ୍ତି। ଯାହା ବିଦ୍ୟାଳୟର ପରିବେଶକୁ ନଷ୍ଟ କରୁଛି।

# ପୂର୍ବ ବିବାଦରୁ ମା'ପୁଅଙ୍କୁ ଆକ୍ରମଣ



ଡାକ୍ତରଖାନାରେ ତୁଲା ଓ ଦିପୁନି ।

ନୟାଗଡ଼ ଅଫିସ,୨୦।୮

ନୟାଗଡ଼ ଜିଲା ଇଟାମାଟି ଥାନା ସାନପଣ୍ଡୁସର ଗାଁରେ ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ କରାଯାଇଛି । ଉଭୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତ ମହିଳା ହେଲେ ତୁଲା ଖଣ୍ଡା ଏବଂ ତାଙ୍କ ପୁଅ ଦିପୁନି ଖଣ୍ଡା । ଗତ ୪ମାସ ତଳେ ଗ୍ରାମବାସୀ ତୁଲାଙ୍କ ପରିବାରକୁ ଏକଘରିକିଆ କରିଥିଲେ । ଦିପୁନିଙ୍କ ସହ ଗାଁର ଜଣେ ଯୁବତୀଙ୍କ ସମ୍ପର୍କ ଗଢ଼ି ଉଠିଥିଲା । ହେଲେ ଯୁବତୀଙ୍କ ପରିବାର ଲୋକେ ଏହାକୁ ଗ୍ରହଣ କରିପାରି ନ ଥିଲେ । ସେମାନେ ଦିପୁନିଙ୍କୁ ଝିଅଠାରୁ ଦୂରେଇ ରହିବାକୁ କହିଥିଲେ । ହେଲେ ଦିପୁନି ଏହାକୁ ଗ୍ରହଣ ନ କରିବାରୁ ଯୁବତୀଙ୍କ ଘର ଲୋକେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ଏହି ଘଟଣାକୁ ନେଇ ଗ୍ରାମବାସୀ ତୁଲାଙ୍କ ପରିବାରକୁ ଏକଘରିକିଆ କରିଦେଇ ଥିଲେ । ଗୁରୁବାର ସନ୍ଧ୍ୟାରେ ତୁଲା ଓ ଦିପୁନି ଡାକ୍ତରଖାନାକୁ ଆସି ଫେରୁଥିବା ସମୟରେ ଗାଁ ନିକଟରେ ୪ଜଣ ଯୁବକ ସେମାନଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ପୋଲିସର ଅବହେଳା ଯୋଗୁ ଏଭଳି ଘଟିଲା ବୋଲି ଦିପୁନି ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ତନାଘନା ଚଳାଇଛି ।

# ବୋଲେରୋ-କାର୍ ମୁହାଁମୁହିଁ ଧକ୍କା



ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ।

### କାର ଚାଳକ ମୃତ, ବୋଲେରୋ ଚାଳକ ଗୁରୁତର

ନୂଆଗାଁ, ୨୦।୮ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ସୋରଡା ନିକଟରେ ଗୁରୁବାର ରାତିରେ ଅବକାରୀ ବିଭାଗର ଏକ ବୋଲେରୋ ସହ କାର୍‌ର ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ କାର ଚାଳକ ତଥା ନୟାଗଡ଼ ଛାୟାପଥ ଲେନ୍‌ର ବାସିନ୍ଦା ଅମିତ କୁମାର ମହାପାତ୍ରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବୋଲେରୋ ଚାଳକ ଗୁରୁତର ହୋଇଛନ୍ତି । ଏହି ଦୁର୍ଘଟଣାରେ ଅନ୍ୟ ୬ଜଣ ସାମାନ୍ୟ ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ, ଗଞ୍ଜେଇ ଚୋରା ଚାଲଣ ହେଉଥିବା ଖବର ପାଇ ନୟାଗଡ଼ ଅବକାରୀ ବିଭାଗ କର୍ମଚାରୀମାନେ ୨ଟି ଗାଡ଼ିରେ ନୟାଗଡ଼ରୁ ବାହାରି ଦଶପଲ୍ଲା ଅଭିମୁଖେ ଯାଉଥିଲେ । ପ୍ରଥମ ଗାଡ଼ିରେ ଯାଉଥିବା କର୍ମଚାରୀମାନେ ଏକ ଗାଡ଼ି ସହ ୨୧ କେଜି ଗଞ୍ଜେଇ ଜବତ କରିଥିଲେ । ଏହି ଖବର ପାଇ ଏକ ବୋଲୋରୋ (ନଂ.ଓଡି ୨୫ ଜି ୮୦୨୮)ରେ ଅବକାରୀ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଉଥିଲେ । ହେଲେ ସୋରଡ଼ା ନିକଟରେ ବୋଲୋରୋ ସହ ଏକ କାର (ନଂ.ଓଆର ୦୨ ବି ୟୁ ୯୯୦୮)ର ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବୋଲୋରେଟି ଛିଟିକି ପାଖ ବିଲରେ ପଡିଥିବା ବେଳେ କାରଟି ସଂପୂର୍ଣ୍ଣ ଚୁରମାର ହୋଇଯାଇଛି । ଖବର ପାଇ ନୂଆଗାଁ ଥାନା ପୋଲିସ ଆହତ ଅବକାରୀ କର୍ମଚାରୀମାନଙ୍କୁ ଉଦ୍ଧାର କରି ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । କାର ଭିତରେ ଚାପି ହୋଇ ରହିଥିବା ଚାଳକଙ୍କୁ ବାହାର କରାଯାଇ ଦଶପଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ବୋଲୋରେ ଚାଳକଙ୍କ ଅବସ୍ଥା ଗୁରୁତର ଅଛି ବୋଲି ଅବକାରୀ ସୁପରିଟେଣ୍ଡେଣ୍ଟ ଦିବ୍ୟକିଶୋର ଟେଣ୍ଡେଲ କହିଛନ୍ତି । ନୂଆଗାଁ ଥାନା ପୋଲିସ ଉଭୟ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି ।

# ଜନ୍ମାନ୍ଧ ଦୌପଦୀଙ୍କ ପରଲୋକ

ଖଣ୍ଡପଡ଼ା,୨୦।୮(ସ୍ୱ.ପ୍ର.)



ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କୃଷ୍ଣେଶ୍ୱରପାଟଣା ଗ୍ରାମର ଜନ୍ମାନ୍ଧ ଦୌପଦୀ(୮୦)ଙ୍କ ପରଲୋକ ହୋଇଯାଇଛି । ଜନ୍ମରୁ ଦୃଷ୍ଟିହୀନ ଥିବା ଦୌପଦୀ ପ୍ରତିଦିନ ପଶୁପକ୍ଷୀଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଇ ଆସୁଥିଲେ । ସେ କୂଅରୁ ପାଣି କାଢି ଗାଇଗୋରୁଙ୍କୁ ଦେଉଥିବା ବେଳେ ମାଙ୍କଡ, କୁଆ ଆଦି ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେଉଥିଲେ । ନିଜ ଘର ସମ୍ମୁଖରେ ସେ ଏକ କୁଣ୍ଡ ରଖି ସେଥିରେ ପେଜ ତୋରାଣି ରଖୁଥିଲେ । ବୁଲା ଗୋରୁମାନେ ତାହା ପିଉଥିବାର ଦୃଶ୍ୟ ଅନ୍ୟମାନଙ୍କୁ ଏପରି ପଶୁପକ୍ଷୀଙ୍କ ସେବା କରିବାକୁ ପ୍ରେରଣା ଯୋଗାଇ ଆସୁଥିଲା ।

# ୨୦ କରୋନା ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୨୦।୮

ଶୁକ୍ରବାର ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲାରୁ ୨୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭାପୁର ଓ ରଣପୁର ବ୍ଲକରେ ଜଣେ ଲେଖାଏ ଚିହ୍ନଟ ହୋଇଥିବା ବେଳେ ଖଣ୍ଡପଡ଼ା ଓ ନୟାଗଡ଼ ବ୍ଲକରୁ ୩ଜଣ ଲେଖାଏଁ ୬ଜଣ, ଓଡ଼ଗାଁ ବ୍ଲକର ୪ଜଣ, ନୟାଗଡ଼ ପୌରଞ୍ଚଳରୁ ୮ ଜଣ ଆକ୍ରାନ୍ତ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇଲେ ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୦୭୯ରେ ପହଞ୍ଚିଛି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୧୯୩ଜଣଙ୍କ ଜୀବନ ନେଇ ସାରିଛି ।

# ଓଡ଼ଗାଁକୁ ସବ୍‌ଡିଭିଜନ ମାନ୍ୟତା ଦାବି

**ଟ୍ରେଜେରି, ରାଜ୍ୟ ପରିବହନ ନିଗମ ଗ୍ୟାରେଜ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ**

ଓଡ଼ଗାଁ,୨୦।୮(ସ୍ୱ.ପ୍ର.)

ଜିଲା କଂଗ୍ରେସ ତରଫରୁ ଓଡ଼ଗାଁ ଦଲକ ସାହିରେ ରାଜୀବ ଗାନ୍ଧୀଙ୍କ ୭୭ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ସଭାପତି ରଞ୍ଜିତ ଦାଶ ରାଜୀବ ଗାନ୍ଧୀଙ୍କ ସ୍ମୃତି ଚାରଣ କରିଥିଲେ । ଏହା ସହିତ ଓଡ଼ଗାଁ ବ୍ଲକ/ତହସିଲକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ, ଓଡ଼ଗାଁରେ ଟ୍ରେଜେରୀ ଅଫିସ ସ୍ଥାପନ ତଥା ସ୍ଥାନୀୟ ରାଜ୍ୟ ପରିବହନ ନିଗମ ଗ୍ୟାରେଜକୁ କାର୍ଯ୍ୟକ୍ଷମ କରିବାକୁ ସେ ସରକାରଙ୍କ ନିକଟରେ ଦାବି କରିବେ ବୋଲି ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଦେବରାଜ ପାଢୀ, ବିଭୁତି ଭୂଷଣ ରାଉତ, ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ଅତୀତରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ଭଗବାନ ଆଚାର୍ଯ୍ୟ ଓ ଫକୀର ପରିଡା କଂଗ୍ରେସକୁ ଫେରିଥିଲେ ।



ଓଡ଼ଗାଁରେ ଅନୁଷ୍ଠିତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥିମାନେ ।

# ରାଜୀବ ଗାନ୍ଧୀ ଜୟନ୍ତୀ ପାଳିତ

ରଣପୁର,୨୦।୮(ସ୍ୱ.ପ୍ର.)

ରାଜୀବ ଗାନ୍ଧୀଙ୍କ ୭୭ତମ ଜୟନ୍ତୀ ରଣପୁରର ବିଭିନ୍ନ ସ୍ଥାନରେ ଶୁକ୍ରବାରେ ପାଳିତ ହୋଇଯାଇଛି । ଓଡ଼ିଶା ରାଜୀବଗାନ୍ଧୀ ଛାତ୍ରଫୋରମ, ନୟାଗଡ଼ ଜିଲା ଯୁବ କଂଗ୍ରେସ ଓ ପ୍ରଦେଶ ଛାତ୍ର କଂଗ୍ରେସର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ପଞ୍ଚୁଦୋଳ ପଡ଼ିଆସ୍ଥିତ ରଘୁଦିବାକର ସ୍ମୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ନୟାଗଡ଼ ଜିଲା କଂଗ୍ରେସ କମିଟି ସଭାପତି ରଞ୍ଜିତ୍ ଦାସ, କିଷାନ ସେଲ୍ ସଭାପତି ଧ୍ରୁବ ଚରଣ ପରିଡ଼ା, ନୟାଗଡ଼ ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ମିର୍ ଅବୁବେକର ସିଦ୍ଦିକ୍‌ଙ୍କ ସହିତ ଛାତ୍ର କଂଗ୍ରେସ ଓ ବିଭିନ୍ନ ସେଲ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ । ଅପରାହ୍ନରେ ରଣପୁରସ୍ଥିତ ମହାବୀର ମନ୍ଦିର ପଡ଼ିଆରେ ବୃକ୍ଷରୋପଣ କରାଯାଇଥିଲା ।

# ସଡ଼କ ଦୁର୍ଘଟଣା ରୋକିବାକୁ ପଦକ୍ଷେପ

ନୟାଗଡ଼ ଅଫିସ,୨୦।୮

ନୟାଗଡ଼ ଜିଲା ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷ ସୃଜନରେ ସଡ଼କ ସୁରକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ବେହେରା ଓ ଜିଲାପାଳ ପୋମା ଟୁଡୁ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲାରେ ଘଟୁଥିବା ସଡ଼କ ଦୁର୍ଘଟଣାକୁ କିପରି ରୋକାଯାଇ ପାରିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା । ଅଜଣା ଗାଡ଼ି ଧକ୍କାରେ ମୃତ ବ୍ୟକ୍ତିଙ୍କୁ ସହାୟତା ଦେବାକୁ ଦାବି ଉଠିଥିଲା । ୫୭ ନଂ. ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାକୁ ନେଇ ଦଶପଲ୍ଲା ବିଧାୟକ ଚିନ୍ତା ପ୍ରକଟ କରିଥିଲେ ।

# ବାଘୁଆ ଜଳଭଣ୍ଡାରରୁ ଜଳ ଛାଡ଼ିଲା ପ୍ରଶାସନ

ବୁଗୁଡ଼ା,୨୦।୮(ଡି.ଏନ.ଏ.)

ବୁଗୁଡ଼ା ବ୍ଲକର ବାଘୁଆ ଜଳଭଣ୍ଡାରରୁ ଶୁକ୍ରବାର ଖରିଫ ଚାଷ ସକାଶେ ପୁଣି ଜଳ ଛଡ଼ାଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି । ବାଘୁଆ ଜଳଭଣ୍ଡାରରେ ବର୍ତ୍ତମାନ ୨୧୪ ହେକ୍ଟୋ ମିଟର ଜଳ ଗଚ୍ଛିତ ଥିବା ପରିସ୍ଥିତିରେ ଚାଷର ଅଭାବନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭାଗୀୟ ପ୍ରଶାସନ ବାଘୁଆ ଜଳଭଣ୍ଡାରରୁ ୨ଟି କେନାଲ ଯୋଗେ ପାଣି ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ । ଗତ ଅଗଷ୍ଟ-୨୦୨୦ ସୁଦ୍ଧା ୫୦୨ ମିଲିମିଟର ବର୍ଷା ହୋଇଥିବା ବେଳେ ବର୍ତ୍ତମାନ ବୁଗୁଡ଼ା ବ୍ଲକରେ ୨୯୪ ମିମି ବର୍ଷା ହୋଇଥିବା ଯୋଗୁ ଖରିଫ ଚାଷରେ ବିଶେଷ ବାଧା ଉପୁଜିଛି । ଅନ୍ୟପଟେ ବାଘୁଆ ଜଳଭଣ୍ଡାରରେ ଗଚ୍ଛିତ ଜଳର ପରିମାଣ ଅତି କମ୍ ଅର୍ଥାତ ୨୧୭ ହେକ୍ଟୋ ମିଟର ରହିଥିବାରୁ ଜୁଲାଇ ୨୨ରୁ ୩୦ ତାରିଖ ଯାଏ ଏହି ଜଳ କେନାଲରେ ଛଡ଼ାଯିବା ପରେ ଜଳଭଣ୍ଡାର ଶୁଖିଲା ପଡିଥିଲା । ତା'ପରେ ଆବଶ୍ୟକ ବର୍ଷା ନ ହେବା ଯୋଗୁ ଚାଷ କାର୍ଯ୍ୟରେ ବହୁତ ଅସୁବିଧା ଦେଖାଦେଲା । ତେଣୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିଭୁଦତ୍ତ ପଣ୍ଡା, ରଷିକୁଲ୍ୟା-ବାହୁଦା ଅବବାହିକା, ବ୍ରହ୍ମପୁରଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାରରୁ ଜଳଭଣ୍ଡାରରୁ ବୁଗୁଡା ଜଳସେଚନ ବିଭାଗ ସହ-ନିର୍ବାହୀ ଯନ୍ତ୍ରୀ ବିଷ୍ଣୁଚରଣ ସାହୁଙ୍କ ଉପସ୍ଥିତିରେ କେନାଲ ଦେଇ ଜଳ ଛଡ଼ାଯାଇଥିଲା । ଏହି ଅବସରରେ ଭଞ୍ଜନଗର ଜଳସେଚନ ଡିଭିଜନ୍‌ର ଅଧିକ୍ଷଣ ଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢ଼ୀ ବାଘୁଆ ଜଳ ଭଣ୍ଡାରକୁ ଆସି ଜଳ ଯୋଗାଣର ସ୍ଥିତି ନିରୀକ୍ଷଣ କରିଥିଲେ ।

# ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି ଉପରେ ଗୁରୁତ୍ୱ

**ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ**

ନୟାଗଡ଼ ଅଫିସ,୨୦।୮




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲା ଶାଖାର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଂଘ ସଭାପତି ବିଭୁତି ଭୂଷଣ କର, ରାଜ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲା ସଭାପତି ଶ୍ରୀକାନ୍ତ ଖଟେଇ, ଜିଲା ସମ୍ପାଦକ ଆଦର୍ଶ ପଟ୍ଟନାୟକ, ଖୋର୍ଦ୍ଧା ଜିଲା ସଭାପତି ପ୍ରଭାତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟବୀମା ରାଶି ୨ରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ଖବରଦାତଙ୍କ ନାମରେ ରୁଜୁ କରାଯାଉଥିବା କାଉଣ୍ଟର ଓ ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରିବାକୁ ରାଜ୍ୟ ସଭାପତି ଦାବି କରିଥିଲେ । ଅନ୍ୟପକ୍ଷେ ସ୍ୱାସ୍ଥ୍ୟବୀମା ପ୍ରଣୟନ କ୍ଷେତ୍ରରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ । ଖବରଦାତା ରାମକୃଷ୍ଣ ରଥ ଓ ଚନ୍ଦ୍ର ବିଜୟୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବ ପୂର୍ବରୁ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ଖଣ୍ଡପଡ଼ା ରୋଡ଼ ସୀମା ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ରାଜ୍ୟ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ, କଟକ, କନ୍ଧମାଳ, ପୁରୀ, ବୌଦ୍ଧ, ଖୋର୍ଦ୍ଧା ଜିଲା ସମେତ ଭୁବନେଶ୍ୱରର ଖବରଦାତାମାନେ ଯୋଗ ଦେଇଥିଲେ । ଏହି ଅବସରରେ ଉତ୍କଳ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ନୟାଗଡର ପ୍ରମୋଦ ପଟ୍ଟନାୟକଙ୍କୁ ଶୁକ୍ରବାର ପଠାଣୀ ସାମନ୍ତ ଅଡିଟୋରିୟମରେ ସମ୍ବର୍ଦ୍ଧିତ କରାଯାଇଥିଲା । ଖବରଦାତା ପ୍ରଦୀପ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍କଳ ସାମ୍ବାଦିକ ସଂଘର ସମ୍ପାଦକ ବେଣୁଧର ପଣ୍ଡା, ଉପସଭାପତି ବିନାୟକ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।